# ସକାଳ
## THE SAKALA

PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

- RNI REGD NO: 42041/83
- www.sakalaepaper.com
- /sakalanews
- /sakalanews
- www.thesakala.in

◆VOLUME- 41 ◆ISSUE-237 ◆BHUBANESWAR ◆WEDNESDAY ◆21 FEBRUARY 2024 ◆PAGE-20 ◆₹ 6.00

◆ବର୍ଷ-୪୧ ◆ସଂଖ୍ୟା-୨୩୭ ◆ଭୁବନେଶ୍ୱର ◆ବୁଧବାର ◆୨୧ ଫେବୃଆରୀ ୨୦୨୪ ◆ପୃଷ୍ଠା-୨୦ ◆ଟ.୬.୦୦




ପ୍ରତ୍ୟାଶାଙ୍କୁ ୩ୟ ସ୍ୱର୍ଣ୍ଣ

▶କ୍ରୀଡ଼ା ପୃଷ୍ଠାରେ...




ସକାଳ
THE SAKALA
PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI
♦VOLUME- 41 ♦ISSUE-237 ♦BHUBANESWAR ♦WEDNESDAY ♦21 FEBRUARY 2024 ♦PAGE-20 ♦₹ 6.00
♦ବର୍ଷ-୪୧ ♦ସଂଖ୍ୟା-୨୩୭ ♦ଭୁବନେଶ୍ୱର ♦ବୁଧବାର ♦୨୧ ଫେବୃଆରୀ ୨୦୨୪ ♦ପୃଷ୍ଠା-୨୦ ♦ଟ.୬.୦୦

# ରାଜ୍ୟସଭାକୁ ୩ ପ୍ରାର୍ଥୀ ନିର୍ଦ୍ୱନ୍ଦ୍ୱରେ ନିର୍ବାଚିତ





■ **ଭୁବନେଶ୍ୱର, ୨୦।୨(ସମିସ):** ରାଜ୍ୟସଭା ଆସନ ପାଇଁ ନାମାଙ୍କନ ଦାଖଲ କରିଥିବା ଓଡ଼ିଶାର ୩ ପ୍ରାର୍ଥୀ; ଦେବାଶିଷ ସାମନ୍ତରାୟ, ଶୁଭାଶିଷ ଖୁଣ୍ଟିଆ ଓ ଅଶ୍ୱିନୀ ବୈଷ୍ଣବ ନିର୍ଦ୍ୱନ୍ଦ୍ୱରେ ନିର୍ବାଚିତ ହୋଇଛନ୍ତି। ନିର୍ବାଚନ ପାଇଁ ନିଯୁକ୍ତ ରିଟର୍ଣ୍ଣିଂ ଅଫିସର୍ ଅବନୀକାନ୍ତ ପଟ୍ଟନାୟକ ଏ ସଂପର୍କରେ ଘୋଷଣା କରିଛନ୍ତି। ଆଜି ନାମାଙ୍କନ ପ୍ରତ୍ୟାହାର ପାଇଁ ଶେଷ ତାରିଖ ଥିବା ବେଳେ କୌଣସି ପ୍ରାର୍ଥୀ ନାମାଙ୍କନ ପ୍ରତ୍ୟାହାର କରିନଥିଲେ। ୩ ଆସନ ପାଇଁ ୩ଜଣ ବୈଧ ପ୍ରାର୍ଥୀ ଥିବାରୁ ନିର୍ବାଚନର ଆଉ କୌଣସି ଆବଶ୍ୟକତା ପଡ଼ି ନଥିଲା। ଫଳରେ ୩ଜଣ ପ୍ରାର୍ଥୀ ନିର୍ଦ୍ୱନ୍ଦ୍ୱରେ ରାଜ୍ୟସଭାକୁ ନିର୍ବାଚିତ ହୋଇଥିବା ନେଇ ରିଟର୍ଣ୍ଣିଂ ଅଫିସର୍ ଘୋଷଣା କରିଛନ୍ତି। ସୂଚନାଯୋଗ୍ୟ ଯେ ଦେବାଶିଷ ସାମନ୍ତରାୟ ଓ ଶୁଭାଶିଷ ଖୁଣ୍ଟିଆ ବିଜେଡି ପକ୍ଷରୁ ନାମାଙ୍କନ ଦାଖଲ କରିଥିଲେ। ବିଜେପି କେନ୍ଦ୍ରମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବଙ୍କୁ ପୁନର୍ବାର ପ୍ରାର୍ଥୀ କରିଥିଲା। ଅଶ୍ୱିନୀଙ୍କ ପ୍ରାର୍ଥିତ୍ୱକୁ ବିଜେଡି ସମର୍ଥନ ଜଣାଇଥିଲା। ରାଜ୍ୟର ବୃହତ୍ତର ସ୍ୱାର୍ଥକୁ ଲକ୍ଷ୍ୟରେ ରଖି ଅଶ୍ୱିନୀକୁ ସମର୍ଥନ ପ୍ରଦାନ କରାଯାଇଥିବା ନେଇ ବିଜେଡି ପକ୍ଷରୁ କୁହାଯାଇଥିଲା।




# ମାତୃଭାଷା ପାଇଁ ଛାତ୍ରଛାତ୍ରୀ କରିବେ ଶପଥପାଠ

■ **ଭୁବନେଶ୍ୱର, ୨୦।୨(ସମିସ):** 'ଅନ୍ତର୍ଜାତୀୟ ମାତୃଭାଷା ଦିବସ' ଅବସରରେ ମାତୃଭାଷାର ପ୍ରଚାର ଓ ପ୍ରସାର ପାଇଁ ସମସ୍ତ ବିଦ୍ୟାଳୟରେ ଶପଥପାଠ କରିବେ ଛାତ୍ରଛାତ୍ରୀ। ଏହାସହ ମାତୃଭାଷାରେ ବିଭିନ୍ନ ପ୍ରତିଯୋଗିତା ମଧ୍ୟ ଅନୁଷ୍ଠିତ ହେବ। ମାତୃଭାଷା ଶିକ୍ଷା ମାଧ୍ୟମରେ ଛାତ୍ରଛାତ୍ରୀଙ୍କ ସାମଗ୍ରିକ ବିକାଶ, ସୃଜନଶୀଳତାର ପରିପ୍ରକାଶ ଏବଂ ମାତୃଭାଷା ବ୍ୟବହାର ପ୍ରତି ସେମାନଙ୍କୁ ଉତ୍ସାହିତ କରିବା ଏହାର ପ୍ରମୁଖ ଲକ୍ଷ୍ୟ ରହିଛି। ଏନେଇ ଓଡ଼ିଶା ବିଦ୍ୟାଳୟ ଶିକ୍ଷା କାର୍ଯ୍ୟକ୍ରମ ପ୍ରାଧିକରଣ(ଓସେପା) ପକ୍ଷରୁ ସମସ୍ତ ଜିଲ୍ଲା ଶିକ୍ଷା ଅଧିକାରୀ(ଡିଇଓ), ବ୍ଲକ ଶିକ୍ଷା ଅଧିକାରୀ(ବିଇଓ) ଓ ସମଗ୍ର ଶିକ୍ଷା ଜିଲ୍ଲା ପ୍ରକଳ୍ପ ସଂଯୋଜକଙ୍କୁ ଅବଗତ କରାଯାଇଛି। ଶପଥ ପାଠ କାର୍ଯ୍ୟକ୍ରମରେ ଛାତ୍ରଛାତ୍ରୀ, ଶିକ୍ଷକ ଶିକ୍ଷୟିତ୍ରୀ, ଅଭିଭାବକ, ବିଦ୍ୟାଳୟ ପରିଚାଳନା କମିଟି ଏବଂ ବିଦ୍ୟାଳୟ ପରିଚାଳନା ଓ ଉନ୍ନୟନ କମିଟିର ସହଯୋଗରେ କରିବାକୁ ନିର୍ଦ୍ଦେଶ ଦିଆଯାଇଛି। ମାତୃଭାଷାର ପ୍ରଚାର ପ୍ରସାର କରିବା ପାଇଁ ପ୍ରତିବର୍ଷ ଫେବୃଆରୀ ୨୧ ତାରିଖକୁ 'ଅନ୍ତର୍ଜାତୀୟ ମାତୃଭାଷା ଦିବସ' ଭାବେ ପାଳନ କରାଯାଉଛି। ଏହାକୁ ଅଧିକ ବ୍ୟାପକ କରିବା ପାଇଁ ରାଜ୍ୟ ସରକାରଙ୍କ ପକ୍ଷରୁ ବହୁ ପଦକ୍ଷେପ ଗ୍ରହଣ କରାଯାଉଛି। ଚଳିତ ବର୍ଷ 'ପ୍ରଥମ ବିଶ୍ୱ ଓଡ଼ିଆ ଭାଷା ସମ୍ମିଳନୀ' ଆୟୋଜନ କରି ଛାତ୍ରଛାତ୍ରୀଙ୍କ ମଧ୍ୟରେ ଭାଷାପ୍ରିତି ସୃଷ୍ଟି କରିଛନ୍ତି। ଛାତ୍ରଛାତ୍ରୀଙ୍କ ମାତୃଭାଷାରେ ଥିବା ପ୍ରତିଭାକୁ ପ୍ରସ୍ଫୁଟିତ କରିବା ପାଇଁ ବିଦ୍ୟାଳୟ, ବ୍ଲକ ଓ ଜିଲ୍ଲାସ୍ତରରେ ମଧ୍ୟ ବହୁ କାର୍ଯ୍ୟକ୍ରମ କରାଯାଉଛି।


ସକାଳ
THE SAKALA
PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

♦VOLUME- 41 ♦ISSUE-237 ♦BHUBANESWAR ♦WEDNESDAY ♦21 FEBRUARY 2024 ♦PAGE-20 ♦₹ 6.00

♦ବର୍ଷ-୪୧ ♦ସଂଖ୍ୟା-୨୩୭ ♦ଭୁବନେଶ୍ୱର ♦ବୁଧବାର ♦୨୧ ଫେବୃଆରୀ ୨୦୨୪ ♦ପୃଷ୍ଠା-୨୦ ♦ଟ.୬.୦୦







# ସଂସ୍କୃତି ମାଟିରେ ବିକାଶର 'ନବୀନ' ପର୍ବ

## ୧୬୭୭ କୋଟିର ଗଙ୍ଗାଧର ମେହେର ଜଳସେଚନ ପ୍ରକଳ୍ପ ଲୋକାର୍ପିତ

■ **ଭୁବନେଶ୍ୱର/ବରଗଡ଼, ୨୦।୨ (ସମିସ):** କଳା ଓ ସଂସ୍କୃତିର ଭୂମି ବରଗଡ଼ରେ ଆରମ୍ଭ ହୋଇଛି ବିକାଶର 'ନବୀନ' ପର୍ବ। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ମଙ୍ଗଳବାର ଐତିହାସିକ ଗଙ୍ଗାଧର ମେହେର ଜଳସେଚନ ପ୍ରକଳ୍ପକୁ ଜିଲ୍ଲାବାସୀଙ୍କ ଉଦ୍ଦେଶ୍ୟରେ ଲୋକାର୍ପଣ କରିଛନ୍ତି। ଜିଲ୍ଲାରେ ୨୧୪୯ କୋଟି ଟଙ୍କା ବ୍ୟୟରେ ୬୨ଟି ବିଭିନ୍ନ ପ୍ରକଳ୍ପ ଉଦ୍‌ଘାଟନ ସହ ମୁଖ୍ୟମନ୍ତ୍ରୀ ୨୬୩ କୋଟି ଟଙ୍କା ବ୍ୟୟରେ ନିର୍ମାଣ ହେବାକୁଥିବା ୨୧ଟି ନୂତନ ପ୍ରକଳ୍ପର ଭିତ୍ତିପ୍ରସ୍ତର ସ୍ଥାପନ କରିଛନ୍ତି। ମହତ୍ୱାକାଂକ୍ଷୀ ଗଙ୍ଗାଧର ମେହେର ଜଳସେଚନ ପ୍ରକଳ୍ପ ଦ୍ୱାରା ଜିଲ୍ଲାର ୪ଟି ବ୍ଲକ୍ ଅନ୍ତର୍ଗତ ୬୦ ହଜାର ଏକର ଜମିକୁ ଜଳସେଚନ ବ୍ୟବସ୍ଥା ହୋଇ ପାରିଛି। ଏହା ସହିତ ମୁଖ୍ୟମନ୍ତ୍ରୀ ୨୨.୭୮ କୋଟି ଟଙ୍କା ବ୍ୟୟରେ ରୂପାନ୍ତରିତ ନୃସିଂହନାଥ ପୀଠକୁ ମଧ୍ୟ ଲୋକାର୍ପଣ କରିଛନ୍ତି। ଏହି ଅବସରରେ ମୁଖ୍ୟମନ୍ତ୍ରୀ ବରଗଡ଼ ଜିଲ୍ଲାବାସୀଙ୍କୁ ଦେଇଥିବା ପ୍ରତିଶ୍ରୁତି ପୂରଣ କରିଥିବା ଘୋଷଣା କରିଛନ୍ତି।

ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ ବରଗଡ଼ ଜିଲ୍ଲାର ବୁଣାକାର, କଳାକାର, କ୍ରୀଡ଼ାବିତ୍ ବିଶ୍ୱ ଦରବାରରେ ଓଡ଼ିଶାକୁ ସ୍ୱତନ୍ତ୍ର ପରିଚୟ ଦେଇଛନ୍ତି। ଜିଲ୍ଲାରେ ଆରମ୍ଭ ହୋଇଥିବା ବିକାଶର ପର୍ବ ଏହି ଜିଲ୍ଲାକୁ ▶ପୃଷ୍ଠା-୧୧



- ବରଗଡ଼ ଜିଲ୍ଲାରେ ୨୧୪୯ କୋଟି ଟଙ୍କାର ୬୨ଟି ବିଭିନ୍ନ ପ୍ରକଳ୍ପ ଉଦ୍ଘାଟିତ
- ଜଳସେଚିତ ହେବ ୪ ବ୍ଲକର ୬୦ ହଜାର ଏକର ଜମି
- ୨୨.୭୮ କୋଟି ଟଙ୍କା ବ୍ୟୟରେ ନୃସିଂହନାଥ ପୀଠର ରୂପାନ୍ତରଣ
- ୨୬୩ କୋଟି ଟଙ୍କା ବ୍ୟୟରେ ୨୧ଟି ନୂତନ ପ୍ରକଳ୍ପର ଭିତ୍ତିପ୍ରସ୍ତର ସ୍ଥାପନ

## ଆହ୍ୱାନପୂର୍ଣ୍ଣ ପ୍ରକଳ୍ପକୁ ବାସ୍ତବ ରୂପ ଦେଇଛି ମୁଖ୍ୟମନ୍ତ୍ରୀଙ୍କ ଦୃଢ଼ ଆତ୍ମବିଶ୍ୱାସ: '୫-ଟି' ଅଧ୍ୟକ୍ଷ

■ **ବରଗଡ଼, ୨୦।୨ (ସମିସ):** ବରଗଡ଼ ଜିଲ୍ଲାରେ ବିକାଶର ନବପର୍ବ ଆରମ୍ଭ ହୋଇଛି। ଏହି ଅବସରରେ 'ନବୀନ' ବିକାଶର କର୍ଣ୍ଣଧାର ତଥା '୫-ଟି' ଅଧ୍ୟକ୍ଷ କାର୍ତ୍ତିକ ପାଣ୍ଡିଆନ୍ ହୀରାକୁଦ ନଦୀବନ୍ଧଠାରୁ ୩୫ ମିଟର ଉଚ୍ଚ ବିଜେପୁରକୁ କଷ୍ଟସାଧ୍ୟ ଜଳସେଚନ ବ୍ୟବସ୍ଥା ସମ୍ପର୍କରେ ସାଧାରଣ ଜନତାଙ୍କୁ ଅବଗତ କରିଛନ୍ତି। ଶ୍ରୀ ପାଣ୍ଡିଆନ କହିଛନ୍ତି, ଯେତେବେଳେ ମୁଖ୍ୟମନ୍ତ୍ରୀ ଗଙ୍ଗାଧର ମେହେର ପ୍ରକଳ୍ପ ଘୋଷଣା କଲେ ସେତେବେଳେ ଅନେକ ଲୋକ ଏହାକୁ ନେଇ ସନ୍ଦେହ ପ୍ରକଟ କରିଥିଲେ। ହୀରାକୁଦ ବନ୍ଧରୁ ବିଜେପୁର ୩୫ ମିଟର ଉଚ୍ଚରେ ଅବସ୍ଥିତ। ମାତ୍ର ସବୁ ସନ୍ଦେହକୁ ଦୂରକରି ମୁଖ୍ୟମନ୍ତ୍ରୀ ନିଜର ଦୃଢ଼ ଇଚ୍ଛାଶକ୍ତି ବଳରେ ଆଧୁନିକ କୌଶଳ ପ୍ରୟୋଗ କରି ଏହି ପ୍ରକଳ୍ପକୁ ବାସ୍ତବ ରୂପ ଦେବାକୁ ସକ୍ଷମ ▶ପୃଷ୍ଠା-୧୧

> "ହୀରାକୁଦ ବନ୍ଧରୁ ୩୫ ମିଟର ଉଚ୍ଚ ବିଜେପୁରକୁ ଜଳସେଚନ ନେଇ ଅନେକ ସନ୍ଦେହ କରୁଥିଲେ"

# ୧୦୦ ଶଯ୍ୟା ବିଶିଷ୍ଟ କ୍ୟାନସର୍ ହସ୍ପିଟାଲ ଲୋକାର୍ପିତ

## ବରଗଡ଼ବାସୀଙ୍କୁ ଦେଇଥିବା ପ୍ରତିଶ୍ରୁତି ପୂରଣ କଲି: ମୁଖ୍ୟମନ୍ତ୍ରୀ

■ **ଭୁବନେଶ୍ୱର, ୨୦।୨ (ସମିସ):** ରାଜ୍ୟର ସର୍ବାଧିକ କର୍କଟ ରୋଗୀ ଚିହ୍ନଟ ହେଉଥିବା ବରଗଡ଼ ଜିଲ୍ଲାରେ ମଙ୍ଗଳବାର ଏକ କ୍ୟାନସର ହସ୍ପିଟାଲ ଲୋକାର୍ପଣ କରିଛନ୍ତି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ। ୨୦୧୯ରେ କ୍ୟାନ୍‌ସର୍ ହସ୍ପିଟାଲ୍ ପ୍ରତିଷ୍ଠା ନେଇ ବରଗଡ଼ବାସୀଙ୍କୁ ପ୍ରତିଶ୍ରୁତି ଦେଇଥିଲେ। ବହୁ ପ୍ରତୀକ୍ଷିତ ଏହି ୧୦୦ ଶଯ୍ୟା ବିଶିଷ୍ଟ କ୍ୟାନ୍‌ସର୍ ହସ୍ପିଟାଲ୍‌ର ଲୋକାର୍ପଣ ପରେ ରାଜ୍ୟରେ କର୍କଟ ଚିକିତ୍ସା କ୍ଷେତ୍ରରେ ଆଉ ଫର୍ଦ୍ଦ ଯୋଡ଼ିହୋଇଛି। ୧୦୬ କୋଟି ଟଙ୍କା ବ୍ୟୟରେ ନିର୍ମିତ ବରଗଡ଼ କ୍ୟାନସର ହସ୍ପିଟାଲରେ ଏକ ସମୟରେ ୧୦୦ ଜଣ ରୋଗୀଙ୍କ ଚିକିତ୍ସା ହୋଇପାରିବ। ଏହି ଡାକ୍ତରଖାନା ବରଗଡ଼ ସମେତ ପଶ୍ଚିମ ଓଡ଼ିଶାର ଜିଲ୍ଲାର କର୍କଟ ରୋଗୀଙ୍କ ପାଇଁ ଉପାଦେୟ ହେବ। ସେମାନେ ଆଉ ଚିକିତ୍ସା ପାଇଁ କଟକ କିମ୍ବା ଅନ୍ୟ ସହରକୁ ଯିବା ଜରୁରୀ ହେବନାହିଁ।

ଏହି ଅବସରରେ ମୁଖ୍ୟମନ୍ତ୍ରୀ କହିଥିଲେ ଯେ ବରଗଡ଼ରେ କ୍ୟାନସର ହସ୍ପିଟାଲ ନିର୍ମାଣ କରିବା ଲାଗି ମୁଁ ପ୍ରତିଶ୍ରୁତି ଦେଇଥିଲି। ଆଜି ତାହା ମୁଁ ପୂରଣ କରିଛି। ପଶ୍ଚିମ ଓଡ଼ିଶାର କର୍କଟ ରୋଗୀମାନଙ୍କର ବଡ଼ ସମସ୍ୟା ଦୂର ହୋଇପାରିଛି। ରାଜ୍ୟ ସରକାର '୫-ଟି' ଉପକ୍ରମ ଅଧିନରେ ରାଜ୍ୟର ୧୧ଟି କ୍ୟାନ୍‌ସର୍ ପ୍ରତିଷ୍ଠା କରୁଛନ୍ତି। ଏଥିପାଇଁ ୧ ହଜାର କୋଟିରୁ ଅଧିକ ଟଙ୍କା ଖର୍ଚ୍ଚ କରାଯିବ ବୋଲି ମୁଖ୍ୟମନ୍ତ୍ରୀ ପ୍ରକାଶ କରିଥିଲେ।

ଜିଲ୍ଲା ହସ୍ପିଟାଲ ପରିସରରେ କ୍ୟାନସର୍ ହସ୍ପିଟାଲ ପ୍ରତିଷ୍ଠା କରାଯାଇ ଥିବାବେଳେ ସେଠାରେ ରୋଗୀଙ୍କ ଚିକିତ୍ସା ପାଇଁ ଅତ୍ୟାଧୁନିକ ସୁବିଧା ସୁଯୋଗ ଉପଲବ୍ଧ କରାଯାଇଛି। ରେଡିଓ ଅଙ୍କୋଲୋଜି, ମେଡିକାଲ ଅଙ୍କୋଲୋଜି ବିଶେଷଜ୍ଞ, ରେଡିଓ ଥେରାପିଷ୍ଟ, ପାରାମେଡିକାଲ କର୍ମଚାରୀ, ନର୍ସିଂ ଅଫିସର ସମେତ ଜେନେରାଲ ଡ୍ୟୁଟି ମେଡିକାଲ ଅଫିସରଙ୍କୁ ନିଯୁକ୍ତି ଦିଆଯାଇଛି। ଏଠାରେ ବହିର୍ବିଭାଗ ଓ ଆନ୍ତଃବିଭାଗ ସହିତ ଆଇସିୟୁ, ଏଚ୍‌ଡିୟୁ ଅପରେସନ୍ ପରବର୍ତ୍ତୀ ଶଯ୍ୟା, କ୍ୟାବିନ୍, ଆଇସୋଲେସନ୍ ଶଯ୍ୟା ରହିଛି। ସେହିପରି କେମୋ ଥେରାପି, ପାଲିଆଟିଭ୍ କେୟାର, ନିଦାନ ବ୍ୟବସ୍ଥା ଉପଲବ୍ଧ ଅଛି। ରାଜ୍ୟରେ ବରଗଡ଼ ଜିଲ୍ଲାରୁ ସର୍ବାଧିକ କର୍କଟ ରୋଗୀ ଚିହ୍ନଟ ହେଉଥିବା ବେଳେ ସେମାନଙ୍କୁ ହେଉଥିବା ସମସ୍ୟା ଦୂର ହେବାକୁ ଯାଉଛି।

> ଖର୍ଚ୍ଚ ହୋଇଛି ୧୦୬ କୋଟି

# ଶ୍ରୀକ୍ଷେତ୍ରରୁ ଅର୍କକ୍ଷେତ୍ର ଗଡ଼ିବ ଟ୍ରେନ୍

## ୩୨ କିମି ଧାରଣା ପାଇଁ ଖର୍ଚ୍ଚହେବ ୪୯୨ କୋଟି

■ **ଭୁବନେଶ୍ୱର, ୨୦।୨ (ସମିସ):** ଶ୍ରୀକ୍ଷେତ୍ରରୁ ଅର୍କକ୍ଷେତ୍ର କୋଣାର୍କକୁ ଗଡ଼ିବ ସ୍ୱତନ୍ତ୍ର ଟ୍ରେନ୍। ୩୨ କିଲୋମିଟର ଦୂରତା ବିଶିଷ୍ଟ ଏହି ରେଳ ଧାରଣାରେ ଭିଷ୍ଟାଡୋମ୍ ଟ୍ରେନ୍ ଚଳାଚଳ କରିବ। ଏଥିରେ ଯାତ୍ରୀମାନେ ରେଳ ଯାତ୍ରା ସମୟରେ ବାହାରର ମନୋରମ ଦୃଶ୍ୟକୁ ମନଭରି ଉପଭୋଗ କରିବେ। ଏନେଇ ଡିଜାଇନ୍ ଚୂଡ଼ାନ୍ତ ହୋଇସାରିଥିବା ବେଳେ ଖୁବ୍‌ଶୀଘ୍ର କାମ ଆରମ୍ଭ ହେବ। ମଙ୍ଗଳବାର ରେଳସଦନରେ ଅନୁଷ୍ଠିତ ଏକ ସାମ୍ବାଦିକ ସମ୍ମିଳନୀରେ ରେଳମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ ଆଜି ଏଭଳି ସୂଚନା ଦେଇଛନ୍ତି। ମନ୍ତ୍ରୀ ଶ୍ରୀ ବୈଷ୍ଣବ କହିଥିଲେ ଯେ କେନ୍ଦ୍ର ସରକାରଙ୍କ ଅନୁମୋଦନକ୍ରମେ ଖୁବ୍‌ଶୀଘ୍ର ପୁରୀ-କୋଣାର୍କ ନୂଆ ରେଳଲାଇନ୍ ନିର୍ମାଣ କାମ ଆରମ୍ଭ ହେବ। କେନ୍ଦ୍ର ରେଳ ମନ୍ତ୍ରଣାଳୟ ପକ୍ଷରୁ ଏଥିପାଇଁ ୪୯୨କୋଟି ଟଙ୍କା ମଞ୍ଜୁର କରାଯାଇଛି। ଏହି ୩୨ କିଲୋମିଟର ନୂଆ ରେଳ ଲାଇନ୍‌ର ଉଭୟପାର୍ଶ୍ୱରେ ଭରପୂର ମାତ୍ରାରେ ପ୍ରାକୃତିକ ସୌନ୍ଦର୍ଯ୍ୟ ଭରି ରହିଛି। ଯାହା ରାଜ୍ୟ ତଥା ରାଜ୍ୟ ବାହାରର ପର୍ଯ୍ୟଟକମାନଙ୍କୁ ଆକର୍ଷିତ କରିବ। ଭିଷ୍ଟାଡୋମ୍ ଟ୍ରେନ୍‌ରେ ଲୋକମାନେ ଏହି ଦୃଶ୍ୟକୁ ଉପଭୋଗ କରିବା ସହ ଏକ ସୁନ୍ଦର ଅନୁଭୂତି ସାଉଁଟିବେ। ବିଶେଷକରି ବେଳାଭୂମି ସାଙ୍ଗକୁ ବାଲୁଖଣ୍ଡ ଅଭୟାରଣ୍ୟର ଦୃଶ୍ୟ ପର୍ଯ୍ୟଟକମାନେ ଦେଖିବାକୁ ପାଇବେ। ଭିଷ୍ଟାଡୋମ୍ ଟ୍ରେନ୍ ବଗିର ଦୁଇ ପାର୍ଶ୍ୱ ଓ ଉପର ଛାତ କାଚରେ ତିଆରି ହେବ। ଏଥିସହ ଟ୍ରେନ୍ ଭିତରେ ▶ପୃଷ୍ଠା-୧୧



> ଅଧିଗ୍ରହଣ ହେବ ୨୧୫ହେକ୍ଟର ଜମି
>
> ୪ଟି ସ୍ଥାନରେ ହେବ ସ୍ୱତନ୍ତ୍ର ପର୍ଯ୍ୟଟନ ହେରିଟେଜ୍ ହବ୍

**ମାଘ ଯାଇନି, ଏବେଠୁ ଏମିତି**

# ରାଜଧାନୀରେ ୩୭°



■ **ଭୁବନେଶ୍ୱର, ୨୦।୨(ସମିସ):** ମାଘ ସରିନି, ରାଜ୍ୟରେ ଏବେଠୁ ଗ୍ରୀଷ୍ମ ପ୍ରବାହ ଆରମ୍ଭ ହୋଇଗଲାଣି। ଫେବୃଆରୀ ମଧ୍ୟଭାଗରୁ କ୍ରମାଗତ ଭାବେ ତାପମାତ୍ରା ବଢ଼ି ଚାଲିଛି। ମଙ୍ଗଳବାର ହଠାତ୍ ଅଧା ଓଡ଼ିଶାରେ ତାପମାତ୍ରା ୩୫ ଡିଗ୍ରୀ ଛୁଇଁଥିବା ବେଳେ ଚଳିତ ବର୍ଷ ପ୍ରଥମଥର ପାଇଁ ରାଜଧାନୀ ଭୁବନେଶ୍ୱରରେ ତାତି ୩୭ ଡିଗ୍ରୀ ଛୁଇଁଛି। ଗତ ଦୁଇ-ତିନି ଦିନ ହେବ ଅଳ୍ପ କିଛି ଜିଲ୍ଲାରେ ତାପମାତ୍ରା ୩୫ ଡିଗ୍ରୀ ଛୁଇଁଥିବା ବେଳେ ମଙ୍ଗଳବାର ଏକାଥରେ ୧୫ଟି ଜିଲ୍ଲାର ପାରଦ ୩୫ଡିଗ୍ରୀ ଛୁଇଁଛି। ମାର୍ଚ୍ଚ ପୂର୍ବରୁ ଏଭଳି ଖରା ଅନୁଭୂତ ହୋଇଥିବାରୁ ଚଳିତବର୍ଷ ଗ୍ରୀଷ୍ମ ପ୍ରବାହ ଲୋକଙ୍କୁ କଲବଲ କରିବା ନେଇ ଏବେଠାରୁ ଆଶଙ୍କା ସୃଷ୍ଟି ହୋଇଛି। ବର୍ତ୍ତମାନ ରାଜ୍ୟ ଉପରେ କୌଣସି ପାଣିପାଗ ନିୟାମକ ରହୁ ନଥିବାରୁ ପୃଥିବୀକୁ ସିଧା ସୂର୍ଯ୍ୟକିରଣ ପଡୁଛି। ଫଳରେ ମଙ୍ଗଳବାର ଦିନତମାମ ଟାଣଖରା ▶ପୃଷ୍ଠା-୧୧

> ଆହୁରି ଦୁଇଦିନ ହନ୍ତସନ୍ତ କରିବ ତାତି
>
> ୨୨ରୁ ପଶ୍ଚିମା ଝଡ଼ ପ୍ରଭାବରେ ବର୍ଷା

# ସିକିମ୍ ରୟତଙ୍କୁ ଜମି ପଟ୍ଟା

## ଉପକୃତ ହେବେ ୨.୫ଲକ୍ଷ ରୟତ ଓ ଉତ୍ତରାଧିକାରୀ

■ **ଭୁବନେଶ୍ୱର, ୨୦।୨ (ସମିସ):** ବିଭିନ୍ନ ଜିଲ୍ଲାରେ ସିକିମ୍ ରୟତମାନଙ୍କ ଜମି ଉପରେ ସ୍ୱତ୍ୱାଧିକାରକୁ ସ୍ୱୀକୃତି ଭାବେ ମଙ୍ଗଳବାର ରାଜ୍ୟ ସରକାର ସେମାନଙ୍କୁ ଜମି ପଟ୍ଟା ବଣ୍ଟନ କରିଛନ୍ତି। ଜମି ଉପରେ ଅଧିକାର ନ ଥିବାରୁ ସିକିମ ରୟତମାନଙ୍କର ଆର୍ଥିକ ଓ ସାମାଜିକ ଜୀବନ ପ୍ରଭାବିତ ହେଉଥିଲା। ସରକାରଙ୍କ ବିଭିନ୍ନ କୃଷି ବିକାଶ କାର୍ଯ୍ୟକ୍ରମରେ ମଧ୍ୟ ସେମାନେ ଲାଭ ପାଇପାରୁ ନ ଥିଲେ। ଏମାନଙ୍କର ଏହି ଦୀର୍ଘ ବର୍ଷର ସମସ୍ୟାର ସମାଧାନ ପାଇଁ ନିକଟରେ ମୁଖ୍ୟମନ୍ତ୍ରୀ ପ୍ରତିଶ୍ରୁତି ଦେଇଥିଲେ। ପୂର୍ବ ପ୍ରତିଶ୍ରୁତି ମୁତାବକ ମଙ୍ଗଳବାର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ସିକିମ ରୟତ ଚାଷୀମାନଙ୍କ ଦୀର୍ଘଦିନର ଦାବି ପୂରଣ କରିଛନ୍ତି। ଏକ ସ୍ୱତନ୍ତ୍ର ସମାରୋହର ପ୍ରଥମ ଦିନରେ ୨୬ଟି ଜିଲ୍ଲାର ୧୦ ହଜାର ସିକିମ ରୟତ ଚାଷୀମାନଙ୍କୁ ଜମି ପଟ୍ଟା ବଣ୍ଟନ କରିଛନ୍ତି। ଜମି ପଟ୍ଟା ବଣ୍ଟନ ସହ ସିକିମ ରୟତମାନଙ୍କର ଦୀର୍ଘ ବର୍ଷର ସମସ୍ୟାର ସମାଧାନ ସମ୍ଭବପର ▶ପୃଷ୍ଠା-୧୧



> "ଲୋକଙ୍କ ଖୁସି ହିଁ ମୋ ପାଇଁ ସବୁଠାରୁ ବଡ଼ ପୁରସ୍କାର: ମୁଖ୍ୟମନ୍ତ୍ରୀ

- ୨୬ ଜିଲ୍ଲାର ୧୦ ହଜାର ଚାଷୀଙ୍କୁ ଜମି ପଟ୍ଟା ଦେଲେ ମୁଖ୍ୟମନ୍ତ୍ରୀ
- ଜମି ପଟ୍ଟା ପାଇବେ ୨୬ ଜିଲ୍ଲାର ୨ ଲକ୍ଷ ୫୦ ହଜାର ଚାଷୀ
- '୫-ଟି' ଅଧ୍ୟକ୍ଷଙ୍କ ଜିଲ୍ଲା ଗସ୍ତ ରିପୋର୍ଟ ଭିତ୍ତିରେ ସମସ୍ୟାର ସମାଧାନ
- ଆଇନର ସଂଶୋଧନ କରାଯାଇ ଦୂରହୋଇଛି ଗଞ୍ଜାମର ୧୦୦ ବର୍ଷର ଗ୍ରାମକଣ୍ଠ ଜମି ସମସ୍ୟା
- ଲୋକଙ୍କ ସେବା, ଲୋକଙ୍କୁ ସଶକ୍ତ କରିବା ପାଇଁ, ଲୋକଙ୍କ ହିତ ସକାଶେ ଆଇନର ସଂଶୋଧନ କରାଯିବା ଜରୁରୀ: '୫-ଟି' ଅଧ୍ୟକ୍ଷ

## ଲୋକକଥା



'ମିଶନ ଶକ୍ତି' ସଶକ୍ତ ହୋଇଲେ
ରାଜ୍ୟ ହେବ ଶକ୍ତିଶାଳି,
ପ୍ରଦେଶ ଗଠନେ ମହିଳା ଲାଗିଲେ
ରହିବନି ଘରେ କଳି।
ଦୁସ୍ଥିତି ତ ଯିବ ଟଳି,
ରୋଜଗାର ବଢ଼ିବ ବିଭେଦ ତୁଟିବ
ପରିବାର ଯିବ ଚଳି !!

**ହ୍ରାସ ପାଇବ ବନ୍ୟପ୍ରାଣୀ-ମନୁଷ୍ୟ ସଂଘର୍ଷ**

# ନିଯୁକ୍ତ ହେବେ ୧୮ ରାପିଡ୍ ରେସ୍‌ପନ୍ସ ଟିମ୍

■ **ଭୁବନେଶ୍ୱର, ୨୦।୨ (ସମିସ):** ରାଜ୍ୟରେ ବନ୍ୟପ୍ରାଣୀ-ମନୁଷ୍ୟ ସଂଘର୍ଷକୁ ରୋକିବା ସହ ଧନଜୀବନ କ୍ଷୟକ୍ଷତି ହ୍ରାସ କରିବା ପାଇଁ ବନ ବିଭାଗ ସ୍ୱତନ୍ତ୍ର ପଦକ୍ଷେପ ସ୍ୱରୂପ ୧୮ ଟି ରାପିଡ୍ ରେସ୍‌ପନ୍ସ ଟିମ୍ (ଆର୍‌ଆରଟି) ଗଠନ କରିବାକୁ ନିଷ୍ପତ୍ତି ନେଇଛି।

୪୦ ବର୍ଷରୁ କମ୍ ଯୁବ କର୍ମଚାରୀଙ୍କୁ ଏହି ଟିମ୍‌ରେ ସାମିଲ କରାଯାଇ ସେମାନଙ୍କୁ ତାଲିମ୍ ଦିଆଯାଉଛି। ପ୍ରତି ଟିମ୍‌ରେ ୬ ଜଣ ଯୁବ କର୍ମଚାରୀଙ୍କ ସମେତ ଜଣେ ଡେପୁଟି ରେଞ୍ଜର ସ୍ତରୀୟ ଅଧିକାରୀ ରହିବେ। ମୁଖ୍ୟତଃ ବନ୍ୟପ୍ରାଣୀ-ମନୁଷ୍ୟ ସଂଘର୍ଷ ରୋକିବା ଦିଗରେ ଏହି ଟିମ୍ କାର୍ଯ୍ୟ କରିବା ସହ ଜନବସତି ମୁହାଁ ବନ୍ୟପ୍ରାଣୀଙ୍କୁ ଜଙ୍ଗଲକୁ ସୁରକ୍ଷିତ ଘଉଡ଼ାଇବେ। ଏହାଛଡ଼ା ବିଭିନ୍ନ ସମୟରେ ଜଙ୍ଗଲ ମଧ୍ୟରେ ବିପଦରେ ଫସି ରହୁଥିବା ବନ୍ୟଜନ୍ତୁଙ୍କ ଉଦ୍ଧାର କାର୍ଯ୍ୟରେ ନିୟୋଜିତ ହେବେ ବୋଲି ବିଭାଗ ପକ୍ଷରୁ କୁହାଯାଇଛି।

> ଟିମ୍‌ରେ ରହିବେ ବନ ବିଭାଗର ୪୦ ବର୍ଷରୁ କମ୍ ବୟସର ଯୁବ କର୍ମଚାରୀ
>
> ମାର୍ଚ୍ଚ ସୁଦ୍ଧା ତାଲିମ ଶେଷ, ଏପ୍ରିଲରୁ କାର୍ଯ୍ୟକୁ ଓହ୍ଲାଇବ ଆର୍‌ଆରଟି

ଏ ସମ୍ପର୍କରେ ମଙ୍ଗଳବାର ନନ୍ଦନକାନନ ପ୍ରାଣୀ ଉଦ୍ୟାନଠାରେ ଏହି ଟିମ୍‌ର ସଦସ୍ୟମାନଙ୍କ ସହ ସେମାନେ ବ୍ୟବହାର କରିବାକୁ ଥିବା ଅତ୍ୟାଧୁନିକ ସାମଗ୍ରୀର ପ୍ରଦର୍ଶନ କରାଯାଇଥିଲା। ଏହି ଟିମ୍‌ର ସଦସ୍ୟମାନଙ୍କୁ ମୁକାବିଲା ପାଇଁ ୧୦୦ରୁ ଊର୍ଦ୍ଧ୍ୱ ପ୍ରକାର ସରଞ୍ଜାମ ଯୋଗାଇ ଦିଆଯିବ। ଏହି ସରଞ୍ଜାମ ଚାଳନା ନେଇ ଭୁବନେଶ୍ୱର ଉପକଣ୍ଠ ଗୋଡିବାରିରେ ପ୍ରଶିକ୍ଷଣ ଦିଆଯାଉଥିବା ବେଳେ ମଙ୍ଗଳବାର ନନ୍ଦନକାନନରେ ସେମାନଙ୍କୁ ସରଞ୍ଜାମ ପରିଚାଳନା ତାଲିମ୍ ଦିଆଯାଇଛି। ମୁଖ୍ୟତଃ ଉଭୟ ମନୁଷ୍ୟ-ବନ୍ୟପ୍ରାଣୀଙ୍କ ଯେପରି ଅଧିକ କ୍ଷତି ନ ହୁଏ, ସେ ଦିଗ ପ୍ରତି ଧ୍ୟାନ ଦିଆଯାଉଛି। ଏଥିରେ ଟିମ୍‌ର ସଦସ୍ୟମାନଙ୍କୁ ଷ୍ଟେନ୍ ଗନ୍, ଟ୍ରାଙ୍କୁଲାଇଜର୍ ବା ସ୍ମାର୍ଟ ଷ୍ଟିକ ଭଳି ସାମଗ୍ରୀର ଚାଳନା ଶିକ୍ଷା ଦିଆଯାଉଛି। କିପରି ପଶୁଙ୍କୁ ଟ୍ରାକିଂ କରାଯିବ ଓ ▶ପୃଷ୍ଠା-୧୧



# ଆରମ୍ଭ ହେଲା ମାଟ୍ରିକ୍ ପରୀକ୍ଷା

■ **କଟକ, ୨୦।୨ (ସମିସ):** ମାଧ୍ୟମିକ ଶିକ୍ଷା ପରିଷଦ(ବୋର୍ଡ) ଦ୍ୱାରା ପରିଚାଳିତ ମାଟ୍ରିକ ପରୀକ୍ଷା ମଙ୍ଗଳବାରଠାରୁ ଆରମ୍ଭ ହୋଇଛି। ପ୍ରଥମ ଦିନରେ ହୋଇଥିବା ମାତୃଭାଷା ପରୀକ୍ଷା ଶୃଙ୍ଖଳିତ ଭାବେ ଶେଷ ହୋଇଛି। ତେବେ ପରୀକ୍ଷାର ପ୍ରଥମ ଦିନରେ ୧୦ ଜଣ ବିଦ୍ୟାର୍ଥୀ କପି କରି ଧରାପଡ଼ିଛନ୍ତି। ଏମାନଙ୍କ ମଧ୍ୟରେ ମାଟ୍ରିକ ପରୀକ୍ଷାର୍ଥୀ ୮ଜଣ ଥିବା ବେଳେ ରାଜ୍ୟ ମୁକ୍ତ ବିଦ୍ୟାଳୟ ସାର୍ଟିଫିକେଟ୍ ପରୀକ୍ଷାର ୨ଜଣ ରହିଛନ୍ତି। ବୋର୍ଡ ସଭାପତି ଶ୍ରୀକାନ୍ତ ତରାଇ କହିଛନ୍ତି ଯେ ଚଳିତବର୍ଷ ମାଟ୍ରିକ ପରୀକ୍ଷାକୁ ବ୍ୟବସ୍ଥିତ ଓ ଶୃଙ୍ଖଳିତ ଢ଼ଙ୍ଗରେ କରିବା ନିମନ୍ତେ ସମସ୍ତ ପଦକ୍ଷେପ ନିଆଯାଇଛି। ବୋର୍ଡ ପକ୍ଷରୁ ପ୍ରଥମଥର ପାଇଁ ଏଆଇ (ଆର୍ଟିଫିସିଆଲ ଇଣ୍ଟେଲିଜେନ୍ସ) ସିସି କ୍ୟାମେରାକୁ ୬୦୦ଟି ସମ୍ବେଦନଶୀଳ ଓ ଅତି ସମ୍ବେଦନଶୀଳ ପରୀକ୍ଷା କେନ୍ଦ୍ରରେ ଲଗାଯାଇଛି। ଲାଇଭ ଷ୍ଟ୍ରିମିଙ୍ଗକୁ ମନିଟରିଂ କରିବା ପାଇଁ ବୋର୍ଡ କାର୍ଯ୍ୟାଳୟରେ ଏକ କମାଣ୍ଡ କଣ୍ଟ୍ରୋଲ ରୁମ୍ ସ୍ଥାପନ ହୋଇଛି। ଆଇଟି ବିଶେଷଜ୍ଞମାନଙ୍କ ସହ ବୋର୍ଡର ଅଧିକାରୀମାନେ ଏହାର ତଦାରଖ କରୁଛନ୍ତି। ଛାତ୍ରଛାତ୍ରୀମାନେ ସଠିକ ସମୟରେ ପରୀକ୍ଷା ▶ପୃଷ୍ଠା-୧୧

> କପି କରି ଧରାପଡ଼ିଲେ ୧୦ ପରୀକ୍ଷାର୍ଥୀ
>
> ତ୍ରୁଟି ଧରିଲା ଏଆଇ କ୍ୟାମେରା

ସକାଳ
THE SAKALA
RNI REGD NO: 42041/83
www.sakalaepaper.com
/sakalanews
/sakalanews
www.thesakala.in
PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI
◆VOLUME- 41 ◆ISSUE-237 ◆BHUBANESWAR ◆WEDNESDAY ◆21 FEBRUARY 2024 ◆PAGE-20 ◆₹ 6.00
◆ବର୍ଷ-୪୧ ◆ସଂଖ୍ୟା-୨୩୭ ◆ଭୁବନେଶ୍ୱର ◆ବୁଧବାର ◆୨୧ ଫେବୃଆରୀ ୨୦୨୪ ◆ପୃଷ୍ଠା-୨୦ ◆ଟ.୬.୦୦

# ପରିକ୍ରମା ମାର୍ଗ ବୁଲିଲେ ୬, ୭୦୦ ଶ୍ରଦ୍ଧାଳୁ

**ପୁରୀ, ୨୦।୨(ସମିସ):** ରାଜ୍ୟ ସରକାରଙ୍କ ପକ୍ଷରୁ ବିଭିନ୍ନ ଜିଲ୍ଲାରୁ ଭକ୍ତଙ୍କୁ ଅଣାଯାଇ ପରିକ୍ରମା ମାର୍ଗର ଅନୁଭୂତି ପ୍ରଦାନ କରାଯାଉଛି। ଏହି କ୍ରମରେ ମଙ୍ଗଳବାର ୩ ଜିଲ୍ଲାର ୬, ୭୦୦ ଶ୍ରଦ୍ଧାଳୁ ମହାପ୍ରଭୁଙ୍କୁ ଦର୍ଶନ କରିବା ସହ ଶ୍ରୀମନ୍ଦିର ପରିକ୍ରମା ମାର୍ଗ ବୁଲିଛନ୍ତି। ସୁନ୍ଦରଗଡ଼ ଜିଲ୍ଲାର ୫୮ଟି ପଞ୍ଚାୟତ ଏବଂ ୱାର୍ଡରୁ ୨୬ଟି ବସ୍‌ରେ ୧, ୧୬୦ ଜଣ, କଟକ ଜିଲ୍ଲାର ୧୨୨ଟି ପଞ୍ଚାୟତ ଏବଂ ୱାର୍ଡରୁ ୫୪ଟି ବସ୍‌ରେ ୨, ୪୪୦ ଜଣ, ବଲାଙ୍ଗୀର ଜିଲ୍ଲାର ୧୫୫ଟି ପଞ୍ଚାୟତ ଏବଂ ୱାର୍ଡରୁ ୬୯ଟି ବସ୍‌ରେ ୩, ୧୦୦ ଜଣ ଏହିପରି ମୋଟ ୬, ୭୦୦ ଜଣ ଶ୍ରଦ୍ଧାଳୁ ବସ୍‌ରେ ଆସି ସମଙ୍ଗ ପାର୍କିଂରେ ପହଞ୍ଚିଥିଲେ। ସେଠାରୁ ଫିଡ୍‌ର ବସ୍‌ରେ ଭକ୍ତମାନେ ଜଗନ୍ନାଥ ବଲ୍ଲଭ ପିଲୀଗ୍ରିମ ସେଣ୍ଟର (ଜେବିପିସି) ରେ ପହଞ୍ଚିଥିଲେ। ପରେ ଶ୍ରୀଦାଣ୍ଡ ଦେଇ ଶ୍ରୀମନ୍ଦିର ନିକଟରେ ପହଞ୍ଚି ମହାପ୍ରଭୁଙ୍କୁ ଦର୍ଶନ କରିଥିଲେ। ଏହାରେ ପରିକ୍ରମା ମାର୍ଗ ପ୍ରଦକ୍ଷିଣ କରି ଦିବ୍ୟ ଅନୁଭୂତି ସାଉଣ୍ଟିଥିଲେ। ଏହାପରେ ଶ୍ରଦ୍ଧାଳୁ ସମଙ୍ଗ ପାର୍କିରେ ପହଞ୍ଚି ସେଠାରେ ଭୋଜନ କରିଥିଲେ। ପରେ ଯେଉଁ ବସ୍‌ରେ ଆସିଥିଲେ ସେଥିରେ ନିଜ ନିଜ ଘରକୁ ଫେରିଥିଲେ। ସେହିପରି ବୁଧବାର ୫ଟି ଜିଲ୍ଲାରୁ ୧୦, ୮୨୦ ଶ୍ରଦ୍ଧାଳୁ ପରିକ୍ରମା ପ୍ରକଳ୍ପ ବୁଲିବାକୁ ଆସିବେ ବୋଲି ଜଣାପଡ଼ିଛି।

DSPL-682

ଓଡ଼ିଶା ସରକାର

ଆମ ଓଡ଼ିଶା
ନବୀନ ଓଡ଼ିଶା

ଗୁଜରାଟ, ଝାଡ଼ଖଣ୍ଡ, ପଶ୍ଚିମବଙ୍ଗ, ଛତିଶଗଡ଼, ମଧ୍ୟପ୍ରଦେଶ, ଆନ୍ଧ୍ରପ୍ରଦେଶ ଓ ତାମିଲନାଡୁରେ ଓଡ଼ିଆ ଭାଷା ଶିକ୍ଷା ପାଇଁ ୬୧ ହଜାରରୁ ଉର୍ଦ୍ଧ୍ୱ ଛାତ୍ରଛାତ୍ରୀଙ୍କୁ ଓଡ଼ିଆ ସାହିତ୍ୟ ପୁସ୍ତକ ପ୍ରଦାନ।

ଆଗାମୀ ଶିକ୍ଷା ବର୍ଷରେ ୫ ଲକ୍ଷ ୪୬ ହଜାରରୁ ଉର୍ଦ୍ଧ୍ୱ ବେସରକାରୀ ସ୍କୁଲ୍ ଛାତ୍ରଛାତ୍ରୀଙ୍କୁ ଓଡ଼ିଆ ସାହିତ୍ୟ ପୁସ୍ତକ ଯୋଗାଇବା ପାଇଁ ବ୍ୟବସ୍ଥା।

ଓଡ଼ିଆ ଭାଷାରେ ହାଇସ୍କୁଲ୍ ସାର୍ଟିଫିକେଟ୍ ପରୀକ୍ଷା-୨୦୨୩ରେ ଓଡ଼ିଆରେ ସର୍ବାଧିକ ନମ୍ବର ରଖିଥିବା ୩୫୪୯ଜଣ ଛାତ୍ରଛାତ୍ରୀଙ୍କୁ ୧ କୋଟି ୭୭ ଲକ୍ଷ ୪୫ ହଜାର ଟଙ୍କାର 'ମୁଖ୍ୟମନ୍ତ୍ରୀ ଭାଷାବୃତ୍ତି ପୁରସ୍କାର' ପ୍ରଦାନ।



# ଅନ୍ତର୍ଜାତୀୟ ମାତୃଭାଷା ଦିବସ

ରାଜ୍ୟ ବାହାରେ ଥିବା ଭାଷା ଶିକ୍ଷକଙ୍କ ପାରିତୋଷିକ ବୃଦ୍ଧି।

ପର୍ଯ୍ୟାୟକ୍ରମେ ୧୫୦୦ ଓଡ଼ିଆ ଭାଷା ଶିକ୍ଷକଙ୍କୁ ନିଯୁକ୍ତି ପାଇଁ ଯୋଜନା।

"ଉଚ୍ଚ ହେବା ପାଇଁ କର ଯେବେ ଆଶା
ଉଚ୍ଚ କର ଆଗେ ନିଜ ମାତୃଭାଷା।"
*ସ୍ୱଭାବ କବି ଗଙ୍ଗାଧର ମେହେର*

୨୧ ଫେବୃଆରୀ ୨୦୨୪

ଜନଜାତି ଅଧ୍ୟୁଷିତ ଅଞ୍ଚଳରେ ୧୪୮୩ଟି ବିଦ୍ୟାଳୟରେ ପ୍ରାଥମିକ ସ୍ତରରେ ୨୧ଟି ଭାଷାରେ ମାତୃଭାଷା ଭିତ୍ତିକ ବହୁଭାଷୀ ଶିକ୍ଷା କାର୍ଯ୍ୟକ୍ରମ।

**ଅନ୍ତର୍ଜାତୀୟ ମାତୃଭାଷା ଦିବସ ଅବସରରେ ମାତୃଭାଷାର ସୁରକ୍ଷା ସହିତ ଏକ ସମୃଦ୍ଧ ଶୈକ୍ଷିକ ବାତାବରଣ ଗଢ଼ିତୋଳିବାକୁ 'ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ'ର ପ୍ରୟାସ।**

ଭାଷା ଭିତ୍ତିକ ଶିକ୍ଷାର୍ଥୀ କ୍ଲବ୍ 'ସାହିତ୍ୟ ସୃଜନୀ' ଅଧୀନରେ ୫ ଲକ୍ଷରୁ ଉର୍ଦ୍ଧ୍ୱ ପୁସ୍ତକ ରଚନା।

ଛାତ୍ରଛାତ୍ରୀମାନଙ୍କ ଦ୍ୱାରା ଗିନିଜ୍‌ବୁକ୍ ଅଫ୍ ୱାର୍ଲ୍ଡ ରେକର୍ଡ।

୪୩୦୪୩ ବିଦ୍ୟାଳୟରେ ଗପ ଶୁଣିବା ଓ ଗପ କହିବା କାର୍ଯ୍ୟକ୍ରମ।

୪୭୬୬ ଆଞ୍ଚଳିକ ସାଧନ କେନ୍ଦ୍ରରେ ଆମ ସଂସ୍କୃତି, ଆମ ଖେଳନା କାର୍ଯ୍ୟକ୍ରମ।

'ପ୍ରଥମ ବିଶ୍ୱ ଓଡ଼ିଆ ଭାଷା ସମ୍ମିଳନୀ'ରେ ସରକାରୀ ମାଧ୍ୟମିକ, ଉଚ୍ଚ ମାଧ୍ୟମିକ ଏବଂ ଓଡ଼ିଶା ଆଦର୍ଶ ବିଦ୍ୟାଳୟର ଛାତ୍ରବକ୍ତାଙ୍କୁ ୨୦ ହଜାର ଟଙ୍କା ଲେଖାଏଁ ଆର୍ଥିକ ପୁରସ୍କାର ରାଶି।

OIPR-27068/13/0053/2324

**ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ, ଓଡ଼ିଶା ସରକାର**

# ସକାଳ
THE SAKALA

PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

♦VOLUME- 41 ♦ISSUE-237 ♦BHUBANESWAR ♦WEDNESDAY ♦21 FEBRUARY 2024 ♦PAGE-20 ♦₹ 6.00

♦ବର୍ଷ-୪୧ ♦ସଂଖ୍ୟା-୨୩୭ ♦ଭୁବନେଶ୍ୱର ♦ବୁଧବାର ♦୨୧ ଫେବୃଆରୀ ୨୦୨୪ ♦ପୃଷ୍ଠା-୨୦ ♦ଟ.୬.୦୦


## ପଦକ ବିଜେତା ଓଡ଼ିଆ ହକି ଖେଳାଳିଙ୍କୁ ଆର୍ଥିକ ପୁରସ୍କାର

**ଭୁବନେଶ୍ୱର, ୨୦।୨ (ସମିସ):** ଭାରତୀୟ ଦଳ ପକ୍ଷରୁ ପ୍ରତିନିଧିତ୍ୱ କରି ଅନ୍ତର୍ଜାତୀୟ ପ୍ରତିଯୋଗିତାରେ ପଦକ ସଫଳତା ପାଇଥିବା ଓଡ଼ିଆ ହକି ଖେଳାଳିଙ୍କ ପାଇଁ ରାଜ୍ୟ ସରକାର ଆର୍ଥିକ ପୁରସ୍କାର ଘୋଷଣା କରିଛନ୍ତି। ଏସିଆନ ଚାମ୍ପିଅନ୍ସ ଟ୍ରଫିରେ ସ୍ୱର୍ଣ୍ଣ ପଦକ ଜିତିଥିବା ଅମିତ୍ ରୋହିଦାସ ଓ ଦୀପଗ୍ରେସ୍ ଏକ୍କାଙ୍କୁ ୩ ଲକ୍ଷ ୭୫ ହଜାର ଟଙ୍କା ଲେଖାଏ ନଗଦ ଅର୍ଥରାଶି ପ୍ରଦାନ କରାଯିବ। ସେହିଭଳି ଓମାନରେ ଅନୁଷ୍ଠିତ ଏଫ୍ଆଇଏଚ୍ ହକି ୫-ଏ-ସାଇଡ୍ ବିଶ୍ୱକପ୍‌ର ପ୍ରଥମ ସଂସ୍କରଣରେ ରୌପ୍ୟ ପଦକ ଜିତିଥିବା ଭାରତୀୟ ମହିଳା ଦଳର ସଦସ୍ୟା ମାରିଆନା କୁଜୁର, ଜ୍ୟୋତି ଛତ୍ରୀ ଓ ଅଜମିନା କୁଜୁର ପ୍ରତ୍ୟେକଙ୍କୁ ୧୨ ଲକ୍ଷ ୫୦ ହଜାର ଟଙ୍କାର ଆର୍ଥିକ ପୁରସ୍କାର ରାଶି ଦିଆଯିବ ବୋଲି ଓଡ଼ିଶା ସରକାରଙ୍କ ପକ୍ଷରୁ ମଙ୍ଗଳବାର ଘୋଷଣା କରାଯାଇଛି। ଉଲ୍ଲେଖଯୋଗ୍ୟ, ଗତବର୍ଷ ଚେନ୍ନାଇରେ ପୁରୁଷ ଏସିଆନ ଚାମ୍ପିଅନ୍ସ ଟ୍ରଫି ଆୟୋଜିତ ହୋଇଥିବାବେଳେ ଭାରତ ଫାଇନାଲରେ ଭାରତ ୪-୩ ଗୋଲରେ ମାଲେସିଆକୁ ହରାଇ ୪ର୍ଥ ଥର ଲାଗି ଚାମ୍ପିଅନ ହୋଇଥିଲା। ସେହିଭଳି ଝାଡ଼ଖଣ୍ଡରେ ଖେଳାଯାଇଥିବା ମହିଳା ଏସିଆନ ଚାମ୍ପିଅନ୍ସ ଟ୍ରଫିରେ ଜାପାନକୁ ୪-୦ ଗୋଲରେ ହରାଇ ଭାରତ ୨ୟଥର ଲାଗି ଟ୍ରଫି ଜିତିବାର ସୌଭାଗ୍ୟ ଲାଭ କରିଥିଲା।




# ସକାଳ
THE SAKALA

PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

◆VOLUME- 41 ◆ISSUE-237 ◆BHUBANESWAR ◆WEDNESDAY ◆21 FEBRUARY 2024 ◆PAGE-20 ◆₹ 6.00

◆ବର୍ଷ-୪୧ ◆ସଂଖ୍ୟା-୨୩୭ ◆ଭୁବନେଶ୍ୱର ◆ବୁଧବାର ◆୨୧ ଫେବୃଆରୀ ୨୦୨୪ ◆ପୃଷ୍ଠା-୨୦ ◆ଟ.୬.୦୦


## ରାତି ୧୦ଟାରେ ଉଠିବ ଶ୍ରୀଲିଙ୍ଗରାଜଙ୍କ ମହାଦୀପ

■ **ଭୁବନେଶ୍ୱର, ୨୦।୨ (ସମିସ):** ଆସନ୍ତା ମାର୍ଚ୍ଚ ୮ରେ ମହାଶିବରାତ୍ରି ତଥା ଜାଗରଯାତ୍ରା। ଏଥର ପ୍ରଭୁ ଶ୍ରୀଲିଙ୍ଗରାଜଙ୍କ ମନ୍ଦିରରେ ରାତି ୧୦ଟାରେ ମହାଦୀପ ଉଠିବ। ଆଜି ଅନୁଷ୍ଠିତ ପ୍ରସ୍ତୁତି ବୈଠକରେ ଏହି ନିଷ୍ପତ୍ତି ନିଆଯାଇଛି। ମନ୍ଦିର କାର୍ଯ୍ୟାଳୟର ନିର୍ବାହୀ ଅଧିକାରୀ ରୁଦ୍ର ନାରାୟଣ ମହାନ୍ତିଙ୍କ ସଂଯୋଜନାରେ ଅନୁଷ୍ଠିତ ବୈଠକରେ ଜାଗର ଯାତ୍ରା ନୀତି ନିର୍ଘଣ୍ଟ ସମ୍ପର୍କରେ ଆଲୋଚନା ହୋଇଥିଲା। ନିଷ୍ପତ୍ତି ଅନୁଯାୟୀ, ରାତି ୧୦ଟାରୁ ସାଢ଼େ ୧୦ଟା ଭିତରେ ମହାଦୀପ ଉଠିବ। ଆସନ୍ତା ଟ୍ରଷ୍ଟ ବୋର୍ଡ ବୈଠକରେ ମୋହର ବାଜିଲେ ଏହି ସମୟ ନିର୍ଘଣ୍ଟ କରାଯିବ ବୋଲି ଜଣାପଡ଼ିଛି। ବୈଠକରେ ବ୍ରାହ୍ମଣ, ପୂଜାପଣ୍ଡା ଓ ସମର୍ଥା ନିଯୋଗ ଉପସ୍ଥିତ ଥିଲେ। ପଲଙ୍କିଆ ସେବାୟତ, ଆପଟିଆ ସେବାୟତ, ଚଟେଇତି ସେବାୟତ, ମନ୍ଦିର ଜ୍ୟୋତିଷ ଓ ସୁପରଭାଇଜର ପ୍ରମୁଖ ଉପସ୍ଥିତ ରହି ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ଏ ସମ୍ପର୍କରେ ବ୍ରାହ୍ମଣ ନିଯୋଗ ସମ୍ପାଦକ ବିରଞ୍ଚି ନାରାୟଣ ପତି କହିଛନ୍ତି, ମନ୍ଦିରର ନୀତି ସୁରୁଖୁରରେ ହେବା ସହ ଶ୍ରୀଲିଙ୍ଗରାଜ ଓ କପିଳନାଥଙ୍କ ପରମ୍ପରାରେ ସୁରୁଖୁରରେ କରାଯାଉ ବୋଲି ମନ୍ଦିର ପ୍ରଶାସନ ନିକଟରେ ଦାବି କରାଯାଇଥିଲା। ଏହାସହ ବନ୍ଦ ହୋଇଥିବା ହାଣ୍ଡିଭଙ୍ଗା ଯାତ ଚଳିତବର୍ଷ ବେଶ ଧୁମ୍‌ଧାମ୍ କରିବା ପାଇଁ ନିଯୋଗ ପକ୍ଷରୁ ନିବେଦନ କରାଯାଇଥିଲା। ଏ ସମ୍ପର୍କରେ ଶ୍ରୀ ମହାନ୍ତି କହିଛନ୍ତି ଯେ, ସମୟାନୁସାରେ ସମସ୍ତ ନିତି ନିର୍ଘଣ୍ଟ ସମାପନ କରିବା ପାଇଁ ଆଜି ବୈଠକରେ ଆଲୋଚନା ହୋଇଥିଲା। ରାତି ୩ଟାରୁ ସାଢ଼େ ୩ଟା ଭିତରେ ମଙ୍ଗଳ ଆରତିଠାରୁ ଆରମ୍ଭ କରି ସାହାଣ ମେଲା ଦର୍ଶନ ଓ ମହାଦ୍ୱୀପ ଉଠିବା ପର୍ଯ୍ୟନ୍ତ ସମସ୍ତ ନିତି ସୁରୁଖୁରରେ କରିବା ପାଇଁ ନିଷ୍ପତ୍ତି ନିଆଯାଇଥିଲା।




RNI REGD NO: 42041/83
www.sakalaepaper.com
/sakalanews
/sakalanews
www.thesakala.in

# ସକାଳ
THE SAKALA

PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

♦VOLUME- 41 ♦ISSUE-237 ♦BHUBANESWAR ♦WEDNESDAY ♦21 FEBRUARY 2024 ♦PAGE-20 ♦₹ 6.00

♦ବର୍ଷ-୪୧ ♦ସଂଖ୍ୟା-୨୩୭ ♦ଭୁବନେଶ୍ୱର ♦ବୁଧବାର ♦୨୧ ଫେବୃଆରୀ ୨୦୨୪ ♦ପୃଷ୍ଠା-୨୦ ♦ଟ.୬.୦୦


**ଆଜି ମହାପ୍ରଭୁଙ୍କ ବନକଲାଗି**

## ୩ ଘଣ୍ଟା ବନ୍ଦ ରହିବ ଦର୍ଶନ

**ପୁରୀ, ୨୦।୨(ସମିସ):** ମାଘ ଶୁକ୍ଳ ଦ୍ୱାଦଶୀ ତିଥିରେ ବୁଧବାର ଶ୍ରୀମନ୍ଦିରରେ ମହାପ୍ରଭୁଙ୍କ ବନକଲାଗି ବା ଶ୍ରୀମୁଖ ଶୃଙ୍ଗାର ନୀତି ଅନୁଷ୍ଠିତ ହେବ। ଏଥିପାଇଁ ଦ୍ୱିତୀୟ ଭୋଗମଣ୍ଡପ ଶେଷ ହେବା ପରେ ଆପାତତଃ ସନ୍ଧ୍ୟା ୬ଟାରୁ ରାତି ୯ଟା ପର୍ଯ୍ୟନ୍ତ ସର୍ବସାଧାରଣ ଦର୍ଶନ ବନ୍ଦ ରହିବ ବୋଲି ଶ୍ରୀମନ୍ଦିର ପ୍ରଶାସନ କାର୍ଯ୍ୟାଳୟ ପକ୍ଷରୁ ସୂଚନା ଦିଆଯାଇଛି। ବନକଲାଗି ହେଉଛି ମହାପ୍ରଭୁଙ୍କର ଏକ ଗୁପ୍ତ ନୀତି। ଏହି ନୀତି ପାଇଁ ଜୟ ବିଜୟ ଦ୍ୱାର ବନ୍ଦ ରହିବ। ଦ୍ୱିପ୍ରହର ଧୂପ ସରିବା ପରେ ଦତ୍ତମହାପାତ୍ର ସେବକମାନେ ମହାପ୍ରଭୁଙ୍କ ଶ୍ରୀମୁଖ ଶୃଙ୍ଗାର କରିବେ।ଏଥିପାଇଁ ଦତ୍ତମହାପାତ୍ର ସେବକ ପ୍ରାକୃତିକ ରଙ୍ଗ ପ୍ରସ୍ତୁତ କରିଥାନ୍ତି।






**ସରିଲା 'ନୂଆ ଓଡ଼ିଶା ବିଶ୍ୱ ଅଭିବୃଦ୍ଧି ଓ ନିଯୁକ୍ତି ସମ୍ମିଳନୀ'**

## 'ଆଧୁନିକ ଶିଳ୍ପ ପ୍ରତିଷ୍ଠା ପାଇଁ ଓଡ଼ିଶାରେ ଅପାର ସମ୍ଭାବନା'

**ଭୁବନେଶ୍ୱର, ୨୦।୨(ସମିସ):** କ୍ରମାଗତ ଭାବେ ବିଭିନ୍ନ କ୍ଷେତ୍ରରେ ଅଭିବୃଦ୍ଧି ସହ ରାଜ୍ୟରେ ଆଜି ରୂପାନ୍ତରଣର ଏକ ନୂଆ ଚିତ୍ର ସ୍ପଷ୍ଟ ହୋଇଛି। ରାଜ୍ୟରେ ଆଧୁନିକ ଶିଳ୍ପ ପ୍ରତିଷ୍ଠା ପାଇଁ ନିବେଶକଙ୍କୁ ଆକୃଷ୍ଟ କରିବା ସହ ଦକ୍ଷତା ବିକାଶ କ୍ଷେତ୍ରରେ ଓଡ଼ିଶା ସାରା ଦେଶରେ ଏକ

**ରାଜ୍ୟର ଦ୍ରୁତ ଅଭିବୃଦ୍ଧି ପଛରେ ୭୦ ଲକ୍ଷରୁ ଅଧିକ ମହିଳା ଶକ୍ତିଙ୍କର ହାତ:ସୁଜାତା**

ଆଗଧାଡ଼ିର ରାଜ୍ୟ ଭାବେ ପରିଚୟ ହାସଲ କରିଛି। ଆଧୁନିକ ଶିଳ୍ପ ପ୍ରତିଷ୍ଠା ପାଇଁ ଓଡ଼ିଶାରେ ଅପାର ସମ୍ଭାବନା ରହିଛି। ରାଜ୍ୟ ସରକାରଙ୍କ ଅନୁକୂଳ ଶିଳ୍ପ ନୀତି ଆଜି ଦେଶ ବିଦେଶର ନିବେଶକମାନଙ୍କୁ ବିଶେଷ ଭାବେ ଆକୃଷ୍ଟ କରୁଛି। ରାଜ୍ୟର ଏହି ଅଭିବୃଦ୍ଧି ହାରକୁ ଦୀର୍ଘସ୍ଥାୟୀ କରିବା ସହ ଯୁବପିଢ଼ିଙ୍କୁ ସୁଦକ୍ଷ କରି ଭବିଷ୍ୟତର ମାନବ ସମ୍ବଳ ଆବଶ୍ୟକତା ଲାଗି ପ୍ରସ୍ତୁତ କରିବାକୁ ଭୁବନେଶ୍ୱରରେ ଚାଲିଥିବା ପ୍ରଥମ 'ନୂଆ ଓଡ଼ିଶା ବିଶ୍ୱ ଅଭିବୃଦ୍ଧି ଓ ନିଯୁକ୍ତି ସମ୍ମିଳନୀ'ରେ ବକ୍ତାମାନେ ମତ ପ୍ରକାଶ କରିଛନ୍ତି।

ମଙ୍ଗଳବାର ଉଦଯାପନୀ ଉତ୍ସବ ଅବସରରେ




ଅନୁଷ୍ଠିତ ହୋଇଥିବା ଏହି ଦୁଇଦିନିଆ ସମ୍ମିଳନୀରେ ଯୋଗଦେଇ ଏକ ସାମ୍ବାଦିକ ସମ୍ମିଳନୀ କରାଯାଇଥିଲା। ଏଥିରେ ଦକ୍ଷତା ବିକାଶ ଓ ବୈଷୟିକ ଶିକ୍ଷା ବିଭାଗର ପ୍ରମୁଖ ଶାସନ ସଚିବ ଉଷା ପାଢ଼ୀ ଯୋଗଦେଇ କହିଛନ୍ତି ଯେ, ରାଜ୍ୟ ସରକାରଙ୍କ ଅନୁକୂଳ ଶିଳ୍ପ ନୀତି ଆଜି ଦେଶ ବିଦେଶର ନିବେଶକମାନଙ୍କୁ ବିଶେଷ ଭାବେ ଆକୃଷ୍ଟ କରୁଛି। ପାରମ୍ପରିକ ଶିଳ୍ପ ସହ ଆଇଟି ଏବଂ ଆଇଟିଇଏସ୍, ମାନୁଫାକଚରିଂ, ଲଜିଷ୍ଟିକ୍ ଓ ସପ୍ଲାଏ ଚେନ୍ ତଥା ବିଭିନ୍ନ ସେବା କ୍ଷେତ୍ର ଲାଗି ଓଡ଼ିଶାରେ ବ୍ୟାପକ ସମ୍ଭାବନା ରହିଛି। ଏହି ଦୁଇଦିନିଆ ସମ୍ମିଳନୀରେ ଏହିସବୁ ବିଷୟରେ ଯେଉଁ ବ୍ୟାପକ ଆଲୋଚନା ହେଲା ତାହା ଆମକୁ ଏକ ନୂଆ ମାର୍ଗଦର୍ଶନ ଦେବାରେ ସହାୟକ ହେବ।

ସମ୍ମିଳନୀର ଦ୍ୱିତୀୟ ଦିନରେ 'ମିଶନ ଶକ୍ତି ଓଡ଼ିଶା' ଶୀର୍ଷକରେ ଏକ ବିଶେଷ ଅଧିବେଶନ ହୋଇଥିଲା। ଏଥିରେ ମିଶନ ଶକ୍ତି ବିଭାଗର ସଚିବ ସୁଜାତା କାର୍ତ୍ତିକେୟନ୍ ଯୋଗଦେଇ ରାଜ୍ୟରେ ମହିଳା ସଶକ୍ତିକରଣର ସୁଦୂରପ୍ରସାରୀ ସୁଫଳ ସମ୍ପର୍କରେ କହିଥିଲେ। ରାଜ୍ୟର ଦ୍ରୁତ ଅଭିବୃଦ୍ଧି ପଛରେ ୭୦ ଲକ୍ଷରୁ ଅଧିକ ମହିଳା ଶକ୍ତିଙ୍କର ହାତ ରହିଥିବା ସେ କହିଛନ୍ତି। ଏହାସହ ମଙ୍ଗଳବାର ଦିନ ବିଭିନ୍ନ ବିଷୟରେ ହୋଇଥିବା ବୈଷୟିକ ଅଧିବେଶନରେ ପୂର୍ବତନ ଶିଳ୍ପ ନେତୃତ୍ୱ ତଥା ବିଜେଡିର ରାଷ୍ଟ୍ରୀୟ ମୁଖପାତ୍ର ଡ. ସଂତୃପ୍ତ ମିଶ୍ର ଏବଂ ଶିଳ୍ପ ବିଭାଗର ପ୍ରମୁଖ ଶାସନ ସଚିବ ହେମନ୍ତ ଶର୍ମା ପ୍ରମୁଖ ଯୋଗଦେଇଥିଲେ। ଏହାସହ ମଙ୍ଗଳବାର ବିଭିନ୍ନ ବିଷୟରେ ହୋଇଥିବା ବୈଷୟିକ ଅଧିବେଶନରେ ବିଜେଡିର ରାଷ୍ଟ୍ରୀୟ ମୁଖପାତ୍ର ଡ. ସଂତୃପ୍ତ ମିଶ୍ର ଏବଂ ଶିଳ୍ପ ବିଭାଗର ପ୍ରମୁଖ ଶାସନ ସଚିବ ହେମନ୍ତ ଶର୍ମା ପ୍ରମୁଖ ଯୋଗ ଦେଇଥିଲେ।

ଉଦଯାପନୀ କାର୍ଯ୍ୟକ୍ରମରେ ଓଡ଼ିଶା ଦକ୍ଷତା ବିକାଶ ପ୍ରାଧୀକରଣର ଅଧକ୍ଷା ତଥା ବିଶ୍ୱ ଦକ୍ଷତା କେନ୍ଦ୍ରର ସିଇଓ ଅଳକା ମିଶ୍ର ଏବଂ ବୈଷୟିକ ଶିକ୍ଷା ଓ ତାଲିମ ନିର୍ଦ୍ଦେଶାଳୟର ନିର୍ଦ୍ଦେଶକ ତଥା ଓଡ଼ିଶା ଦକ୍ଷତା ବିକାଶ ପ୍ରାଧୀକରଣର ସିଇଓ ରେଘୁ ଜି ଯୋଗ ଦେଇଥିଲେ।

■ **ସୁଜ୍ଞାନ ଦେଓଙ୍କ ଦ୍ୱାଦଶାହରେ ଯୋଗ ଦେଲେ ୫-ଟି ଅଧକ୍ଷ**

## ଦଳମତ ନିର୍ବିଶେଷରେ ଖଲ୍ଲିକୋଟ ରାଣୀ ସମସ୍ତଙ୍କର ଶ୍ରଦ୍ଧା ଓ ସମ୍ମାନର ଅଧିକାରିଣୀ ଥିଲେ: କାର୍ତ୍ତିକ ପାଣ୍ଡିଆନ



**ଭୁବନେଶ୍ୱର, ୨୦।୨(ସମିସ):** ପୂର୍ବତନ ବିଧାୟିକା ରାଣୀ ସୁଜ୍ଞାନ କୁମାରୀ ଦେଓଙ୍କ ଦ୍ୱାଦଶାହ କାର୍ଯ୍ୟକ୍ରମରେ ଯୋଗଦେଇ '୫-ଟି' ଅଧକ୍ଷ କାର୍ତ୍ତିକ ପାଣ୍ଡିଆନ୍ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଛନ୍ତି। ମଙ୍ଗଳବାର ଖଲ୍ଲିକୋଟ ଆର୍‌ସିଏମ୍ ବିଜ୍ଞାନ କଲେଜରେ ସ୍ୱର୍ଗତ ଦେଓଙ୍କର ଦ୍ୱାଦଶାହ କାର୍ଯ୍ୟକ୍ରମ ଆୟୋଜନ ହୋଇଥିବା ବେଳେ ଏଠାରେ ତାଙ୍କ ପରିବାରବର୍ଗ, ଜ୍ଞାତିକୁଟୁମ୍ବ ଓ ସ୍ଥାନୀୟ ଲୋକମାନଙ୍କୁ '୫-ଟି' ଅଧକ୍ଷ ଭେଟିବା ସହ ରାଣୀଙ୍କ ସ୍ମୃତିଚାରଣ କରିଥିଲେ। ଏହି ଅବସରରେ ଶ୍ରୀ ପାଣ୍ଡିଆନ୍ କହିଥିଲେ ଯେ ସ୍ୱର୍ଗତ ସୁଜ୍ଞାନ ଦେଓ ଗଞ୍ଜାମର ଅପ୍ରତିଦ୍ୱନ୍ଦ୍ୱୀ ରାଜନେତା ଭାବେ ଅନେକ ଦଶକ ଧରି ଏ ଅଞ୍ଚଳର ସେବା କରିଆସିଥିଲେ। ତାଙ୍କର ବ୍ୟକ୍ତିତ୍ୱ ଓ ସେବା ମନୋଭାବ ଯୋଗୁଁ ସେ ସାରା ଓଡ଼ିଶାରେ ଦଳମତ ନିର୍ବିଶେଷରେ ସମସ୍ତଙ୍କର ସମ୍ମାନର ଅଧିକାରିଣୀ ହୋଇଥିଲେ। ସ୍ୱତନ୍ତ୍ର ଓଡ଼ିଶା ଗଠନରେ ଓ ପରବର୍ତ୍ତୀ ଓଡ଼ିଶା ବିକାଶରେ ରାଣୀଙ୍କ ପରିବାରର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି ବୋଲି ମତ ଦେଇ ସେ କହିଥିଲେ ଯେ ରାଜା ବାହାଦୂର ରାମଚନ୍ଦ୍ର ମର୍ଦ୍ଦରାଜ ଦେଓଙ୍କ ବୋହୂ ଭାବେ ସେ ଖଲ୍ଲିକୋଟ ରାଜପରିବାରର ଜଣେ ସୁଯୋଗ୍ୟା ଉତ୍ତରାଧିକାରିଣୀ ଥିଲେ।

■ **ରାଜପଥରେ ଚଳନ୍ତା କାର୍ ଉପରକୁ ଗୁଳିମାଡ଼ ଘଟଣା**

## ୬ ଆନ୍ତଃଜିଲ୍ଲା ଡକାୟତ ଗିରଫ; ୨ ବନ୍ଧୁକ ଜବତ

**ତୁରୁମୁଙ୍ଗା/ପାଟଣା,୨୦।୨ (ସମିସ):** କେନ୍ଦୁଝର ଜିଲ୍ଲା ଦେଇ ଯାଇଥିବା ୪୯ ନମ୍ବର ଜାତୀୟ ରାଜପଥ ଖିରେଇଟାଙ୍ଗିରୀ ଟୋଲଗେଟ୍ ନିକଟରେ ଚଳନ୍ତା କାର୍ ଉପରକୁ ଗୁଳିମାଡ଼ କରି ଲୁଟ୍ ଘଟଣାରେ ତୁରୁମୁଙ୍ଗା ପୁଲିସ୍ ୬ ଡକାୟତଙ୍କୁ ଗିରଫ କରିଛି। ସେମାନେ ହେଲେ, ମୟୂରଭଞ୍ଜ ଜିଲ୍ଲା ବାଦାମପାହାଡ଼ ଥାନା ଟେଣ୍ଟପଶି ଗ୍ରାମର ସେକ୍ ସନ୍‌ୱାଲା, କରଞ୍ଜିଆ ଥାନା ଚଢ଼େଇଭୋଳ ଗ୍ରାମର



ଗୁଲାପ ଅଲ୍ଲୀ, ଟାଉନ ଥାନା ବାଇଗଣପଶି ଗ୍ରାମର ରାୟ ମୁଣ୍ଡା ଓ ଟାଙ୍ଗରପଳସା ଗ୍ରାମର ଦୀପକ କୁମାର ନାଏକ, ସଦର ଥାନା କେନ୍ଦୁଆ ଗ୍ରାମର ପବିତ୍ର ମୁଣ୍ଡା ଓ ସମୀର ମହାରଣା। ସେମାନଙ୍କଠାରୁ ୨ଟି ପିସ୍ତଲ, ୮ଟି ଗୁଳି ସହ ଲୁଟ୍ ସମୟରେ ବ୍ୟବହୃତ ହୋଇଥିବା ୩ବାଇକ୍, ଟାଟା କ୍ୟାମ୍ପର ଗାଡ଼ି, ୫ଟି ମୋବାଇଲ ଓ ୯ଶହ ଟଙ୍କା ଜବତ ହୋଇଛି। ସୂଚନାନୁସାରେ, ଗତ ରବିବାର ଭୋର୍‌ରୁ ମୟୂରଭଞ୍ଜ ଜିଲ୍ଲା ବାଦାମପାହାଡ଼ ଥାନା ସାତପୌଟିଆ ଗ୍ରାମର ଲୁଗା ବ୍ୟବସାୟୀ ଏସ୍‌କେ ଅହମ୍ମଦ ହୁସେନ୍ ତାଙ୍କ ଡ୍ରାଇଭରଙ୍କ ସହ କାର୍‌ରେ ଅନୁଗୁଳ ଜିଲ୍ଲା ପାଲଲହଡ଼ାରୁ ଫେରୁଥିବା ବେଳେ ଖିରେଇଟାଙ୍ଗିରୀ ଟୋଲ୍‌ଗେଟ ନିକଟରେ ଦୁର୍ବୃତ୍ତମାନେ ତାଙ୍କୁ ଆକ୍ରମଣ କରିଥିଲେ। ତାଙ୍କ କାର ଉପରକୁ ଗୁଳିମାଡ଼ କରି ୧୫ ହଜାର ଟଙ୍କା ଲୁଟି ନେଇଥିଲେ। ଏ ସଂପର୍କରେ ଅହମ୍ମଦ ତୁରୁମୁଙ୍ଗା ଅଭିଯୋଗ କରିବା ପରେ ତୁରୁମୁଙ୍ଗା ପୁଲିସ ଏକ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା। କେନ୍ଦୁଝର ଏସ୍‌ପି ନିତିନ୍ କୁଶଲକର ଦାଗୁଡୁଙ୍କ ତତ୍ତ୍ୱାବଧାନରେ ଚମ୍ପୁଆ ଏସ୍‌ଡିପିଓ ରବୀନ୍ଦ୍ର କୁମାର ମଲ୍ଲିକଙ୍କ ନେତୃତ୍ୱରେ ତଦନ୍ତ ଆରମ୍ଭ ହୋଇଥିଲା। ତୁରୁମୁଙ୍ଗା ଥାନା ଅଧିକାରୀ ଧର୍ମେନ୍ଦ୍ର ଶାନ୍ତି, ପାଟଣା ଥାନା ଅଧିକାରୀ ବିବସ୍ୱ ପ୍ରଧାନଙ୍କ ନେତୃତ୍ୱରେ ଏକ ସ୍ୱତନ୍ତ୍ର ଟିମ୍ ଗଠନ କରାଯାଇଥିଲା। ଉକ୍ତ ଟିମ୍ ବିଭିନ୍ନ ସ୍ଥାନରେ ଚଢ଼ଉ କରି ୬ଜଣଙ୍କୁ ଗିରଫ କରିଥିଲା ବୋଲି ଚମ୍ପୁଆ ଏସ୍‌ଡିପିଓ ବିଜୟ କୁମାର ମଲ୍ଲିକ ଆଜି ଏକ ସାମ୍ବାଦିକ ସମ୍ମିଳନୀରେ ସୂଚନା ଦେଇଛନ୍ତି। ଏହି ଗ୍ୟାଙ୍ଗରେ ସଂପୃକ୍ତ ଥିବା ଜଣେ ଫେରାର୍ ଅଭିଯୁକ୍ତକୁ ଖୁବ୍‌ଶୀଘ୍ର ଗିରଫ କରାଯିବ ବୋଲି ସେ କହିଛନ୍ତି।

**'ଆଇଜର ବ୍ରହ୍ମପୁର' ସ୍ଥାୟୀ କ୍ୟାମ୍ପସ ଲୋକାର୍ପିତ**

## ନୂଆ ଭାରତରେ ଆଧୁନିକ ଶିକ୍ଷା ଓ ଗବେଷଣାକୁ ଗୁରୁତ୍ୱ: ପ୍ରଧାନମନ୍ତ୍ରୀ

**ବ୍ରହ୍ମପୁର, ୨୦।୨(ସମିସ):** ରଙ୍ଗେଇଲୁଣ୍ଡା ବ୍ଲକ ଲଉଡ଼ିଗାଁଠାରେ ଭାରତୀୟ ବିଜ୍ଞାନ ଶିକ୍ଷା ଏବଂ ଅନୁସନ୍ଧାନ ସଂସ୍ଥା 'ଆଇଜର' ସ୍ଥାୟୀ କ୍ୟାମ୍ପସକୁ ମଙ୍ଗଳବାର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଆଭାସୀରେ ଲୋକାର୍ପଣ କରିଛନ୍ତି। ଦେଶର ଯୁବ-ଛାତ୍ରଙ୍କ ଉଦ୍ଦେଶ୍ୟରେ ଏହା ସମର୍ପିତ ବୋଲି କହିଛନ୍ତି। ଦେଶର ନୂତନ ଯୁବାବର୍ଗଙ୍କ ପାଇଁ ଏହା ବେଶ ଉପାଦେୟ ହେବ। ଉଚ୍ଚଶିକ୍ଷାର କ୍ଷେତ୍ରରେ ସମ୍ପ୍ରତି ଏହି ଆଧୁନିକ ଅନୁଷ୍ଠାନ ଯୋଡ଼ି ହୋଇଛି। ଏଠାରେ ଆଧୁନିକ ଲାଇବ୍ରେରୀ, କ୍ଲାସରୁମ ଆଦି ବିଭିନ୍ନ କୋଠା ମଧ୍ୟ ଲୋକାର୍ପିତ ହୋଇଛି। ନୂଆ ଭାରତରେ ଆଧୁନିକ ଶିକ୍ଷା କ୍ଷେତ୍ରରେ ଅଧିକା ଗୁରୁତ୍ୱ ଦିଆଯାଉଛି। ବିଗତ ୧୦ ବର୍ଷରେ ରେକର୍ଡ ସଂଖ୍ୟାରେ ବିଶ୍ୱବିଦ୍ୟାଳୟ, ସ୍କୁଲ ଆଦିର ନିର୍ମାଣ ହୋଇପାରିଛି ବୋଲି ପ୍ରଧାନମନ୍ତ୍ରୀ ନିଜ ଅଭିଭାଷଣରେ କହିଥିଲେ।

ଏନେଇ ଆଇଜର ପରିସରରେ ଆୟୋଜିତ କାର୍ଯ୍ୟକ୍ରମରେ ସମ୍ମାନିତ ଅତିଥି ଭାବେ କେନ୍ଦ୍ର ଆଦିବାସୀ ବ୍ୟାପର ଓ ଜଳଶକ୍ତି ମନ୍ତ୍ରୀ ବିଶ୍ୱେଶ୍ୱର ଟୁଡୁ ଯୋଗଦେଇ ଓଡ଼ିଶାରେ ଆଇଜର ଭଳି ବୃହତ୍ ଅନୁଷ୍ଠାନ ଲୋକାର୍ପିତ ହେବା ଖୁସିର ବିଷୟ ବୋଲି କହିଛନ୍ତି। ସାମ୍ପ୍ରତିକ ସ୍ଥିତିରେ




ଯୁବାବର୍ଗଙ୍କ ବିକାଶକୁ ଅଗ୍ରାଧିକାର ଦିଆଯାଉଛି। ସେମାନଙ୍କୁ ସବୁକ୍ଷେତ୍ରରେ ସ୍ୱାବଲମ୍ବୀ କରିବା ଦିଗରେ ସରକାର ପ୍ରାଧାନ୍ୟ ଦେଇ ଆସୁଛନ୍ତି। ନୂଆପିଢ଼ି ନୂତନ ଅନୁସନ୍ଧନାରେ ଆଗେଇ ଯାଉଛନ୍ତି ବୋଲି ସେ କହିଥିଲେ। ସେହିଭଳି ଡିନ୍ (ଇଣ୍ଟରନ୍ୟାସନାଲ ଏଫାୟାର୍ସ) ଜୟଦୀପ ମୁଖୋପାଧ୍ୟାୟ ସ୍ୱାଗତ ଭାଷଣ ଦେଇ ଯୁବାବର୍ଗଙ୍କ ଲକ୍ଷ୍ୟ ସାଧନ କ୍ଷେତ୍ରରେ ଆଇଜର୍ ବଡ଼ ଭୂମିକା ଗ୍ରହଣ କରିବ ବୋଲି କହିଥିଲେ। ଆଇଜର୍‌ର ନିର୍ଦ୍ଦେଶକ ଆଶୋକ କୁମାର ଗାଙ୍ଗୁଲି ଏହାର ନିର୍ମାଣର ଇତିହାସ ସମ୍ପର୍କରେ ଆଲୋକପାତ କରିଥିଲେ। ସୁଗନ୍ଧିତ



କିଆଫୁଲ, ମତ୍ସ୍ୟଜୀବୀ ଆଦିର ପ୍ରାଚୁର୍ଯ୍ୟ ଥିବା ଗଞ୍ଜାମ ବାସ୍ତବରେ ବିବିଧତା ମଧ୍ୟରେ ଥିବା ଏକତାକୁ ପ୍ରତିପାଦିତ କରୁଛି ବୋଲି ସେ କହିଥିଲେ। ଶେଷରେ ଆଇଜର୍ ରେଜିଷ୍ଟ୍ରାର୍ ପ୍ରଦୀପ କୁମାର ରୟ ଧନ୍ୟବାଦ ଦେଇଥିଲେ।

ସୂଚନାଯୋଗ୍ୟ ଯେ ସମ୍ପ୍ରତି ବିଭିନ୍ନ ବିଭାଗ ଓ ଶ୍ରେଣୀରେ ଆଇଜର୍‌ରେ ୯୩୨ଜଣ ଛାତ୍ରଛାତ୍ରୀ ଅଧ୍ୟୟନ ଓ ଗବେଷଣା କରୁଛନ୍ତି। ୮୭ଜଣ ବରିଷ୍ଠ ଓ କନିଷ୍ଠ ଷ୍ଟାଫ ମଧ୍ୟ ରହିଛନ୍ତି। ଏଯାବତ୍ ଏଠାରୁ ତିନୋଟି ବ୍ୟାଚ୍ କୃତକାର୍ଯ୍ୟ ହୋଇ ଆଗକୁ ବଢ଼ିଛନ୍ତି। ୨୦୦.୪୩୫ ଏକର ପରିମିତ ସ୍ଥାନରେ ନିର୍ମିତ ଆଇଜର ୨୦୧୬ରେ ନିର୍ମାଣ କାର୍ଯ୍ୟ ଆରମ୍ଭ ହୋଇଥିଲା। ସମ୍ପ୍ରତି ୧୫ଟି କୋଠାର କାର୍ଯ୍ୟ ଶେଷ ହୋଇଛି। ବଳକା କୋଠା କାର୍ଯ୍ୟ ଆଗାମୀ ୬ ମାସ ମଧ୍ୟରେ ଶେଷ କରିବାକୁ ଲକ୍ଷ୍ୟ ରଖାଯାଇଛି ବୋଲି ଏଠାରେ କୁହାଯାଇଛି। ସେହିଭଳି ୭୭୩.୭୬କୋଟି ଟଙ୍କା ଅନୁଦାନ ମଧ୍ୟରୁ ବର୍ତ୍ତମାନ ୧୫ଟି ନୂତନ କୋଠାକୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଲୋକାର୍ପଣ କରିଛନ୍ତି। ଅନ୍ୟମାନଙ୍କ ମଧ୍ୟରେ ଗଞ୍ଜାମ ଜିଲ୍ଲାପାଳ ଦିବ୍ୟଜ୍ୟୋତି ପରିଡ଼ା, ବ୍ରହ୍ମପୁର ଏସପି ଡାଃ ସର୍ବଣା ବିବେକ ଏମଙ୍କ ସମେତ ବହୁ ବୁଦ୍ଧିଜୀବୀ ଓ ଛାତ୍ରଛାତ୍ରୀ ଉପସ୍ଥିତ ଥିଲେ।




ସକାଳ
THE SAKALA
PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

- RNI REGD NO: 42041/83
- www.sakalaepaper.com
- /sakalanews
- /sakalanews
- www.thesakala.in

◆VOLUME- 41 ◆ISSUE-237 ◆BHUBANESWAR ◆WEDNESDAY ◆21 FEBRUARY 2024 ◆PAGE-20 ◆₹ 6.00

◆ବର୍ଷ-୪୧ ◆ସଂଖ୍ୟା-୨୩୭ ◆ଭୁବନେଶ୍ୱର ◆ବୁଧବାର ◆୨୧ ଫେବୃଆରୀ ୨୦୨୪ ◆ପୃଷ୍ଠା-୨୦ ◆ଟ.୬.୦୦

## ବୁମ୍‌ରାଙ୍କୁ ବିଶ୍ରାମ; ମୁକେଶ ସାମିଲ

**ରାଞ୍ଚି, ୨୦।୨ (ଏଜେନ୍ସି):** ଇଂଲଣ୍ଡ ବିପକ୍ଷରେ ଶୁକ୍ରବାରଠାରୁ ରାଞ୍ଚିରେ ଆରମ୍ଭ ହେବାକୁ ଥିବା ୪ର୍ଥ ଟେଷ୍ଟ ଲାଗି ମଙ୍ଗଳବାର ଭାରତୀୟ ଦଳ ଘୋଷଣା କରାଯାଇଛି। ଏହି ମ୍ୟାଚ୍ ଲାଗି ଅଭିଜ୍ଞ ଦ୍ରୁତ ବୋଲର ଯଶପ୍ରୀତ୍ ବୁମ୍‌ରାଙ୍କୁ ଭାରତୀୟ ଦଳରୁ ରିଲିଜ୍ କରାଯାଇଛି। ଅତ୍ୟଧିକ କ୍ରିକେଟ୍ ତଥା କାର୍ଯ୍ୟଭାର କାରଣରୁ ୩୦ ବର୍ଷୀୟ ବୁମ୍‌ରାଙ୍କୁ ୪ର୍ଥ ଟେଷ୍ଟରୁ ବିଶ୍ରାମ ଦିଆଯାଇଛି ବୋଲି ଭାରତୀୟ କ୍ରିକେଟ୍ କଣ୍ଟ୍ରୋଲ ବୋର୍ଡ (ବିସିସିଆଇ) ପକ୍ଷରୁ ଜାରି ବିବୃତିରେ କୁହାଯାଇଛି। ତାଙ୍କ ସ୍ଥାନରେ ବେଙ୍ଗଲ ଦ୍ରୁତ ବୋଲର ମୁକେଶ କୁମାରଙ୍କୁ ଦଳରେ ସାମିଲ କରାଯାଇଛି। ମୁକେଶ ରାଜକୋଟରେ ଖେଳାଯାଇଥିବା ୩ୟ ଟେଷ୍ଟରୁ ବାଦ୍ ପଡ଼ିଥିଲେ। ଏବେ ସେ ରାଞ୍ଚିରେ ଦଳ ସହ ଯୋଗଦେବେ ବୋଲି ଜଣାପଡ଼ିଛି। ବୁମ୍‌ରା ବର୍ତ୍ତମାନ ସୁଦ୍ଧା ଚଳିତ ସିରିଜରେ ୧୭ଟି ୱିକେଟ୍ ନେଇ ଦଳକୁ ୨-୧ରେ ଅଗ୍ରଣୀ ଦେବାରେ ପ୍ରମୁଖ ଭୂମିକା ଗ୍ରହଣ କରିଛନ୍ତି। ତାଙ୍କୁ ବିଶ୍ରାମ ଦେବା ଲକ୍ଷ୍ୟରେ ବିସିସିଆଇ ଏହି ନିଷ୍ପତ୍ତି ନେଇଛି। ଅପରପକ୍ଷରେ ଅନ୍‌ଫିଟ୍ କାରଣରୁ ୱିକେଟ୍‌ରକ୍ଷକ ଲୋକେଶ ରାହୁଲ ୪ର୍ଥ ଟେଷ୍ଟରେ ମଧ୍ୟ ଖେଳିପାରିବେ ନାହିଁ।

■ ଫସଲ ବୀମା ସମ୍ପର୍କିତ ରାଜ୍ୟସ୍ତରୀୟ ସମନ୍ୱୟ କମିଟି ବୈଠକ

## ବୀମା ଦାବିର ଶୀଘ୍ର ସମାଧାନ ଉପରେ ଗୁରୁତ୍ୱ

**ଭୁବନେଶ୍ୱର,୨୦।୨(ସମିସ):** ଫସଲ ବୀମା ଯୋଜନାର କାର୍ଯ୍ୟକାରିତା ପାଇଁ ୬୨ତମ ରାଜ୍ୟସ୍ତରୀୟ ସମନ୍ୱୟ କମିଟି ବୈଠକ (ଏସଏଲସିସିଆଇ) ଆଜି ଲୋକସେବା ଭବନରେ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଶାସନ ସଚିବ ପ୍ରଦୀପ କୁମାର ଜେନାଙ୍କ ଅଧ୍ୟକ୍ଷତାରେ ଏହି ବୈଠକ ଅନୁଷ୍ଠିତ ହୋଇଥିଲା। ଏହି ଅବସରରେ ଶ୍ରୀ ଜେନା ଫସଲ ବୀମା ଯୋଜନାକୁ ସୁଚାରୁରୂପେ କାର୍ଯ୍ୟକାରୀ କରିବା ଏବଂ ଖରିଫ୍ ୨୦୨୩ ଓ ରବି ୨୦୨୩-୨୪ରେ ଏହି ଯୋଜନାରେ ଫସଲ ବୀମାରେ ଅନ୍ତର୍ଭୁକ୍ତ କ୍ଷେତ୍ରରେ ଯଥେଷ୍ଟ ଅଭିବୃଦ୍ଧି ପାଇଁ ସମବାୟ ଓ କୃଷି ବିଭାଗର ପ୍ରୟାସକୁ ପ୍ରଶଂସା କରିଛନ୍ତି। ଏହାସହ ବୀମା କମ୍ପାନୀଗୁଡ଼ିକ ଦ୍ୱାରା କୃଷକଙ୍କର ଥିବା ସମସ୍ତ ଦାବିର ଶୀଘ୍ର ସମାଧାନ କରିବା ଉପରେ ସେ ଗୁରୁତ୍ୱାରୋପ କରିଥିବା ଜଣାପଡ଼ିଛି। ବୈଠକରେ ପ୍ରଧାନମନ୍ତ୍ରୀ ଫସଲ ବୀମା ଯୋଜନାର କାର୍ଯ୍ୟକାରିତା ସମ୍ପର୍କରେ ବିଶଦ୍ ଭାବେ ଆଲୋଚନା କରାଯାଇଥିଲା।

ଉଲ୍ଲେଖଯୋଗ୍ୟ ଯେ ରାଜ୍ୟ ସରକାର ଏହି ଯୋଜନାରେ ଖରିଫ୍-୨୦୨୩ରୁ ଚାଷୀଙ୍କୁ ୨ ହେକ୍ଟର ପର୍ଯ୍ୟନ୍ତ ଜମି ପାଇଁ ବିନା ପ୍ରିମିୟମ ଦେୟରେ ସେମାନଙ୍କର ନାମ ପଞ୍ଜୀକରଣ କରିଛନ୍ତି। ରାଜ୍ୟ ସରକାର ନିଜ ସମ୍ବଳରୁ ଏଥିପାଇଁ ଅତିରିକ୍ତ ଆର୍ଥିକ ବୋଝ ବହନ କରୁଛନ୍ତି। ଫସଲ ଅମଳ ଆକଳନ ଏବଂ ଫସଲ କାଟିବା ପରୀକ୍ଷଣ (ସିସିଇ)ରେ ଟେକ୍ନୋଲୋଜିର ବ୍ୟବହାରକୁ କମିଟି ପ୍ରଶଂସା କରିଛି। ଏହା ଦ୍ୱାରା ବୀମା କମ୍ପାନୀଗୁଡିକ ଦ୍ୱାରା ଉଠାଯାଉଥିବା ବିବାଦ ସଂଖ୍ୟା ଯଥେଷ୍ଟ ହ୍ରାସ ହୋଇପାରିଛି। ଏହି ଯୋଜନାକୁ ସୁରୁଖୁରୁରେ କାର୍ଯ୍ୟକାରୀ କରିବା ପାଇଁ ଜିଲ୍ଲା ପ୍ରଶାସନ ଓ ବିଭାଗ ପକ୍ଷରୁ ଦିଆଯାଉଥିବା ସହଯୋଗକୁ ବୀମା କମ୍ପାନୀର ପ୍ରତିନିଧିମାନେ ସନ୍ତୋଷ ବ୍ୟକ୍ତ କରିଥିଲେ। ଏହି ଯୋଜନା ଅଧୀନରେ ପ୍ରସ୍ତାବିତ ଅନ୍ୟ ୪ଟି ମଡେଲ ଉପରେ ପାଇଲଟ୍ ଅଧ୍ୟୟନ କରିବାକୁ କମିଟି ନିଷ୍ପତ୍ତି ନେଇଛି। ଏ ସମ୍ପର୍କରେ ଆସନ୍ତା ଖରିଫ୍ ଋତୁରେ ସମବାୟ ବିଭାଗ ପକ୍ଷରୁ ବିଜ୍ଞପ୍ତି ଜାରି କରିବାକୁ କମିଟି ଅନୁମୋଦନ କରିଛି। ଏହି ଉଚ୍ଚସ୍ତରୀୟ ବୈଠକରେ ଅନ୍ୟମାନଙ୍କ ମଧ୍ୟରେ ରାଜ୍ୟ ସରକାରଙ୍କ କୃଷି ଓ କୃଷକ ସଶକ୍ତିକରଣ ବିଭାଗର ପ୍ରମୁଖ ଶାସନ ସଚିବ, ସମବାୟ ବିଭାଗର କମିଶନର-ତଥା ଶାସନ ସଚିବ, କୃଷି ଓ ଖାଦ୍ୟ ଉତ୍ପାଦନ ନିର୍ଦ୍ଦେଶକ, ସମବାୟ ସମିତି (ଓଡ଼ିଶା)ର ରେଜିଷ୍ଟ୍ରାର, ଉଦ୍ୟାନ କୃଷି ନିର୍ଦ୍ଦେଶକ, ଅର୍ଥ ଓ ପରିସଂଖ୍ୟାନ ନିର୍ଦ୍ଦେଶକ, ଓଏସସିବି, ଓଆରଏସଏସି, ଆଇଏମଡି, ଏସଏଲବିସି ଏବଂ ବିଭିନ୍ନ ବୀମା କମ୍ପାନୀର ପ୍ରତିନିଧିମାନେ ଯୋଗ ଦେଇଥିଲେ।




ରାଜ୍ୟସଭାକୁ ନିର୍ଦ୍ୱନ୍ଦ୍ୱରେ ନିର୍ବାଚିତ ହେବା ପରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ (ବାମ) ଓ '୫-ଟି' ଅଧ୍ୟକ୍ଷ କାର୍ତ୍ତିକ ପାଣ୍ଡିଆନ୍‌ଙ୍କୁ ଭେଟୁଛନ୍ତି ସାଂସଦ ଦେବାଶିଷ ସାମନ୍ତରାୟ ଓ ଶୁଭାଶିଷ ଖୁଣ୍ଟିଆ

## ଇଡିରେ ପୁଣି ହାଜର ହେଲେ ଅର୍ଚ୍ଚନା

**ଭୁବନେଶ୍ୱର, ୨୦।୨(ସମିସ):** ପୁଣି ଇଡିରେ ହାଜର ହେଲେ ଅର୍ଚ୍ଚନା ନାଗ ଓ ଜଗବନ୍ଧୁ ଚାନ୍ଦ। ପ୍ରାୟ ଏକ ଘଣ୍ଟା ଧରି ଅର୍ଚ୍ଚନା ଓ ଜଗବନ୍ଧୁଙ୍କୁ ଜେରା କରିଛି ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ। ଏକ ଘଣ୍ଟା ଧରି ଇଡିର ତଦନ୍ତ ଅଧିକାରୀ ପଚରାଉଚରା କରିଥିଲେ। ଇଡି କାର୍ଯ୍ୟାଳୟରୁ ବାହାରିବା ପରେ ପ୍ରତିକ୍ରିୟା ରଖିଥିଲେ ଅର୍ଚ୍ଚନା। କହିଥିଲେ, ପୁରୁଣା ମାମଲାକୁ ନେଇ ଇଡି ଡକାଇଥିଲା।

## ଧୀରେନ୍ ସାହୁ କେନ୍ଦ୍ରାପଡ଼ା ବିଜେଡି ସଭାପତି

**ଭୁବନେଶ୍ୱର, ୨୦।୨(ସମିସ):** ଧୀରେନ୍ ସାହୁ ବିଜେଡିର କେନ୍ଦ୍ରାପଡ଼ା ଜିଲ୍ଲା ସଭାପତି ନିଯୁକ୍ତି ପାଇଛନ୍ତି। ବିଜେଡି ସଭାପତି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଶ୍ରୀ ସାହୁଙ୍କୁ ଏହି ଦାୟିତ୍ୱ ପ୍ରଦାନ କରିଛନ୍ତି। ଅପରପକ୍ଷେ ଦଳ ବିରୋଧୀ କାର୍ଯ୍ୟରେ ଲିପ୍ତ ଥିବା ହେତୁ ମହାକାଳପଡ଼ାର ଚିତ୍ତରଞ୍ଜନ ଦାସଙ୍କୁ ବିଜେଡିରୁ ନିଲମ୍ବନ କରାଯାଇଛି ବୋଲି ବିଜେଡି ସଂଗଠନ ସମ୍ପାଦକ ପ୍ରଣବ ପ୍ରକାଶ ଦାସ ଦୁଇଟି ପ୍ରେସ୍ ବିଜ୍ଞପ୍ତିରେ ଜଣାଇଛନ୍ତି।

## ଖୋଲିଲା ରାଜ୍ୟସ୍ତରୀୟ ଜଳ ଗୁଣବତ୍ତା ନିଶ୍ଚିତକରଣ ସେଲ୍

**ଭୁବନେଶ୍ୱର, ୨୦।୨ (ସମିସ):** ରାଜ୍ୟବାସୀଙ୍କୁ ଯୋଗାଇ ଦିଆଯାଉଥିବା ପାନୀୟ ଜଳର ଗୁଣବତ୍ତାକୁ ରାଜ୍ୟ ସରକାର ଗୁରୁତ୍ୱ ଦେଉଛନ୍ତି। ଏଥିପାଇଁ ରାଜ୍ୟ ଗୃହ ନିର୍ମାଣ ଓ ନଗର ଉନ୍ନୟନ ବିଭାଗ ପକ୍ଷରୁ ଏକ ରାଜ୍ୟସ୍ତରୀୟ ଜଳ ଗୁଣବତ୍ତା ନିଶ୍ଚିତକରଣ ସେଲ ଖୋଲାଯାଇଛି। ଗୃହ ଓ ନଗର ଉନ୍ନୟନ ବିଭାଗ ଅତିରିକ୍ତ ମୁଖ୍ୟ ଶାସନ ସଚିବ ଜି. ମାଥିଭାଥନନ୍ ଏହି ସେଲର ଉଦ୍‌ଘାଟନ କରଥିବା ବେଳେ ଏହା ଉନ୍ନତ ଜଳ ଗୁଣବତ୍ତା ମନିଟରିଂ ଏବଂ ନିରୀକ୍ଷଣକୁ ସୁଗମ କରିବବା ସହ ରାଜ୍ୟର ସମସ୍ତ ସହରରେ ଜଳ ଉତ୍ସଠୁ ଗ୍ରାହକଙ୍କ ଘର ପର୍ଯ୍ୟନ୍ତ ବିଶୁଦ୍ଧ ପାନୀୟ ଜଳ ଯୋଗାଣ ବ୍ୟବସ୍ଥାକୁ ସୁନିଶ୍ଚିନ୍ତ କରିବ ବୋଲି ସେ କହିଛନ୍ତି।

ଏହି ସେଲର ମୁଖ୍ୟ ଉପଦେଷ୍ଟା ଭାବେ ଅବସରପ୍ରାପ୍ତ ଆଇଏଫଏସ୍ ତଥା ଓଡ଼ିଶାର ପୂର୍ବତନ ପ୍ରଧାନ ମୁଖ୍ୟ ବନ ସଂରକ୍ଷକ ଇଂ ଶିଶିର କୁମାର ରଥଙ୍କୁ ଏହି ସେଲ୍‌ର ନେତୃତ୍ୱ ଦିଆଯାଇଛି। ଆବଶ୍ୟକତା ଅନୁଯାୟୀ, ଜଳ ଗୁଣବତ୍ତା ସୁନିଶ୍ଚିତ ସେଲ୍‌କୁ ବୈଷୟିକ ପରାମର୍ଶ ଯୋଗାଇବା ପାଇଁ ଆଇଆଇଟି ମାଡ୍ରାସ ସହ ଏକ ଏମ୍‌ଓୟୁ ସ୍ୱାକ୍ଷରିତ ହୋଇଛି। ସେଲ୍ ଉଦ୍‌ଘାଟନୀ ସମାରୋହରେ ସମାବେଶକୁ ସମ୍ବୋଧିତ କରି ଅତିରିକ୍ତ ମୁଖ୍ୟ ଶାସନ ସଚିବ ଶ୍ରୀ ମାଥିଭାଥନନ୍ କହିଛନ୍ତି, ଡ୍ରିଙ୍କ୍ ଫ୍ରମ୍ ଟ୍ୟାପ୍ ମିଶନରେ ସଫଳତାର ସହିତ ୨୪ଘଣ୍ଟିଆ ସହରାଞ୍ଚଳ ପାନୀୟ ଜଳ ଯୋଗାଣରେ ଓଡ଼ିଶା ସାରା ପୃଥିବୀରେ ଏକ ଜୀବନ୍ତ ଉଦାହରଣ ପାଲଟିଛି। ସହରର ପ୍ରତ୍ୟେକ ପରିବାରକୁ ନିରନ୍ତର ନିରାପଦ ଜଳ ଯୋଗାଣ ବ୍ୟବସ୍ଥା ନିଶ୍ଚିନ୍ତ କରିବା ପାଇଁ ଓ ଗ୍ରାହକଙ୍କ ଆତ୍ମବିଶ୍ୱାସ ବୃଦ୍ଧି ନିମନ୍ତେ ପାଣିର ଗୁଣବତ୍ତା ସୁନିଶ୍ଚିତ କରିବାକୁ ଗୁରୁତ୍ୱ ଦିଆଯାଉଛି ବୋଲି ସେ କହିଛନ୍ତି।

ବର୍ତ୍ତମାନ ପର୍ଯ୍ୟନ୍ତ ଗୋଟିଏ ରାଜ୍ୟ ସ୍ତରୀୟ ଜଳ ପରୀକ୍ଷାଗାର ସହିତ ଆଠଟି ଆଞ୍ଚଳିକ ଜଳ ପରୀକ୍ଷାଗାର, ଡ୍ରିଙ୍କ୍ ଫ୍ରମ ଟ୍ୟାପ୍ ସହରଗୁଡ଼ିକରେ ଜଳର ଗୁଣବତ୍ତା ପରୀକ୍ଷଣ ପାଇଁ ଲ୍ୟାବ୍ ଅନ୍ ହ୍ୱିଲ୍ ରହିଛି। ଏହାସହ ଗୋଷ୍ଠୀ ସହିଭାଗିତାରେ ୱାଟକୋ ଓ ପିଏଚ୍‌ଇଓରେ କାର୍ଯ୍ୟରତ ଜଳସାଥି ସମସ୍ତ ସହରରେ ଗ୍ରାହକଙ୍କ ଟ୍ୟାପରୁ ଜଳ ପରୀକ୍ଷା କରିବାରେ ପ୍ରମୁଖ ଭୂମିକା ଗ୍ରହଣ କରିଛନ୍ତି। ନିୟମିତ ଭାବରେ ୱାଟକୋ ଏବଂ ପିଏଚଇଓର ଜଳର ଗୁଣବତ୍ତା ମନିଟରିଂ କରିବା ସହ ଏହି କାର୍ଯ୍ୟକୁ ବ୍ୟାପକ ଭାବରେ ସମୀକ୍ଷା ଏବଂ ତଦାରଖ କରିବା, ଜଳ ଗୁଣବତ୍ତା ମନିଟରିଂ ଢାଞ୍ଚା ଏବଂ ମୋଡାଲିଟିରେ ଉନ୍ନତି ପାଇଁ ସୁପାରିଶ କରିବା ସହ ଏହାର କାର୍ଯ୍ୟକାରିତାକୁ ସୁନିଶ୍ଚିତ କରିବା, ଜଳ ଗୁଣବତ୍ତା ମନିଟରିଂ ପାଇଁ ମାନକ କାର୍ଯ୍ୟପ୍ରଣାଳୀର ବିକାଶ, ଜଳର ଗୁଣବତ୍ତା ସମ୍ବନ୍ଧିତ ଘଟଣାକୁ ସମୀକ୍ଷା କରିବା ଏବଂ ତଦନୁଯାୟୀ ପଦକ୍ଷେପ ଗ୍ରହଣ କରିବା ଏହି ସେଲ୍‌ର ମୁଖ୍ୟ କାର୍ଯ୍ୟ ରହିବ ବୋଲି ବିଭାଗ ପକ୍ଷରୁ କୁହାଯାଇଛି।

## ଆନ୍ଦୋଳନରୁ ଓହରିଲା ସଚିବାଳୟ ସେବା ସଂଘ

**ଭୁବନେଶ୍ୱର, ୨୦।୨(ସମିସ):** କେନ୍ଦ୍ର ସଚିବାଳୟ ବେତନ ହାରରେ ଦରମା ଦାବି ନେଇ ଆନ୍ଦୋଳନ ଚଳାଇଥିବା ରାଜ୍ୟ ସଚିବାଳୟ ସେବା ସଂଘର ସଦସ୍ୟମାନେ ଆଜି ଆନ୍ଦୋଳନରୁ ଓହରି ଯାଇଛନ୍ତି। ରାଜ୍ୟର ବୃହତ୍ତର ସ୍ୱାର୍ଥ ଦୃଷ୍ଟିରୁ ଏବଂ ମୁଖ୍ୟମନ୍ତ୍ରୀଙ୍କ ଉପରେ ଆସ୍ଥା ରଖି ସଂଘ ପକ୍ଷରୁ ଆନ୍ଦୋଳନ ପ୍ରତ୍ୟାହାର କରାଯାଉଛି ବୋଲି ଏହାର ସଭାପତି ପ୍ରଯତ୍ନ ବରାଳ ଜଣାଇଛନ୍ତି। ସରକାରଙ୍କ ସହ ଶୀଘ୍ର ଆଲୋଚନା ପାଇଁ ପ୍ରତିଶ୍ରୁତି ମିଳିଛି ବୋଲି ସେ ଜଣାଇଛନ୍ତି। ସୂଚନାଯୋଗ୍ୟ ଯେ ସଂଘର କର୍ମକର୍ତ୍ତା ଓ ସଦସ୍ୟମାନେ ଗତ ସାତ ଦିନ ଧରି ଆଲୋଚନା ଚଳାଇଥିଲେ। ତେବେ ସରକାରୀ କାର୍ଯ୍ୟ ଗୁରୁତର ବାଧାପ୍ରାପ୍ତ ହେଉଥିବାରୁ ଆଜି ଗୃହ ବିଭାଗ ପକ୍ଷରୁ ସମସ୍ତ ବିଭାଗର ଅତିରିକ୍ତ ମୁଖ୍ୟ ସଚିବ, ପ୍ରମୁଖ ସଚିବ ଏବଂ ଶାସନ ସଚିବମାନଙ୍କୁ ପତ୍ର ଲେଖି ଆନ୍ଦୋଳନ କର୍ମଚାରୀଙ୍କ ଉପରେ କାର୍ଯ୍ୟାନୁଷ୍ଠାନ ପାଇଁ ସୁପାରିଶ କରାଯାଇଥିଲା।



# ସକାଳ
THE SAKALA

RNI REGD NO: 42041/83
www.sakalaepaper.com
/sakalanews
/sakalanews
www.thesakala.in

PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

◆VOLUME- 41 ◆ISSUE-237 ◆BHUBANESWAR ◆WEDNESDAY ◆21 FEBRUARY 2024 ◆PAGE-20 ◆₹ 6.00

◆ବର୍ଷ-୪୧ ◆ସଂଖ୍ୟା-୨୩୭ ◆ଭୁବନେଶ୍ୱର ◆ବୁଧବାର ◆୨୧ ଫେବୃଆରୀ ୨୦୨୪ ◆ପୃଷ୍ଠା-20 ◆ଟ.୬.୦୦


## ଭାରତର ଦୀର୍ଘତମ ସୁଡ଼ଙ୍ଗ ଉଦ୍‌ଘାଟିତ

**ଶ୍ରୀନଗର, ୨୦।୨ (ଏଜେନ୍ସି):** ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ମଙ୍ଗଳବାର ଦେଶ ଦୀର୍ଘତମ ସୁଡ଼ଙ୍ଗ 'ଉଧମପୁର-ଶ୍ରୀନଗର-ବାରାମୂଳା ରେଳ ଲିଙ୍କ (ୟୁଏସବିଆରଏଲ)'କୁ ଉଦ୍‌ଘାଟନ କରିଛନ୍ତି। ଏହାର ଲମ୍ବ ୧୨.୭୭ କିମି ରହିଛି। ଏହାର ନାମ ଟି-୫୦ ଦିଆଯାଇଛି। ଏହି ସୁଡ଼ଙ୍ଗ ଖାରି-ସୁମ୍ବେର ସେକ୍ସନ ମଧ୍ୟରେ ପଡୁଛି। ଏହା ସହିତ କାଶ୍ମୀର ପ୍ରଥମ ଇଲେକ୍‌ଟ୍ରି ଚାଳିତ ଟ୍ରେନ୍‌କୁ ମୋଦୀ ସବୁଜ ସଙ୍କେତ ଦେଖାଇଛନ୍ତି। ଏହି ଟ୍ରେନ୍ ଶ୍ରୀନଗରରୁ ସାଙ୍ଗଲାଦନ ମଧ୍ୟରେ ଗତି କରିବ। ପ୍ରଥମେ ଶହେ ଛାତ୍ରଛାତ୍ରୀ ଏବଂ ଶିକ୍ଷକ ଏହି ଟ୍ରେନ୍‌ରେ ଯାତ୍ରା କରିଛନ୍ତି। ପ୍ରଧାନମନ୍ତ୍ରୀ ଏହି ଜମ୍ମୁ ଗସ୍ତରେ ଅଖିଳଭାରତୀୟ ଆୟୁର୍ବିଜ୍ଞାନ ପ୍ରତିଷ୍ଠାନ (ଏମ୍ସ) ଏବଂ ଆଇଆଇଏମ ମଧ୍ୟ ଉଦ୍‌ଘାଟନ କରିଛନ୍ତି। ସେ ପ୍ରାୟ ୩୨ ହଜାର କୋଟିର ପ୍ରକଳ୍ପ ଲୋକାର୍ପଣ ଏବଂ ଶିଳାନ୍ୟାସ କରିଛନ୍ତି।

**ଛତିଶା ନିଯୋଗ ବୈଠକ**

# ୨୩ରୁ ନାଟମଣ୍ଡପ ବିମ୍ ମରାମତି

■ ଅପରାହ୍ଣ ୧ଟାରୁ ସନ୍ଧ୍ୟା ୭ଟା ଯାଏ କାମ କରିବ ଏଏସ୍‌ଆଇ
■ ମାର୍ଚ୍ଚ ୧୯ ସୁଦ୍ଧା କାମ ସାରିବାକୁ ଲକ୍ଷ୍ୟ
■ ସ୍ୱତନ୍ତ୍ର ନୀତି ନିର୍ଘଣ୍ଟ, ରାତି ୨ରୁ ଫିଟିବ ଦ୍ୱାର
■ ଭକ୍ତଙ୍କ ଦର୍ଶନରେ କୌଣସି ପ୍ରକାର ସମସ୍ୟା ହେବନି

**ପୁରୀ, ୨୦।୨ (ସମିସ):** ଗରୁଡ଼ ସ୍ତମ୍ଭ ଉପର ମୁଖ୍ୟ ବିମ୍‌ରେ ହୋଇଥିବା ଫାଟ ମରାମତି ହେବ। ଏହାକୁ ସପୋର୍ଟ ଦିଆଯିବ। ତଳୁ ୪ଟି ଷ୍ଟେନଲେସ୍ ଷ୍ଟିଲ ବିମ୍ ଲଗାଯିବ। ତେବେ ଏହି ମରାମତି ସମୟରେ କେମିତି ରହିବ ଦର୍ଶନ ବ୍ୟବସ୍ଥା, ସେ ନେଇ ମଙ୍ଗଳବାର ନୀଳାଦ୍ରି ଭକ୍ତନିବାସରେ ଛତିଶା ନିଯୋଗ ବୈଠକ ଅନୁଷ୍ଠିତ ହୋଇଥିଲା। ମୁଖ୍ୟ ପ୍ରଶାସକ ସମର୍ଥ ବର୍ମାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ବିସ୍ତୃତ ଭାବେ ଆଲୋଚନା ପରେ ଆସନ୍ତା ୨୩ ତାରିଖରୁ କାମ ଆରମ୍ଭ କରାଯିବା ଲାଗି ନିଷ୍ପତ୍ତି ହୋଇଛି।

ଏପ୍ରିଲ ସୁଦ୍ଧା ନାଟମଣ୍ଡପ ମରାମତି ସମ୍ପୂର୍ଣ୍ଣ କରିବା ଲାଗି ହାଇକୋର୍ଟଙ୍କ ନିର୍ଦ୍ଦେଶ ଥିବାରୁ ଛତିଶା ନିଯୋଗରେ ମରାମତିର ରୂପରେଖ ଚୂଡ଼ାନ୍ତ ହୋଇଛି। ଆସନ୍ତା ୨୩ରୁ କାମ ଆରମ୍ଭ ହୋଇ ମାର୍ଚ୍ଚ ୧୯ ତାରିଖ ସୁଦ୍ଧା କାମ ଶେଷ କରିବ ଏଏସ୍‌ଆଇ। ଏହି ୨୫ ଦିନ ପ୍ରତ୍ୟହ ଅପରାହ୍ଣ ୧ଟାରୁ ସନ୍ଧ୍ୟା ୭ଟା ପର୍ଯ୍ୟନ୍ତ ନାଟମଣ୍ଡପ ମରାମତି ହେବ। ଏଥିପାଇଁ ନୀତି ସବ୍-କମିଟି ପକ୍ଷରୁ ଯେଉଁ ସ୍ୱତନ୍ତ୍ର ନୀତି ନିର୍ଘଣ୍ଟ କରାଯାଇଥିଲା, ସେଥିରେ ମୋହର ମାରିଛି ଛତିଶା ନିଯୋଗ। ଅର୍ଥାତ୍ ଏହି ୨୫ ଦିନ ରାତି ୨ଟାରୁ ଦ୍ୱାର ଫିଟି ନୀତିକାନ୍ତି ଆରମ୍ଭ କରାଯିବ। ସେହିପରି ରାତି ୧୧ଟାରେ ପହୁଡ଼ ପଡ଼ିବ। ଦୈନିକ ୬ ଘଣ୍ଟା ସମୟ ପାଇ ଭଲ ଭାବେ ମରାମତି କରିବ ଏଏସ୍‌ଆଇ। ଏହି ମରାମତି ସମୟରେ ଭକ୍ତଙ୍କ ଦର୍ଶନରେ କୌଣସି ପ୍ରକାର ସମସ୍ୟା ହେବ ନାହିଁ। ସେମାନେ ଯେଉଁଭଳି ଦର୍ଶନ ସୁବିଧା ପାଉଥିଲେ ସେହିଭଳି କରିବେ ବୋଲି ମୁଖ୍ୟ ପ୍ରଶାସକ ଶ୍ରୀ ବର୍ମା କହିଛନ୍ତି। କିନ୍ତୁ ମରାମତି ସମୟରେ ନାଟମଣ୍ଡପରୁ ଦର୍ଶନ ବ୍ୟବସ୍ଥା ହେବ ନାହିଁ।

ଏଏସ୍‌ଆଇ ସୁପରିଣ୍ଟେଣ୍ଡେଣ୍ଟ ଡି.ବି. ଗଡ଼ନାୟକ କହିଛନ୍ତି, ହାଇକୋର୍ଟଙ୍କ ନିର୍ଦ୍ଦେଶ ପରେ ନାଟମଣ୍ଡପର ସଂରକ୍ଷଣ ନେଇ ଯେଉଁ କାମ ଥିଲା, ତାହା ସରିଛି। ଛାତର କିଛି ପଥର ଡାଞ୍ଚା ଠିକ୍ ନ ଥିଲା, ତାକୁ ଠିକ୍ କରାଯାଇଛି। ପାଣି ଗଳୁଥିବା ସ୍ଥାନର ମରାମତି ସରିଛି। ଏବେ ମୁଖ୍ୟବିମ୍ ଫାଟର ମରାମତି କରାଯିବ। ଏଥିରେ ସପୋର୍ଟ ସିଷ୍ଟମ ଦିଆଯିବ। ଫେବୃଆରୀ ୨୩ରୁ ଦୈନିକ ୬ ଘଣ୍ଟା କାମ କରି ମାର୍ଚ୍ଚ ୧୯ ତାରିଖ ମଧ୍ୟରେ ସାରିବାକୁ ଲକ୍ଷ୍ୟ ରଖିଛୁ ବୋଲି ସେ କହିଛନ୍ତି। ବୈଠକରେ ଛତିଶା ନିଯୋଗ କର୍ମକର୍ତ୍ତା, ପରିଚାଳନା କମିଟି ସଦସ୍ୟ ଏବଂ ଶ୍ରୀମନ୍ଦିର ପ୍ରଶାସନିକ ଅଧିକାରୀ ଉପସ୍ଥିତ ଥିଲେ।

ସୂଚନାଯୋଗ୍ୟ, ୨୦୧୮ ଅଗଷ୍ଟରେ ନାଟମଣ୍ଡପ ଯାଞ୍ଚ ବେଳେ ଗରୁଡ ସ୍ତମ୍ଭ ଉପର ମୁଖ୍ୟ ବିମ୍‌ରେ ଫାଟ ଜଣାପଡ଼ିଥିଲା। ପରବର୍ତ୍ତୀ ସମୟରେ ଏହି ଫାଟ ମେଲୁଛି ନା ନାହିଁ, ଜାଣିବା ପାଇଁ ସେଠାରେ ଢାଞ୍ଚାଗତ ସ୍ୱାସ୍ଥ୍ୟ ଅନୁଧ୍ୟାନ ବ୍ୟବସ୍ଥା (ଷ୍ଟ୍ରକ୍‌ଚରାଲ ହେଲ୍‌ଥ ମନିଟରିଂ ସିଷ୍ଟମ) ଲଗାଯାଇଛି। ଫାଟ ସୃଷ୍ଟି ହୋଇଥିବା ବିମ୍ ଏବଂ କଲମ୍‌ରେ କ୍ରାକ୍‌ମିଟର, ଡିଜିଟାଲ ସେନ୍‌ସର, ପ୍ରେସର ମିଟର, ଲୋଡ୍‌ସେଲ, ଟିଲ୍‌ଟ ମିଟର ଆଦି ଲଗାଯାଇଛି। ପ୍ରାୟ ୫ ବର୍ଷରୁ ଅଧିକ ହେବ ଏ ସବୁ ଲଗାଯାଇ ଲଗାଯାଇଥିଲେ ହେଁ ଏହା ମରାମତି ହୋଇନାହିଁ। ଏହି ଫାଟକୁ ବିଶେଷଜ୍ଞ ଟିମ୍ ଅନୁଧ୍ୟାନ କରିଥିଲେ। ହେଲେ ଫାଟ ପୂର୍ବରୁ ଯେଭଳି ଥିଲା ସେହିଭଳି ରହିଛି। ସେମିତି ବଡ଼ଧରଣ ପରିବର୍ତ୍ତନ ହେଉ ନାହିଁ। ଏପ୍ରିଲ ସୁଦ୍ଧା ନାଟମଣ୍ଡପ ମରାମତି ଶେଷ କରାଯିବା ପାଇଁ ହାଇକୋର୍ଟ ନିର୍ଦ୍ଦେଶ ଦେବା ପରେ ଛତିଶା ନିଯୋଗ ବୈଠକ ବସିଥିଲା।

● ଅବକାରୀ କ୍ୟାଡର ପୁନର୍ଗଠନ

## ଅନ୍ତରୀଣ ଆଦେଶ ବଳବତ୍ତର

**କଟକ, ୨୦।୨(ସମିସ):** ଅବକାରୀ କ୍ୟାଡର ପୁନର୍ଗଠନ ସମ୍ପର୍କିତ ବିଭାଗ ପକ୍ଷରୁ ଜାରି ରିଜଲ୍ୟୁସନକୁ ଚ୍ୟାଲେଞ୍ଜ କରି ଦାୟର ମାମଲାରେ ହାଇକୋର୍ଟଙ୍କ ଅନ୍ତରୀଣ ଆଦେଶ ପରବର୍ତ୍ତୀ ଶୁଣାଣି ପର୍ଯ୍ୟନ୍ତ ବଳବତ୍ତର ରହିଛି। ଓଡ଼ିଶା ଅବକାରୀ କନଷ୍ଟେବଲ ସଂଘ ପକ୍ଷରୁ ଦାୟର ମାମଲାର ଶୁଣାଣି କରି ମୁଖ୍ୟ ବିଚାରପତି ଜଷ୍ଟିସ ଚକ୍ରଧାରୀ ଶରଣ ସିଂହ ଓ ଜଷ୍ଟିସ ସଂଗମ କୁମାର ସାହୁଙ୍କୁ ନେଇ ଗଠିତ ଖଣ୍ଡପୀଠ ଏପରି ନିର୍ଦ୍ଦେଶ ଦେଇଛନ୍ତି। ଏହି ମାମଲାରେ ଆବେଦନକାରୀଙ୍କ ପକ୍ଷରୁ ଏକ ଅନ୍ତରୀଣ ସଂଶୋଧିତ ଆବେଦନ ରୁଜୁ ହୋଇଛି। ଅବକାରୀ କ୍ୟାଡର ପୁନର୍ଗଠନ ଦ୍ୱାରା କନଷ୍ଟେବଲମାନେ କ୍ଷତିଗ୍ରସ୍ତ ହେବେ। ଏହାଦ୍ୱାରା ସେମାନଙ୍କୁ ଅନ୍ୟତ୍ର ତତ୍‌କ୍ଷଣାତ ବଦଳି ପ୍ରକ୍ରିୟାରେ ସ୍ଥାନାନ୍ତର କରାଯିବାର ସମ୍ଭାବନା ରହିଛି। ସେହିପରି ପଦୋନ୍ନତି ବେଳେ ସେମାନେ ପାଇ ଆସୁଥିବା ସୁବିଧା ସୁଯୋଗରୁ ବଞ୍ଚିତ ହେବେ ବୋଲି ଆବେଦନରେ ଅଭିଯୋଗ କରାଯାଇଛି। ପୂର୍ବରୁ ହାଇକୋର୍ଟଙ୍କ ନିର୍ଦ୍ଦେଶକ୍ରମେ ଅବକାରୀ ବିଭାଗ ପକ୍ଷରୁ ଜବାବ ଦାଖଲ କରାଯାଇଥିଲା। ଅନ୍ୟପଟରେ ଗତ ଜୁନ୍ ୯ର ଏହି ରିଜଲ୍ୟୁସନ କାର୍ଯ୍ୟକାରୀ ରହିତାଦେଶ ଦେବାକୁ ହାଇକୋର୍ଟ ପୂର୍ବରୁ ଅଗ୍ରାହ୍ୟ କରିଥିଲେ। କିନ୍ତୁ ପଦୋନ୍ନତି ପ୍ରକ୍ରିୟା ଉପରେ ସ୍ଥଗିତାଦେଶ ଜାରି କରିଥିଲେ।

● ନିଜ ନିର୍ଦ୍ଦେଶକୁ ଓରେରା କାର୍ଯ୍ୟକାରୀ କରିନପାରିବା ପ୍ରସଂଗ

## ହାଇକୋର୍ଟରେ ଶୁଣାଣି ଶେଷ

**କଟକ,୨୦।୨(ସମିସ):** ଓଡ଼ିଶା ରିଅଲ ଇଷ୍ଟେଟ୍ ରେଗୁଲେଟୋରି ଅଥରିଟି (ଓରେରା) ନିଜ ନିର୍ଦ୍ଦେଶକୁ ନିଜେ କାର୍ଯ୍ୟକାରୀ କରିପାରୁନଥିବା ବେଳେ ଏହି ସମସ୍ତ ମାମଲାରେ ଆବେଦନକାରୀମାନଙ୍କୁ ପୁଣି ସିଭିଲ କୋର୍ଟକୁ ଯିବାକୁ ପଡୁଛି। ନିଜ ନିର୍ଦ୍ଦେଶ କାର୍ଯ୍ୟକାରୀ ପାଇଁ ଓରେରାର ଆଇନର ରୁଲ୍‌୨୬ ଅନୁସାରେ କ୍ଷମତା ରହିଥିଲେ ମଧ୍ୟ ମାମଲାକୁ ସିଭିଲ କୋର୍ଟକୁ ପଠାଇ ଦିଆଯାଉଛି। ଫଳରେ ଗୃହକ୍ରେତା ପକ୍ଷ କ୍ଷତିପୂରଣ ଓ ଦଖଲ କ୍ଷେତ୍ରରେ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଏହି ପ୍ରସଂଗରେ ରୁଜୁ ମାମଲାର ପୂର୍ଣ୍ଣାଙ୍ଗ ଶୁଣାଣି କରିଛନ୍ତି ହାଇକୋର୍ଟ। ବିମଳେନ୍ଦୁ ପ୍ରଧାନଙ୍କ ତରଫରୁ ଦାୟର ଜନସ୍ୱାର୍ଥ ମାମଲାର ଶୁଣାଣି କରି ମୁଖ୍ୟ ବିଚାରପତି ଜଷ୍ଟିସ ଚକ୍ରଧାରୀ ଶରଣ ସିଂହ ଓ ଜଷ୍ଟିସ ସଂଗମ କୁମାର ସାହୁଙ୍କୁ ନେଇ ଗଠିତ ଖଣ୍ଡପୀଠରେ ଆଜି ମାମଲାର ଶୁଣାଣି ଶେଷ ହୋଇଛି। ରାଜ୍ୟବ୍ୟାପୀ ମୋଟ ୧୨୮ଟି ମାମଲାକୁ ଓରେରା ପକ୍ଷରୁ ଓପିଡିଆର କର୍ତ୍ତୃପକ୍ଷ ତଥା ବିଭିନ୍ନ ଜିଲ୍ଲାର ଜିଲ୍ଲାପାଳମାନଙ୍କୁ ପଠାଯାଇଛି। ମୋଟ ୧୫୩ଟି ରିକଭରି ଅଫ୍ ମନି ମାମଲାରେ ୧୯ କୋଟି ୮୭ ଲକ୍ଷ ୬ ହଜାର ୫୦୦ଟଙ୍କା ଜରିମାନା ଧାର୍ଯ୍ୟ ହୋଇଥିଲେ ମଧ୍ୟ ମାତ୍ର ୪୦ ଲକ୍ଷ ୪ହଜାର ଟଙ୍କା ଅର୍ଥ ରିକଭରି ହୋଇପାରିଥିବା ନେଇ ଓରେରା ସତ୍ୟପାଠ ଦେଇଥିଲା। ଓରେରା ୨୦୧୭ରୁ ଗଠନ ହୋଇଥିଲେ ମଧ୍ୟ ଆଜି ପର୍ଯ୍ୟନ୍ତ ନିଜର ଗୋଟିଏ ମଧ୍ୟ ନିର୍ଦ୍ଦେଶ କାର୍ଯ୍ୟକାରୀ କରିପାରିନାହିଁ ବୋଲି ଆବେଦନରେ ଉଲ୍ଲେଖ କରାଯାଇଛି। ଆବେଦନକାରୀଙ୍କ ତରଫରୁ ଆଇନଜୀବୀ ମୋହିତ ଅଗ୍ରୱାଲ ମାମଲା ପରିଚାଳନା କରୁଛନ୍ତି।

## ଭୀମ ଭୋଇ, ଗଙ୍ଗାଧର ମେହେରଙ୍କ ଉପରେ ଡାକ ଟିକଟ୍ ଉନ୍ମୋଚିତ

**ସମ୍ବଲପୁର,୨୦।୨(ସମିସ):** ଡାକଟିକେଟ୍ ଅସ୍ମିତା, ଗୌରବ, ସ୍ୱାଭିମାନ, ସମ୍ମାନ ଓ ପରିଚୟର ପ୍ରତୀକ। ମଙ୍ଗଳବାର ସମ୍ବଲପୁର ବିଶ୍ୱବିଦ୍ୟାଳୟ ପରିସରରେ ସନ୍ଥକବି ଭୀମ ଭୋଇ ଓ ସ୍ୱଭାବ କବି ଗଙ୍ଗାଧର ମେହେର ଏବଂ ପଶ୍ଚିମ ଓଡ଼ିଶାର ସାଂସ୍କୃତିକ ଐତିହ୍ୟ ଉପରେ ୮ଗୋଟି ଡାକ ଟିକଟ୍ କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ ଦ୍ୱାରା ଉନ୍ମୋଚିତ ହୋଇଛି। ଏହାସହ ପଶ୍ଚିମ ଓଡ଼ିଶାର ନୂଆଁଖାଇ, ଶୀତଳଷଷ୍ଠୀ, ସମ୍ବଲପୁରୀ ବାନ୍ଧ, ସମ୍ବଲପୁରୀ ନୃତ୍ୟ ଉପରେ ଗୋଟିଏ ଲେଖାଏଁ ଡାକ ଟିକେଟ୍ ଏବଂ ଧନୁଯାତ୍ରା ଉପରେ ଦୁଇଟି ଡାକ ଟିକେଟ୍ ଉନ୍ମୋଚନ କରିଥିଲେ। ୫ ଜିଲ୍ଲା ସମ୍ବଲପୁର, ବରଗଡ଼, ଦେବଗଡ଼, ଝାରସୁଗୁଡ଼ା ଓ ସୁନ୍ଦରଗଡ଼ ଜିଲ୍ଲାର ୪୨ଟି ଡାକଘର ମଧ୍ୟ କେନ୍ଦ୍ରମନ୍ତ୍ରୀ ଉଦଘାଟନ କରିଛନ୍ତି। ଏହି କାର୍ଯ୍ୟକ୍ରମରେ କେନ୍ଦ୍ରମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ ଭିଡିଓ କନଫରେନ୍ସ ମାଧ୍ୟମରେ ସାମିଲ ହୋଇଥିଲେ।

■ ପୁଲିସ ବାଟାଲିୟନ ଡେପୁଟି କମାଣ୍ଡାଣ୍ଟଙ୍କ ପଦୋନ୍ନତି ପ୍ରସଂଗ

## ଅନ୍ତରୀଣ ରହିତାଦେଶ ବଳବତ୍ତର

**କଟକ, ୨୦।୨(ସମିସ):** ବିଭିନ୍ନ ପୁଲିସ୍ ବାଟାଲିୟନ୍‌ରେ କାର୍ଯ୍ୟରତ କେତେକ ଡେପୁଟି କମାଣ୍ଡାଣ୍ଟଙ୍କ ଗ୍ରେଡେସନ୍ ତାଲିକାକୁ ଚ୍ୟାଲେଞ୍ଜ କରି ଦାୟର ମାମଲାର ପରବର୍ତ୍ତୀ ଶୁଣାଣି ଆସନ୍ତା ମାର୍ଚ୍ଚ ୧୨ରେ କରାଯିବ। ପରବର୍ତ୍ତୀ ଶୁଣାଣି ପର୍ଯ୍ୟନ୍ତ ଏହି ମାମଲାରେ ଥିବା ଅନ୍ତରୀଣ ରହିତାଦେଶକୁ ହାଇକୋର୍ଟ ବଳବତ୍ତର ରଖିଛନ୍ତି। ବିଭୂତି ଭୂଷଣ ମହାରଣା ଓ ଅନ୍ୟମାନଙ୍କ ପକ୍ଷରୁ ରୁଜୁ ଆବେଦନର ଶୁଣାଣି କରି ଜଷ୍ଟିସ ଆଦିତ୍ୟ କୁମାର ମହାପାତ୍ର ଏପରି ନିର୍ଦ୍ଦେଶ ଦେଇଛନ୍ତି। ଗ୍ରେଡେସନ୍‌ଭୁକ୍ତ ଡେପୁଟି କମାଣ୍ଡାଣ୍ଟଙ୍କ ଯଦି ବି ଡିପିସି(ଡିପାର୍ଟମେଣ୍ଟ ପ୍ରମୋସନ କମିଟି)ହୋଇଥାଏ, ଅଦାଲତଙ୍କ ଅନୁମତି ବିନା ଚୂଡ଼ାନ୍ତ ନିଷ୍ପତ୍ତି ନିଆଯାଇପାରିବ ନାହିଁ ବୋଲି ଗତ ୧୫ ତାରିଖରେ ହାଇକୋର୍ଟ ଏକ ଅନ୍ତରୀଣ ନିର୍ଦ୍ଦେଶ ଦେଇଥିଲେ। ମାମଲାକୁ ଆବେଦନକାରୀଙ୍କ ପକ୍ଷରୁ ଆଇନଜୀବୀ ମନ୍ମୟ ଦାସ ପରିଚାଳନା କରୁଛନ୍ତି।










ବେଲପଡ଼ାର ପର୍ଲିମାଳ ଉଚ୍ଚ ବିଦ୍ୟାଳୟର ମାଟ୍ରିକ ପରୀକ୍ଷାର୍ଥୀଙ୍କ ପାଇଁ 'ଲକ୍ଷ୍ମୀ' ବସ୍ ସୁବିଧା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଛି। ଏଠାକାର ସ୍ଥାନୀୟ ଛାତ୍ରଛାତ୍ରୀମାନେ ପୂର୍ବରୁ ଯାତାୟାତ ଓ ପରିବହନରେ ବହୁ ଅସୁବିଧାର ସମ୍ମୁଖୀନ ହେଉଥିଲେ। ଫଳରେ ସେମାନେ ଠିକ୍ ସମୟରେ ପରୀକ୍ଷା ହଲ୍‌ରେ ପହଞ୍ଚି ପାରୁନଥିଲେ। କିନ୍ତୁ 'ଲକ୍ଷ୍ମୀ' ବସ୍ ସୁବିଧା ଉପଲବ୍ଧ ହେବା ପରେ ସମସ୍ତ ଛାତ୍ରଛାତ୍ରୀ ଅତି ସହଜ ଓ ସୁବିଧାରେ ନିଜନିଜ ପରୀକ୍ଷା କେନ୍ଦ୍ରରେ ପହଞ୍ଚି ପରୀକ୍ଷା ଦେଇଛନ୍ତି।

**ଆତ୍ମନିର୍ଭରଶୀଳ ହେବେ ଦିବ୍ୟାଙ୍ଗ**

# ଦୃଷ୍ଟିବାଧିତଙ୍କୁ ମିଳିବ ଶିକ୍ଷା, ପ୍ରଶିକ୍ଷଣ ଓ କର୍ମନିଯୁକ୍ତି

■ ଦିଲ୍ଲୀ ଆଇଆଇଟି ଅଧୀନସ୍ଥ ଆସିସ୍‌ଟେକ୍ ଓ 'ସକ୍ଷମ' ହେବେ ନଲେଜ ପାର୍ଟନର
■ ଭିନ୍ନକ୍ଷମଙ୍କୁ ସ୍ୱାବଲମ୍ବୀ କରିବ ଭାରତୀୟ ବିଦ୍ୟାଭବନ

**ଭୁବନେଶ୍ୱର,୨୦।୨ (ସମିସ):** ସକ୍ଷମ ହେବେ ଦୃଷ୍ଟିବାଧିତ ଦିବ୍ୟାଙ୍ଗ। ସେମାନେ ରୋଜଗାରଭିତ୍ତିକ ପାଠ ପଢ଼ିବେ ଓ ପ୍ରଶିକ୍ଷଣ ନେବେ। ଅନ୍ୟ ଉପରେ ସେମାନଙ୍କ ନିର୍ଭରଶୀଳତା କମିବ। ଏହି ଲକ୍ଷ୍ୟ ନେଇ ରାଜ୍ୟ ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତୀକରଣ ବିଭାଗ ବଳିଷ୍ଠ ପଦକ୍ଷେପ ସ୍ୱରୂପ ଆଜି ଦୁଇଟି ରାଜିନାମା ସ୍ୱାକ୍ଷର କରିଛି। ଏଥିରେ ଦକ୍ଷତା ବିକାଶ, ତାଲିମ ଓ ନିଯୁକ୍ତି ଉପରେ ଗୁରୁତ୍ୱ ଦିଆଯାଇଛି। ଆଜି ସ୍ୱାକ୍ଷରିତ ତ୍ରିପାକ୍ଷିକ ବୁଝାମଣାରେ ଏସ୍‌ଏସ୍‌ଇପିଡି ବିଭାଗ, ଦିଲ୍ଲୀ ଆଇଆଇଟି ଅଧୀନସ୍ଥ ଆସିସ୍‌ଟେକ୍ ସଂସ୍ଥା ଓ ସ୍ୱେଚ୍ଛାସେବୀ ସଂଗଠନ 'ସକ୍ଷମ' ସ୍ୱାକ୍ଷର କରିଛନ୍ତି। ଆସିସ୍‌ଟେକ୍ ଓ ସକ୍ଷମ ଦୃଷ୍ଟିବାଧିତ ଛାତ୍ରଛାତ୍ରୀଙ୍କ ଶିକ୍ଷା, ଜୀବନ ଜୀବିକା ଓ ସ୍ୱାଧୀନ ଜୀବନଧାରା ସୁନିଶ୍ଚିତ କରିବା ଉଦ୍ଦେଶ୍ୟରେ କାର୍ଯ୍ୟ କରିବେ।

ଏହି ଦୁଇ ସଂସ୍ଥା ଦୃଷ୍ଟିବାଧିତଙ୍କ ପାଇଁ ଥିବା ଶିକ୍ଷାନୁଷ୍ଠାନରେ କାର୍ଯ୍ୟରତ ଶିକ୍ଷକମାନଙ୍କୁ ମଧ୍ୟ ତାଲିମ ପ୍ରଦାନ କରିବେ। ବୁଝାମଣା ଅନୁସାରେ, ତିନି ବର୍ଷ ମଧ୍ୟରେ ପ୍ରଥମ ପର୍ଯ୍ୟାୟରେ ବିଭାଗ ଅଧୀନରେ ଥିବା ୬ଟି ସ୍ୱତନ୍ତ୍ର ଶିକ୍ଷାନୁଷ୍ଠାନରେ କାମ ଆରମ୍ଭ ହେବ। ପରେ ଅନ୍ୟ ଶିକ୍ଷାନୁଷ୍ଠାନକୁ ଏହା ସମ୍ପ୍ରସାରଣ କରାଯିବ। ଏହି



ସଂସ୍ଥାଦ୍ୱୟ ଭିନ୍ନକ୍ଷମମାନଙ୍କ ପାଇଁ ହାତକୁ ନିଆଯାଇଥିବା କାର୍ଯ୍ୟକ୍ରମରେ ନଲେଜ୍ ପାର୍ଟନର୍ ଭାବେ କାମ କରିବେ। ଦ୍ୱିତୀୟ ବୁଝାମଣାପତ୍ରଟି ଏସ୍‌ଏସ୍‌ଇପିଡି ବିଭାଗ ଏବଂ ଭାରତୀୟ ବିଦ୍ୟାଭବନର ଭୁବନେଶ୍ୱର ଶାଖା ମଧ୍ୟରେ ସ୍ୱାକ୍ଷରିତ ହୋଇଛି। ତିନିବର୍ଷ ପାଇଁ ବଳବତ୍ତର ରହିବାକୁ ଥିବା ଏହି ବୁଝାମଣା ଅନୁସାରେ, ଦିବ୍ୟାଙ୍ଗ ଛାତ୍ରଛାତ୍ରୀମାନଙ୍କୁ ତାଲିମ ଦେବା ଓ ସେମାନଙ୍କ ଦକ୍ଷତା ବିକାଶରେ ସହାୟତା ଯୋଗାଇବା ପାଇଁ ବିଦ୍ୟାଭବନ କାର୍ଯ୍ୟ କରିବ। ଦିବ୍ୟାଙ୍ଗମାନଙ୍କୁ ବିଭିନ୍ନ ଦାପ୍ତରିକ, ପର୍ଯ୍ୟଟନ ଓ ପରିଚର୍ଯ୍ୟା କ୍ଷେତ୍ରରେ ନିଯୁକ୍ତି ପାଇଁ ସୁଯୋଗ ସୃଷ୍ଟି କରିବା ଉପରେ ଗୁରୁତ୍ୱ ଦିଆଯିବ।

ଏହି ଅବସରରେ ଉପସ୍ଥିତ ଥିବା ବିଭାଗୀୟ ପ୍ରମୁଖ ସଚିବ ବିଷ୍ଣୁପଦ ସେଠୀ କହିଥିଲେ, ଭିନ୍ନକ୍ଷମମାନେ ସମ୍ମୁଖୀନ ହେଉଥିବା ବିଭିନ୍ନ ସମସ୍ୟା ଓ ପ୍ରତିକୂଳ ସ୍ଥିତିର ମୁକାବିଲାରେ ଏହି ବୁଝାମଣା ବହୁ ସହାୟକ ହେବ। ଦକ୍ଷତା ବିକାଶ ବଳରେ ସେମାନଙ୍କୁ ସ୍ୱାବଲମ୍ବୀ କରାଯାଇପାରିବ। ସେମାନେ ମଧ୍ୟ ସମାଜର ମୁଖ୍ୟସ୍ରୋତରେ ସାମିଲ ହେବାର ସୁଯୋଗ ପାଇବେ। ବିଭାଗର ନିର୍ଦ୍ଦେଶିକା ନିୟତି ପଟ୍ଟନାୟକ ଉଭୟ ବୁଝାମଣାପତ୍ରରେ ସ୍ୱାକ୍ଷର କରିଥିବା ବେଳେ ପ୍ରଥମଟିରେ ପ୍ରଫେସର୍ ମଧୁସୂଦନ ରାଓ ଓ ଦୀପେନ୍ଦ୍ର ମାନୋଚା ସ୍ୱାକ୍ଷର କରିଥିଲେ। ସେହିପରି ଭାରତୀୟ ବିଦ୍ୟାଭବନ ପକ୍ଷରୁ ବରିଷ୍ଠ ନିର୍ଦ୍ଦେଶକ ପ୍ରଫେସର୍ ଆର୍.ଏନ୍ ପଟ୍ଟନାୟକ ଏବଂ ଉପାଧ୍ୟକ୍ଷ କର୍ଣ୍ଣେଲ ଶ୍ରୀପ୍ରକାଶ ପାଣି ସ୍ୱାକ୍ଷର କରିଥିଲେ। ବିଭାଗୀୟ ସ୍ୱତନ୍ତ୍ର ସଚିବ ଦିଲ୍ଲୀପ କୁମାର ରାୟଙ୍କ ସମେତ ବରିଷ୍ଠ ଅଧିକାରୀମାନେ କାର୍ଯ୍ୟକ୍ରମରେ ଉପସ୍ଥିତ ଥିଲେ।

ଅନ୍ତରାତ୍ମାରେ ସମସ୍ତଙ୍କ କଲ୍ୟାଣ ଚିନ୍ତା କରୁଥିବା ବ୍ୟକ୍ତି ଦିବ୍ୟତାର ପ୍ରତୀକ।
-ସନ୍ଥ ଶିରୋମଣି ଆଚାର୍ଯ୍ୟ ବିଦ୍ୟାସାଗରଜୀ

ସକାଳ
THE SAKALA

# ବସନ୍ତରେ ଗ୍ରୀଷ୍ମ ପ୍ରବାହ

ଅଗିରା ପୂନେଇ ଯାଇନାହିଁ, ଓଡ଼ିଶାରେ କିନ୍ତୁ ଅସ୍ୱାଭାବିକ ତାତି ଓ ଗରମ ଅନୁଭୂତ ହେଲାଣି। ଫେବୃଆରୀ ତୃତୀୟ ସପ୍ତାହରେ ତାପମାତ୍ରା ୩୪ / ୩୫ ଡିଗ୍ରୀ ସେଲ୍‌ଫସିୟସ୍ ଡେଇଁବା ଓ ରାତିରେ ଗରମ ଅନୁଭୂତ ହେବା ନିଶ୍ଚୟ ପାଣିପାଗର ଏକ ଅସ୍ୱାଭାବିକତା। ତାପମାତ୍ରା ବୃଦ୍ଧି ସର୍ବଦା ସ୍ଥାନୀୟ ପରିବେଶ ଦ୍ୱାରା ପ୍ରଭାବିତ ହୋଇଥାଏ। ତେବେ ଏକ ସମୟରେ ସମଗ୍ର ରାଜ୍ୟରେ ଫେବୃଆରୀ ମାସରେ ତାତି ଅନୁଭୂତ ହେବା ନିଶ୍ଚୟ ଏକ ଅସ୍ୱାଭାବିକ ଘଟଣା। ପାଣିପାଗ ବିଶେଷଜ୍ଞଙ୍କ କହିବା ଅନୁସାରେ ଘନ କୁହୁଡ଼ି ବାୟୁମଣ୍ଡଳର ଉପର ସ୍ତରରେ ଦୀର୍ଘ ସମୟ ରହୁଛି ଏବଂ ରାଜ୍ୟ ମଧ୍ୟକୁ ଉତ୍ତର-ପଶ୍ଚିମ ଦିଗରୁ ଯେଉଁ ଥଣ୍ଡା ପବନ ଆସିବା କଥା ତାହା ପ୍ରାକୃତିକ କାରଣରୁ ବନ୍ଦ ହୋଇଯାଇଛି। ସେହିଭଳି ବଙ୍ଗୋପସାଗରରୁ ଯେଉଁ ଶୀତଳ ପବନ ରାଜ୍ୟକୁ ଆସିଥାଏ, ତାହା ମଧ୍ୟ ଶୀଥିଳ ହୋଇଯାଇଛି। ଏବେ ସାଧାରଣ ଲୋକ ମଧ୍ୟ ପାଣିପାଗ ବିଶେଷଜ୍ଞ ପାଲଟି ଗଲେଣି ଏବଂ କଥା କଥାକେ ପରିବେଶ ପ୍ରଦୂଷଣ ଓ ଜଳବାୟୁ ପରିବର୍ତ୍ତନକୁ ଏଥିପାଇଁ ଦାୟୀ କରୁଛନ୍ତି। ସେ ବିଷୟରେ ଅଧିକ ଆଲୋଚନା ଏଠି ଅନାବଶ୍ୟକ। ପ୍ରତିବର୍ଷ ଫେବୃଆରୀ ଶେଷ ସପ୍ତାହରୁ ମାର୍ଚ୍ଚ ଶେଷ ଯାଏଁ ଓଡ଼ିଶାର ବିଭିନ୍ନ ଅଞ୍ଚଳରେ ବର୍ଷା ଓ କରକାପାତ ହୋଇଥାଏ। ଏହି ବର୍ଷା ଫଳରେ ବାୟୁମଣ୍ଡଳ ଶୀତଳ ରହେ। ଏହାଛଡ଼ା ଆଗୁଆ ସୃଷ୍ଟି ହେଉଥିବା ଜଳକଷ୍ଟ ଅବସ୍ଥାକୁ ଏହା ଅନେକାଂଶରେ ଦୂର କରିଥାଏ। ଏଥର ସେ ସମୟ ଯାଇନାହିଁ ଏବଂ ପରିସ୍ଥିତିରେ ଶୀଘ୍ର ପରିବର୍ତ୍ତନ ଘଟିପାରେ। ତଥାପି ବସନ୍ତରେ ଗ୍ରୀଷ୍ମ ପ୍ରବାହ ନିଶ୍ଚୟ ଏକ ଦୁଃସମ୍ବାଦ।

ତେବେ ଚିନ୍ତାର ବିଷୟ ହେଉଛି ଆସନ୍ନ 'ଏଲ୍‌ନିନୋ'ର। 'ଏଲ୍‌ନିନୋ' ପ୍ରଶାନ୍ତ ମହାସାଗରରେ ସୃଷ୍ଟ ଏକ ସାମୁଦ୍ରିକ ଉଷ୍ଣସ୍ରୋତ, ଯାହାର ପ୍ରଭାବ ମୌସୁମି ପ୍ରବାହ ଓ ପାଣିପାଗ ଉପରେ ପଡ଼ିଥାଏ। ଏହା ମୌସୁମି ପ୍ରବାହକୁ ଦୁର୍ବଳ କରିବା ସହିତ ପାଗକୁ ଶୁଷ୍କ ଏବଂ ଉଷ୍ମ ରଖେ। ୨୦୨୩ ବର୍ଷ ଆରମ୍ଭରେ ଭାରତ ଉପରେ 'ଏଲ୍‌ନିନୋ'ର ପ୍ରଭାବ ଆଂଶିକ ପଡ଼ିଥିଲା। ଏହାଫଳରେ ବର୍ଷାକାଳର ଅବଧି କମ୍ ରହିଥିଲା ଏବଂ କେତେକ ଅଞ୍ଚଳରେ ସ୍ୱାଭାବିକଠାରୁ କମ୍ ବୃଷ୍ଟିପାତ ହୋଇଥିଲା। ଏବେ ୨୦୨୪ରେ ଏକ 'ସୁପର ଏଲ୍‌ନିନୋ'ର ସମ୍ଭାବନା ରହିଛି। ଆମେରିକାର ଜାତୀୟ ମହାସାଗରୀୟ ଓ ବାୟୁମଣ୍ଡଳୀୟ ଜଳବାୟୁ ଆକଳନ କେନ୍ଦ୍ର (ଏନ୍‌ଓଏଏ)ର ସର୍ବଶେଷ ଆକଳନ ଅନୁସାରେ ୨୦୨୪ ମାର୍ଚ୍ଚରୁ ମେ' ମାସ ମଧ୍ୟରେ ବିଶ୍ୱର ଉତ୍ତରାର୍ଦ୍ଧ ଉପରେ ଶକ୍ତିଶାଳୀ 'ଏଲ୍‌ନିନୋ' ପ୍ରଭାବ ପଡ଼ିପାରେ। ଭାରତ ଉପରେ ମଧ୍ୟ ଏହି 'ସୁପର ଏଲ୍‌ନିନୋ'ର ପ୍ରଭାବ ରହିବ ବୋଲି କୁହାଯାଉଛି।

ଏହାର ଫଳସ୍ୱରୂପ ଭାରତରେ ତାପମାତ୍ରା ୧.୫ ରୁ ୨ ଡିଗ୍ରୀ ସେଲ୍‌ଫସିୟସ ଅଧିକ ରହିବା ସହିତ ବର୍ଷାଭାବ, ମରୁଡ଼ି, କେତେକ ସ୍ଥାନରେ ଅତିବୃଷ୍ଟି ଜନିତ ବନ୍ୟା ବିପ୍ଳାତ ଦେଖାଦେଇପାରେ। ୧୯୯୭-୯୮ ଓ ୨୦୧୫-୧୬ରେ ମଧ୍ୟ ଭାରତରେ ଏଭଳି ପରିସ୍ଥିତି ଦେଖା ଦେଇଥିଲା। ଏହା ଅବଶ୍ୟ ସତ୍ୟ ଯେ ଦକ୍ଷିଣ-ଭାରତରେ 'ଏଲ୍‌ନିନୋ'ର ପ୍ରଭାବ ଖୁବ୍ କମ୍ ପଡ଼େ। ଏହାର ପ୍ରଭାବ ଉତ୍ତର-ଭାରତରେ ଅପେକ୍ଷାକୃତ ଅଧିକ ଅନୁଭୂତ ହୋଇଥାଏ। ଏଥର ଯଦି ସେୟା ହେଲା ଓଡ଼ିଶା ସମେତ ଭାରତର ଅଧିକାଂଶ ଭାଗରେ ଦୁର୍ବଳ ମୌସୁମି ପ୍ରବାହ, ଖରାଦିନିଆ ବର୍ଷାର ଅଭାବ ଓ ଉଚ୍ଚ ତାପମାତ୍ରା ଅନୁଭୂତ ହୋଇପାରେ।

ଆଗୁଆ ଗରମ ପଡ଼ିବା ଏବଂ ପ୍ରାକ୍ ଗ୍ରୀଷ୍ମକାଳୀନ ବର୍ଷା କମିବାର ଅର୍ଥ ଚାଷବାସ ଉପରେ ଏହାର ପ୍ରଭାବ ପଡ଼ିବ। ବିଜୁଳି ଶକ୍ତିର ଚାହିଦା ବୃଦ୍ଧି ସହିତ ଲୋକଙ୍କ ଶକ୍ତି ଖର୍ଚ୍ଚ ବଢ଼ିବ। ଏହାଛଡ଼ା ଖରାଦିନିଆ ଜଳକଷ୍ଟ ରାଜ୍ୟର ବିଭିନ୍ନ ଅଞ୍ଚଳରେ ଆଗୁଆ ଅନୁଭୂତ ହେବ। ସୁଖର କଥା ଆମ ରାଜ୍ୟର ପ୍ରମୁଖ ଜଳଭଣ୍ଡାରଗୁଡ଼ିକର ଜଳସ୍ଥିତି ଏବେ ଅପେକ୍ଷାକୃତ ଭଲ ଅଛି। ଏବେ ଖେତରେ ଛିଡ଼ା ହୋଇଥିବା ରବି ଫସଲ ଉତ୍ତୁରିବା ପାଇଁ ଏହା ଯଥେଷ୍ଟ ହେବ। ହେଲେ ଖରାଦିନିଆ ବର୍ଷା ସ୍ୱାଭାବିକ ନ ହେଲେ ଆଗାମୀ ଖରିଫ ଫସଲ ପ୍ରଭାବିତ ହୋଇପାରେ।

ଚଳିତବର୍ଷ ଉଭୟ ଓଡ଼ିଶା ଓ ଦେଶରେ ଯଥାକ୍ରମେ ବିଧାନସଭା ଓ ଲୋକସଭା ନିର୍ବାଚନ ହେବ। ଆଶା କରାଯାଉଛି ଯେ ଏପ୍ରିଲ ୧୬ ରୁ ମେ' ଶେଷ ମଧ୍ୟରେ ଏହି ନିର୍ବାଚନ ଅନୁଷ୍ଠିତ ହେବ। ନିର୍ବାଚନ ପ୍ରଚାର ପାଇଁ ପ୍ରଚଣ୍ଡ ଖରା ଓ ତାତି ନିଶ୍ଚିତ ଏକ ସମସ୍ୟା। ଏହାଛଡ଼ା ଏହି ସମୟରେ ଜଳାଭାବ ଓ ଶକ୍ତି ସଂକଟ ସରକାର ତଥା ପ୍ରଶାସନର ଚାପ ବଢ଼ାଇବ। ତେଣୁ ଆଗାମୀ ଦୁଇ ସପ୍ତାହ ମଧ୍ୟରେ ଯଦି ଭଲ ବର୍ଷା ରାଜ୍ୟର ବିଭିନ୍ନ ସ୍ଥାନରେ ହୋଇଯାଏ, ତେବେ ସ୍ଥିତି ନିୟନ୍ତ୍ରଣରେ ରହିଯିବ। କୁହାଯାଏ ଫଗୁଣ ବର୍ଷା ଚାଷବାସ ଓ ଜୀବଜଗତ ପାଇଁ ବିଶେଷ ଉପକାରୀ। ଦେଖାଯାଉ ପାଗପାଳକ ଏଥର ଆମ ପାଇଁ କ'ଣ ରଖିଛି। କହିବା ବାହୁଲ୍ୟ ଯେ ପାଣିପାଗର ଅସ୍ଥିରତା ଓ ତତ୍‌ଜନିତ ତୀବ୍ରତା ଜଟିଳ ମହାସାଗରୀୟ ଏବଂ ବାୟୁମଣ୍ଡଳୀୟ ସ୍ଥିତି ଉପରେ ବିଶେଷ ନିର୍ଭର କରେ। ଆମେ ପ୍ରକୃତିର ଗତିବିଧିକୁ ନିର୍ଭୁଲ ଠାବ କରିବାରେ ଏ ଯାଏଁ ଆଦୌ ସଫଳ ହୋଇନାହୁଁ। ଆଜି ଯେଉଁ ପାଣିପାଗ ସ୍ଥିତି ଅଛି, କାଲିକୁ ହୁଏତ ତାହା ପ୍ରାକୃତିକ ଉପାୟରେ ବଦଳିଯାଇପାରେ। ସୁତରାଂ ପ୍ରକୃତିର ଦୟା ଉପରେ ସମ୍ପୂର୍ଣ୍ଣ ନିର୍ଭରଶୀଳ। ଆମେମାନେ ସବୁବେଳେ ତାହାର ଦୟା ଆଶା କରିବା।

# ସନ୍ଥ ଶିରୋମଣି ଆଚାର୍ଯ୍ୟ ଶ୍ରୀବିଦ୍ୟାସାଗରଜୀଙ୍କୁ ପ୍ରଣାମ



**ନରେନ୍ଦ୍ର ମୋଦୀ**
ପ୍ରଧାନମନ୍ତ୍ରୀ

ସନ୍ଥ ଶିରୋମଣି ଆଚାର୍ଯ୍ୟ ଶ୍ରୀ୧୦୮ ବିଦ୍ୟାସାଗରଜୀ ମହାରାଜଜୀ ଆମମାନଙ୍କୁ ଦୁଃଖସାଗରରେ ଭସାଇ ନିକଟରେ ସମାଧି ଲାଭ କରିଛନ୍ତି। ଆଚାର୍ଯ୍ୟଜୀଙ୍କ ଜୀବନ ପ୍ରଚଣ୍ଡ ପ୍ରଜ୍ଞା, ଅସୀମ ଅନୁକମ୍ପା ଓ ମାନବ ସମାଜର ଉତ୍‌ଥାନ ପାଇଁ ଅତୁଟ ପ୍ରତିଶ୍ରୁତିବଦ୍ଧତାରେ ସଦାସର୍ବଦା ପରିପୂର୍ଣ୍ଣ ରହିଥିଲା। ଅନେକ ବାର ତାଙ୍କ ଆଶୀର୍ବାଦ ଲାଭ କରିବାର ସୌଭାଗ୍ୟ ମତେ ପ୍ରାପ୍ତ ହୋଇଛି। ତେଣୁ ତାଙ୍କ ତିରୋଧାନରେ ମୋର ପ୍ରଭୂତ କ୍ଷତି ହୋଇଛି ଏବଂ ମୋତେ ଆଗକୁ ଆଲୋକବର୍ତ୍ତିକା ଭଳି ପଥ ପ୍ରଦର୍ଶନ କରୁଥିବା ଜଣେ ପ୍ରିୟ ଗୁରୁଙ୍କୁ ହରାଇବା ପରି ମୁଁ ଅନୁଭବ କରୁଛି। ମୋ ପରି ଅସଂଖ୍ୟ ଆତ୍ମାଙ୍କ ପାଇଁ ସେ ଥିଲେ ମାର୍ଗଦର୍ଶକ। ତାଙ୍କ ସ୍ନେହ, ଉଷ୍ମତା ଓ ଆଶୀର୍ବାଦ କେବଳ ଶୁଭେଚ୍ଛା ନଥିଲା, ଏହା ସମସ୍ତଙ୍କୁ ପ୍ରଭୂତ ଆଧ୍ୟାତ୍ମିକ ଶକ୍ତି ପ୍ରଦାନ କରୁଥିଲା। ଯେଉଁମାନେ ଆଚାର୍ଯ୍ୟ ଶିରୋମଣିଙ୍କ ସଂସ୍ପର୍ଶରେ ଆସିଛନ୍ତି, ସେମାନେ ଏହି ଅସୀମ ଶକ୍ତି ଓ ପ୍ରେରଣାକୁ ଅବଶ୍ୟ ଅନୁଭବ କରିଥିବେ।

ପୂଜ୍ୟ ଆଚାର୍ଯ୍ୟଜୀ ସଦାବେଳେ ଜ୍ଞାନ, ସମ୍ବେଦନା ଓ ସେବାର ତ୍ରିବେଣୀ ସଂଗମ ରୂପରେ ସମସ୍ତଙ୍କ ସ୍ମୃତିରେ ରହିଥିବେ। ପ୍ରକୃତରେ ସେ ଥିଲେ ଜଣେ ତପସ୍ୱୀ ଓ ତାଙ୍କ ଜୀବନ ଭଗବାନ ମହାବୀରଙ୍କ ଆଦର୍ଶର ଏକ ଅନୁକରଣୀୟ ଉଦାହରଣ ଥିଲା। ତାଙ୍କର ପ୍ରତିଟି କର୍ମରେ ଜୈନଧର୍ମର ମୂଳ ନୀତି ପ୍ରତିଫଳିତ ହେଉଥିଲା। ନିଜ ବଚନ ଓ ଜ୍ଞାନ ବିତରଣରେ ତାହା ପରିଲକ୍ଷିତ ହେଉଥିଲା। ସଂସାରର ପ୍ରତ୍ୟେକ ପ୍ରାଣୀଙ୍କ ପ୍ରତି ତାଙ୍କର ଶ୍ରଦ୍ଧା ଜୈନଧର୍ମର ପ୍ରତିଟି ଜୀବଙ୍କ ପ୍ରତି ସମ୍ମାନର ପ୍ରତିଫଳନ ବୋଲି କୁହାଯାଇପାରେ। ସେ ସତ୍ୟର ଜୀବନ ବଞ୍ଚୁଥିଲେ- ଏହା ମଧ୍ୟ ଜୈନଧର୍ମର ଚିନ୍ତନ, କଥନ ଓ କାର୍ଯ୍ୟର ସାଧୁତାକୁ ପ୍ରମାଣିତ କରେ। ତାଙ୍କ ଜୀବନଶୈଳୀ ଥିଲା ସରଳ। ତାଙ୍କ ଭଳି ମହାନ ସନ୍ଥଙ୍କ ପାଇଁ ହିଁ ଜୈନଧର୍ମ ଓ ଭଗବାନ ମହାବୀରଙ୍କ ଭଳି ଦିବ୍ୟାତ୍ମାଙ୍କ ପ୍ରତି ସମଗ୍ର ବିଶ୍ୱର ଶ୍ରଦ୍ଧା ଓ ସମ୍ମାନ ବୃଦ୍ଧି ପାଇଚାଲିଛି। ଜୈନବାଦ ଶୃଙ୍ଖଳାରେ ସେ ଜଣେ ଉତ୍ତୁଙ୍ଗ ବ୍ୟକ୍ତିତ୍ୱ ଥିଲେ ସତ, କିନ୍ତୁ ତାହା କେବଳ ସେହି ଗୋଷ୍ଠୀ ମଧ୍ୟରେ ସୀମିତ ନଥିଲା, ବରଂ ତାଙ୍କ ସତ୍ୟନିଷ୍ଠ ବ୍ୟକ୍ତିତ୍ୱର ପ୍ରଭାବ ଓ ବ୍ୟାପ୍ତି ସମଗ୍ର ମାନବ ସମାଜ ଉପରେ ପଡ଼ିଥିଲା। ସବୁ ଧର୍ମ, ଆସ୍ଥା ଓ ସଂସ୍କୃତିର ଲୋକମାନେ ତାଙ୍କ ନିକଟକୁ ଆସୁଥିଲେ ଏବଂ ସେମାନଙ୍କ ମନରେ ବିଶେଷ ଭାବରେ ଯୁବଗୋଷ୍ଠୀଙ୍କ ହୃଦୟରେ ଆଧ୍ୟାତ୍ମିକ ଚେତନା ଜାଗ୍ରତ ନିମନ୍ତେ ସେ ଅବିଶ୍ରାନ୍ତ ଭାବେ ସଦାବେଳେ ତତ୍ପର ଥିଲେ।

ଶିକ୍ଷା ଥିଲା ସନ୍ଥ ମହାରାଜଙ୍କର ସବୁଠାରୁ ପ୍ରିୟ ଏବଂ ହୃଦୟର ନିକଟତର। ବିଦ୍ୟାଧର (ତାଙ୍କର ବାଲ୍ୟକାଳର ନାମ) ଠାରୁ ବିଦ୍ୟାସାଗର ପର୍ଯ୍ୟନ୍ତ ତାଙ୍କର ଯାତ୍ରା କେବଳ ଜ୍ଞାନ ଆହରଣ ଓ ଜ୍ଞାନ ବିତରଣ ସକାଶେ ହିଁ ସମର୍ପିତ ଥିଲା। ତାଙ୍କର ଅତୁଟ ବିଶ୍ୱାସ ଥିଲା ଯେ କେବଳ ଶିକ୍ଷାଦ୍ୱାରା ହିଁ ଏକ ଉଚିତ ଏବଂ ପ୍ରଜ୍ଞାଦୀପ୍ତ ସମାଜ ଗଠନ କରାଯାଇପାରିବ। ତେଣୁ ସମାଜର ପ୍ରତ୍ୟେକ ବ୍ୟକ୍ତିଙ୍କୁ ସଶକ୍ତ କରିବା ନିମନ୍ତେ ସେ ଜ୍ଞାନକୁ ସାଧନ ରୂପେ ଉପଯୋଗ କରିବା ଉପରେ ପ୍ରାଧାନ୍ୟ ଦେଉଥିଲେ। ଏହାଦ୍ୱାରା ସେ ସମସ୍ତଙ୍କୁ ଏକ ଉଦ୍ଦେଶ୍ୟପୂର୍ଣ୍ଣ ଓ ସମାଜ ପ୍ରତି ସମର୍ପିତ ଜୀବନ ବଞ୍ଚିବାକୁ ପ୍ରେରଣା ଯୋଗାଉଥିଲେ। ତାଙ୍କ ଶିକ୍ଷାରେ ସେ ସ୍ୱା-ଧ୍ୟାୟ ଓ ଆତ୍ମ-ସଚେତନତାକୁ ହିଁ ବାସ୍ତବ ପ୍ରଜ୍ଞାପ୍ରାପ୍ତିର ମାର୍ଗ ରୂପେ ଗ୍ରହଣ କରିବାକୁ ପରାମର୍ଶ ଦେଉଥିଲେ। ତେଣୁ ସେ ନିଜର ଅନୁଗାମୀମାନଙ୍କୁ ଆଜୀବନ ଜ୍ଞାନାନୁସନ୍ଧାନୀ ଏବଂ ଆଧ୍ୟାତ୍ମିକ ବିକାଶ ମାର୍ଗରେ ପଥିକ ହେବା ଲାଗି ଉପଦେଶ ଦେଉଥିଲେ।

ଏହାସହିତ ସନ୍ଥ ଶିରୋମଣି ଆଚାର୍ଯ୍ୟ ବିଦ୍ୟାସାଗରଜୀ ମହାରାଜଜୀ ଆମର ଯୁବଗୋଷ୍ଠୀଙ୍କୁ ଉପଯୁକ୍ତ ଶିକ୍ଷା ପ୍ରାପ୍ତି ନିମନ୍ତେ ପ୍ରବର୍ତ୍ତାଉଥିଲେ। ବାସ୍ତବ ଶିକ୍ଷା ଆମର ସାଂସ୍କୃତିକ ଚିନ୍ତାଧାରାରେ ନିହିତ ରହିଛି ବୋଲି ମତ ପୋଷଣ କରୁଥିଲେ। ଆମେ ଅତୀତର ସାଂସ୍କୃତିକ ବୈଠକ ଏବଂ ଶିକ୍ଷାଠାରୁ ଦୂରେଇ ଯାଉଥିବା ହେତୁ ଏବେ ଜଳସଂକଟର ସମାଧାନ ସୂତ୍ର ଖୋଜି ପାଇବାକୁ ଅସମର୍ଥ ହୋଇଛୁ। ସାମଗ୍ରିକ ଶିକ୍ଷା ଜଣେ ବିଦ୍ୟାର୍ଥୀକୁ କୁଶଳୀ ଓ ସୃଜନଶୀଳ କରିଥାଏ ବୋଲି ତାଙ୍କର ଦୃଢ଼ ଯୁକ୍ତି ଥିଲା। ଭାରତର ଭାଷାଭିତ୍ତିକ ବିବିଧତାକୁ ନେଇ ସେ ସଦାସର୍ବଦା ଗର୍ବ ଓ ଗୌରବ ଅନୁଭବ କରୁଥିଲେ ଏବଂ ଭାରତୀୟ ଭାଷା ଅଧ୍ୟୟନ ସକାଶେ ଯୁବବର୍ଗଙ୍କୁ ପରାମର୍ଶ ଦେଉଥିଲେ।

ପୂଜ୍ୟ ଆଚାର୍ଯ୍ୟଜୀ ସ୍ୱୟଂ ସଂସ୍କୃତ, ପ୍ରାକୃତ ଓ ହିନ୍ଦୀରେ ବ୍ୟାପକ ରଚନା କରିଛନ୍ତି। ଜଣେ ମୁନି ଭାବେ ସେ ସୁଉଚ୍ଚ ଶିଖରରେ ପହଞ୍ଚିଥିଲେ। ତଥାପି ସଦାବେଳେ ସେ ଥିଲେ ଆଭୂମ। ତାଙ୍କର ଚର୍ଚ୍ଚିତ ପୁସ୍ତକ 'ମୂକମାଟି'ରୁ ଏହା ସୁସ୍ପଷ୍ଟ। ନିଜର କାର୍ଯ୍ୟାବଳୀ ମାଧ୍ୟମରେ ସେ ଅବହେଳିତ ଲୋକମାନଙ୍କୁ ସ୍ୱର ପ୍ରଦାନ କରିବାରେ ସକ୍ଷମ ହୋଇଥିଲେ।

ସ୍ୱାସ୍ଥ୍ୟସେବା କ୍ଷେତ୍ରରେ ମଧ୍ୟ ପୂଜ୍ୟ ଆଚାର୍ଯ୍ୟଜୀଙ୍କ ଅବଦାନ ଥିଲା ଯୁଗାନ୍ତକାରୀ ଓ ପଞ୍ଚପରିବର୍ତ୍ତନକାରୀ। ସେ ଅନେକ ଲୋକହିତକର କାର୍ଯ୍ୟକ୍ରମ ସହିତ ଏକାଧାରରେ ସଂଶ୍ଳିଷ୍ଟ ଥିଲେ। ବିଶେଷକରି ଅବହେଳିତ କ୍ଷେତ୍ରର ବିକାଶ କର୍ମରେ ସେ ଓତପ୍ରୋତ ଜଡ଼ିତ ରହିଥିଲେ। ସ୍ୱାସ୍ଥ୍ୟସେବା ପ୍ରତି ତାଙ୍କର ଆଭିମୁଖ୍ୟ ଥିଲା ସାମଗ୍ରିକ। ସମନ୍ୱିତ ଶାରୀରିକ ନିରାମୟତା ସହିତ ଆଧ୍ୟାତ୍ମିକ କଲ୍ୟାଣ ଏଥିରେ ସାମିଲ ଥିଲା। ତେଣୁ ଜଣେ ବ୍ୟକ୍ତିର ସକାଳ ପ୍ରକାର ଆବଶ୍ୟକତା ପୂରଣ ଦିଗରେ ସେ ପ୍ରୟାସୀ ଥିଲେ।

ଆଗାମୀ ପିଢ଼ିଙ୍କୁ ମୁଁ ବିଶେଷ ଭାବରେ ନିବେଦନ କରିବି ଯେ, ସନ୍ଥ ଶିରୋମଣି ଆଚାର୍ଯ୍ୟ ବିଦ୍ୟାସାଗରଜୀ ମହାରାଜଜୀଙ୍କ ରାଷ୍ଟ୍ର ନିର୍ମାଣ ପ୍ରତି ଥିବା ଅଙ୍ଗୀକାରବଦ୍ଧତା ସମ୍ପର୍କରେ ବ୍ୟାପକ ମାତ୍ରାରେ ଅଧ୍ୟୟନ କରନ୍ତୁ। ସନ୍ଥଜୀ ସଦାସର୍ବଦା ନିବେଦନ କରୁଥିଲେ ଯେ ପକ୍ଷପାତପୂର୍ଣ୍ଣ ବିଚାରଧାରାଠାରୁ ଦୂରେଇ ରହିବା ଆବଶ୍ୟକ ଏବଂ ଜାତୀୟ ସ୍ୱାର୍ଥ ପାଇଁ ଧ୍ୟାନକେନ୍ଦ୍ରିତ କରିବା ଉଚିତ। ଭୋଟଦାନର ସେ ଥିଲେ ଜଣେ ଦୃଢ଼ ପ୍ରବକ୍ତା, କାରଣ ଗଣତାନ୍ତ୍ରିକ ପ୍ରକ୍ରିୟାରେ ସାମିଲ ଓ ମତପୋଷଣ କରିବାର ଏହା ହେଉଛି ସବୁଠାରୁ ବଡ଼ ସାଧନ। ଏକ ସୁସ୍ଥ ଓ ସ୍ୱଚ୍ଛ ରାଜନୈତିକ ବ୍ୟବସ୍ଥା ପାଇଁ ମଧ୍ୟ ସେ ଦୃଢ଼ ଯୁକ୍ତି ଉପସ୍ଥାପନ କରୁଥିଲେ। ଜନସାଧାରଣଙ୍କ କଲ୍ୟାଣ ନିମନ୍ତେ ଏହା ଉଦ୍ଦିଷ୍ଟ ହେବା ଉଚିତ ବୋଲି ତାଙ୍କର ବଳିଷ୍ଠ ମତ ଥିଲା। ଏହା କୌଣସି ଆତ୍ମସ୍ୱାର୍ଥ ପାଇଁ ନୁହେଁ। ଲୋକନୀତି ହେଉଛି ଲୋକମତ ସଂଗ୍ରହ ପାଇଁ, ଲୋକସଂଗ୍ରହ ପାଇଁ ନୁହେଁ।

ସେ ବିଶ୍ୱାସୀ ଥିଲେ ଯେ, ନାଗରିକମାନେ ସମାଜ ଓ ରାଷ୍ଟ୍ର ପାଇଁ ନିଷ୍ଠାବାନ ଓ ସମର୍ପିତ ରହିଲେ ରାଷ୍ଟ୍ରର ଭିତ୍ତି ସୁଦୃଢ଼ ହୋଇପାରିବ। ତେଣୁ ପ୍ରତ୍ୟେକ ବ୍ୟକ୍ତି ସାଧୁତା, ନିଷ୍ଠାବାନ ଓ ଆତ୍ମନିର୍ଭରଶୀଳ ହେବା ସକାଶେ ସେ ପରାମର୍ଶ ଦେଉଥଲେ। ତାହା ଏକ ଉଚିତ, ସମ୍ବେଦନଶୀଳ ତଥା ପ୍ରଗତିଶୀଳ ସମାଜ ଗଠନରେ ସହାୟକ ହୋଇପାରିବ ବୋଲି ତାଙ୍କର ଦୃଢ଼ ବିଶ୍ୱାସ ଥିଲା। ଆମେ ଏବେ ବିକଶିତ ଭାରତ ଲକ୍ଷ୍ୟ ହାସଲ ଦିଗରେ କାର୍ଯ୍ୟ କରୁଥିବାବେଳେ ସନ୍ଥ ଶିରୋମଣି ଶ୍ରୀବିଦ୍ୟାସାଗରଜୀଙ୍କର ଏଭଳି ଉପଦେଶ ବିଶେଷ ଗୁରୁତ୍ୱ ବହନ କରେ।

ସାରା ବିଶ୍ୱରେ ଅଧୁନା ଯେତେବେଳେ ଜଳସଂକଟ ଭଳି ସମସ୍ୟା ବ୍ୟାପକ ମାତ୍ରାରେ ଘଟିଚାଲିଛି, ସେତେବେଳେ ପୂଜ୍ୟ ଆଚାର୍ଯ୍ୟଜୀଙ୍କର ପ୍ରକୃତି ପ୍ରତି ସଂବେଦନା ଅନୁକରଣୀୟ। ଆମେ ସଭିଏଁ ଯେପରି ପ୍ରକୃତିକୁ ସାମାନ୍ୟତମ କ୍ଷତି ନ ପହଞ୍ଚାଇବା ସେଥିପ୍ରତି ସଦାସର୍ବଦା ସଚେତନ ରହିବା ନିମନ୍ତେ ସେ ପରାମର୍ଶ ଦେଉଥିଲେ। ଆମ ଅର୍ଥନୀତିରେ କୃଷିର ଭୂମିକା ଉପରେ ସେ ଗୁରୁତ୍ୱାରୋପ କରୁଥିଲେ ଏବଂ ଏଥିସହିତ କୃଷିକୁ ଆଧୁନିକ ଓ ପୋଷଣୀୟ କରିବା ନିମନ୍ତେ ପରାମର୍ଶ ଦେଉଥିଲେ। ଜେଲ୍‌ର ଅନ୍ତେବାସୀଙ୍କ ପାଇଁ ତାଙ୍କ ସଂସ୍କାର ପରାମର୍ଶ ମଧ୍ୟ ଥିଲା ଗୁରୁତ୍ୱପୂର୍ଣ୍ଣ।

ଆମ ଭୂମିର ସୌନ୍ଦର୍ଯ୍ୟ ଅତୁଳ୍ୟ ଏବଂ ତାହା ହଜାର ହଜାର ବର୍ଷ ଧରି ଅତୁଟ ରହିଆସିଛି। ଆମ ଭୂମି ଅସଂଖ୍ୟ ମହାପୁରୁଷଙ୍କୁ ଜନ୍ମ ଦେଇଛି, ଯେଉଁମାନେ ସମାଜକୁ ଉତ୍ତମ ରୂପେ ଗଢ଼ିବା ସହ ଆଲୋକବର୍ତ୍ତିତା ସାଜିଛନ୍ତି। ସେହିଭଳି ସନ୍ଥ ଓ ସମାଜ ସଂସ୍କାରକଙ୍କ ସୂଚୀରେ ପୂଜ୍ୟ ଆଚାର୍ଯ୍ୟଜୀ ଜଣେ ଉତ୍ତୁଙ୍ଗ ବ୍ୟକ୍ତିତ୍ୱ ରୂପେ ବିଦ୍ୟମାନ। ସେ ଯାହାକିଛି କରୁଥିଲେ ତାହା କେବଳ ବର୍ତ୍ତମାନ ପାଇଁ ନୁହେଁ, ଭବିଷ୍ୟତ ପାଇଁ ମଧ୍ୟ ଅଭିପ୍ରେତ ଥିଲା। ଗତବର୍ଷ ନଭେମ୍ବର ମାସରେ, ଛତିଶଗଡ଼ର ଡୋଙ୍ଗରଗଡ଼ ସ୍ଥିତ ଚନ୍ଦ୍ରଗିରି ଜୈନ ମନ୍ଦିର ପରିଦର୍ଶନର ସୌଭାଗ୍ୟ ମୋତେ ମିଳିଥିଲା। ସେତେବେଳେ କିନ୍ତୁ ମୁଁ ସାମାନ୍ୟତମ ଆଭାସ ସୁଦ୍ଧା ପାଇନଥିଲି ଯେ ପୂଜ୍ୟ ଗୁରୁଜୀଙ୍କ ସହ ତାହା ଥିଲା ମୋର ଅନ୍ତିମ ସାକ୍ଷାତ। ସେ ମୁହୂର୍ତ୍ତ ବିଶେଷ ମହତ୍ତ୍ୱ ବହନ କରିଥିଲା। ଦୀର୍ଘସମୟ ଧରି ସେ ମୋ ସହ ବାର୍ତ୍ତାଳାପ କରିଥିଲେ। ରାଷ୍ଟ୍ରନିର୍ମାଣ ପାଇଁ ମୋର ପ୍ରୟାସକୁ ଆଶୀର୍ବାଦ ଦେଉଥିଲେ। ଆମ ଦେଶର ପ୍ରଗତି ଓ ସମଗ୍ର ବିଶ୍ୱରେ ଏହା ପାଉଥିବା ସମ୍ମାନ ପାଇଁ ସେ ତାଙ୍କର ସନ୍ତୋଷ ବ୍ୟକ୍ତ କରିଥିଲେ।

ସେ ଯେଉଁସବୁ କାର୍ଯ୍ୟ କରୁଥିଲେ ସେକଥା କହିଲାବେଳେ ଆନନ୍ଦରେ ଗଦ୍‌ଗଦ୍ ହୋଇ ଉଠୁଥିଲେ। ସେତେବେଳେ ଓ ସଦାବେଳେ ତାଙ୍କର ସେଇ ନିରୀହ ଦୃଷ୍ଟି ଓ ପ୍ରଶାନ୍ତ ସ୍ମିତହାସ୍ୟ ପ୍ରତ୍ୟେକଙ୍କ ମନରେ ଶାନ୍ତି ଓ ଉତ୍ସାହ ଭରିଦେବା ପାଇଁ ପର୍ଯ୍ୟାପ୍ତ। ତାଙ୍କ ଆଶୀର୍ବାଦ ଥିଲା ଆତ୍ମାକୁ ପ୍ରଶାନ୍ତି ପ୍ରଦାନ କରିବା ଭଳି ଅଞ୍ଜନ ସଦୃଶ, ଯାହାକି ତାଙ୍କ ଭିତରେ ଓ ଚତୁଃପାର୍ଶ୍ୱରେ ଏକ ଦିବ୍ୟ ବାତାବରଣକୁ ପ୍ରତିପାଦିତ କରୁଥିଲା।

ସନ୍ଥ ଶିରୋମଣି ଆଚାର୍ଯ୍ୟ ଶ୍ରୀ୧୦୮ ବିଦ୍ୟାସାଗରଜୀ ମହାରାଜଜୀଙ୍କ ଅବର୍ତ୍ତମାନରେ ସୃଷ୍ଟ ଶୂନ୍ୟତା ସଭିଏଁ ଗଭୀର ଭାବେ ଅନୁଭବ କରୁଛନ୍ତି। ଯେଉଁମାନେ ତାଙ୍କୁ ଜାଣିଥିଲେ ସେମାନେ ତାଙ୍କର ଶିକ୍ଷା ଓ ଜୀବନ ଦ୍ୱାରା ଅନୁପ୍ରାଣିତ। ଯେଉଁ ଅସଂଖ୍ୟ ଲୋକଙ୍କୁ ସେ ପ୍ରଭାବିତ କରିଥିଲେ ସେମାନଙ୍କ ହୃଦୟରେ ସନ୍ଥ ଶିରୋମଣି ଆଚାର୍ଯ୍ୟଜୀ ସଦାସର୍ବଦା ବିରାଜମାନ ରହିଛନ୍ତି। ତାଙ୍କ ସ୍ମୃତିକୁ ସମ୍ମାନ ପ୍ରଦର୍ଶନପୂର୍ବକ, ସେ ଯେଉଁ ଆଦର୍ଶରେ ଜୀବନ ବଞ୍ଚିଥିଲେ ଓ ସମସ୍ତଙ୍କୁ ପରାମର୍ଶ ଦେଉଥିଲେ, ତାକୁ ସଭିଏଁ ଆହରଣ ପାଇଁ ସଂକଳ୍ପବଦ୍ଧ ହେବା। ତଦ୍ଦ୍ୱାରା କେବଳ ଏହି ମହାନ ଆତ୍ମାଙ୍କ ପ୍ରତି ଆମର ଉପଯୁକ୍ତ ଓ ଯଥାର୍ଥ ଶ୍ରଦ୍ଧାଞ୍ଜଳି ହେବ ନାହିଁ, ଅପରପକ୍ଷେ ଆମ ରାଷ୍ଟ୍ର ଓ ଲୋକମାନଙ୍କୁ ଆଗକୁ ଆଗେଇ ନେବା ସକାଶେ ତାଙ୍କ ଅଭିଯାନ ମଧ୍ୟ ସାକାର ହୋଇପାରିବ।

# ମାତୃଭାଷା ଦିବସର ମହତ୍ତ୍ୱ ଓ ବହୁଭାଷୀ ଶିକ୍ଷା



**ମହେନ୍ଦ୍ର କୁମାର ମିଶ୍ର**
ରାୟପୁର, ମୋ: ୮୧୦୯୬୭୫୦୫୧

୧୯୯୯ ମସିହାରୁ ୨୧ ଫେବୃଆରୀକୁ 'ବିଶ୍ୱ ମାତୃଭାଷା ଦିବସ' ରୂପେ ପାଳନ କରିବା ପାଇଁ ୟୁନେସ୍କୋ ତରଫରୁ ଘୋଷଣା କଲା ପରେ ଏବେ ସାରା ବିଶ୍ୱରେ ଏହାର ପ୍ରଭାବ ପଡ଼ିଛି। ପୃଥିବୀରେ ୭୦୦୦ ଭାଷା ଅଛି ଓ ଏହି ଭାଷା ସବୁ ମଧ୍ୟରୁ ଅନେକ ଭାଷା ବିଲୁପ୍ତ ହେବାର ଆଶଙ୍କା ରହିଛି। ଭାଷା ମନୁଷ୍ୟ ଶରୀର ଓ ମସ୍ତିଷ୍କରେ ଏକ ସ୍ୱୟଂକ୍ରିୟ ବ୍ୟବସ୍ଥା। ଏହି ବ୍ୟବସ୍ଥା ଶରୀରରେ ଧ୍ୱନିର ସ୍ଥାନ ନିରୂପଣ କରିଛି। କଣ୍ଠ ଠାରୁ ଓଠ ଯାଏଁ ଯେଉଁ ସ୍ୱର ଓ ବ୍ୟଞ୍ଜନ ଧ୍ୱନି ଉତ୍ପନ୍ନ ହୁଏ, ତାକୁ ଭିତ୍ତି କରି ଧ୍ୱନି ବିଜ୍ଞାନର ରଚନା। ମସ୍ତିଷ୍କ ସଂଗେ ଭାଷା ଭାବନା ଓ ଭାବନା ସଂଗେ ଭାଷାର ଅଭିବ୍ୟକ୍ତି ଏକ ସ୍ୱୟଂକ୍ରିୟ ପ୍ରକ୍ରିୟା। ପରିବେଶ ଓ ସଂସ୍କୃତିରୁ ମଣିଷର ବ୍ୟକ୍ତିଗତ ଓ ସାମାଜିକ ଜ୍ଞାନର ନିର୍ମାଣ ହୁଏ। ସାରା ସଂସାରର ଅଭିଜ୍ଞତା ଓ ଜ୍ଞାନ ମସ୍ତିଷ୍କରେ ସଂରଚିତ। ସ୍ଥାନ, ଉଦ୍ଦେଶ୍ୟ ଓ ଆବଶ୍ୟକତା ଅନୁସାରେ ଭାଷା ମସ୍ତିଷ୍କରୁ ଭାବନା ଓ ଧ୍ୱନିରେ, ଶବ୍ଦରେ ଅର୍ଥପୂର୍ଣ୍ଣ ରୂପେ ବାହାରେ। ତାହା ବାଣୀ ବା ବାକ୍। ଶରୀର ଓ ମସ୍ତିଷ୍କ ସଂଗେ ପରିବେଶ, ସମାଜ ଓ ସଂସ୍କୃତିର ଏହି ଜଟିଳ ବ୍ୟବସ୍ଥା ସାରା ସଂସାରକୁ ବୁଝି ବୁଝାଇବାରେ ସହାୟକ। ଏଣୁ ଭାଷାର ମାନବୀୟ ମହତ୍ତ୍ୱ ଓ ଆବଶ୍ୟକତା ରହିଛି।

ଭାଷା ଯେପରି ବ୍ୟକ୍ତିର ଅଭିବ୍ୟକ୍ତିର ଦ୍ୟୋତକ, ସେହିପରି ସାମାଜିକ, ରାଜନୈତିକ ଓ ସାଂସ୍କୃତିକ। ଏହାର ବ୍ୟାବସାୟିକ ଓ ଅର୍ଥନୈତିକ ଦିଗ ବି ରହିଛି। ଜ୍ଞାନର ଭାଷା, କ୍ଷମତାର ଭାଷା, ପରିଚିତିର ଭାଷା - ଏ ସବୁ ଭାଷା ବ୍ୟବସ୍ଥାର ଏକ ଏକ ଅଂଶବିଶେଷ। ଏସବୁ କହିବା ପଛରେ ଭାଷାର ମହତ୍ତ୍ୱ ଓ ମାନବଜୀବନରେ ଏହାର ଆବଶ୍ୟକତାକୁ ବୁଝିବାର ଅଛି। ଜଳ, ବାୟୁ, ଅଗ୍ନି ଓ ମାଟି ପରି ଭାଷା ବି ଏହିପରି ଏକ ଉପାଦାନ, ଯାହା ମଣିଷର ବିକାଶରେ ସହାୟକ। ମାତୃଭାଷା କହିଲେ ଉପରୋକ୍ତ ବ୍ୟବସ୍ଥା ଜଣେ ଶିଶୁର ବିକାଶ ବେଳୁ ହିଁ ନିର୍ମିତ ହୋଇସାରିଥାଏ। ମାତୃଭାଷାରେ ହିଁ ଜଣେ ବାଳକ ତା'ର ପରିଚିତ ପୃଥିବୀକୁ ଚିହ୍ନେ, ବୁଝେ ଓ ପରିବେଶ ସହିତ ନିଜର ସମ୍ପର୍କକୁ ଚିହ୍ନାଏ। ମଣିଷ ନିଜକୁ ପରିବେଶର ଦୃଶ୍ୟ ଓ ଅଦୃଶ୍ୟ ସହିତ ନିଜର ହୃଦୟ, ବୁଦ୍ଧି ଓ ଚେତନାକୁ ଯୋଡ଼େ। ଆହୁରି ସେ ତା' ଜରିଆରେ ପ୍ରକୃତିରୁ ଅର୍ଥ ଖୋଜେ, ଭାବ ଖୋଜେ, ନିଜକୁ ପ୍ରକୃତି ସଂଗେ ତୁଳନା କରେ। କଳ୍ପନା ଓ ସୃଜନ କରେ।

ମଣିଷ ଓ ସମାଜ ସଂଗେ ଭାଷାର ଏହି ଅନ୍ତରଙ୍ଗ ସମ୍ପର୍କ ଯେବେ କୌଣସି କ୍ଷମତାର ଭାଷା ଦ୍ୱାରା ଆକ୍ରାନ୍ତ ହୁଏ ବା ପରାଜିତ ହୁଏ, ସେତେବେଳେ ଭାଷା ଆନ୍ଦୋଳନ ହୁଏ। ମଣିଷ ସ୍ୱାଧୀନତା ପାଇଁ ଯେପରି ଜୀବନକୁ ବଳି ଦେବାକୁ ତିଳେମାତ୍ର ଭୟ କରେ ନାହିଁ, ଭାଷା ଆନ୍ଦୋଳନ କ୍ଷେତ୍ରରେ ମଧ୍ୟ ସେହି କଥା ପ୍ରଯୁଜ୍ୟ। ଏହାର ବଳିଷ୍ଠ ଉଦାହରଣ ବାଂଲାଦେଶ। ଅଖଣ୍ଡ ଭାରତରୁ ୧୯୪୭ରେ ବିଚ୍ଛିନ୍ନ ହୋଇ ପୂର୍ବ-ପାକିସ୍ତାନ ରୂପେ ପଶ୍ଚିମ-ପାକିସ୍ତାନର କରାଗତ ହେଲାପରେ, ୧୯୪୭ ରୁ ୧୯୫୨ ଭିତରେ ପଶ୍ଚିମ-ପାକିସ୍ତାନର ଉର୍ଦ୍ଦୁଭାଷାକୁ ପୂର୍ବ-ପାକିସ୍ତାନର ବାଂଲା ଭାଷାଭାଷୀ ଲୋକଙ୍କ ଉପରେ ସରକାରୀ ଭାଷା ଓ ଶିକ୍ଷାର ଭାଷା ରୂପେ ଲଦି ଦିଆଗଲା। ସେତେବେଳର ପୂର୍ବ-ପାକିସ୍ତାନର ୭ କୋଟି ଲୋକଙ୍କ ଭାଷା ବାଂଲା ଓ ସେମାନଙ୍କୁ ଉର୍ଦ୍ଦୁରେ ପଢ଼ାଲେଖା ଶିଖିବା ଓ ସରକାରୀ ଭାଷା ରୂପେ ପ୍ରଚଳନ କରିବା ଏକ କ୍ଷମତାର ଦୁରୁପଯୋଗ ଥିଲା। ଏହାର ପ୍ରତିବାଦରେ ଢାକ୍କାଠାରେ ୧୯୪୮ ରୁ ୧୯୫୨ ଭିତରେ ଯେଉଁ ପ୍ରତିବାଦ ହେଲା, ତା'ର ଚରମକାଳ ହେଲା ୨୧ ଫେବ୍ରୁଆରୀ, ୧୯୫୨। ଏହି ଦିନ ପଶ୍ଚିମ-ପାକିସ୍ତାନର ସୈନିକଙ୍କ ଗୁଳିରେ ଢାକ୍କାଠାରେ ୫ଜଣ ସହିଦ ହେଲେ। ଉର୍ଦ୍ଦୁଭାଷା ପ୍ରତିବାଦର ଏହି ଆନ୍ଦୋଳନରେ ଆହୁରି ଅନେକ ସହିଦ ହେଲେ, କ୍ଷତାକ୍ତ ହେଲେ, ଜେଲ୍ ଗଲେ ଓ ଅକଥନୀୟ ଅତ୍ୟାଚାରର ସମ୍ମୁଖୀନ ହେଲେ।



୧୯୪୭ରେ ସେକ୍ ମୁଜିବୁର ରହମନ୍ କଲିକତାରେ କର୍ମରତ ଥିଲେ। ସୋରାବର୍ଦ୍ଧିଙ୍କ ସହ ମୁସଲିମ ଲିଗ୍‌ରେ ଥିଲେ। ନୂଆଖାଲି ହିନ୍ଦୁ-ମୁସଲିମ ଦଙ୍ଗାରେ ସେ ତିନିଦିନ ଗାନ୍ଧୀଙ୍କ ପାଖରେ ରହି ଗାନ୍ଧୀଙ୍କ ବିଚାରର ଅନୁଶୀଳନ କରୁଥିଲେ। ସତ୍ୟ ଓ ଅହିଂସାର ଶକ୍ତିକୁ ସେ ପରଖୁଥିଲେ। ଗାନ୍ଧୀଙ୍କ ଯୋଗୁଁ ହିନ୍ଦୁ-ମୁସଲମାନ ସେଦିନ ନୂଆଖାଲିରେ ଦଙ୍ଗା ବନ୍ଦ କଲେ।

ସ୍ୱତନ୍ତ୍ରତାର ଅର୍ଥ ସେଦିନ ଗାନ୍ଧୀଙ୍କଠାରୁ ପାଇଥିଲେ ଶେଖ ମୁଜିବୁର ରହମନ। ସୋରାବର୍ଦ୍ଧି ମୁସଲିମ ଲିଗ୍ ଛାଡ଼ିଲେ। ସେ ଦେଖିଲେ ଏହି ଲିଗ୍ କେବେ ବି ପୂର୍ବବଂଗର ମଙ୍ଗଳ କରିବ ନାହିଁ, ବରଂ ଶୋଷଣ କରିବ। ୧୯୫୨ର ଏହି ଆନ୍ଦୋଳନରେ ୫ଜଣ ସହିଦଙ୍କ ପଟୁଆର ମହାଆନ୍ଦୋଳନରେ ପରିଣତ ହେଲା। ସେକ୍ ମୁଜିବୁର ରହମନଙ୍କ ନେତୃତ୍ୱରେ ଏହି ଭାଷା ପାଇଁ ଆନ୍ଦୋଳନ, ମୁକ୍ତି ଓ ସ୍ୱାଧୀନତାର ଆନ୍ଦୋଳନରେ ରୂପାନ୍ତରିତ ହେଲା। ମୁଜିବୁର ଜାଣିଥିଲେ, ସ୍ୱାଧୀନତା ଅବଶ୍ୟ ଦରକାର ଓ ଏଥିପାଇଁ ସଂଘର୍ଷ ଲୋଡ଼ା। ଗାନ୍ଧୀ ଯେପରି ସତ୍ୟ ଓ ଅହିଂସାକୁ ପ୍ରତୀକ କରି ଆନ୍ଦୋଳନ କଲେ ଏବଂ ସବୁ ଜାତି, ଧର୍ମ ଓ ଭାଷାର ଲୋକେ ସ୍ୱତନ୍ତ୍ରତା ପାଇଁ ଲଢ଼ିଲେ, ମୁଜିବର ମଧ୍ୟ 'ଭାଷା'କୁ ଆୟୁଧ କରି ଜାତି, ଧର୍ମ ଓ ଭାଷା ଉର୍ଦ୍ଧ୍ୱରେ ସେ ମାନବମୁକ୍ତି ପାଇଁ 'ବାଂଲା' ଭାଷାକୁ ପ୍ରତୀକ ରୂପେ ଗ୍ରହଣ କଲେ। ସେ କହିଲେ- 'ଆମି ବାଂଲା, ଆମର ଭାଷା ବାଂଲା, ଆମର ଜାତି ବାଂଲା'। ଏହି ତିନୋଟି ପଦର ଶକ୍ତିକୁ ନେଇ ୧୯୫୨ ରୁ ୧୯୭୧ ଯାଏଁ ଚାଲିଲା ବାଂଲାର 'ମୁକ୍ତି ସଂଗ୍ରାମ'। ପାକିସ୍ତାନର ବର୍ବର ଶାସନର ଅନ୍ତ ହେଲା। ଭାରତର ସହାୟତାରେ ପୂର୍ବ-ପାକିସ୍ତାନରୁ ବାଂଲାଦେଶର ଜନ୍ମ ହେଲା।

ବାଂଲାଦେଶରେ ୯୯ ପ୍ରତିଶତ ବାଂଲା ଭାଷାଭାଷୀ। ବିଶ୍ୱ କବି ରବୀନ୍ଦ୍ର ନାଥଙ୍କ 'ଆମାର ସୋନାର ବାଂଲା, ଆମି ତୋମାୟ ଭାଲବାସି'- ଗୀତଟି ବାଂଲାଦେଶର ଜାତୀୟ ସଙ୍ଗୀତ ରୂପେ ସ୍ଥାନ ପାଇଲା। ଭାରତରେ ଜନ୍ମିତ କାଜି ନଜରୁଲ ଇସଲାମ୍‌ଙ୍କୁ ବାଂଲାଦେଶ ରାଷ୍ଟ୍ରକବିର ସମ୍ମାନ ଦେଇ ସେଠି ତାଙ୍କୁ ରହିବାର ବ୍ୟବସ୍ଥା ହେଲା।

ଭାଷା ସହିତ ସ୍ୱାଧୀନତାର ଏହି ସମ୍ପର୍କ, ଭାଷାକୁ ନେଇ ନିଜ ଅସ୍ତିତ୍ୱର ଓ ପରିଚିତିର ନିର୍ମାଣରୁ ତ ଓଡ଼ିଶା ବି ଜନ୍ମ ନେଇଥିଲା ୧୯୩୬ରେ। ତେଣୁ ମାତୃଭାଷାର ମହତ୍ତ୍ୱ ଏହି ପ୍ରସଙ୍ଗରୁ ଜଣାପଡ଼େ। ବାଂଲାଦେଶ ଏକଭାଷୀ। ହେଲେ ଭାରତ ବହୁଭାଷୀ ଦେଶ। ଏ ଦେଶର ଭାଷା ବି କ୍ଷମତାର ଭାଷା ଓ ଲୋକଙ୍କ ଭାଷା ଦ୍ୱାରା ବିଖଣ୍ଡିତ। ଲିଖିତ ଓ କଥିତ ଦ୍ୱାରା ଦ୍ୱିଖଣ୍ଡିତ। ଭାଷା ଯୋଡ଼େ, ଭାଷା ସଖ୍ୟ ସ୍ଥାପନ କରେ। ଭାଷା ଭାଷାର ଶତ୍ରୁ ନୁହେଁ, ବରଂ ମଣିଷ ଭାଷାର ଦୁରୁପଯୋଗ କରି ମାନବୀୟ ସଭ୍ୟତାର ଅବମାନନା କରେ। ଆଗ ତୁଳନାରେ ଏବେ 'ବିଶ୍ୱ ମାତୃଭାଷା ଦିବସ' ସାରା ପୃଥିବୀରେ ପାଳିତ ହେଉଛି। ଏହି ଅବସରରେ ଫେବୃଆରୀ ୩-୫ରେ ଓଡ଼ିଶା ସରକାରଙ୍କ 'ବିଶ୍ୱ ଓଡ଼ିଆ ସମ୍ମିଳନୀ' ଆୟୋଜନ କରି ଓଡ଼ିଶାର ଭାଷା ସମୂହକୁ ମର୍ଯ୍ୟାଦା ଦେବା ଏକଭାଷିକ ଲୋକତନ୍ତ୍ରର ପରିଚୟ।

ସକାଳ
THE SAKALA

ଯୋଗାଯୋଗ ଠିକଣା

NEWS & INFO
news@thesakala.com

CIRCULATION
circulation@thesakala.com

ADVERTISEMENT
advt@thesakala.com

THE SAKALA
(A Unit of Nandighosha Network Pvt. Ltd.)
At: IDCO Plot No. 90 & 91, Bhagabanpur I/E, BBSR-751019
Ph.: 0674-2954342 | 2955342

ଘୋଷଣା

ଦୈନିକ **'ସକାଳ'** ଓ ଏହାର ବିଶେଷ ଅଧିପତ୍ର, ପତ୍ରିକା ଆଦିରେ ପ୍ରକାଶିତ ଆଲେଖ୍ୟର ଉଦ୍ଧୃତି, ତଥ୍ୟ, ମତାମତ, ବିଶ୍ଳେଷଣ ସମ୍ପୃକ୍ତ ଲେଖକଙ୍କ ସମ୍ପୂର୍ଣ୍ଣ ନିଜସ୍ୱ। ସେଥିପାଇଁ 'ସକାଳ' କର୍ତ୍ତୃପକ୍ଷ ଉତ୍ତରଦାୟୀ ହେବେ ନାହିଁ।

ଲେଖା ଓ ଲୋକମତ ପାଇଁ: sakalaeditorial@gmail.com

# ଅବଶିଷ୍ଟାଂଶ...

## ସଂସ୍କୃତି ମାଟିରେ...

ନୂଆ ସ୍ତରକୁ ନେଇଯିବ । ବରଗଡ଼ବାସୀଙ୍କୁ ମୁଁ ଯେଉଁ ପ୍ରତିଶ୍ରୁତି ଦେଇଥିଲି ତାହା ପୂରଣ କରିଛି । ଆମର ଚାଷୀ ଭାଇ ଭଉଣୀମାନେ, ମିଶନ୍ ଶକ୍ତି ମା' ଓ ଯୁବ ବର୍ଗଙ୍କୁ ବିନା ସୁଧରେ ଋଣ ଦିଆଯାଉଛି । କଲେଜ ପିଲାମାନଙ୍କ ମଧ୍ୟରେ 'ନୂଆ-ଓ' ଛାତ୍ରବୃତ୍ତି ଉତ୍ସାହ ଭରିଛି । ସମସ୍ତଙ୍କ ସହଯୋଗରେ ଓଡ଼ିଶାରେ ଆଜି ରୂପାନ୍ତର ଆସିଛି ଏବଂ ଏହି ଧାରା ଆଗକୁ ମଧ୍ୟ ବଢ଼ିବ । ଆମେ ସମସ୍ତେ ମିଶି ଏକ ନୂଆ ଓଡ଼ିଶା ଗଢ଼ିବା ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି । ସ୍ୱଭାବ କବି ଗଙ୍ଗାଧର ମେହେର ଓ ମହାନ ସ୍ୱାଧୀନତା ସଂଗ୍ରାମୀ ମା' ପାର୍ବତୀ ଗିରିଙ୍କୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରି ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ ବରଗଡ଼ ଜିଲ୍ଲା ପାଇଁ ଆମ ରାଜ୍ୟ ଗର୍ବିତ । ଏବେ ସାରା ରାଜ୍ୟରେ ରୂପାନ୍ତର ପର୍ବ ଚାଲିଛି । ମହାପ୍ରଭୁ ଶ୍ରୀ ଜଗନ୍ନାଥଙ୍କ ପରିକ୍ରମା ପ୍ରକଳ୍ପ, ମା' ସମଲେଇ ପ୍ରକଳ୍ପ ଭକ୍ତମାନଙ୍କ ପାଇଁ ସୁନ୍ଦର ଅନୁଭୂତି ଆଣିଛି । ଆଜି ଉଦ୍‌ଘାଟିତ ହୋଇଥିବା ରୂପାନ୍ତରିତ ପ୍ରସିଦ୍ଧ ନୃସିଂହନାଥ ପୀଠ ମଧ୍ୟ ଓଡ଼ିଶାର ଗୌରବକୁ ଆହୁରି ବୃଦ୍ଧି କରିବ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି । ରାଜ୍ୟରେ '୫-ଟି' ଉପକ୍ରମରେ ଚାଲିଥିବା ରୂପାନ୍ତର କାର୍ଯ୍ୟ ଉପରେ ଆଲୋକପାତ କରି ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ ଆମର ଏହି ରୂପାନ୍ତର କାର୍ଯ୍ୟକ୍ରମରେ ହାଇସ୍କୁଲ ରୂପାନ୍ତରଣ ବେଶ୍ ସଫଳତା ଆଣିପାରିଛି । ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନା ୪ କୋଟି ଲୋକଙ୍କ ପାଇଁ ଆଶୀର୍ବାଦ ହୋଇଛି । ପରିବହନ ସେବାରେ ଲକ୍ଷ୍ମୀ ବସ୍ ଗ୍ରାମାଞ୍ଚଳର ଲୋକଙ୍କ ଜୀବନଧାରାକୁ ସହଜ କରିଛି । ବଡ଼ ବଡ଼ ଜଳସେଚନ ପ୍ରକଳ୍ପ ଠିକ୍ ସମୟରେ ଶେଷ ହେଉଛି । ଆଜି ଓଡ଼ିଶା ସାଧାରଣ ବଣ୍ଟନ ବ୍ୟବସ୍ଥାରେ ସାରା ଦେଶକୁ ଖାଦ୍ୟ ଯୋଗାଉଛି । ଏଥିରେ ବରଗଡ଼ ଜିଲ୍ଲାର ଚାଷୀ ଭାଇମାନଙ୍କର ବହୁତ ବଡ଼ ଅବଦାନ ରହିଛି । କ୍ରୀଡ଼ା କ୍ଷେତ୍ରରେ ମଧ୍ୟ ଏହି ଜିଲ୍ଲା ପଛରେ ନାହିଁ । ବ୍ୟାଡମିଣ୍ଟନ ତାରକା ପ୍ରମୋଦ ଭଗତଙ୍କର ଏଥିରେ ବିଶେଷ ଅବଦାନ ରହିଛି ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି । ଆଜି ଗଙ୍ଗାଧର ମେହେର ଉଠାଜଳସେଚନ ପ୍ରକଳ୍ପ ଜରିଆରେ ଜିଲ୍ଲାର ଚାଷ ଜମିକୁ ପାଣି ଯୋଗାଣ ଆରମ୍ଭ ହୋଇଛି । ଏହି ପ୍ରକଳ୍ପ ଜିଲ୍ଲାର ୬୦ ହଜାର ଏକରରୁ ଅଧିକ ଜମିକୁ ପାଣି ଯିବ । ଜିଲ୍ଲାର ସୋହେଲା, ବିଜେପୁର, ବରପାଲି, ଡୁଙ୍ଗୁରିପାଲି ବ୍ଲକ୍‌ର ଚାଷୀମାନେ ଏହା ଦ୍ୱାରା ବିଶେଷଭାବେ ଉପକୃତ ହେବେ ବୋଲି ମୁଖ୍ୟମନ୍ତ୍ରୀ ପ୍ରକାଶ କରିଛନ୍ତି ।

ଏଠାରେ ଉଲ୍ଲେଖଯୋଗ୍ୟ ଯେ ୧୬୭୭ କୋଟି ୪୨ ଲକ୍ଷ ଟଙ୍କା ବ୍ୟୟରେ ନିର୍ମିତ ଗଙ୍ଗାଧର ମେହେର ଜଳସେଚନ ପ୍ରକଳ୍ପ ସହ ୨୨ କୋଟି ୭୮ ଲକ୍ଷ ଟଙ୍କା ବ୍ୟୟରେ ନୃସିଂହନାଥଙ୍କ ରୂପାନ୍ତରିତ ପୀଠ, ସୋହେଲା-ନୂଆପଡ଼ା ବିଜୁ ଏକ୍ସପ୍ରେସ୍ ୱେ, ୩୧୭ଟି ହାଇସ୍କୁଲ ରୂପାନ୍ତରିତ ପ୍ରକଳ୍ପ ଉଦ୍‌ଘାଟନ ହୋଇଛି । ଏଥିସହ ୫୬ଟି କଲେଜକୁ ଅତ୍ୟାଧୁନିକ ଶିକ୍ଷା ବ୍ୟବସ୍ଥାରେ ରୂପାନ୍ତରିତ କାର୍ଯ୍ୟ, ୫ଟି ସ୍ୱାସ୍ଥ୍ୟ ଅନୁଷ୍ଠାନକୁ ଆମ ହସ୍ପିଟାଲରେ ରୂପାନ୍ତରଣ, ୧୮୫ଟି ବ୍ୟାଙ୍କ ନ ଥିବା ପଞ୍ଚାୟତରେ 'ଆମ ବ୍ୟାଙ୍କ', ଲକ୍ଷ୍ମୀ ଯୋଜନାରେ ୨୬୨ଟି ବସ୍ ଷ୍ଟପେଜ, ମୁଖ୍ୟମନ୍ତ୍ରୀ ସ୍ୱତନ୍ତ୍ର ସହାୟତା ଯୋଜନା ଅଧିନରେ ୪୩୧ଟି କଲ୍ୟାଣ ମଣ୍ଡପ, କମ୍ୟୁନିଟି ସେଣ୍ଟର ଓ ଧାର୍ମିକ ସ୍ଥଳର ଉନ୍ନତି କାର୍ଯ୍ୟ, ଆମ ଓଡ଼ିଶା ନବୀନ ଓଡ଼ିଶାରେ ୧୬୨ କୋଟି ୫୦ ଲକ୍ଷ ଟଙ୍କା ବ୍ୟୟରେ ୩୧୩୫ଟି ପ୍ରକଳ୍ପ ଜିଲ୍ଲାରେ କାର୍ଯ୍ୟକାରୀ ହୋଇଛି । କାର୍ଯ୍ୟକ୍ରମରେ ଜଳସମ୍ପଦ ମନ୍ତ୍ରୀ ଟୁକୁନି ସାହୁ, ହସ୍ତତନ୍ତ ମନ୍ତ୍ରୀ ରୀତା ସାହୁ, ବିଧାୟକ ଦେବେଶ ଆଚାର୍ଯ୍ୟ, ବିଧାୟିକା ବର୍ଷା ସିଂ ବରିହା ପ୍ରମୁଖ ଯୋଗଦେଇ ବରଗଡ଼ ଜିଲ୍ଲା ପ୍ରତି ମୁଖ୍ୟମନ୍ତ୍ରୀଙ୍କ ସ୍ୱତନ୍ତ୍ର ଦୃଷ୍ଟି ରହିଛି ବୋଲି ଉଲ୍ଲେଖ କରି ମୁଖ୍ୟମନ୍ତ୍ରୀ ଓ '୫-ଟି' ଅଧ୍ୟକ୍ଷଙ୍କ ଆନ୍ତରିକତା ଯୋଗୁ ଆଜି ବରଗଡ଼ ଜିଲ୍ଲାର ବିକାଶ ସମ୍ଭବ ହୋଇଛି ବୋଲି ପ୍ରକାଶ କରିଛନ୍ତି । କାର୍ଯ୍ୟକ୍ରମରେ ରାଜ୍ୟ ଉନ୍ନୟନ କମିଶନର ତଥା ଜଳ ସମ୍ପଦ ବିଭାଗର ଅତିରିକ୍ତ ମୁଖ୍ୟ ସଚିବ ଅନୁ ଗର୍ଗ ସ୍ୱାଗତ ଭାଷଣ ଦେଇଥିବା ବେଳେ ଜିଲ୍ଲା ପରିଷଦ ସଭାପତି ମାନିନୀ ଭୋଇ ଧନ୍ୟବାଦ ଅର୍ପଣ କରିଥିଲେ ।

## ଆହ୍ୱାନପୂର୍ଣ୍ଣ ପ୍ରକଳ୍ପକୁ...

ହୋଇଛନ୍ତି । ଆଜି ମହାନଦୀରୁ ପାଇପ୍ ଯୋଗେ ହଜାର ହଜାର ଏକର ଜମିକୁ ପାଣି ଯୋଗାଣ ଆରମ୍ଭ ହୋଇଛି । ଅନୁରୂପ ଭାବରେ ନିକଟରେ ରାଜ୍ୟ ସରକାର ବିଭିନ୍ନ କଲ୍ୟାଣକାରୀ ଯୋଜନା ଗୁଡ଼ିକରେ ହିତାଧିକାରୀମାନଙ୍କର ଭତ୍ତା ବୃଦ୍ଧି କରିଛନ୍ତି ଏବଂ ସାଧାରଣ ଗରିବ ଲୋକମାନେ ଏହାଦ୍ୱାରା ଉପକୃତ ହୋଇଛନ୍ତି ବୋଲି ଶ୍ରୀ ପାଣ୍ଡିଆନ କହିଛନ୍ତି । ଏହି ଅବସରରେ ସେ ଉପସ୍ଥିତ ଜନସାଧାରଣଙ୍କ ସହିତ ମମତା, ମଧୁବାବୁ ପେନସନ୍ ଯୋଜନା, ବୁଣାକାର, କଳାକାର, କେନ୍ଦୁପତ୍ର ତୋଳାଳି ଆଦି ସମସ୍ତଙ୍କ ପାଇଁ ହୋଇଥିବା ନୂଆ ବର୍ଦ୍ଧିତ ସହାୟତା ସମ୍ପର୍କରେ ଭାବବିନିମୟ ଓ ସଚେତନ କରିଛନ୍ତି ।

## ଶ୍ରୀକ୍ଷେତ୍ରରୁ ଅର୍କକ୍ଷେତ୍ର...

ଜଗନ୍ନାଥଙ୍କ ସଂସ୍କୃତି ସମ୍ପର୍କରେ ଲୋକମାନଙ୍କୁ ଅବଗତ କରିବା ପାଇଁ ସମସ୍ତ ପ୍ରକାର ବ୍ୟବସ୍ଥା କରାଯିବ । ଏ ସଂପର୍କରେ ଶ୍ରୀମନ୍ଦିର ସେବାୟତମାନଙ୍କ ସହ ଆଲୋଚନା କରାଯାଇ ଏହାକୁ କାର୍ଯ୍ୟକାରୀ କରାଯିବ । ଏହି ପ୍ରକଳ୍ପ ପାଇଁ ସମୁଦାୟ୨୧୫ହେକ୍ଟର ଜମିର ଆବଶ୍ୟକତା ପଡ଼ିବ । ରାଜ୍ୟ ସରକାର ସହଯୋଗ କଲେ ଜମି ଅଧିଗ୍ରହଣ କରାଯାଇ କାମ ଆରମ୍ଭ କରାଯିବ ବୋଲି ଶ୍ରୀ ବୈଷ୍ଣବ କହିଥିଲେ । ସେହିପରି ପୁରୀ-କୋଣାର୍କ ରୁଟ୍‌ରେ ୩ରୁ ୪ଟି ସ୍ଥାନରେ ସ୍ୱତନ୍ତ୍ର ପର୍ଯ୍ୟଟନ ହେରିଟେଜ୍ ହବ୍ ନିର୍ମାଣ କରାଯିବ । ସେଠାରେ ଓଡ଼ିଶାର କଳା ଓ ସଂସ୍କୃତିର ଝଲକ୍ ଦେଖିବାକୁ ମିଳିବ । ଏହି ହବ୍ ପାଇଁ ଜାଗା ଦେବାକୁ ରାଜ୍ୟ ସରକାରଙ୍କୁ ନିବେଦନ କରାଯିବ ବୋଲି ସେ କହିଛନ୍ତି । ଗତ ୧୦ ବର୍ଷ ଭିତରେ ପାଖାପାଖି ୧୦ ହଜାର କୋଟି ଟଙ୍କାରେ ୪୦୯ଟି ରେଲୱେ ଓଭରବ୍ରିଜ୍ ଓ ଅଣ୍ଡରପାସ୍ ନିର୍ମାଣ ହୋଇଛି । ଏବେ ୨୨୦ ରେଲୱେ ଓଭରବ୍ରିଜ୍ ଓ ଅଣ୍ଡରପାସ୍ ନିର୍ମାଣ କାର୍ଯ୍ୟ ଚାଲିଛି । ଏହି ସବୁ କାମ ଶୀଘ୍ର ସରୁ ବୋଲି ମହାପ୍ରଭୁଙ୍କ ନିକଟରେ ମୁଁ ପ୍ରାର୍ଥନା କରୁଛି ବୋଲି ଶ୍ରୀ ବୈଷ୍ଣବ କହିଥିଲେ ।

## ରାଜଧାନୀରେ...

ଅନୁଭୂତ ହୋଇଛି । ଅନ୍ୟପଟେ ବର୍ତ୍ତମାନ ଦକ୍ଷିଣ-ପଶ୍ଚିମ ଦିଗରୁ ରାଜ୍ୟକୁ ଶୁଷ୍କବାୟୁ ପ୍ରବାହିତ ହେଉଥିବାରୁ ଅଧିକାଂଶ ସ୍ଥାନରେ ତାପମାତ୍ରା ବୃଦ୍ଧି ପାଇ ପାଗ ଅନୁକୂଳ ହୋଇଛି । ପାଣିପାଗ କେନ୍ଦ୍ରର ସୂଚନା ଅନୁଯାୟୀ, ମଙ୍ଗଳବାର ରାଜ୍ୟର ୧୫ଟି ସ୍ଥାନରେ ତାପମାତ୍ରା ୩୫ ଡିଗ୍ରୀ କିମ୍ବା ତଦୂର୍ଦ୍ଧ୍ୱ ରେକର୍ଡ କରାଯାଇଛି । ୩୭ ଡିଗ୍ରୀ ତାପମାତ୍ରା ସହ ଭୁବନେଶ୍ୱର ରାଜ୍ୟର ସବୁଠୁ ଉତ୍ତପ୍ତ ସହର ପାଲଟିଥିବା ବେଳେ ତାଲିକାର ଦ୍ୱିତୀୟ ସ୍ଥାନରେ ବୌଦ୍ଧ (୩୬ଡିଗ୍ରୀ) ରହିଛି । ସେହିପରି ଝାରସୁଗୁଡ଼ା, ଭବାନୀପାଟଣା ଓ ପାରଳାଖେମୁଣ୍ଡିରେ ତାପମାତ୍ରା ୩୫.୬ ଡିଗ୍ରୀ ଲେଖାଏଁ ରେକର୍ଡ ହୋଇଥିବା ବେଳେ ଟିଟିଲାଗଡ଼, ନୟାଗଡ଼ ଓ ଜଗତସିଂହପୁରରେ ୩୫.୫, ବଲାଙ୍ଗିରରେ ୩୫.୩, ଅନୁଗୁଳ ୩୫.୧ ଓ ବାଲେଶ୍ୱର, ଚାନ୍ଦବାଲି, ତାଳଚେର, ମାଲକାନଗିରି ଏବଂ ଭଦ୍ରକରେ ୩୫ ଡିଗ୍ରୀ ଲେଖାଏଁ ରେକର୍ଡ କରାଯାଇଛି ।

ପାଣିପାଗ କେନ୍ଦ୍ରର ସୂଚନା ଅନୁଯାୟୀ, ଆସନ୍ତା ୨ଦିନ ପର୍ଯ୍ୟନ୍ତ ରାଜ୍ୟର ବିଭିନ୍ନ ସ୍ଥାନରେ ଏଭଳି ପାଗ ଲାଗି ରହିବ । ତେଣୁ ଅଧିକାଂଶ ସ୍ଥାନରେ ୩୫ରୁ ୩୭ ଡିଗ୍ରୀ ମଧ୍ୟରେ ତାପମାତ୍ରା ରେକର୍ଡ ହେବ ବୋଲି ପୂର୍ବାନୁମାନ କରାଯାଇଛି । ବିଶେଷକରି ଉପକୂଳ ଓଡ଼ିଶା ଅପେକ୍ଷା ଆଭ୍ୟନ୍ତରୀଣ ଓଡ଼ିଶାରେ ତାତି ଅପେକ୍ଷାକୃତ ଅଧିକ ରହିବା ନେଇ ପୂର୍ବାନୁମାନ କରାଯାଇଛି । ଦୁଇ ଦିନ ପରେ ରାଜ୍ୟ ଉପରେ ଏକ ପଶ୍ଚିମାଝଡ଼ର ପ୍ରଭାବ ସୃଷ୍ଟି ହେବାକୁ ଥିବାରୁ ପାଗରେ ପରିବର୍ତ୍ତନ ହେବ । ୨୨ରୁ ୨୬ ତାରିଖ ପର୍ଯ୍ୟନ୍ତ ଉତ୍ତର ଆଭ୍ୟନ୍ତରୀଣ ଓଡ଼ିଶାର ଜିଲ୍ଲାଗୁଡ଼ିକରେ କିଛି କିଛି ବର୍ଷା ହେବା ନେଇ ଆକଳନ କରାଯାଇଛି । ସେହିପରି କିଛି ଜାଗାରେ ମେଘୁଆ ପାଗ ଯୋଗୁଁ ତାପମାତ୍ରା ହ୍ରାସ ପାଇବ । ୨୨ତାରିଖରେ କେନ୍ଦୁଝର, ମୟୂରଭଞ୍ଜ, ବାଲେଶ୍ୱର ଓ ଭଦ୍ରକ ଆଦି ଜିଲ୍ଲାରେ ସ୍ୱଳ୍ପବର୍ଷା ହେବାକୁ ଥିବା ବେଳେ ୨୩ରେ ବର୍ଷାର ପ୍ରକୋପ ଅଧିକ ଜିଲ୍ଲାରେ ଅନୁଭୂତ ହେବ ବୋଲି ପାଣିପାଗ କେନ୍ଦ୍ର ପକ୍ଷରୁ କୁହାଯାଇଛି ।

## ସିକିମ୍ ରୟତଙ୍କୁ...

ହୋଇପାରିଛି । ଏହି ଅବସରରେ ମୁଖ୍ୟମନ୍ତ୍ରୀ କହିଛନ୍ତି ଜନସାଧାରଣଙ୍କ ସମସ୍ୟାର ସମାଧାନ ଉପରେ ତାଙ୍କ ସରକାର ସର୍ବାଧିକ ପ୍ରାଥମିକତା ଦେଇଆସିଛି । ଏହା ଏକ ଐତିହାସିକ ପଦକ୍ଷେପ ଭାବରେ ବର୍ଣ୍ଣନା କରି ଲୋକମାନଙ୍କର ଖୁସି ହିଁ ତାଙ୍କର ସବୁଠାରୁ ବଡ଼ ପୁରସ୍କାର ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି । ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ '୫-ଟି' ଓ ନବୀନ ଓଡ଼ିଶା ଅଧ୍ୟକ୍ଷଙ୍କ କେନ୍ଦ୍ରାପଡା ଜିଲ୍ଲା ଗସ୍ତ ଅବସରରେ ସିକିମ ରୟତମାନେ ତାଙ୍କୁ ଭେଟି ସେମାନଙ୍କର ଅସୁବିଧା ବିଷୟରେ ଜଣାଇଥିଲେ । '୫-ଟି' ଅଧ୍ୟକ୍ଷ ଏ ବିଷୟରେ ମୁଖ୍ୟମନ୍ତ୍ରୀଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ । ପରେ ମୁଖ୍ୟମନ୍ତ୍ରୀ ଏହି ସମସ୍ୟାର ସମାଧାନ ପାଇଁ ପଦକ୍ଷେପ ନେବାକୁ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗକୁ ନିର୍ଦ୍ଦେଶ ଦେଇଥିଲେ । ସେହିପରି ଗଞ୍ଜାମ ଜିଲ୍ଲାରେ ଗ୍ରାମକଣ୍ଠ ଓ ପରମ୍ପୋକ ଜମି ସମସ୍ୟାର ମଧ୍ୟ କିଛି ଦିନ ତଳେ ସମାଧାନ କରାଯାଇଥିଲା । ଜନସାଧାରଣଙ୍କ ସମସ୍ୟାର ସମାଧାନ ପ୍ରତି ଏହା ତାଙ୍କ ସରକାରଙ୍କ ପ୍ରତିବଦ୍ଧତା ଓ ନିଷ୍ଠାର ପରିଚୟ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି । ରାଜ୍ୟ ସରକାରଙ୍କ ଏହି ଆଇନଗତ ପଦକ୍ଷେପ ବଳରେ ସିକିମ ଜମି ଉପରେ ଜମି ସ୍ୱତ୍ୱ ଥିବା ରୟତମାନେ ବଂଶାନୁକ୍ରମିକ ଓ ହସ୍ତାନ୍ତରଯୋଗ୍ୟ ଅଧିକାର ପ୍ରାପ୍ତ ହେଲେ । ଏଥି ପାଇଁ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ ନିଜଆଡ଼ୁ ମକଦ୍ଦମା କରି ଏହି ସବୁ ସିକିମ ଜମି ସମସ୍ୟାର ସମାଧାନ କରିଥିବାରୁ ମୁଖ୍ୟମନ୍ତ୍ରୀ ଆନନ୍ଦ ପ୍ରକାଶ କରିଛନ୍ତି ।

'୫-ଟି' ତଥା ନବୀନ ଓଡ଼ିଶା ଅଧ୍ୟକ୍ଷ କାର୍ତ୍ତିକ ପାଣ୍ଡିଆନ କାର୍ଯ୍ୟକ୍ରମ ସଂଚାଳନ କରି କହିଛନ୍ତି, ସିକିମ ରୟତ ସମସ୍ୟା ଦୀର୍ଘ ୫୦ ବର୍ଷରୁ ଅଧିକ ବର୍ଷର ସମସ୍ୟା ହୋଇ ରହିଥିଲା । ଜିଲ୍ଲାଗସ୍ତ ସମୟରେ କେନ୍ଦ୍ରାପଡ଼ା ଜିଲ୍ଲାରୁ ପ୍ରଥମେ ଏହି ଆବେଦନ ଆସିଥିଲା । ଖୁବଶୀଘ୍ର ଏହାର ସମାଧାନ କରାଗଲା । ବାକି ରହିଯାଇଥିବା ଜମି ପଟ୍ଟା ପ୍ରଦାନ କାର୍ଯ୍ୟକୁ ଶୀଘ୍ର ଶେଷ କରି ସ୍ୱଚ୍ଛତା ଓ ସମ୍ମାନର ସହ ବଣ୍ଟନ କରିବା ପାଇଁ ଜିଲ୍ଲା ପ୍ରଶାସନମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି । ସେ ଆହୁରି ମଧ୍ୟ କହିଛନ୍ତି ଯେ ଗଞ୍ଜାମ ଜିଲ୍ଲାର ୧୦୦ ବର୍ଷରୁ ଊର୍ଦ୍ଧ୍ୱ ଗ୍ରାମକଣ୍ଠ ପରମ୍ପୋକ ସମସ୍ୟା ରହିଥିଲା । ୨୦୦୯ ବର୍ଷରେ ଆଇନ ବଦଳାଇ ମୁଖ୍ୟମନ୍ତ୍ରୀ ତା'ର ସଂଶୋଧନ କଲେ । ଆପଣମାନେ ସମସ୍ତେ ଏହାର ଉପକୃତ ହେଲେ । ଜଗତସିଂହପୁର ଓ ପୁରୀ ଜିଲ୍ଲାରେ ଚକ ଜମି ବିକ୍ରୀ ଅସୁବିଧାକୁ ମଧ୍ୟ ମୁଖ୍ୟମନ୍ତ୍ରୀ ଦୂର କରିଛନ୍ତି । ମୁଖ୍ୟମନ୍ତ୍ରୀଙ୍କ ଦୃଷ୍ଟିରେ ଲୋକଙ୍କ ସେବା ପାଇଁ, ଲୋକଙ୍କୁ ସଶକ୍ତ କରିବା ପାଇଁ ଆଇନ ରହିଛି । ଲୋକଙ୍କ ହିତ ପାଇଁ ଆଇନକୁ ମଧ୍ୟ ସଂଶୋଧନ କରାଯିବ ବୋଲି ସେ କହିଛନ୍ତି । କେନ୍ଦ୍ରାପଡାରେ ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ମନ୍ତ୍ରୀ ଅତନୁ ସବ୍ୟସାଚୀ ନାୟକ, ଜଗତସିଂହପୁରରେ ସରକାରୀ ଦଳ ମୁଖ୍ୟ ସଚେତକ ପ୍ରଶାନ୍ତ କୁମାର ମୁଦୁଲି, କଟକରେ ବିଧାୟକ ପ୍ରତାପ ଜେନା, ବାଲେଶ୍ୱରରେ ବିଧାୟକ ସ୍ୱରୂପ ଦାସ, ଖୋର୍ଦ୍ଧାରେ ବିଧାୟକ ରାଜେନ୍ଦ୍ର ସାହୁ, ଗଞ୍ଜାମରେ ବିଧାୟକ ସୁବାଷ ଚନ୍ଦ୍ର ବେହେରା ଓ ପୁରୀରେ ରାଜ୍ୟ ଯୋଜନା ବୋର୍ଡ ପୂର୍ବତନ ଉପାଧ୍ୟକ୍ଷ ସଞ୍ଜୟ ଦାସବର୍ମା ପ୍ରମୁଖ ଆୟୋଜିତ ଜିଲ୍ଲା ସ୍ତରୀୟ ସମାରୋହରେ ଉପସ୍ଥିତ ରହି ସିକିମ ରୟତ ଚାଷୀମାନଙ୍କୁ ମୁଖ୍ୟମନ୍ତ୍ରୀଙ୍କ ପକ୍ଷରୁ ପଟ୍ଟା ବଣ୍ଟନ କରିଥିଲେ । କାର୍ଯ୍ୟକ୍ରମରେ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁଦାମ ମାର୍ଣ୍ଡି କହିଲେ ଯେ ମୁଖ୍ୟମନ୍ତ୍ରୀଙ୍କ ବଳିଷ୍ଠ ଓ ଦୂରଦର୍ଶୀ ନେତୃତ୍ୱ ଯୋଗୁଁ ବହୁ ବର୍ଷର ସମସ୍ୟା ପଡିରହିଥିବା ଏହି ସିକିମ ରୟତଙ୍କ ସମସ୍ୟାର ଆଜି ସମାଧାନ ହୋଇଛି । ଏଥି ପାଇଁ ମୁଖ୍ୟମନ୍ତ୍ରୀଙ୍କୁ ଯେତେ ଧନ୍ୟବାଦ ଦେଲେ ମଧ୍ୟ କମ୍ ହେବ । ସିକିମ ସ୍ୱତ୍ୱ ଭାବରେ ରେକର୍ଡ ହୋଇଥିବା ଜମିକୁ ଦଖଲକରୁଥିବା ବ୍ୟକ୍ତିମାନଙ୍କୁ ଉପ-ରୟତ କିମ୍ବା ଅଧସ୍ତନ-ରୟତ କୁହାଯାଏ । ଓଡ଼ିଶା ଭୂ-ସଂସ୍କାର ଆଇନ, ୧୯୬୦ ଅନୁଯାୟୀ ସିକିମ ଜମିରେ ରୟତି ଘୋଷଣା ନିମନ୍ତେ ଆବେଦନ କରିବାର ଶେଷ ଅବଧି ୧୯୭୭ ମସିହା ପର୍ଯ୍ୟନ୍ତ ଥିଲା । ସମସ୍ତ ସିକିମ ଚାଷୀ ଏହି ସମୟ ଅବଧି ଭିତରେ ଆବେଦନ କରିପାରି ନ ଥିଲେ । ଏହି ସବୁ ନିବେଦନ ପତ୍ରକୁ ଅନୁଧ୍ୟାନ କରି ସିକିମ ସ୍ୱତ୍ୱ ସମସ୍ୟାର ସ୍ଥାୟୀ ସମାଧାନ ନିମନ୍ତେ ରାଜସ୍ୱ ଟାସ୍କଫୋର୍ସକୁ ଏହା ପ୍ରେରଣ କରାଯାଇଥିଲା । ରାଜସ୍ୱ ଟାସ୍କଫୋର୍ସ ରାଜସ୍ୱ ଆୟୁକ୍ତ, ବିଭିନ୍ନ ଜିଲ୍ଲାର ଜିଲ୍ଲାପାଳ ଓ ରାଜସ୍ୱ ବିଭାଗର କାର୍ଯ୍ୟରତ ବରିଷ୍ଠ ଅଧିକାରୀ ତଥା ବିଭିନ୍ନ ବିଶେଷଜ୍ଞ ମାନେ ବ୍ୟାପକ ବିଚାର ବିମର୍ଶ କରି ଓଡିଶା ଭୂ-ସଂସ୍କାର ଆଇନକୁ ସଂଶୋଧନ କରିବା ପାଇଁ ପରାମର୍ଶ ଦେଇଥିଲେ । ଯାହାପରେ ମାନ୍ୟବର ମୁଖ୍ୟମନ୍ତ୍ରୀଙ୍କ ନିର୍ଦ୍ଦେଶକ୍ରମେ ତ୍ୱରିତ ସଂଶୋଧିତ ହୋଇଥିଲା ।

ସୂଚନାଯୋଗ୍ୟ ଯେ, ମୁଖ୍ୟମନ୍ତ୍ରୀଙ୍କ ନିର୍ଦ୍ଦେଶରେ ରାଜସ୍ୱ ବିଭାଗ ପକ୍ଷରୁ ସ୍ୱତଃସ୍ଫୂର୍ତ୍ତ ଭାବେ ସିକିମ ରୟତମାନଙ୍କ ପକ୍ଷରୁ ଦରଖାସ୍ତ ଆବେଦନ କରାଯାଇ ବହୁ ସିକିମ ପଟ୍ଟା ସିକିମ ରୟତ କିମ୍ବା ସେମାନଙ୍କର ଉତ୍ତରାଧିକାରୀମାନଙ୍କ ନାମରେ ସଂଶୋଧିତ ହୋଇସାରିଛି । ଏହି ଐତିହାସିକ ପଦକ୍ଷେପ ଫଳରେ ଓଡ଼ିଶାର ପ୍ରାୟ ୨,୫୦,୦୦୦ ସିକିମ ରୟତ ଓ ତାଙ୍କ ଉତ୍ତରାଧିକାରୀ ଉପକୃତ ହେବେ । କାର୍ଯ୍ୟକ୍ରମରେ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ସତ୍ୟବ୍ରତ ସାହୁ ସ୍ୱାଗତ ଭାଷଣ ଦେଇ ସିକିମ ସ୍ୱତ୍ୱ ସମସ୍ୟା ଓ ବିଭାଗ ପକ୍ଷରୁ ଏହାର ସମାଧାନ ପାଇଁ ନିଆଯାଇଥିବା ପଦକ୍ଷେପ ସଂପର୍କରେ ଆଲୋକପାତ କରିଥିଲେ ।

## ନିଯୁକ୍ତ ହେବେ...

ଟ୍ରାଙ୍କୁଲାଇଜେସନ ପରେ ଯନ୍ତାରେ ଛଡ଼ାଯିବ, ତାହା ଶିକ୍ଷା ଦିଆଯାଉଛି । କୌଣସି ସ୍ଥାନରେ ହାତୀ-ମଣିଷ ଲଢ଼େଇ ହେଉ କିମ୍ବା ବନ୍ୟପ୍ରାଣୀ ବିପଦରେ ପଡ଼ିଲେ, ଏହି ଟିମ୍ ଘଣ୍ଟେରୁ ଦେଢ ଘଣ୍ଟା ଭିତରେ ଘଟଣାସ୍ଥଳରେ ପହଞ୍ଚିବ ବୋଲି ବନ ବିଭାଗ ପକ୍ଷରୁ କୁହାଯାଇଛି । ସେହିପରି ଉଦ୍ଧାର ପ୍ରାଣୀକୁ ତୁରନ୍ତ ଚିକିତ୍ସା ଯୋଗାଇବାକୁ ବି ସଦସ୍ୟମାନଙ୍କୁ ତାଲିମ ଦିଆଯାଉଛି । ଘଟଣା ସମ୍ପର୍କରେ ସୂଚନା ଦେଇ ପିସିସିଏଫ୍ (ବନ୍ୟପ୍ରାଣୀ) ସୁଶାନ୍ତ ନନ୍ଦ କହିଛନ୍ତି ୧୮ଟି ବନଖଣ୍ଡ ପାଇଁ ୧୮ଟି ରାପିଡ୍ ରେସ୍‌ପନ୍ସ ଟିମ ଗଠନ କରାଯାଇଛି । ବିଭିନ୍ନ ପର୍ଯ୍ୟାୟରେ ତାଲିମ୍ ପରେ ସେମାନେ ଏପ୍ରିଲ୍‌ଠାରୁ କାର୍ଯ୍ୟକୁ ଓହ୍ଲାଇବେ ବୋଲି ସେ କହିଛନ୍ତି । ଏହି ଟିମ୍‌ର ସଦସ୍ୟମାନଙ୍କ ପାଇଁ ସ୍ୱତନ୍ତ୍ର ଅପରେସନ୍ ୟୁନିଫର୍ମ କରାଯାଇଥିବା ବେଳେ ଯେପରି ସବୁ ପ୍ରକାର ପ୍ରତିକୂଳ ପିରିସ୍ଥିତିର ମୁକାବିଲା କରିପାରିବେ ତାହା ଉପରେ ଗୁରୁତ୍ୱ ଦିଆଯାଇଛି ।

## ଆରମ୍ଭ ହେଲା...

କେନ୍ଦ୍ରକୁ ପ୍ରବେଶ କରିବା ନିମନ୍ତେ ସଭାପତି ଶ୍ରୀ ତରାଇ ନିବେଦନ କରିଛନ୍ତି । କିଛି ପରୀକ୍ଷାର୍ଥୀ ବିଳମ୍ବରେ ଆସିବା ଯୋଗୁଁ ତରବରରେ ଏମସିକ୍ୟୁ ପ୍ରଶ୍ନପତ୍ରରେ ତ୍ରୁଟି କରୁଛନ୍ତି । ଏଭଳି ଘଟଣା ବାରମ୍ବାର ଘଟୁଥିବା ବେଳେ ମୂଲ୍ୟାୟନରେ ମଧ୍ୟ ସମସ୍ୟା ହେଉଛି । ଛାତ୍ରଛାତ୍ରୀମାନେ ଚାପମୁକ୍ତ ହେବା ସହ ସଠିକ ସମୟରେ ପରୀକ୍ଷା କେନ୍ଦ୍ରକୁ ଆସିବା ନିମନ୍ତେ ସଭାପତି ଶ୍ରୀ ତରାଇ କହିଛନ୍ତି ।

ପରୀକ୍ଷାର୍ଥୀମାନେ ସକାଳ ସାଢ଼େ ୭ଟାରୁ ପରୀକ୍ଷାକେନ୍ଦ୍ରକୁ ପ୍ରବେଶ ଆରମ୍ଭ କରିଥିଲେ । ନିର୍ଦ୍ଧାରିତ ସମୟରେ ନୋଡାଲ କେନ୍ଦ୍ରଗୁଡ଼ିକରୁ ପରୀକ୍ଷା କେନ୍ଦ୍ରଗୁଡିକୁ ପ୍ରଶ୍ନପତ୍ର କଡ଼ା ସୁରକ୍ଷାବଳୟରେ ଅଣାଯାଇଥିଲା । ପରୀକ୍ଷା କେନ୍ଦ୍ରରେ ପ୍ରଶ୍ନପତ୍ରର ସିଲ ଖୋଲାଯିବା ପରେ ସାଢ଼େ ୮ଟାରେ ଓଏମଆର ସିଟ ଓ ପରେ ୮ଟା ୪୫ରେ ପ୍ରଶ୍ନପତ୍ର ପ୍ରଦାନ କରାଯାଇଥିଲା । ରାଜ୍ୟର ମୋଟ ୩୦୪୭ କେନ୍ଦ୍ରରେ ସକାଳ ୯ଟାରୁ ଦିନ ୧୧ଟା ୩୦ ପର୍ଯ୍ୟନ୍ତ ପରୀକ୍ଷା ହୋଇଥିଲା । ପରୀକ୍ଷା କେନ୍ଦ୍ର ଓ କେନ୍ଦ୍ର ବାହାରେ ଥିବା ଛୋଟମୋଟ ତ୍ରୁଟିକୁ ଏଆଇ କ୍ୟାମେରା ଧରିଥିଲା । କେତେକ ପରୀକ୍ଷା କେନ୍ଦ୍ରରେ ତ୍ରୁଟି ପରିଲକ୍ଷିତ ହେବାରୁ ସଙ୍ଗେସଙ୍ଗେ ଏଆଇ କ୍ୟାମେରା ମାଧ୍ୟମିକ ଶିକ୍ଷା ପରିଷଦ ମୁଖ୍ୟାଳୟସ୍ଥିତ କମାଣ୍ଡ କଣ୍ଟ୍ରୋଲ ରୁମକୁ ତଥ୍ୟ ପଠାଇଥିଲା । ଏଠାରେ ବୋର୍ଡ ପକ୍ଷରୁ ନିୟୋଜିତ ୨୦ଜଣ ଏକ୍ସପର୍ଟ ଏଆଇ କ୍ୟାମେରା ଦେଉଥିବା ଫିଡ୍‌ବ୍ୟାକ୍‌କୁ ଗ୍ରହଣ କରି ଏହାକୁ ସୁଧାରିବା ପାଇଁ କହିଥିଲେ । କେତେକ କେନ୍ଦ୍ର ବାହାରେ ପରୀକ୍ଷାର୍ଥୀଙ୍କୁ ସଠିକ ଭାବେ ଯାଞ୍ଚ କରାଯାଉ ନଥିବା ଜଣାପଡ଼ିଥିଲା । ଏଥର ପରୀକ୍ଷାର୍ଥୀଙ୍କ ପ୍ରବେଶକୁ ଏକ ଘଣ୍ଟା ଆଗରୁ କରାଯାଉଛି । ଏଣୁ ପରୀକ୍ଷା କେନ୍ଦ୍ରଗୁଡ଼ିକରେ ପ୍ରବେଶ ପୂର୍ବରୁ ଯାଞ୍ଚ କଡାକଡି କରିବା ପାଇଁ ସବୁ ଡିଇଓ (ଜିଲ୍ଲା ଶିକ୍ଷା ଅଧିକାରୀ)ଙ୍କୁ ବୋର୍ଡ ପକ୍ଷରୁ ନିର୍ଦ୍ଦେଶ ଦିଆଯାଇଛି । ଅନ୍ୟପକ୍ଷରେ ପ୍ରଥମ ଦିବସର ଓଡ଼ିଆ ପ୍ରଶ୍ନପତ୍ରରେ 'ମିଶନ ଶକ୍ତି' ଉପରେ ରଚନା ଲେଖିବାକୁ ପ୍ରଶ୍ନ ରହିଥିଲା । ରାଜ୍ୟ ସରକାର ମହିଳାମାନଙ୍କୁ ସଶକ୍ତୀକରଣ କରିବା ନିମନ୍ତେ ମିଶନ ଶକ୍ତି ଯୋଜନା କରିଛନ୍ତି । ତେବେ ବହୁ ଛାତ୍ରଛାତ୍ରୀ ଏ ବିଷୟରେ ବିସ୍ତୃତ ରଚନା ଲେଖିଥିବା କହିଛନ୍ତି ।

ପ୍ରକାଶଥାଉକି ଚଳିତଥର ୫ଲକ୍ଷ ୫୧ହଜାର ୬୧୧ଜଣ ଛାତ୍ରଛାତ୍ରୀ ହାଇସ୍କୁଲ ସାର୍ଟିଫିକେଟ ପରୀକ୍ଷା, ୭ ହଜାର ୮୩୧ଜଣ ଛାତ୍ରଛାତ୍ରୀ ରାଜ୍ୟ ମୁକ୍ତ ବିଦ୍ୟାଳୟ ସାର୍ଟିଫିକେଟ ପରୀକ୍ଷା ଓ ୩ହଜାର ୩୭ଜଣ ସଂସ୍କୃତ ମଧ୍ୟମା ପରୀକ୍ଷା ଦେଉଛନ୍ତି ।


**ମା' ତାରିଣୀ ଠାକୁରାଣୀ ମନ୍ଦିର ଟ୍ରଷ୍ଟ**

ସା/ପୋ.: ଘଟଗାଁ, ଜିଲ୍ଲା- କେନ୍ଦୁଝର-୭୫୮୦୨୭ (ଓଡ଼ିଶା)

ନୋଟିସ୍ ନଂ. ୫୮ | ତା. ୨୦.୦୨.୨୦୨୪

**ଟେଣ୍ଡର ବିଜ୍ଞାପନ**

ଏତଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି କି ୨୦୨୪-୨୫ ବର୍ଷ ପାଇଁ ନିମ୍ନଲିଖିତ ଉଇମୁଦ ଟେଣ୍ଡର ପ୍ରକ୍ରିୟା ତିନୋଟି ପର୍ଯ୍ୟାୟରେ କରାଯିବ । ଏଣୁ ଇଚ୍ଛୁକ ବ୍ୟକ୍ତି, ମନ୍ଦିର ଟ୍ରଷ୍ଟ କାର୍ଯ୍ୟାଳୟରୁ ନିୟମାବଳୀ ଯୁକ୍ତ ଆବେଦନ ଫର୍ମ କ୍ରୟ ବାବଦକୁ **ଟ.୧୨୦୦/- (ଏକ ହଜାର ଦୁଇ ଶହ)** ଟଙ୍କା ନଗଦ ଦାଖଲ କରି ନିୟମାବଳୀ ଅନୁଯାୟୀ ନିର୍ଦ୍ଧାରିତ ତାରିଖ ସୁଦ୍ଧା ଏହି ଟେଣ୍ଡରରେ ଅଂଶ ଗ୍ରହଣ କରିପାରିବେ । ସମସ୍ତ କାର୍ଯ୍ୟଦିବସରେ **ଦିବା ୧୧ ଘ. ଠାରୁ ଦିବା ୧ଘ. ଓ ଦିବା ୫ଘ. ଠାରୁ ସନ୍ଧ୍ୟା ୬ଘ. ମଧ୍ୟରେ ତା.୨୧.୦୨.୨୦୨୪ରିଖ ଠାରୁ ତା.୧୦.୦୩.୨୦୨୪ରିଖ ସୁଦ୍ଧା ଟେଣ୍ଡର ଫର୍ମ କ୍ରୟ କରିପାରିବେ ।** ଟେଣ୍ଡର ସମ୍ବନ୍ଧୀୟ ନିୟମାବଳୀ ଓ ଅନ୍ୟାନ୍ୟ ତଥ୍ୟ ମନ୍ଦିର ଟ୍ରଷ୍ଟ କାର୍ଯ୍ୟାଳୟକୁ ଆସି ବୁଝିପାରିବେ । ହେବାକୁ ଥିବା ଟେଣ୍ଡର ମଧ୍ୟରୁ ଯେଉଁ ଟେଣ୍ଡର ପାଇଁ ପ୍ରଥମ ପର୍ଯ୍ୟାୟରେ ଆବେଦନ ହୋଇନଥିବ ବା ଆବେଦନ ହୋଇଥିବା ଟେଣ୍ଡର ନାକଚ କରାଯାଇଥିବ ସେହି ଟେଣ୍ଡର ପାଇଁ ଦ୍ୱିତୀୟ ପର୍ଯ୍ୟାୟରେ ଆବେଦନ କରିପାରିବେ । ସେହିପରି ଦ୍ୱିତୀୟ ପର୍ଯ୍ୟାୟରେ ଆବେଦନ ହୋଇନଥିବ ବା ଆବେଦନ ହୋଇଥିବା ଟେଣ୍ଡର ନାକଚ କରାଯାଇଥିବ ସେହି ଟେଣ୍ଡର ପାଇଁ ତୃତୀୟ ପର୍ଯ୍ୟାୟରେ ଆବେଦନ କରିପାରିବେ । ପରିଚାଳନା କମିଟି ଚାହିଁଲେ ବିନାକାରଣରେ ଏହି ଟେଣ୍ଡର ନାକଚ ବା ପରିବର୍ତ୍ତନ କରିପାରିବେ । ଏହି ଟେଣ୍ଡର ସମ୍ବନ୍ଧୀୟ ନୋଟିସ୍ www.maatarini.co.in ୱେବସାଇଟରେ ଦେଖିପାରିବେ ।

| ଟେଣ୍ଡର ପର୍ଯ୍ୟାୟ | ଟେଣ୍ଡର ଗ୍ରହଣ ତାରିଖ ଓ ସମୟ | ଟେଣ୍ଡର ଖୋଲାଯିବା ତାରିଖ ଓ ସମୟ |
|---|---|---|
| ପ୍ରଥମ ପର୍ଯ୍ୟାୟ | ତା.୨୯.୦୨.୨୦୨୪ରିଖ ୧୧ ଘଟିକା | ତା.୨୯.୦୨.୨୦୨୪ରିଖ ୧୨ ଘଟିକା |
| ଦ୍ୱିତୀୟ ପର୍ଯ୍ୟାୟ | ତା.୦୫.୦୩.୨୦୨୪ରିଖ ୧୧ ଘଟିକା | ତା.୦୫.୦୩.୨୦୨୪ରିଖ ୧୨ ଘଟିକା |
| ତୃତୀୟ ପର୍ଯ୍ୟାୟ | ତା.୧୧.୦୩.୨୦୨୪ରିଖ ୧୧ ଘଟିକା | ତା.୧୧.୦୩.୨୦୨୪ରିଖ ୧୨ ଘଟିକା |

| କ୍ର.ନଂ. | ଟେଣ୍ଡରର ନାମ | ଧାର୍ଯ୍ୟ ମୂଲ୍ୟ | ଅମାନତ ଦେୟ |
|---|---|---|---|
| ୧ | ପୂଜା ସାମଗ୍ରୀ ଦୋକାନ ନଂ.୧ (ସ୍ଥାନ- ମୁଖଶାଳା ଡାହାଣ ପାର୍ଶ୍ୱ) | ଟ.୨୯,୫୫,୧୦୫/- | ଟ.୨,୯୫,୫୧୦/- |
| ୨ | ମନ୍ଦିର ସମ୍ମୁଖରେ ଫଟୋ ଉଠା | ଟ.୧୪,୫୨,୦୦୦/- | ଟ.୧,୪୫,୨୦୦/- |
| ୩ | ଖୁଣ୍ଟା ମୌଜା ଚାଷ ଜମି | ଟ.୧୨,୬୦୦/- | ଟ.୧,୨୬୦/- |
| ୪ | ଚଇତି ପର୍ବ ଟେଣ୍ଟ, ବ୍ୟାରିକେଡ୍ ଯୋଗାଇବା | ଟ.୧୨,୫୬,୨୦୦/- | ଟ.୧,୨୫,୬୨୦/- |
| ୫ | ଚଇତି ପର୍ବ ଲାଇଟ୍, ଜେନେରେଟର ଯୋଗାଇବା | ଟ.୩,୩୫,୫୦୦/- | ଟ.୩୩,୫୫୦/- |
| ୬ | ଚଇତି ପର୍ବ ମାଇକ୍ ଯୋଗାଇବା | ଟ.୯୫,୧୫୦/- | ଟ.୯,୫୧୫/- |

ସା/- କାର୍ଯ୍ୟନିର୍ବାହୀ ଅଧିକାରୀ
ମା' ତାରିଣୀ ଠାକୁରାଣୀ ମନ୍ଦିର ଟ୍ରଷ୍ଟ
ଘଟଗାଁ, କେନ୍ଦୁଝର



GOVERNMENT OF ODISHA
OFFICE OF THE SUPERINTENDING ENGINEER
RURAL WORKS DIVISION-I, MALKANGIRI
NATIONAL COMPETITIVE BIDDING THROUGH e-Procurement
1st Corrigendum to Identification No. Online Tender 16/RWD-I, MKG/2023-24 dt. 08.02.2024 — O-2557

01. Name of the work: - Road Repair works (Detailed in Annexure) 02. Total Number of Works: - 4 (Four) Numbers.
03. Estimated Cost: - Rs. 11.76 lakhs to Rs. 47.90 Lakhs 04. Class of Contractor: -"B","C" & D' class
05. Period of Completion: - (As Per Detailed in Annexure), 6. Other Details

| Procurement Officer | Bid Identification No. | No of Works | Availability of Tender on-line for bidding | | Last Date & Time of seeking tender clarification | Date and time of opening of tender (Double Cover) |
|---|---|---|---|---|---|---|
| | | | From | To | | |
| 1 | 2 | 3 | 4 | 5 | 6 | 7 |
| Superintending Engineer, Rural Works Division-I, Malkangiri | Online Tender - 16/ RWD-I, MKG /2023-24 | Total 4 nos | 15.02.2024 from 11.00 AM | 22.02.2024 up to 5.00 PM | 21.02.2024 up to 5.00 P.M. | Bid opening: - 23.02.2024 at 11.00 AM |

Further details can be seen from the website www.tendersorissa.gov.in

Sd/- Sujit Behera
Superintending Engineer
R.W. Division-I, Malkangiri

OIPR-25058/11/0025/2324



O-
GOVERNMENT OF ODISHA
OFFICE OF THE SUPERINTENDING ENGINEER
RURAL WORKS DIVISION-I ,BHADRAK
E-mail: ee_rwbdk@yahoo.com
"e" Procurement Notice for Building Work
Bid Identification No. Online Tender 20 of 2023-24

1. Name of the Work :- Building
2. Total No of Works :- 06 Nos
3. Estimated Cost :- Rs.36.91 lakhs to Rs.36.92 Lakhs
4. Class of Contractor :- "B" & "C" Class
5. Period of Completion :- As per Annexure
6. Type of Tender :- Single Cover
7. Other Details :-

| Procurement Officer | Bid Indentification No. | Availability of Tender On-line for bidding | | Date of seeking of Tender | Date & Time of Opening of Tender |
|---|---|---|---|---|---|
| | | From | To | | |
| 1 | 2 | 3 | | 4 | 5 |
| Executive Engineer, Rural Works Division-I, Bhadrak | Online-20 of 2023-24 | 15.02.2024 At- 11.00 A.M | 21.02.2024 At- 4.00 P.M | 21.02.2024 At-2.00 P.M | 22.02.2024 At- 11.00 A.M. |

Further details can be seen from the e-procurement portal "https://tendersorissa.gov.in"

Sd/-Er.Kanan Pradhan
Executive Engineer
R.W. Division, Bhadrak

OIPR-25090/11/0030/2324



OFFICE OF THE DEAN & PRINCIPAL — E-857
PANDIT RAGHUNATH MURMU MEDICAL COLLEGE & HOSPITAL, BARIPADA, MAYURBHANJ
AT-RANGAMATIA, PO-LAXMIPOSI, PIN-757107, MAYURBHANJ, ODISHA
Ph. No.: 06792 240401, E-mail: prmmchbaripada@gmail.com / officeprmmch@gmail.com

NOTICE INVITING TENDER

Reference No. 985 /I-10-PRMMCH-2024 / Dated.16-02-2024

The sealed tenders are invited from the Registered Supplier / Firm / Agency for supply of "GYM Equipment" for PRM Medical College, Baripada - 757107. The Tender can be downloaded from our institutions official website (i.e. www.prmmch.nic.in) from dt.20-02-2024. The last date of submission of bid documents is dt.11-03-2024 by 5.30 PM.

Sd/- Dean & Principal,
PRMMCH, Baripada

OIPR-10120/11/0016/2324



C-3078

GOVERNMENT OF ODISHA
OFFICE OF THE EXECUTIVE ENGINEER,
PUBLIC HEALTH DIVISION, RAYAGADA.
e-mail:- eephd.rgda.od@nic.in, eephdrgda@gmail.com
NATIONAL COMPETITIVE BIDDING THROUGH e-Procurement
INVITATION FOR BIDS (IFB) NO.EEPHDRAYAGADA-74/2023-24 DT.17.02.2024

| Sl No. | Name of the work | Bid identification No. | Estimated Cost (Rs. In Lakh) | Class of Contractor | Period of Completion | Availability of Bid Document for Online Bidding | |
|---|---|---|---|---|---|---|---|
| | | | | | | From | To |
| 1. | Construction of panel room at Intake Well Site at Gunupur | EEPHDRAYAGADA-74/2023-24 Dtd.17.02.2024 | 16.81 | 'D' and 'C' Class | 03 (Three Months) | 27.02.2024 (11.00 Hr) | 07.03.2024 (17.00 Hr) |

Name & Address of Officer Inviting Bid : Executive Engineer
P.H. Division, Rayagada.
Email: eephd.rgda.od@nic.in, eephdrgda@gmail.com

- Further details can be seen from the e-Procurement portal "https://www.tendersorissa.gov.in".
- All amendments, time extension, clarifications etc. will be uploaded in the website only. Bidders should regularly visit the above website to keep themselves updated.

EXECUTIVE ENGINEER,
P.H. DIVISION, RAYAGADA

OIPR-13052/11/0031/2324



O-2545
Email: rw_rayagada@yahoo.co.in
Phone No.06856-222188

GOVERNMENT OF ORISSA
OFFICE OF THE EXECUTIVE ENGINEER
RURAL WORKS DIVISION, RAYAGADA
E-Procurement Notice
Bid Identification No: EERWRGD – Online – 10/2023-24

No. 748 — Date : 12.02.2024

1. Name of the Work : Repair to road works for the year 2023-24.
2. Total No. of Works : 02 No's (Percentage rate tender)
3. Estimated Cost : 12.15 to 12.61 lakhs
4. Class of Contractor : "C" & "D"
5. Time of Completion : Specified in DTCN.
6. Mode of submission of tender : Tender should be submitted only in online https://www.tendersodisha.gov.in
7. Other details : Detailed tender condition specified in DTCN.

| Procurement Officer | Bid Identification No. | No. of works | Availability of Tender online for Bidding | | Date & Time of opening of tender |
|---|---|---|---|---|---|
| | | | From | To | |
| 1 | 2 | 3 | 4 | 5 | 6 |
| Executive Engineer, Rural Works Division, Rayagada | EERWRGD Online – 10/2023-24 | 02 (Two)No's | 19.02.2024 at 11.00 A.M. | 26.02.2024 up to 5.00 P.M. | 26.02.2024 at 5.30 P.M. |

Further details can be seen from the website: www.tendersodisha.gov.in

Executive Engineer
R.W. Division, Rayagada

OIPR-25072/11/0024/2324



**Bhubaneswar Development Authority** — CAD-4223

Akash Sova Building, Pandit Jawaharlal Nehru Marg, Bhubaneswar, Odisha- 751001
Visit us at:http://www.bda.gov.in
'e' Procurement Notice BID IDENTIFICATION NO. /SE-II/BDA/2023-24

No. 177/SE-II/BDA/2023-24 — DATE 20.02.2024

Superintending Engineer, Division No.II, BDA on behalf of Bhubaneswar Development Authority invites Percentage Rate bid in *SINGLE COVER SYSTEM* to be received in online mode only for the work detailed below.

| | | |
|---|---|---|
| 1. | Name of the work | Boom Barriers for Commercial-cum-Residential Project at K-9 (A) [Kharavel Complex], Kalinga Nagar, Bhubaneswar. |
| 2. | Estimated Cost | ₹15.67 Lakh (Approx.) |
| 3. | Period of Completion | 30 (Thirty) Days |
| 4. | Tender Cost | ₹6,000.00 + 18% GST= ₹7,080.00 |
| 5. | Date and time of availability of Bid | From 23/02/2024 to 5.30 PM of 04/03/2024 in the website |
| 6. | Class of Contractor | Registered Firms / Agencies / Companies having experience with providing & fixing of Boom Barriers. |

The Bidders have to participate in online bidding only. Further details can be seen from the website: http://tendersodisha.gov.in

NB: The quoted rate should be all inclusive but excluding GST applicable under works contract.

Superintending Engineer,
Division No.II, BDA, BBSR

OIPR-13033/11/0670/2324



**OFFICE OF THE ASSISTANT DIRECTOR OF HORTICULTURE, KORAPUT** — L-226

No. 544: Office of the Deputy Director of Horticulture, Koraput is inviting applications from interested NGOs/TRUSTs towards expression of Interest (EOI) to involve in the "Strengthening of livelihoods of mission shakti WSHG members through 'promotion of agriculture production cluster in Odisha' project in selective 2 Nos. of blocks in koraput district i.e. Narayanpatna and Bondhugaon from the year 2023-24 to 2027-28 (5 years) under State scheme. The EOI of the NGOs/TRUSTs should be submitted to the OFFICE OF THE DEPUTY DIRECTOR OF HORTICULTURE, KORAPUT RANGE, KORAPUT, At- Banabharati Colony - 764020, Odisha in prescribed form with necessary enclosures on or before 01th March 2024 by 5.00 PM through Registered Post/Speed Post and by no other means.

For application form & details please visit **WEBSITE: koraput.nic.in & www.apcodisha.net**

Sd/- Assistant Director
of Horticulture, Koraput

OIPR-01395/11/0001/2324



GOVERNMENT OF ODISHA — C-3084
OFFICE OF THE SUPERINTENDING ENGINEER,
P.H. DIVISION, BALANGIR.
Email. ID – eephbgr@yahoo.co.in, Ph. No – (06652 – 234647)
NATIONAL COMPETITIVE BIDDING THROUGH e-Procurement
Invitation for Bid (IFB) Dtd.15.02.2024

| Sl. No | Name of Work | Bid Identification No. | Estimated Cost(Rs.in Lakh) | Class of Contractor | Period of Completion | Availability of Bid Document for Online Bidding | |
|---|---|---|---|---|---|---|---|
| 1. | Renovation of intake and Construction of WTP with other allied structures in connection with the work "Augmentation of water supply system along with ancillary work for Binika town". | SE PH BGR 14 /2023-24 Dt. 15.02.2024 | 576.84 | 'A' Class | 18 Month | 27.02.2024 | 12.03.2024 |
| 2. | Laying of clear water rising main in connection with the work "Augmentation of water supply system along with ancillary work for Binika town". | SE PH BGR 15 /2023-24 Dt. 15.02.2024 | 361.15 | 'A' Class | 05 Month | 27.02.2024 | 12.03.2024 |
| 3. | Construction of ESRs in connection with the work "Augmentation of water supply system along with ancillary work for Binika town". | SE PH BGR 16 /2023-24 Dt. 15.02.2024 | 462.79 | 'A' Class | 11 Month | 27.02.2024 | 12.03.2024 |

Name & Adress of Officer Inviting Bid: The Superintending Engineer
Office Of The Superintending Engineer
Public Health Division, Balangir
At-Tulasinagar, Po/Dist-Balangir
Pin-767001, Odisha,Phone:-06652-234647
E-mail:-eephbgr@yahoo.co.in

- Further details can be seen from the e-Procurement portal "https:// www.tenderodisha.gov.in.
- All amendments, time extension, clarifications etc. will be uploaded in the website only. Bidders should regularly visit the above website to keep themselves updates.

Superintending Engineer
P.H. Division, Balangir

OIPR-13005/11/0020/2324

## ଚଣ୍ଡିଗଡ଼ ମେୟର ନିର୍ବାଚନ ପ୍ରସଙ୍ଗ

# ଆପ୍ ପ୍ରାର୍ଥୀ ମେୟର ଘୋଷିତ

ନୂଆଦିଲ୍ଲୀ,୨୦।୨(ଏଜେନ୍ସି):

ଚଣ୍ଡିଗଡ଼ ମେୟର ନିର୍ବାଚନ ଫଳାଫଳକୁ ସୁପ୍ରିମକୋର୍ଟ ବାତିଲ କରିଦେଇଛନ୍ତି। ମେୟର ପଦବୀ ପାଇଁ ପ୍ରତିଦ୍ୱନ୍ଦ୍ୱିତା କରିଥିବା ଆମ ଆଦମୀ ପାର୍ଟି (ଆପ୍)ପ୍ରାର୍ଥୀ କୁଳଦୀପ କୁମାରଙ୍କୁ ସର୍ବୋଚ୍ଚ ନ୍ୟାୟାଳୟ ମେୟର ଘୋଷଣା କରିଛନ୍ତି। ଗତ ମାସ ୩୦ ତାରିଖରେ ମେୟର ନିର୍ବାଚନ ଫଳାଫଳ ପ୍ରକାଶ କରାଯାଇଥିଲା ବେଳେ ଏଥିରେ ବିଜେପି ପ୍ରାର୍ଥୀ ମନୋଜ ସୋନକାରଙ୍କୁ ବିଜୟୀ ଘୋଷଣା କରାଯାଇଥିଲା। ମତଦାନ ବେଳେ ନିର୍ବାଚନ ଅଧିକାରୀ ୮ ବାଲଟ୍ ପେପରକୁ ଜାଲିଆତି କରି ନାକଚ କରି ଦେଇଥିବାରୁ ସୁନିଶ୍ଚିତ ବିଜୟ ଆଶା ରଖିଥିବା ଆପ୍ ପ୍ରାର୍ଥୀ କୁଳଦୀପ କୁମାରଙ୍କୁ ପରାଜିତ ଘୋଷଣା କରାଯାଇଥିଲା। ତେବେ ସୁପ୍ରିମକୋର୍ଟ ନାକଚ କରାଯାଇଥିବା ୮ ବାଲାଟ ପେପରକୁ ବୈଧ କରିବା ସହିତ ମଙ୍ଗଳବାର ଆପ୍ ପ୍ରାର୍ଥୀ କୁଳଦୀପ କୁମାରଙ୍କୁ ମେୟର ଘୋଷଣା କରିଛନ୍ତି। ଏହାଛଡ଼ା ନିର୍ବାଚନ ଅଧିକାରୀଙ୍କ କାର୍ଯ୍ୟକଳାପକୁ କଡ଼ା ଭର୍ତ୍ସନା କରି ସେ ଗୁରୁତର ଅପରାଧ କରିଥିବା କହିଛନ୍ତି।ପ୍ରଧାନବିଚାରପତି ଜଷ୍ଟିସ୍ ଡିୱାଇ ଚନ୍ଦ୍ରଚୂଡ଼ ରିଟର୍ଣ୍ଣି ଅଫିସର ଅନିଲ ମସିହ ଗୁରୁତର ଅପରାଧ କରିଛନ୍ତି ବୋଲି କହିବା ସହିତ ଅଦାଲତରେ ମିଥ୍ୟା



ବାଜି ଲେଉଟାଇଦେଲେ ସୁପ୍ରିମକୋର୍ଟ

ଅପରାଧ କରିଛନ୍ତି ନିର୍ବାଚନ ଅଧିକାରୀ

ତଥ୍ୟ ରଖିଥିବାରୁ ତାଙ୍କୁ ନୋଟିସ୍ ଜାରି କରିବାକୁ ରେଜିଷ୍ଟ୍ରରଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଅନୀଲଙ୍କ ବିରୋଧରେ ଅପରାଧିକ ଆଇନ ଧାରା ୩୪୦ ଅନୁସାରେ ମାମଲା ରୁଜୁ କରାଯାଇ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି। ଜଷ୍ଟିସ୍ ଚନ୍ଦ୍ରଚୁଡ଼ଙ୍କ ନେତୃତ୍ୱରେ ଗଠିତ ଖଣ୍ଡପୀଠ ମଙ୍ଗଳବାର ଚଣ୍ଡିଗଡ଼ ମେୟର ନିର୍ବାଚନରେ ହୋଇଥିବା ଅନିୟମିତତା ମାମଲାର ଶୁଣାଣି କରିଥିଲା ବେଳେ ନାକଚ କରାଯାଇଥିବା ୮ବାଲାଟ ପେପର ଯାଞ୍ଚ କରାଇଥିଲେ।ତେବେ ଏହି ବାଲଟ ପେପର ଗୁଡ଼ିକୁ ବୈଧ ବୋଲି ଦର୍ଶାଇ ଏହାକୁ ଗଣତି କରାଯିବା ବୋଲି କହିଥିଲେ।ସେହି ଅନୁସାରେ ଆପ୍ ପ୍ରାର୍ଥୀଙ୍କୁ ମେୟରଭାବେ କୋର୍ଟ ବିଜୟୀ ଘୋଷଣା କରିଥିଲେ। ଏଭଳିସ୍ଥଳେ ପୁଣି ଥରେ ନିର୍ବାଚନ କରିବା କିମ୍ବା ଦ୍ୱିତୀୟ ଥର ଭୋଟ ଗଣତିର ଆବଶ୍ୟକତା ନାହିଁ ବୋଲି ସର୍ବୋଚ୍ଚ ନ୍ୟାୟାଳୟ ସ୍ପଷ୍ଟ କରିଛନ୍ତି।

### 'ଗଣତନ୍ତ୍ର ବଞ୍ଚାଇଛନ୍ତି ସର୍ବୋଚ୍ଚ ନ୍ୟାୟାଳୟ'

ଚଣ୍ଡିଗଡ଼ ମେୟର ନିର୍ବାଚନ ଫଳାଫଳ ପରିପ୍ରେକ୍ଷୀରେ ସୁପ୍ରିମକୋର୍ଟ ଦେଇଥିବା ନିଷ୍ପତ୍ତିକୁ ନେଇ ଦିଲ୍ଲୀ ମୁଖ୍ୟମନ୍ତ୍ରୀ ତଥା ଆପ୍ ମୁଖ୍ୟ



ଅରବିନ୍ଦ କେଜ୍ରିୱାଲ ସର୍ବୋଚ୍ଚ ନ୍ୟାୟାଳୟଙ୍କୁ ସାଧୁବାଦ ଜଣାଇଛନ୍ତି। ବିପଦ ସମୟରେ ସର୍ବୋଚ୍ଚ ନ୍ୟାୟଳାୟ ଠିକଣା ପଦକ୍ଷେପ ନେଇ ଗଣତନ୍ତ୍ରକୁ ସୁରକ୍ଷା ଦେଇଛନ୍ତି ବୋଲି ସେ 'ଏକ୍ସ'ରେ ପୋଷ୍ଟ କରି ଧନ୍ୟବାଦ ଜଣାଇଛନ୍ତି। ଏହି ପ୍ରସଙ୍ଗରେ ରାୟ ପ୍ରକାଶ ପରେ କେଜ୍ରିୱାଲ ତୁରନ୍ତ ଏକ ସାମ୍ବାଦିକ ସମ୍ମିଳନୀ ଡକାଇ କହିଥିଲେ ଯେ, ଏହା କେବଳ ଆମ ଦଳ ପାଇଁ ନୁହେଁ,ବରଂ ଇଣ୍ଡିଆ ମେଣ୍ଟ ପାଇଁ ବିଜୟ ବୋଲି କେଜ୍ରିୱାଲ କହିଛନ୍ତି।

## ଆନ୍ଦୋଳନକାରୀ ଚାଷୀଙ୍କୁ ହାଇକୋର୍ଟଙ୍କ ନିର୍ଦ୍ଦେଶ

# ରାଜପଥରେ ନେଇପାରିବେନି ଟ୍ରାକ୍ଟର ଟ୍ରଲି

ଚଣ୍ଡିଗଡ଼,୨୦।୨(ଏଜେନ୍ସି):

୧୨ ଦଫା ଦାବି ନେଇ ଦିଲ୍ଲୀ ଚଲୋ ଅଭିଯାନରେ ପଞ୍ଜାବରୁ ଆସିଥିବା ହଜାର ହଜାର ଚାଷୀ ପଞ୍ଜାବ-ହରିୟାଣା ଶମ୍ଭୁ ସୀମାରେ ଡେରା ପକାଇଛନ୍ତି। ୪/୫ ମାସର ରାସନ ସହ ଏହି ଚାଷୀମାନେ ଟ୍ରାକ୍ଟର ଏବଂ ଟ୍ରକ୍ ଧରି ଦିଲ୍ଲୀ ଯିବାକୁ ବସିଛନ୍ତି। କିନ୍ତୁ ସେମାନଙ୍କୁ ହରିୟାଣା ଭିତରକୁ ନ ଛାଡିବାକୁ ହରିୟାଣା ପୁଲିସ ବାଟ ଓଗାଳିଥିଲା ବେଳେ ଶମ୍ଭୁ ସୀମାରେ ବିଗତ କିଛି ଦିନ ଧରି ହଙ୍ଗାମା ଲାଗି ରହିଛି। ଏଭଳି ସ୍ଥିତିରେ ଆନ୍ଦୋଳନକାରୀ ଚାଷୀଙ୍କ ଉପରେ ପଞ୍ଜାବ ଏବଂ ହରିୟାଣା ହାଇକୋର୍ଟ ମଙ୍ଗଳବାର ବର୍ଷିଛନ୍ତି।ଚାଷୀମାନେ ହାଇୱେରେ ଟ୍ରାକ୍ଟର ଏବଂ ଟ୍ରଲି ନେଇ ଯାଇପାରିବେନି ବୋଲି ହାଇକୋର୍ଟ କହିଛନ୍ତି। ହାଇକୋର୍ଟ କହିଛନ୍ତି ଯେ, ଚାଷୀମାନେ ସେମାନଙ୍କ ଦାବି ପାଇଁ ଆନ୍ଦୋଳନ କରିବାର ଅଧିକାର ରହିଛି। ଏହା ସମସ୍ତଙ୍କୁ ଜଣା। କିନ୍ତୁ ସମ୍ବିଧାନ ପ୍ରତି ମଧ୍ୟ ଚାଷୀମାନଙ୍କ କିଛି କର୍ତ୍ତବ୍ୟବୋଧ ରହିଛି। ଏହାକୁ ସେମାନେ ମାନିବା ଉଚିତ। ମୋଟର ଯାନ ନିୟମ ଅନୁସାରେ ଜାତୀୟ ରାଜପଥରେ ସେମାନେ ଟ୍ରାକ୍ଟର ରାଲି ବ୍ୟବହାର କରିପାରିବେନି ବୋଲି ହାଇକୋର୍ଟ ଏ ସଂକ୍ରାନ୍ତୀୟ ମାମଲାର ଶୁଣାଣି କରିବା ଅବସରରେ ସ୍ପଷ୍ଟ କରିଛନ୍ତି। ଏଥିସହିତ ବିପୁଳ ସଂଖ୍ୟାରେ ଲୋକଙ୍କୁ ଏକାଠି ନ ହେବାକୁ ପଞ୍ଜାବ ସରକାର ସୁଯୋଗ ନ ଦେବାକୁ




ହାଇକୋର୍ଟ ନିର୍ଦ୍ଦେଶ ଦେଇଛନ୍ତି। ଉଲ୍ଲେଖଯୋଗ୍ୟ ଯେ, ଚାଷୀଙ୍କ ଦାବିକୁ ନେଇ କେନ୍ଦ୍ର ସରକାର ଗତକାଲି ଏକ ପ୍ରସ୍ତାବ ଦେଇଥିଲେ। କିନ୍ତୁ ଏହାକୁ ଚାଷୀନେତାମାନେ ପ୍ରତ୍ୟାଖ୍ୟାନ କରିଦେବା ସହିତ ଦିଲ୍ଲୀ ଅଭିଯାନରେ ଯିବାକୁ ଚେତାବନୀ ଦେଇଥିଲେ। ତେବେ ଏହି ପ୍ରସଙ୍ଗରେ ମଙ୍ଗଳବାର ହାଇକୋର୍ଟରେ ଶୁଣାଣି ହୋଇଥିବା ବେଳେ ଅଦାଲତ ଏହି ରାୟ ଦେଇଛନ୍ତି। ଚାଷୀଙ୍କ ବିରୋଧ କରିବାର ଅଧିକାର ଅଛି କିନ୍ତୁ କିଛି ଆବଶ୍ୟକୀୟ କଟକଣା ମଧ୍ୟ ପାଳନ ହେବା ଆବଶ୍ୟକ ବୋଲି ହାଇକୋର୍ଟ କହିଛନ୍ତି। ସେହିପରି ଚାଷୀ ନେତାଙ୍କ ସହ କେନ୍ଦ୍ରର ହୋଇଥିବା ଆଲୋଚନା ସମ୍ପର୍କରେ ମଧ୍ୟ ସତ୍ୟପାଠ ଦାଖଲ କରିବାକୁ ହାଇକୋର୍ଟ କହିଛନ୍ତି। ଏହି ବୈଠକରେ ଆଲୋଚନାର ବିଷୟବସ୍ତୁ କ'ଣ ଥିଲା ତାହାକୁ ଉଲ୍ଲେଖ କରିବାକୁ କହିଛନ୍ତି। ଆସନ୍ତା ସପ୍ତାହରେ ଏହି ପ୍ରସଙ୍ଗରେ ହାଇକୋର୍ଟ ପୁଣି ଶୁଣାଣି କରିବେ ବୋଲି ଜଣାପଡ଼ିଛି।

### ଆଜି ଚାଷୀଙ୍କ ଦିଲ୍ଲୀ ଅଭିଯାନ

ଏମଏସ୍‌ପି ଗ୍ୟାରେଣ୍ଟି ଦାବିକୁ ନେଇ କେନ୍ଦ୍ର ସରକାର ଦେଇଥିବା ପ୍ରସ୍ତାବକୁ ଚାଷୀ ସଂଗଠନ ଗତକାଲି ପ୍ରତ୍ୟାଖ୍ୟାନ କରିଦେଇଥିଲେ। ଏହାପରେ ଆଉ କୌଣସି ଆଲୋଚନାର ସମ୍ଭାବନାକୁ ଏଡାଇ ଚାଷୀମାନେ ବୁଧବାର ଦିଲ୍ଲୀ ଚଲୋ ଅଭିଯାନକୁ ନେଇ ପ୍ରସ୍ତୁତି

**ପ୍ରତିବନ୍ଧକ ହଟାଇବାକୁ ହାଇଡ୍ରୋଲିକ୍ କ୍ରେନ୍, ବୁଲେଟ୍ ପ୍ରୁଫ୍ ପ୍ରୋକଲିନ୍**

ନେଇଛନ୍ତି। ଆସନ୍ତାକାଲି ହଜାର ହଜାର ଚାଷୀ ଶମ୍ଭୁ ସୀମାରୁ ଦିଲ୍ଲୀ ଅଭିମୁଖେ ବାହାରିବେ। କିନ୍ତୁ ହରିୟାଣା ପୁଲିସ ପକ୍ଷରୁ ଜାତୀୟ ରାଜପଥରେ ପ୍ରତିବନ୍ଧକ ଲଗାଯାଇଥିବାରୁ ଚାଷୀମାନେ ଏହାକୁ ଅତିକ୍ରମ କରିବାକୁ ମଧ୍ୟ ପ୍ରସ୍ତୁତି ନେଇଛନ୍ତି। ପ୍ରତିବନ୍ଧକ ହଟାଇବାକୁ ଚାଷୀମାନେ ମଙ୍ଗଳବାର ଜେସିବି ସହ ହାଇଡ୍ରୋଲିକ୍ କ୍ରେନ ଏବଂ ବୁଲେଟ୍ ପ୍ରୁଫ୍ ପ୍ରୋକଲିନ୍ ଭଳି ଭାରୀ ମେସିନ ଶମ୍ଭୁ ସୀମାରେ ଠୁଳ କରିଛନ୍ତି। ଅନ୍ୟପଟେ ଜାତୀୟ ରାଜପଥରେ ଚାଷୀମାନେ ଟ୍ରାକ୍ଟର ଟ୍ରଲି ନେଇ ଯାଇପାରିବେନି ବୋଲି ହାଇକୋର୍ଟ ନିର୍ଦ୍ଦେଶ ଦେଇଥିବାରୁ ଆସନ୍ତାକାଲି ସ୍ଥିତି ଜଟିଳ ହେବାର ଆଶଙ୍କା କରାଯାଉଛି।

# ସନ୍ଦେଶଖାଲି ମାମଲାରେ ପଶ୍ଚିମବଙ୍ଗ ସରକାରଙ୍କୁ ହାଇକୋର୍ଟଙ୍କ ଭର୍ତ୍ସନା

## ଶାହଜାହାନକୁ ସୁରକ୍ଷା ଦେଇପାରିବେନି; ଆତ୍ମସମର୍ପଣ କରିବା ଦରକାର

କୋଲକାତା, ୨୦।୨ (ଏଜେନ୍ସି): ପଶ୍ଚିମବଙ୍ଗର ସନ୍ଦେଶଖାଲି ମାମଲାରେ କୋଲକାତା ହାଇକୋର୍ଟ ରାଜ୍ୟ ସରକାରଙ୍କୁ ତୀବ୍ର ଭର୍ତ୍ସନା କରିଛନ୍ତି। ଏହି ମାମଲାର ମୁଖ୍ୟ ଅଭିଯୁକ୍ତ ଏକାକୀ ରାଜ୍ୟବାସୀଙ୍କୁ ପ୍ରଭାବିତ କରିପାରିବ ନାହିଁ ବୋଲି ହାଇକୋର୍ଟ କହିଥିଲା ବେଳେ ରାଜ୍ୟ ସରକାର ଏହି ବ୍ୟକ୍ତିଙ୍କୁ ସୁରକ୍ଷା ଦେଇ ପାରିବେନି ବୋଲି କହିଛନ୍ତି। ସନ୍ଦେଶଖାଲିରେ ହିନ୍ଦୁ ମହିଳାଙ୍କୁ ଯୌନ ନିର୍ଯାତନା ଦେବା ସହିତ ଜୋର ଜବରଦସ୍ତି ଜମି ହଡପ କରିବା ଘଟଣାରେ ମୁଖ୍ୟ ଅଭିଯୁକ୍ତ ଶାହଜାହାନ ଶେଖ ଫେରାର ମାମଲାରେ ହାଇକୋର୍ଟ ଏଭଳି କଠୋର ଟିପ୍ପଣୀ କରିଛନ୍ତି।



ହାଇକୋର୍ଟ ମଙ୍ଗଳବାର କହିଛନ୍ତି ଯେ, ଶାସକ ଟିଏମସି ଦଳର ଜଣେ ସ୍ଥାନୀୟ ବାହୁବଳୀ ନେତା ଭାବେ ଶାହଜାହାନ ଫେରାର ହୋଇପାରିବ ନାହିଁ। ରାଜ୍ୟ ସରକାର ତାକୁ ସମର୍ଥନ କିମ୍ବା ସୁରକ୍ଷା ଦେଇପାରିବେ ନାହିଁ।ଏହି ଅଭିଯୁକ୍ତ ସାଧାରଣ ଲୋକଙ୍କୁ ପର୍ଯ୍ୟାପ୍ତ କ୍ଷତି ପହଞ୍ଚାଇଥିବା ବେଳେ ବହୁ ଅପରାଧ ଘଟାଇ ଫେରାର ହୋଇଯାଇଛି। ସେ ବର୍ତ୍ତମାନ ରାଜ୍ୟ ସରକାରଙ୍କ ସୁରକ୍ଷାରେ ଅଛି କି ନାହିଁ ତାହା ଆମେ ଜାଣିନୁ। କିନ୍ତୁ ଫେରାର ରହିଛି ଏବଂ ପୁଲିସ ତାକୁ ଧରିବାରେ ସକ୍ଷମ ହୋଇ ନାହିଁ, ଏହା ନିଶ୍ଚିତ ହୋଇଥିବା ହାଇକୋର୍ଟ କହିଛନ୍ତି। ବିରୋଧୀ ଦଳ ନେତା ଶୁଭେନ୍ଦୁ ଅଧିକାରୀଙ୍କ ଆବେଦନ ଉପରେ ଶୁଣାଣି କରି ହାଇକୋର୍ଟ ମୁଖ୍ୟ ବିଚାରପତି କହିଛନ୍ତି ଯେ, ଆମେ ସନ୍ଦେଶଖାଲି ମାମଲା ସହ ଜଡ଼ିତ ସବୁ ଅଭିଯୋଗକୁ ନିଜ ସଜ୍ଞାନକୁ ନେଇଛୁ। ଯେଉଁଥିରେ ମହିଳାଙ୍କୁ ଯୌନ ନିର୍ଯାତନାର ଅଭିଯୋଗ ରହିଛି। ମୁଖ୍ୟ ଅଭିଯୁକ୍ତ ଶାହଜାହନ କିଭଳି ଜମି ମାଡି ବସୁଥିଲା ସେ ସମ୍ପର୍କରେ ମହିଳାମାନେ କରିଥିବା ଅଭିଯୋଗ ସମ୍ପର୍କରେ ମଧ୍ୟ ଆମେ ଅବଗତ ରହିଛୁ ବୋଲି ମୁଖ୍ୟ ବିଚାରପତି ଟିଏସ ଶିବଗଣନମ କହିଛନ୍ତି। ହେଲେ ଶାହଜାହାନ ଶେଖ ଫେରାର ହୋଇପାରିବ ନାହିଁ କି ରାଜ୍ୟ ସରକାର ତାକୁ ସମର୍ଥନ କରିପାରିବେ ନାହିଁ । ସେ ଆଇନ ମଧ୍ୟ ଭାଙ୍ଗି ପାରିବ ନାହିଁ,ବରଂ ଆତ୍ମସମର୍ପଣ କରୁ ବୋଲି ଆମେ କହିବୁ ବୋଲି ମୁଖ୍ୟ ବିଚାରପତି କହିଛନ୍ତି।

# ନଡ୍ଡା, ସୋନିଆଙ୍କ ସମେତ ୪୧ ପ୍ରାର୍ଥୀ ରାଜ୍ୟସଭାକୁ ନିର୍ବାଚିତ





ଜୟପୁର,୨୦।୨(ଏଜେନ୍ସି): ରାଜସ୍ଥାନରୁ କଂଗ୍ରେସ ନେତ୍ରୀ ସୋନିଆ ଗାନ୍ଧୀ, ଗୁଜରାଟରୁ ବିଜେପି ରାଷ୍ଟ୍ରୀୟ ଅଧ୍ୟକ୍ଷ ଜେପି ନଡ୍ଡାଙ୍କ ସମେତ ୪୧ ପ୍ରାର୍ଥୀ ରାଜ୍ୟସଭାକୁ ନିର୍ଦ୍ୱନ୍ଦ୍ୱରେ ନିର୍ବାଚିତ ହୋଇଛନ୍ତି। ରାଜସ୍ଥାନରୁ ସୋନିଆ କଂଗ୍ରେସର ରାଜ୍ୟସଭା ପ୍ରାର୍ଥୀ ଭାବେ ମନୋନୟନପତ୍ର ଦାଖଲ କରିଥିଲେ। ସେହିଭଳି ରାଜସ୍ଥାନରୁ ବିଜେପିର ଚୁନ୍ନିଲାଲ ଗରାସିୟା ଓ ମଦନ ରାଥୋର ମଧ୍ୟ ନିର୍ବିରୋଧରେ ରାଜ୍ୟସଭାକୁ ନିର୍ବାଚିତ ହୋଇଥିବା ବିଧାନସଭା ସଚିବ ମହାବୀର ପ୍ରସାଦ ଶର୍ମା ପ୍ରକାଶ କରିଛନ୍ତି। ମଙ୍ଗଳବାର ଥିଲା ପ୍ରାର୍ଥୀପତ୍ର ପ୍ରତ୍ୟାହାରର ଶେଷ ଦିବସ। ୩ ଆସନ ପାଇଁ ଏହି ନିର୍ବାଚନରେ କେବଳ ୩ ପ୍ରାର୍ଥୀ ଥିବାରୁ ସେମାନଙ୍କୁ ନିର୍ଦ୍ୱନ୍ଦ୍ୱରେ ନିର୍ବାଚିତ ଘୋଷଣା କରାଯାଇଛି।ଉଲ୍ଲେଖଯୋଗ୍ୟ ଯେ ରାଜ୍ୟସଭା ସଦସ୍ୟ ମନମୋହନ ସିଂହ(କଂଗ୍ରେସ), ଭୂପେନ୍ଦ୍ର ଯାଦବ(ବିଜେପି)ଙ୍କ କାର୍ଯ୍ୟକାଳ ଆସନ୍ତା ଏପ୍ରିଲ ୩ ତାରିଖରେ ସରୁଛି। ରାଜସ୍ଥାନର ବିଜେପି ରାଜ୍ୟସଭା ସଦସ୍ୟ କିରୋରୀଲାଲ ମୀନା ବିଧାନସଭା ନିର୍ବାଚନ ଜିତି ବିଧାୟକ ହେବା ପରେ ଗତ ଡିସେମ୍ବର ମାସରେ ରାଜ୍ୟସଭାରୁ ଇସ୍ତଫା ଦେଇଥିଲେ। ଏହିଭଳି ରାଜସ୍ଥାନର ୧ ରାଜ୍ୟସଭା ଆସନ ଖାଲି ଥିବା ବେଳେ ଓ ଆଉ ୨ ଆସନ ଏପ୍ରିଲରେ ଖାଲି ହେବାକୁ ଯାଉଥିବାରୁ ଏହି ୩ ଆସନ ପାଇଁ ନିର୍ବାଚନ ନିମନ୍ତେ ବିଜ୍ଞପ୍ତି ଜାରି ହୋଇଥିଲା। ଏଥିରେ ସୋନିଆ ଗାନ୍ଧୀ(କଂଗ୍ରେସ), ଚୁନ୍ନିଲାଲ ଗରାସିୟା ଓ ମଦନ ରାଥୋର(ଉଭୟ ବିଜେପି) କେବଳ ଏହି ୩ଜଣ ପ୍ରାର୍ଥୀ ମନୋନୟନପତ୍ର ଦାଖଲ କରିଥିଲେ। ପ୍ରାର୍ଥୀପତ୍ର ପ୍ରତ୍ୟାହାରର ଶେଷ ଦିବସ ଅତିକ୍ରାନ୍ତ ହୋଇଥିବାରୁ ଉପରୋକ୍ତ ୩ ଜଣଙ୍କୁ ନିର୍ଦ୍ୱନ୍ଦ୍ୱରେ ନିର୍ବାଚିତ ଘୋଷିତ କରାଯାଇଛି।

**କେବଳ ୧୫ ପ୍ରାର୍ଥୀଙ୍କ ପାଇଁ ୨୯ରେ ନିର୍ବାଚନ**

## ■ ଦିଲ୍ଲୀ ହାଇକୋର୍ଟଙ୍କ ନିର୍ଦ୍ଦେଶ

# ପୋଷ୍ୟ ସନ୍ତାନ ଗ୍ରହଣ ମୌଳିକ ଅଧିକାର ନୁହେଁ

ନୂଆଦିଲ୍ଲୀ, ୨୦।୨ (ଏଜେନ୍ସି): ଦିଲ୍ଲୀ ହାଇକୋର୍ଟ ମଙ୍ଗଳବାର ବଡ଼ ନିଷ୍ପତ୍ତି ଶୁଣାଇଛନ୍ତି। ପୋଷ୍ୟ ସନ୍ତାନ ଗ୍ରହଣ ମୌଳିକ ଅଧିକାର ନୁହେଁ ବୋଲି ରାୟ ଦେଇଛନ୍ତି। ଧାରା ୨୧ ଅଧୀନରେ ଏହାକୁ ମୌଳିକ ଅଧିକାରର ମାନ୍ୟତା ଦିଆଯାଇପାରିବ ନାହିଁ। କାହାକୁ ପୋଷ୍ୟ ସନ୍ତାନ ଭାବେ ଗ୍ରହଣ କରିବେ ତାହା ଚୟନ କରିବାର ଅଧିକାର ମଧ୍ୟ ଦମ୍ପତିଙ୍କର ନାହିଁ। ଯେଉଁ ମାନଙ୍କର ପୂର୍ବରୁ ୨ଟି ସନ୍ତାନ ଅଛି, ସେମାନେ ସ୍ୱାଭାବିକ ଶିଶୁଙ୍କୁ ପୋଷ୍ୟ କରିପାରିବେ ନାହିଁ। ମାତ୍ର ଦିବ୍ୟାଙ୍ଗଙ୍କୁ ପୋଷ୍ୟ ଗ୍ରହଣ କରିପାରିବେ। ଶିଶୁଙ୍କ ମଙ୍ଗଳ ପାଇଁ ଏହି ପ୍ରକ୍ରିୟା ପରିଚାଳିତ ହେଉଛି। ପୋଷ୍ୟ ସନ୍ତାନ ଗ୍ରହଣ କରିବାକୁ ଚାହୁଁଥିବା ମାତାପିତା ତଥା ପିଏପିଏସଙ୍କ ଏକ ଆବେଦନର ଶୁଣାଣି କରି କୋର୍ଟ ଏହି ରାୟ ଦେଇଛନ୍ତି। ଅନେକ ପିଏପିଏସ ପୋଷ୍ୟ ଭାବେ ତୃତୀୟ ସନ୍ତାନକୁ ଗ୍ରହଣ କରିବାକୁ ଆବେଦନ କରିଥିଲେ। ମାତ୍ର ପୂର୍ବରୁ ତାଙ୍କର ୨ଟି ସ୍ୱାଭାବିକ ଶିଶୁ ଅଛନ୍ତି। ଶୁଣାଣି ସମୟରେ ବିଚାରପତି ଜଷ୍ଟିସ ସ୍ୱାମୀପ୍ରସାଦ କହିଥିଲେ ଯେ ପୋଷ୍ୟ ସନ୍ତାନ ଗ୍ରହଣ ପାଇଁ ଦୀର୍ଘ ଦିନ ପର୍ଯ୍ୟନ୍ତ ଅପେକ୍ଷା କରିବାକୁ ପଡ଼ିଥାଏ। ଅନେକ ନିଃସନ୍ତାନ ଦମ୍ପତି ଏବଂ ଗୋଟିଏ ଶିଶୁ ଥିବା ମାତାପିତା ସ୍ୱାଭାବିକ ଶିଶୁଙ୍କୁ ପୋଷ୍ୟ ସନ୍ତାନ ଭାବେ ଗ୍ରହଣ କରିଥାନ୍ତି। ଏଭଳି ସ୍ଥିତିରେ ଦିବ୍ୟାଙ୍ଗ ଶିଶୁଙ୍କୁ ପୋଷ୍ୟ ନେବାର ସମ୍ଭାବନା ବହୁତ କମ୍ ଥାଏ। ଏହି ସବୁ ଦିଗକୁ ଦୃଷ୍ଟିରେ ରଖି ୨୦୨୨ରେ ପୋଷ୍ୟ ସନ୍ତାନ ଗ୍ରହଣ ନିୟମରେ ପରିବର୍ତ୍ତନ କରାଯାଇଥିଲା।

## ■ କେନ୍ଦ୍ରକୁ ସୁପ୍ରିମକୋର୍ଟଙ୍କ ପ୍ରଶ୍ନ

# ନାରୀ ଶକ୍ତି କଥା କହୁଚ; ପୁରୁଷ ପ୍ରାଧାନ୍ୟ ଆଭିମୁଖ୍ୟ କାହିଁକି ଦେଖାଉଛ

ନୂଆଦିଲ୍ଲୀ, ୨୦।୨ (ଏଜେନ୍ସି): ଭାରତୀୟ ତଟରକ୍ଷୀ ବାହିନୀ (ଆଇସିଜି)ରେ ମହିଳାଙ୍କୁ ସ୍ଥାୟୀ କମିଶନ ନ ଦେବାକୁ ନେଇ ସୁପ୍ରିମକୋର୍ଟ କେନ୍ଦ୍ର ସରକାରଙ୍କୁ ଭର୍ତ୍ସନା କରିଛନ୍ତି। ଏହା ସହିତ ପ୍ରଶ୍ନବାଣ ମାରିଛନ୍ତି। ସ୍ଥଳ ସେନା, ନୌସେନା ଏବଂ ବାୟୁସେନା ପରି ଆଇସିଜିରେ ମହିଳାଙ୍କୁ ପୁରୁଷ ଭଳି ସମାନ ଅଧିକାର କାହିଁକି ଦେଉନାହାନ୍ତି? ନାରୀ ଶକ୍ତିଙ୍କ କଥା କହୁଛନ୍ତି, ଅଥଚ ତାହାକୁ ଏଠାରେ ପ୍ରଦର୍ଶନ କାହିଁକି କରୁନାହାନ୍ତି ? ପୁରୁଷ ପ୍ରାଧାନ୍ୟ ଆଭିମୁଖ୍ୟ କାହିଁକି ରଖିଛନ୍ତି? ନ୍ୟାୟ ସୁନିଶ୍ଚିତ କରିବା ପାଇଁ କୋର୍ଟ ଏହି ମାମଲାରେ ହସ୍ତକ୍ଷେପ କରିଛନ୍ତି। ଏହା କେବଳ ଗୋଟିଏ ମାମଲାରେ ସୀମିତ ରହିବ ନାହିଁ ବୋଲି ପ୍ରଧାନ ବିଚାରପତି ଡିୱାଇ ଚନ୍ଦ୍ରଚୂଡ ଏବଂ ଜଷ୍ଟିସ ଜେବି ପାରଦିୱାଲାଙ୍କ ଖଣ୍ଡପୀଠ କହିଛନ୍ତି। ଆଇସିଜି ଅଧିକାରୀ ପ୍ରିୟଙ୍କା ତ୍ୟାଗୀଙ୍କ ଆବେଦନ ଉପରେ ଶୁଣାଣି କରି କୋର୍ଟ ଟିପ୍ପଣୀ କରିଛନ୍ତି। ଶୁଣାଣି ସମୟରେ କୋର୍ଟ କହିଥିଲେ ଯେ ମହିଳାଙ୍କ ପାଇଁ ଆସିଜି ଉପଯୁକ୍ତ ନୁହେଁ କହିବା ଦିନ ଏବେ ଚାଲିଗଲାଣି। ଯଦି ମହିଳା ସୀମାର ସୁରକ୍ଷା ଦାୟିତ୍ୱରେ ରହିପାରୁଛନ୍ତି ତେବେ ଉପକୂଳର ମଧ୍ୟ ସୁରକ୍ଷା କରିପାରିବେ।

# ମୁଖ ସୌନ୍ଦର୍ଯ୍ୟ ପାଇଁ ଜୀବନ ହାରିଲେ ବର

ହାଇଦରବାଦ, ୨୦।୨ (ଏଜେନ୍ସି): ହସିବାକୁ ଚାହୁଁଥିବା ହାଇଦରାବାଦର ଜଣେ ବରଙ୍କ ଜୀବନ ଅକାଳରେ ଚାଲିଯାଇଛି। ସ୍ମାଇଲିଂ ଡିଜାଇନିଂ ସର୍ଜରୀ ସମୟରେ ଲକ୍ଷ୍ମୀ ନାରାୟଣ ସିଂହ (୨୮)ଙ୍କ ମୃତ୍ୟୁ ହୋଇଛି। ସେ ନିଜ ବିବାହ ପୂର୍ବରୁ ଅଧିକ ସୁନ୍ଦର ଦିଶିବା ପାଇଁ ଅସ୍ତ୍ରୋପଚାର କରି ହସ ବଢ଼ାଇବାକୁ ଚାହୁଁଥିଲେ। ପୁଲିସ ସୂଚନା ଅନୁଯାୟୀ ଗତ ୧୬ ତାରିଖରେ ହାଇଦରାବାଦର ଜୁବଲି ହିଲ୍ସ ସ୍ଥିତ ଏଫଏମଏସ ଇଣ୍ଟରନ୍ୟାସନାଲ ଡେଣ୍ଟାଲ କ୍ଲିନିକରେ ଏହି ଦୁର୍ଘଟଣା ଘଟିଥିଲା। ଡାକ୍ତରଖାନାର ଅବହେଳା ଯୋଗୁଁ ପୁଅର ମୃତ୍ୟୁ ହେଲା ବୋଲି ଲକ୍ଷ୍ମୀଙ୍କ ବାପା ରାମୁଲୁ ୱିଞ୍ଜାମ ଅଭିଯୋଗ କରିଛନ୍ତି। ସେ ଏ ନେଇ ମାମଲା ରୁଜୁ କରିଛନ୍ତି। ଅସ୍ତ୍ରୋପଚାର ସମୟରେ ପୁଅକୁ ଅଧିକ ମାତ୍ରାରେ ଆନେସ୍ଥେସିଆ ଦିଆଯାଇଥିଲା। ପୁଅ ଚେତା ହରାଇବା ପରେ ତାଙ୍କୁ କ୍ଲିନିକ କର୍ମଚାରୀ ଫୋନ କରି ଡାକିଥିଲେ। ଲକ୍ଷ୍ମୀଙ୍କୁ ନିକଟସ୍ଥ ଡାକ୍ତରଖାନାକୁ ନିଆଯାଇଥିଲା। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ ବୋଲି କୁହାଯାଇଥିଲା। ମାତ୍ର ଆଶ୍ଚର୍ଯ୍ୟର ବିଷୟ ଏହି କି ଯେ ପୁଅର ଏହି ଅସ୍ତ୍ରୋପଚାର ସମ୍ବନ୍ଧରେ ପରିବାର ସଦସ୍ୟଙ୍କୁ ଜଣା ନ ଥିଲା।



## ପାକିସ୍ତାନରେ ଗଠନ ହୋଇପାରୁନି ନୂଆ ସରକାର

# ନୱାଜଙ୍କ ଦଳକୁ ସର୍ତ୍ତ ମାନିବାକୁ ପଡ଼ିବ: ବିଲାୱଲ

ଇସଲାମାବାଦ, ୨୦।୨ (ଏଜେନ୍ସି):

ପାକିସ୍ତାନ ସାଧାରଣ ନିର୍ବାଚନର ଫଳାଫଳ ୧୧ ଦିନ ହେଲା ବାହାରିଲାଣି। ଏହା ସତ୍ତ୍ୱେ ଏ ପର୍ଯ୍ୟନ୍ତ ସରକାର ଗଠନ ହୋଇପାରି ନାହିଁ। କୌଣସି ଦଳକୁ ସ୍ପଷ୍ଟ ବହୁମତ ମିଳିପାରି ନ ଥିବାରୁ ସରକାର ଗଠନ ପାଇଁ ଅଙ୍କକଷା ଜାରି ରହିଛି। ଇମ୍ରାନଙ୍କ ଦଳ ପିଟିଆଇକୁ ପାକିସ୍ତାନ ସେନା ସରକାର ଗଠନ କରିବାକୁ ଦେଉନାହିଁ। ଏହି ଦଳ ପୁଣି କ୍ଷମତାକୁ ଆସୁ ବୋଲି ସେନା ଚାହୁଁନାହିଁ। ମାତ୍ର ସେନା ସମର୍ଥିତ ନୱାଜ ସରିଫଙ୍କ ପାକିସ୍ତାନ ମୁସଲିମ ଲିଗ-ନୱାଜ



(ପିଏମଏଲ-ଏନ) ଏବଂ ଆସିଫ ଅଲି ଜରଦାରୀଙ୍କ ପାକିସ୍ତାନ ପିପୁଲ୍ସ ପାର୍ଟି (ପିପିପି) ମଧ୍ୟରେ ମେଣ୍ଟ ଆଶଙ୍କା ତୁଟିବାରେ ଲାଗିଛି। ଉଭୟ ଦଳ ମଧ୍ୟରେ ୫ ଥର ଆଲୋଚନା ହେବା ସତ୍ତ୍ୱେ କୌଣସି ସମାଧାନ ବାହାରି ପାରି ନାହିଁ। ଏବେ ପିପିପି ନୱାଜଙ୍କ ଦଳକୁ ସମର୍ଥନ ଦେବା ପାଇଁ ସର୍ତ୍ତ ରଖିଛି। ପିପିପି ଅଧ୍ୟକ୍ଷ ବିଲୱଲ ଭୁଟୋ ଜରଦାରୀ କହିଛନ୍ତି ଯେ ସରକାରଙ୍କୁ ସହାୟତା କରିବାକୁ କେବେ ମନା କରିନାହୁଁ। ପିଏମଏଲ-ଏନକୁ ସମର୍ଥନ ଦେବା ପାଇଁ ଦଳ ପ୍ରସ୍ତୁତ ଅଛି। କିନ୍ତୁ ଏହି ଦଳକୁ ଆମ ସର୍ତ୍ତ ମାନିବାକୁ ପଡ଼ିବ। ପିପିପି କାହିଁକି ପିଏମଏଲ-ଏନ୍ର ସର୍ତ୍ତ ମାନିବ?

### ଧାର୍ମିକ ଦଳରେ ସାମିଲ ହେବେ ଇମ୍ରାନ ସମର୍ଥକ

ଅନ୍ୟପକ୍ଷରେ ପିଟିଆଇର ସ୍ୱାଧୀନ ସମର୍ଥକ ପାକିସ୍ତାନର ଧାର୍ମିକ ପାର୍ଟି ସୁନ୍ନି ଇତିହାଦ କାଉନସିଲ (ଏସଆଇସି)ରେ ସାମିଲ ହେବାକୁ ନିଷ୍ପତ୍ତି ନେଇଛନ୍ତି। ପିଟିଆଇ ଅଧ୍ୟକ୍ଷ ବାରିଷ୍ଟର ଗୌହର ଖାନ ଏହି ଘୋଷଣା କରିଛନ୍ତି। ଦଳର ସମର୍ଥକ କେନ୍ଦ୍ର, ପଞ୍ଜାବ ଏବଂ ଖୈବର ପଖ୍ତୁନଖ୍ୱାରେ ଏସଆଇସିରେ ସାମିଲ ହେବେ। ସୂଚନାଯୋଗ୍ୟ ଯେ ଏହି ପାର୍ଟି ନିର୍ବାଚନରେ ମାତ୍ର ଗୋଟିଏ ଆସନ ଜିତିଥିଲା। କିନ୍ତୁ ପିଟିଆଇ ସହ ସମ୍ପର୍କ ୮ ବର୍ଷ ତଳର ବୋଲି ଏସଆଇସି ପକ୍ଷରୁ କୁହାଯାଇଛି।

## AFFIDAVIT

I Urmila Nayak, W/o-Achyutananda Samantaray, At-Kodapada,Po-Arakhapalli, Ps-Bolagarh, Dist-Khordha, Pin-752066 Odisha declare by this affidavit No-333, dt-15.02.2024 that now onwards I shall be known as DALI SAMANTARAY for all purposes.

## AFFIDAVIT

I, Suman Saha C/o Kalipada Santra Resident of Flat No : D6/204, Hansapal, Po/Ps : Balianta, Dist: Khordha, Pin-752101, Odisha declare by this Affidavit No : CF No 14 Dtd: 20.02.2024 that now onwards I shall be known as **Suman Saha** for all future purposes.

## AFFIDAVIT

By virtue of an affidavit sworn before the Executive Magistrate, Koida on Dtd 02.12.2023, I, ARSHALIN GUDIA, D/o Daud Gudia, vill/po: Kalta, Ps: Kalta, Dist. Sundargarh declare that my correct name is ARSHALIN GUDIA which is reflected in my aadhar card(827321647096), whereas in my postal passbook (A/c no 903958298) my name is wrongly mentioned as ARSHALINI MUNDA. Both the names ARSHALIN GUDIA and ARSHALINI MUNDA is one and same person, i.e myself. The facts stated above are true to the best of my knowledge and belief.

## AFFIDAVIT

By virtue of an affidavit sworn before the Notary Public, Bhubaneswar, I, Priyadarshini Satapathy, D/O- Raghunath Satapathy, Resident of Plot No-1181, Bomikhal, PO-Rasulgarh, PS-Mancheswar, Bhubaneswar Dist-Khurda, Odisha declare by this affidavit no.25AA 013993 dtd 28.10.2013 that now onwards I shall be known as **Priyadarshini Tripathy** for all future purposes.

## AFFIDAVIT

I, Bikram Kesari Mishra, S/o-Prafulla Kumar Mishra, resident of At/Po-Hulurisingha, Ps/Dist-Angul, Pin-759122 Odisha declare by this affidavit No.333, dated- 19/02/2024 that now onwards I shall be known as **BIKRAM KESHARI MISHRA** for all future purposes.

## SALE

Booking Open 2/3 BHK Flat Bhpl Krishna, Bharatpur, Bhpl Rudra in front of CET. College, Ghatikia, Bhpl SB Homes, Ghatikia, Ready for Possession Aastha Highway South & North, Dhauli Chhak, BBSR. Contact- Bhavishya Homes Pvt Ltd.

**Ph.: 9437015112**

## LOST

I, Paluni Baliyarsingh declare that I have lost the Original Sale Deed No.61, Dated- 20/01/1998 of landed property of Mouza- Bagala, Tahasil- Ranapur, Thana- Ranapur, Thana No-60, District-Nayagarh bearing Khata No-7, Plot No-726, Kisam- Gharabari, A0.050 Decimal on Dated: 25/01/2024, at about 10.00 AM somewhere at Patrapada locality which I am unable to trace it out. If any claims/ objections over the aforesaid property occur, may please contact Deepak Kumar Baliyarsingh, Mobile Number- 9348310759 within 7 days.

## AFFIDAVIT

By virtue of an affidavit before the Notary Public, Bhubaneswar do hereby declare that, my actual name is Sasmita Nayak which has been mentioned in my all educational certificate, but after my marriage to Late Saroj Kumar Lenka my name has been written in Some relevant document like birth certificate of my daughter Abhipsa Lenka & all educational certificate of my daughter mentioned as Sasmita Lenka. That, both the name **Sasmita Nayak & Sasmita Lenka** is one same person.


# ପ୍ରାଜ୍ଞପୁରୁଷ ସାତକଡ଼ି ହୋତା

ବିଶିଷ୍ଟ ପ୍ରଶାସକ, ସାରସ୍ୱତ ସ୍ରଷ୍ଟା, ସମ୍ପାଦକ ଓ ସମାଜସେବୀ ସାତକଡ଼ି ହୋତା ଥିଲେ ମଣିଷ ପରି ମଣିଷ। ସେ ଥିଲେ ଯେପରି ମାନବପ୍ରେମୀ, ସେହିପରି ଏକନିଷ୍ଠ ସାରସ୍ୱତ ସାଧକ ଏବଂ ବିକାଶୋନ୍ମୁଖୀ ସମାଜ ସଂଗଠକ।

ଓଡ଼ିଶାର ମୟୂରଭଞ୍ଜ ଜିଲ୍ଲାର ବାଙ୍ଗିରିପୋଷି ସ୍ଥିତ ଜଗନ୍ନାଥଖୁଣ୍ଟାରେ ୧୯୨୯ ମସିହା ଅକ୍ଟୋବର ୨୯ ତାରିଖରେ ଜନ୍ମିତ ସାତକଡ଼ିଙ୍କ ପ୍ରତିଭାର ଔଜ୍ଜ୍ୱଲ୍ୟ ତୁଳସୀ ଦୁଇପତ୍ରରୁ ବାସିଲା ପରି ତାଙ୍କ ଛାତ୍ରକାଳରୁ ହିଁ ପ୍ରକଟିତ ହୋଇଥିଲା। ଅଷ୍ଟମ ଶ୍ରେଣୀରେ ପଢ଼ିବା ବେଳେ ତାଙ୍କ ରଚିତ କବିତା ସଭିଙ୍କ ଦୃଷ୍ଟି ଆକର୍ଷଣ କରିଥିଲା। ବାରିପଦା ଉଚ୍ଚ ଇଂରାଜୀ ବିଦ୍ୟାଳୟରୁ ମ୍ୟାଟ୍ରିକ୍, ସାମନ୍ତ ଚନ୍ଦ୍ରଶେଖର କଲେଜ (ପୁରୀ)ରୁ ବିଏ(ସମ୍ମାନ) ଏବଂ ମଧୁସୂଦନ ଆଇନ କଲେଜରୁ ଏଲ୍ଏଲ୍ବି ପାସ୍ କରି ଓଡ଼ିଶା ସରକାରଙ୍କ ଅଧୀନରେ କିଛିଦିନ କମରସିଆଲ୍ ଟ୍ୟାକ୍ସ ଅଫିସର ଭାବେ କାର୍ଯ୍ୟ କରି ପରବର୍ତ୍ତୀ ସମୟରେ ସର୍ବଭାରତୀୟ ଲୋକସେବା ଆୟୋଗ ପରୀକ୍ଷାରେ ଉତ୍ତୀର୍ଣ୍ଣ ହୋଇ ସେ ଭାରତୀୟ ରେଳ ବିଭାଗରେ ଯୋଗ ଦେଇଥିଲେ। ସମୟକ୍ରମେ ସେ ଦକ୍ଷିଣ-ପୂର୍ବ ରେଳବାଇର ସର୍ବୋଚ୍ଚ ପଦବୀରେ ଅଧିଷ୍ଠିତ ହୋଇ ୧୯୮୭ ମସିହାରେ ଅବସର ଗ୍ରହଣ କରିଥିଲେ।



ସାରସ୍ୱତ ସାଧନା ଛାତ୍ରଜୀବନରୁ ରହିଥିଲେ ମଧ୍ୟ ଅବସର ପରେ ସେ ସାହିତ୍ୟ ସୃଷ୍ଟି ଓ ସାରସ୍ୱତ ସଂଗଠନରେ ଅଧିକ ମନୋନିବେଶ କରି ରାଶି ରାଶି ଗଳ୍ପ, ଉପନ୍ୟାସ, ପ୍ରବନ୍ଧ ଓ ସ୍ତମ୍ଭ ଆଦି ରଚନା କରି ଓଡ଼ିଆ ସହିତ୍ୟକୁ ସମୃଦ୍ଧ କରିଥିଲେ। ସାହିତ୍ୟର ପ୍ରତିଟି ବିଭାଗରେ ସେ ଲେଖନୀ ଚାଳନା କରିଥିଲେ ମଧ୍ୟ 'କଥାସାହିତ୍ୟ'କୁ ତାଙ୍କର ଅବଦାନ ବିପୁଳ ଥିଲା। 'ଅଶାନ୍ତ ଅରଣ୍ୟ'ଠାରୁ 'ଧର୍ମଯୁଦ୍ଧ' ପର୍ଯ୍ୟନ୍ତ ସମୁଦାୟ ୧୭ଟି ଉପନ୍ୟାସ, ଗଳ୍ପ ସଂକଳନ 'ମହାସ୍ନାନ'ଠାରୁ 'ନିତ୍ୟ ବୃନ୍ଦାବନ' ଯାଏଁ ସମୁଦାୟ ୨୮ଟି ଗଳ୍ପ ସଂକଳନ ବ୍ୟତୀତ ସେ ଆତ୍ମଜୀବନୀ, ଭ୍ରମଣ କାହାଣୀ, କବିତା, ପ୍ରବନ୍ଧ ଓ ଅନୁବାଦ ପୁସ୍ତକ ରଚନା କରିଛନ୍ତି। ହିନ୍ଦୀ ଭାଷାରେ ତାଙ୍କର କେତୋଟି ପୁସ୍ତକ ଅନୂଦିତ ହୋଇଛି। ଏତଦ୍ବ୍ୟତୀତ ସେ 'ସମୟ' ସମ୍ବାଦପତ୍ରର ସମ୍ପାଦନା ଦାୟିତ୍ୱ ୧୯୯୬ ମସିହାଠାରୁ ଜୀବନର ଶେଷସମୟ ପର୍ଯ୍ୟନ୍ତ ନିର୍ବାହ କରି ଆସୁଥିଲେ।

ଏ ସବୁ ସାରସ୍ୱତ ସୃଷ୍ଟି ଓ ସାଧନା ବ୍ୟତୀତ ବହୁ ସାହିତ୍ୟ ଓ ସାଂସ୍କୃତିକ ଅନୁଷ୍ଠାନ ସହିତ ଜଡ଼ିତ ହୋଇ ତଥା ଓଡ଼ିଶା ସାହିତ୍ୟ ଏକାଡେମୀର ସଭାପତି ଭାବେ ସେ ଓଡ଼ିଆ ସାହିତ୍ୟର ସମୃଦ୍ଧି ନିମନ୍ତେ ବହୁ ବିକାଶମୂଳକ କାର୍ଯ୍ୟ କରିଯାଇଛନ୍ତି। ଏହାଛଡ଼ା ଲେଖକ ସାମ୍ମୁଖ୍ୟର ସଭାପତି, ଭୁବନେଶ୍ୱର ପୁସ୍ତକମେଳାର ସଭାପତି, ଓଡ଼ିଶା ଲେଖକ ସମବାୟ ସମିତିର ସଭାପତି, କେନ୍ଦ୍ର ସାହିତ୍ୟ ଏକାଡେମୀର ପରାମର୍ଶଦାତା ପରିଷଦ ସଭ୍ୟ, ଉତ୍କଳ ବିଶ୍ୱବିଦ୍ୟାଳୟର ସିନେଟ୍ ସଭ୍ୟ, ନ୍ୟାସନାଲ୍ ବୁକ୍ ଟ୍ରଷ୍ଟ ପରାମର୍ଶଦାତା ପରିଷଦର ସଭ୍ୟ ସମେତ ବହୁ ସରକାରୀ ଓ ବେସରକାରୀ ଅନୁଷ୍ଠାନ ସହିତ ତାଙ୍କର ପ୍ରତ୍ୟକ୍ଷ ସମ୍ପୃକ୍ତି ରହିଥିଲା।

ଏହାବ୍ୟତୀତ ସାତକଡ଼ି ହୋତା ଥିଲେ ଜଣେ ମାନବପ୍ରେମୀ ମଣିଷ। ଗର୍ବ, ଦମ୍ଭ, ପ୍ରୌଢ଼ିଠାରୁ ସେ ଥିଲେ ବହୁଦୂରରେ। ସେ ଥିଲେ ଜଣେ ଉଚ୍ଚମାନର ଦିଗ୍‌ଦ୍ରଷ୍ଟା ଏବଂ ଦିଗ ନିର୍ଣ୍ଣାୟକ। ତାଙ୍କର କେଉଁଥିରେ ପ୍ରତ୍ୟାଶା ନଥିଲା, ବରଂ ଥିଲା ପ୍ରତିଟି କାର୍ଯ୍ୟରେ ଅଙ୍ଗୀକାରବଦ୍ଧତା। ଏକନିଷ୍ଠତା, ନିୟମାନୁବର୍ତ୍ତିତା ଏବଂ ସମୟାନୁବର୍ତ୍ତିତା ଥିଲା ତାଙ୍କର ସହଜାତ ଗୁଣ। ଯେଉଁ କାର୍ଯ୍ୟରେ ହାତ ଦେଉଥିଲେ ତାହାକୁ ସମ୍ପୂର୍ଣ୍ଣ କରି ଛାଡୁ ନ ଥିଲେ। ତାଙ୍କର ଧର୍ମପତ୍ନୀ ଗୀତା ହୋତା ମଧ୍ୟ ତାଙ୍କରି ଆଦର୍ଶରେ ପ୍ରଭାବିତ ହୋଇ ସାହିତ୍ୟ ଓ ସଂସ୍କୃତି ନିମନ୍ତେ ପ୍ରମୁଖ କାର୍ଯ୍ୟ ସମ୍ପାଦନ କରି ଯାଇଛନ୍ତି। ସାତକଡ଼ି ହୋତାଙ୍କ ସୁପରିଚାଳନା ଓ ପରାମର୍ଶରେ ପତ୍ନୀ ଗୀତା ହୋତାଙ୍କ ସମ୍ପାଦନାରେ ଦୀର୍ଘ ୪୨ ବର୍ଷ ଧରି 'ଅମୃତାୟନ' ପରି ଏକ ଉଚ୍ଚମାନର ସାହିତ୍ୟ ପତ୍ରିକା ପ୍ରକାଶ ପାଇଆସିଛି, ଯାହାକି ଏବେ ତାଙ୍କ ଜ୍ୟେଷ୍ଠାକନ୍ୟା କଣ୍ଠଶିଳ୍ପୀ ସୌମ୍ୟା ରଥଙ୍କ ସମ୍ପାଦନାରେ ପ୍ରକାଶିତ ହେଉଛି।

ପ୍ରଥିତଯଶା ସାହିତ୍ୟିକ ସାତକଡ଼ି ହୋତା ତାଙ୍କର ସାହିତ୍ୟ କୃତି ନିମନ୍ତେ ଓଡ଼ିଶା ସାହିତ୍ୟ ଏକାଡେମୀ ପୁରସ୍କାର, ସାରଳା ପୁରସ୍କାର, ସାହିତ୍ୟ ଭାରତୀ ସମ୍ମାନ, ଉତ୍କଳ ସାହିତ୍ୟ ସମାଜ ସମ୍ମାନ, ସ୍ୱାଧୀନତା ସ୍ୱର୍ଣ୍ଣଜୟନ୍ତୀ ସମ୍ମାନ ଓ ଫକୀରମୋହନ ପୁରସ୍କାର ଆଦି ବହୁ ସମ୍ମାନ ଓ ପୁରସ୍କାର ଲାଭ କରିଛନ୍ତି। ଏପରି ଏକ ସ୍ୱଚ୍ଛନ୍ଦ, ସୁନ୍ଦର ଜୀବନ ବିତାଇ ୯୫ ବର୍ଷ ବୟସରେ ପରଲୋକ ଗମନ କରିବା ଆମ ରାଜ୍ୟ ପାଇଁ ଏକ ଅପୂରଣୀୟ କ୍ଷତି। ତାଙ୍କ ପ୍ରତିଭାର ମୃତ୍ୟୁ ନାହିଁ। ମର ଦେହରେ ସେ ଆଜି ଆମ ଗହଣରେ ନଥିଲେ ମଧ୍ୟ ଯଶୋଦେହରେ ସେ ବଞ୍ଚି ରହିବେ କାଳକାଳକୁ। ■


**ପ୍ରଫେସର ଉପେନ୍ଦ୍ର ନାୟକ**
**ଭୁବନେଶ୍ୱର, ମୋ: ୬୩୭୦୨୪୮୦୯**



O-2560

GOVERNMENT OF ODISHA
OFFICE OF THE CHIEF CONSTRUCTION ENGINEER
RURAL WORKS CIRCLE, SUNABEDA

email- serwsbd2003@yahoo.com

**Repair and Maintenance of Rural Roads Under PMGSY & Other Scheme**

e-Procurement Notice

**Bid Identification No. CCERWCSBD Online – 61/2023-24**

The Chief Construction Engineer, Rural Works Circle, Sunabeda on behalf of Odisha State Rural Road Agency invites **percentage rate** bids in electronic tendering system for ***Repair/Maintenance of the Rural roads Constructed under Pradhan Mantri Gram Sadak Yojana*** in the districts of **Koraput, Malkangiri, Nabrangpur & Rayagada for 29 (Twenty Nine)** number of packages with estimated cost totaling to **Rs.31.51** Cr including maintenance for five year from the eligible contractors registered with **State PWD / CPWD / MES / Railways.** The registered bidder of outside Odisha, can also participate in this process, but shall have to subsequently undergo registration with the appropriate authority of the State Govt preferably within a month of the deadline for bid submission, but prior to signing of the contract.

Date of release of Invitation for Bids through e-procurement.dtd.19/02/2024.

**Availability of Bid Documents and mode of submission:** The bid document is available online and should be submitted online inhttp://www.pmgsytenders.gov.in. The bidder would be required to register in the web-site which is free of cost. For submission of the bids, the bidder is required to have a valid Digital Signature Certificate (DSC) from one of the authorized Certifying Authorities. The bidders are required to submit (a) original Demand Draft towards the cost of bid document and (b) original bid security in approved form and (c) original affidavit regarding correctness of information furnished with bid document as per provisions of Clause 4.4 B (a) (ii) of ITB with **Chief Construction Engineer, Rural Works Circle, Sunabeda & Superintending Engineer / Executive Engineer of the concerned Division**, on a date not later than three working days after the opening of technical qualification part of the Bid, either by registered post or by hand, failing which the bids shall be declared non- responsive.

**Last Date/ Time for receipt of bids through e-procurement**: 04/03/2024 upto 5.00 PM

For further details please log on to http://www.pmgsytenders.gov.in.

**Chief Engineer**
**Rural Works Circle, Sunabeda**

OIPR-25182/11/0067/2324

## OFFICE OF THE PANCHAYAT SAMITI, SULIAPADA, MAYURBHANJ

At/P.O.- Suliapada,Dist.- Mayurbhanj, Odisha,
E-Mail: ori-SUUAPADA@nic.in)
TCN No. 659 , Date - 17.02.2024

The Block Development Officer, SULIAPADA invites Sealed percentage rate bid on behalf of Government of Odisha from registered and eligible Civil Contractors of the State PWD (R&B)/Water Resource/Rural Works/M.I./C.P.W.D. conformity with the DTCN are invited from the "B&C" " Class contractors for execution of works under Panchayat Samit, Suliapada as detailed in Annexture-1. The tender document (DTCN & BOQ) can be obtained from Panchayat Samit, Suliapada. The tender document (BOQ) duly signed by the Contractors should be accompanied with the self-attested photo copy of valid GST Clearance certificate, PAN card, Registration Certificate and requisite EMD should be deposited in shape of NSC/ KVP/ Time Deposit of any Nationalized Bank and duly pledged in favour of Block Development Officer, Suliapada. The tender paper can be obtained from the Block Development Officer, Suliapada on payment of Cost of the Tender paper (non-refundable) in shape of Cash. The tenders will be received up to Dt.25.02.24 till 1.00 P.M. and addressed to O/o Block Development officer, SULIAPADA, Mayurbhanj, 757051 through Registered/Speed Post to the B.D.O, Suliapada or same may be dropped in the tender Box kept in the Block Office, Suliapada during working hour. The tender to be opened on Dt.26.02.24 at 03.00 P.M. at Block Conference Hall, O/o the Block Development officer, Suliapada, Mayurbhanj, PIN-757022 in presence of the tenderers or their authorized representatives. All bidders shall have to submit an affidavit in support of authenticity of documents/credentials. The detail terms and conditions are can be available in Panchayat Samiti Suliapada. The name of the work should be written on the top of the envelope. The undersigned reserves the right to cancel the tender without assigning any reason thereof. Again the authority will not held responsible for any postal delay.

**ANNEXURE-1**

| Sl. No | Name of the Work | Approx. Value of the work (Rs. in Lakhs) | Class of Bidder | EMD In Rupees | Cost of Bid Document (in Rupees) | Period of Completion |
|---|---|---|---|---|---|---|
| 1 | Const. Of Office Building for Block Resource Centre at Block Premises | Rs.32,40,000/ | 'B&C | Rs.33,000/- | Rs.6,000/- | 4 months |

**Sd/- Block Development Officer**
**Suliapada**

## LOST

ମୁଁ ଶ୍ରୀମତି ହର୍ଷମଣୀ ନାୟକ, ସ୍ୱାମୀ- ରବିନ୍ଦ୍ର କୁମାର ନାୟକ ଘୋଷଣା କରୁଛିଯେ ତା.୧୨/୦୨/୨୦୨୪ ରିଖ ଦିନ ସକାଳ ୧୧.୩୦ ସମୟରେ ଜଙ୍କିଆରୁ ଘରକୁ ଯାଉଥିବା ବେଳ ମୋର ସ୍ୱାମୀଙ୍କ ନାମରେ ଥିବା ଅରିଜିନାଲ୍ ଦଲିଲି ନଂ-୩୨୦/୧୯୯୦, ମୌଜା-ବକ୍ସିପାଟଣା, ତହସିଲ-ଟାଙ୍ଗୀ, ଜିଲ୍ଲା-ଖୋର୍ଦ୍ଧା, ଖାତା ନଂ-୩୧, ପ୍ଲଟ୍ ନଂ-୧୯, ୦.୦୫୪୦ ଡ଼ିସିମିଲ କୁ କେଉଁ ଜାଗାରେ ହଜେଇ ଦେଇଛି। ଯଦି ଏହି ସମ୍ପରି ଉପରେ କୌଣସି ଦାବି ବା ଅଭିଯୋଗ ଥାଏ ତେବେ ମୋବାଇଲ ନଂ. ୯୯୩୮୧୩୦୭୮୫ ରେ ୭ ଦିନ ମଧ୍ୟରେ ଯୋଗାଯୋଗ କରନ୍ତୁ।

## AFFIDAVIT

I Masi Nag, aged about 54 years, S/o. Late Joseph Nag, a resident of Pathan Street, Po/Dist.: Nabarangapur do hereby solemnly affirm on oath and state as follows: my name has been wrongly mentioned as SITARAM NAG instead of MASI NAG in my adhar card no- 7383-9753-7232 issued by unique identification authority of India, due to my ignorance about its utility. I want to rectify the defective name of self, in the aadhaar card,and issuance a fresh and rectified aadhaar card in my favour MASI NAG son of JOSEPH NAG. Hence in the court of Executive Magistrate Nabarangpur affidavit dt-15-2-2024.From 15/2/2024 onwards I will known as MASI NAG, S/o Late Joseph Nag in place of **SITARAM NAG** in all purposes.

CAD-4212

## REQUEST FOR PROPOSAL (RFP)

District Mineral Foundation, Jajpur, invites RFPs in the prescribed format from agencies for the process of "Selection of an agency for Management of Social Media Platforms & furnishing of Allied Services to DMF, Jajpur".

The detail of the RFP is available in the district web portal i.e. **www.jajpur.nic.in.**

**Sd/- Collector & Managing Trustee**
**DMF, Jajpur**

OIPR-30025/11/0005/2324

**Bid Ref. No. 1135/2024 Date: 17.02.2024** E-859

**SHORT TENDER CALL NOTICE**

Sealed short tenders in double cover system (technical bid & price bid) are invited from manufacture or authorized distributor or whole seller agencies/ firms for supply of DSTB-IP (4 FDC) (Adult) tablets and DSTB- CP (3 FDC) (Adult) tablets to the Chief District Medical & Public Health Officer, Koraput. Bidders are required to download the tender documents from the website **www.koraput.nic.in.**

**Sd/- CDM & PHO,**
**Koraput**

OIPR-10077/11/0023/2324

**Format C-2**

(for political party to publish in website, newspapers, TV)

**Declaration about criminal antecedents of candidates set up by the party**

(As per the judgement dated 25th September, 2018, of Hon'ble Supreme Court in WP(Civil) No. 536 of 2011 (Public Interest Foundation & Ors. Vs. Union of India & Anr.)

Name of political Party: **BIJU JANATA DAL**

Name of Election: **BIENNIAL ELECTION TO THE COUNCIL OF STATES FROM ODISHA, 2024.**

Name of State: **ODISHA**

| 1 | 2 | 3 | 4 | | 5 | | |
|---|---|---|---|---|---|---|---|
| Sl No. | Name of constituency | Name of candidate | (A)Pending criminal cases | | (B)Details about cases of conviction for criminal offences | | |
| | BIENNIAL ELECTION TO THE COUNCIL OF STATES, 2024 FROM ODISHA | DEBASHISH SAMANTARAY | Name of Court, Case No. & status of the case(s) | Sections of the Acts concerned & brief description of offence(s) | Name of Court & date(s) of order(s) | Description of offence (s) & punishment imposed | Maximum Punishment imposed |
| 1. | | | **JMFC, Cuttack; Vigilance G.R. Case No.- 18/1991; Status-Pending** | **U/s 7 of Essential Commodities Act, 1955 & Punishment for contraventions of any order made u/s-3 of the Essential Commodities Act, 1955** | 06.01.2014 | NA | NA |
| 2. | | | **JMFC, Cuttack; Case No.- 2 (C) CC 57/2003; Status-Pending** | **Sec. 9(I)(b) of Central Excise Act, 1994; Evasion of payment of excise duty. Sec. 9(I)(bb) of Central Excise Act, 1994; Removing excisable goods in contravention of provisions of the Act. Sec. 9(I)(bbb) of Central Excise Act, 1994; Possession of or transporting /depositing etc of excisable goods liable for confiscation. Sec. 9(I)(d) of Central Excise Act, 1994; Attempt to commit or abet the commission of any of the above offences** | NA | NA | NA |
| 3. | | | **A.C.J.M (Spl.), Cuttack; Case No.- 2(c) CC No.- 561/2018; Status-Pending** | **U/s 206 (7) of the Companies Act, 2013 & Failure to furnish any information or explanation or produce any document** | NA | NA | NA |
| 4. | | | **A.C.J.M (Spl.), Cuttack; Case No.-2(c) CC No.- 5/2021; Status-Pending** | **U/s 162/220 (3) of the Companies Act, 1956 & Non-filling of annual returns and balance sheet** | NA | NA | NA |
| 5. | | | **ACJM (Special Court)-cum-Assistant Sessions Judge, Cuttack; 2.(C).C.C Case No.4 of 2021; Status-disposed off** | **U/S-217 (1)(b)(d) & (e) of the Companies Act & Inspection, enquiry and investigation under the Companies Act.** | 20.01.2023 | Compounded with fine of Rs. 5000/- | **Compounded with fine of Rs. 5000/-** |
| 6. | | | **ACJM (Special Court)-cum-Assistant Sessions Judge, Cuttack; 2.(C).C.C Case No.10 of 2021; Status-disposed off** | **U/S- 211 (7) of the Companies Act & Offence for non-filling of Annual returns and balance sheet** | 20.03.2023 | Compounded with fine of Rs. 4000/- | **Compounded with fine of Rs. 4000/-** |

Sasmit Patra

Signature of office bearer of the Political Party
Name : **DR. SASMIT PATRA**
Designation : **GENERAL SECRETARY.**





୨୦/୨/୨୦୨୪ (ମଙ୍ଗଳବାର) ଶ୍ରୀଜଗନ୍ନାଥଙ୍କ ହୁଣ୍ଡିରେ ସମର୍ପଣ
ଟ. ୬,୪୨,୨୫୯/- ସୁନା: ୦୦.୧୫୦ ଗ୍ରାମ୍ ରୁପା: ୧୨୯.୫୦୦ ଗ୍ରାମ୍



# ବାଧାମୁକ୍ତ ଦର୍ଶନ ପାଇବେ ଦିବ୍ୟାଙ୍ଗ

**କାଠ ନିର୍ମିତ ଝୁଲାରେ ନେଇ ଦର୍ଶନ କରାଇବେ ସ୍ୱେଚ୍ଛାସେବୀ**

**ଚୂଡ଼ାନ୍ତ ରୂପରେଖ ପ୍ରସ୍ତୁତ ପାଇଁ ଗଠନ ହେଲା ସବ୍ କମିଟି**

ପୁରୀ, ୨୦।୨(ସମିସ)

ମହାପ୍ରଭୁଙ୍କ ଦର୍ଶନ ପାଇଁ ସବୁ ବର୍ଗର ଭକ୍ତ ଆସୁଛନ୍ତି। ଏମାନଙ୍କ ମଧ୍ୟରେ ଅନେକ ଦିବ୍ୟାଙ୍ଗ ଭକ୍ତ ଅଛନ୍ତି ଯେଉଁମାନେ ନିଜେ ଚାଲି ଚାଲି ଯିବାକୁ ସକ୍ଷମ ନୁହଁନ୍ତି। ଏବେ ଏହି ବର୍ଗର ଦିବ୍ୟାଙ୍ଗମାନେ ସିଂହଦ୍ୱାର ନିକଟକୁ ଯାଇ ପତିତପାବନଙ୍କୁ ଦର୍ଶନ କରୁଛନ୍ତି। ତେଣୁ ସେମାନେ କିପରି ମନ୍ଦିର ଭିତରକୁ ଯାଇ ଚତୁର୍ଦ୍ଧାବିଗ୍ରହଙ୍କୁ ଦର୍ଶନ କରିବେ ସେ ନେଇ ମଙ୍ଗଳବାର ନୀଳାଦ୍ରି ଭକ୍ତ ନିବାସରେ ଅନୁଷ୍ଠିତ ଛତିଶା ନିଯୋଗ ବୈଠକରେ ବିସ୍ତୃତ ଭାବେ ଆଲୋଚନା କରାଯାଇଛି।

ବୈଠକରେ ହୋଇଥିବା ଆଲୋଚନା ଅନୁଯାୟୀ, ଏଣିକି ମାସକୁ ଥରେ ଦିବ୍ୟାଙ୍ଗମାନଙ୍କ ପାଇଁ ସ୍ୱତନ୍ତ୍ର ଦର୍ଶନ ବ୍ୟବସ୍ଥା ହେବ। ଏଥିପାଇଁ ସେମାନଙ୍କୁ ଅନ୍‌ଲାଇନରେ ନାମ ପଞ୍ଜୀକରଣ କରିବାକୁ ପଡ଼ିବ। ତାରିଖ ଅନୁଯାୟୀ ସେମାନେ ଦର୍ଶନ ପାଇଁ ଆସିବେ। ସେମାନଙ୍କୁ ସ୍ୱେଚ୍ଛାସେବୀମାନେ ଉତ୍ତର ଦ୍ୱାର ଦେଇ ଭିତରକୁ ନେବେ। ଶ୍ରୀମନ୍ଦିର ପରମ୍ପରା ଓ ରୀତିନୀତିକୁ ସମ୍ମାନ ଦେଇ ଏବଂ ଦିବ୍ୟାଙ୍ଗ ଭକ୍ତଙ୍କ ଭାବାବେଗକୁ ବିଚାରକୁ ନେଇ ସ୍ୱତନ୍ତ୍ର ଦର୍ଶନ ବ୍ୟବସ୍ଥା କରାଯିବ। ସେମାନେ ଯେପରି ଚତୁର୍ଦ୍ଧାବିଗ୍ରହଙ୍କୁ ବାଧାମୁକ୍ତ ଦର୍ଶନ କରିବେ ସେଥିଲାଗି ସ୍ୱେଚ୍ଛାସେବୀମାନେ ସହଯୋଗ କରିବେ। ପ୍ରଥମେ ଦିବ୍ୟାଙ୍ଗ ଭକ୍ତଙ୍କୁ ଉତ୍ତର ଦ୍ୱାରଠାରେ ବିଶ୍ରାମ ଗୃହରେ ପହଞ୍ଚାଯିବ। ସେଠାରେ ପାନୀୟଜଳ, ପରିଶ୍ରାଗାର ଓ ବସିବା ଇତ୍ୟାଦି ମୌଳିକ ସୁବିଧା ଯୋଗାଇ ଦିଆଯିବ। ସେଠାରେ କାଠ ଚୌକି ବାହାକ ସହିତ ସ୍ୱେଚ୍ଛାସେବୀ ଦଳ ପ୍ରସ୍ତୁତ ଥିବେ। ଦିବ୍ୟାଙ୍ଗ ଭକ୍ତ କାଠ ନିର୍ମିତ ବାହକରେ ବସିବା ପରେ ସ୍ୱେଚ୍ଛାସେବୀ ଉତ୍ତର ଦ୍ୱାରରେ ନେଇ ଘଣ୍ଟିଦ୍ୱାର ଦେଇ ଜୟବିଜୟ ଦ୍ୱାର ନିକଟକୁ ନେବେ। ସେହି ଦୋଳାୟମାନେ ଅବସ୍ଥାରେ ଦିବ୍ୟାଙ୍ଗମାନେ ଚତୁର୍ଦ୍ଧାବିଗ୍ରହଙ୍କୁ ଦର୍ଶନ କରିବେ। ଏହି ଦର୍ଶନ ଗୋପାଳବଲ୍ଲଭଠାରୁ ସକାଳଧୂପ ପର୍ଯ୍ୟନ୍ତ ପ୍ରାୟ ଦୁଇଘଣ୍ଟା ରହିବା ଲାଗି ଆଲୋଚନା ହୋଇଛି। କିନ୍ତୁ ସେ ଦିନର ନୀତିକାନ୍ତିକୁ ନଜରରେ ରଖି ସମୟରେ ପରିବର୍ତ୍ତନ କରାଯିବ ବୋଲି ପ୍ରସ୍ତାବ ରଖାଯାଇଛି।



ତେବେ ଏହାର ଚୂଡ଼ାନ୍ତ ରୂପରେଖ କ'ଣ ରହିବ, ଦୈନିକ କେତେଜଣ ଏଭଳି ଦର୍ଶନ କରିପାରିବେ, ସେମାନଙ୍କ ପାଇଁ କ'ଣ ନିୟମ ରହିବ ଏ ସବୁ ସ୍ଥିର କରିବା ଲାଗି ଉନ୍ନୟନ ପ୍ରଶାସକ ପ୍ରଦୀପ କୁମାର ସାହୁଙ୍କ ଅଧ୍ୟକ୍ଷତାରେ ଏକ ସବ୍ କମିଟି ଗଠନ କରାଯାଇଛି। ଏହି କମିଟି ଖୁବ୍‌ଶୀଘ୍ର ଦିବ୍ୟାଙ୍ଗଙ୍କ ବାଧାମୁକ୍ତ ଦର୍ଶନ ସଂକ୍ରାନ୍ତରେ ଚୂଡ଼ାନ୍ତ ରୂପରେଖ ପ୍ରସ୍ତୁତ କରିବ ବୋଲି କହିଛନ୍ତି ମୁଖ୍ୟ ପ୍ରଶାସକ ସମର୍ଥ ବର୍ମା।

## ନାଟମଣ୍ଡପ ମରାମତି ପାଇଁ ସ୍ୱତନ୍ତ୍ର ନୀତି ନିର୍ଘଣ୍ଟ

| | |
|---|---|
| ଦ୍ୱାରଫିଟା | ରାତି ୨ଟା |
| ଭିତରଶୋଧ | ୨ଟା ୩୦ |
| ମଙ୍ଗଳ ଆଳତି | ୩ଟା |
| ମଇଲମ ଓ ତଡ଼ପଲାଗି | ୩ଟା ୧୦ରୁ ୩ଟା ୩୦ |
| ଅବକାଶ ଭୋର | ୪ଟା |
| ରୋଷହୋମ | ୪ଟା ୪୦ |
| ସୂର୍ଯ୍ୟପୂଜା | ପ୍ରାତଃ ୫ଟା |
| ଦ୍ୱାରପାଳ ପୂଜା | ୫ଟା ୧୫ |
| ବେଶ ଶେଷ | ୫ଟା ୧୫ |
| ଗୋପାଳବଲ୍ଲଭ | ସକାଳ ୬ଟା |
| ସକାଳଧୂପ (କେବଳ କୋଠଭୋଗ) | ୬ଟା ୩୦ରୁ ୮ଟା |
| ମଇଲମ ବେଶ | ୮ଟା ୧୦ରୁ ୯ଟା |
| ଭୋଗମଣ୍ଡପ | ୭ଟାରୁ ୯ଟା ୩୦ |
| ମଧ୍ୟାହ୍ନଧୂପ (କେବଳ କୋଠଭୋଗ) | ପୂର୍ବାହ୍ନ ୧୦ଟାରୁ ୧୧ଟା ୩୦ |
| ଦ୍ୱିତୀୟ ଭୋଗମଣ୍ଡପ | ୧୦ଟା ୩୦ରୁ ଅପରାହ୍ନ ୧ଟା |
| ମଇଲମ, ବେଶ | ୫ଟାରୁ ସନ୍ଧ୍ୟା ୬ଟା |
| ସନ୍ଧ୍ୟା ଆଳତି | ସନ୍ଧ୍ୟା ୬ଟା ୩୦ |
| ସନ୍ଧ୍ୟା ଧୂପ | ୭ଟାରୁ ରାତି ୮ଟା ୩୦ |
| ମଇଲମ ଓ ଚନ୍ଦନଲାଗି | ୮ଟା ୪୦ରୁ ୯ଟା |
| ବଡ଼ସିଂହାର ବେଶ | ରାତି ୧୦ଟା |
| ବଡ଼ସିଂହାର ଭୋଗ | ୧୦ଟା ୩୦ |
| ରାତ୍ର ପହୁଡ଼ | ରାତି ୧୧ଟା |





ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଉଠାଦୋକାନୀଙ୍କ ବିକ୍ଷୋଭ

## ଖାଦ୍ୟ ସୁରକ୍ଷା ହିତାଧିକାରୀଙ୍କୁ ୧ ହଜାର ଟଙ୍କା ବଣ୍ଟନ ଶୁଭାରମ୍ଭ



ପୁରୀ, ୨୦।୨(ସମିସ)

ଓଡ଼ିଶା ସରକାରଙ୍କ ପକ୍ଷରୁ ଖାଦ୍ୟ ସୁରକ୍ଷା ହିତାଧିକାରୀଙ୍କୁ ଦିଆଯାଇଥିବା ୧ ହଜାର ଟଙ୍କାର ସହାୟତା ରାଶି ନଗଦ ଆକାରରେ ବଣ୍ଟନ କାର୍ଯ୍ୟ ପୁରୀ ସଦର ମହକୁମାରେ ଶୁଭାରମ୍ଭ ହୋଇଛି। ମଙ୍ଗଳବାର ୧୯ ନମ୍ବର ୱାର୍ଡ ପୋଡାକୋଠିରେ ଥିବା ଜ୍ୟୋସ୍ନା ଦାସଙ୍କ ଦ୍ୱାରା ପରିଚାଳିତ ସୁଲଭ ମୂଲ୍ୟ ଦୋକାନରେ ଜିଲ୍ଲା ପରିଷଦ ଅଧ୍ୟକ୍ଷା ଜ୍ୟୋସ୍ନାରାଣୀ ସ୍ୱାଇଁ ଓ ଜିଲ୍ଲାପାଳ ବିଜୟ କୁମାର ଦାଶ ଏହାକୁ ଶୁଭାରମ୍ଭ କରିଛନ୍ତି। ଏହି କାର୍ଯ୍ୟକ୍ରମରେ ଜିଲ୍ଲାର ୩, ୪୭, ୮୨୪ ସଂଖ୍ୟକ ଜାତୀୟ ଖାଦ୍ୟ ସୁରକ୍ଷା ଆଇନ ଭିତ୍ତିରେ ଅନ୍ତର୍ଭୂକ୍ତ ପରିବାର ଓ ୧୯, ୦୪୩ ସଂଖ୍ୟକ ରାଜ୍ୟ ଖାଦ୍ୟ ସୁରକ୍ଷା କାର୍ଯ୍ୟକ୍ରମରେ ଅନ୍ତର୍ଭୂକ୍ତ ସମସ୍ତ ପରିବାର ଏହି ସହାୟତା ରାଶି ପାଇବେ। ଏହି ରାଶି ସମସ୍ତ ସୁଲଭ ମୂଲ୍ୟ ଦୋକାନରେ ବଣ୍ଟନ କରାଯିବ ଏବଂ ଆଗାମୀ ୧୦ ଦିନ ମଧ୍ୟରେ ସମ୍ପୂର୍ଣ୍ଣ ହେବ। ଏହି ସମୟ ସୀମା ମଧ୍ୟରେ ଉକ୍ତ ସହାୟତା ରାଶି ଗ୍ରହଣ କରିବାକୁ ଜିଲ୍ଲା ଯୋଗାଣ ଅଧିକାରୀ ସମସ୍ତ ହିତାଧିକାରୀଙ୍କୁ ନିବେଦନ କରିଅଛନ୍ତି।

**୨୭ରୁ ଶ୍ରୀକ୍ଷେତ୍ର ମହୋତ୍ସବ**

## ଆକର୍ଷଣ ସାଜିବ ସାହିଯାତ, ନାଗା ନୃତ୍ୟ

ପୁରୀ, ୨୦।୨(ସମିସ)



ଆସନ୍ତା ୨୭ରୁ ମାର୍ଚ୍ଚ ୨ ତାରିଖ ପର୍ଯ୍ୟନ୍ତ ଶ୍ରୀକ୍ଷେତ୍ର ମହୋତ୍ସବ ଅନୁଷ୍ଠିତ ହେବ। ଏଥିରେ ପୁରୀର ପାରମ୍ପରିକ ସାହିଯାତ ସେମାନଙ୍କ ଦକ୍ଷତା ପ୍ରଦର୍ଶନ କରିବେ ବୋଲି ସ୍ଥିର ହୋଇଛି। ଏ ନେଇ ସୋମବାର ସର୍କିଟ ହାଉସ ସମ୍ମିଳନୀ ଗୃହରେ ଶ୍ରୀକ୍ଷେତ୍ର ମହୋତ୍ସବ ଆୟୋଜନ ନିମିତ୍ତ ଏକ ପ୍ରସ୍ତୁତି ବୈଠକ ଜିଲ୍ଲାପାଳ ବିଜୟ କୁମାର ଦାଶଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ମହୋତ୍ସବକୁ ସମସ୍ତଙ୍କ ସହଯୋଗରେ ବର୍ଣ୍ଣାଢ୍ୟ ଓ ଆକର୍ଷଣୀୟ ଭାବେ ଆୟୋଜନ କରିବାକୁ ସମସ୍ତ ବ୍ୟବସ୍ଥା କରାଯିବ ବୋଲି ଜିଲ୍ଲାପାଳ ସୂଚନା ଦେଇଥିଲେ। ପ୍ରାରମ୍ଭିକ ସୂଚନା ଦେଇ ମହୋତ୍ସବ କମିଟିର ଯୁଗ୍ମ ସମ୍ପାଦକ ଚକ୍ରଧର ମହାପାତ୍ର ଶ୍ରୀକ୍ଷେତ୍ର ମହୋତ୍ସବ ପୁରୀର ଏକ ମର୍ଯ୍ୟାଦାଜନକ କାର୍ଯ୍ୟକ୍ରମ। ଏହା ପାରମ୍ପାରିକ ସାହିଯାତର ଗାରିମାର ପ୍ରତୀକ। ଚଳିତ ବର୍ଷ ଏହାକୁ ଅଧିକ ଆକର୍ଷଣୀୟ ଭାବେ ପାଳନ କରିବା ବୋଲି ସେ କହିଥିଲେ। ୮ଟି ଆଖଡା ଓ ୬୦ ଯାଗା ଘର ଏଥିରେ ସାମିଲ ହୋଇ ସେମାନଙ୍କ ପାରମ୍ପରିକ କଳା କୌଶଳ ଯଥା ସାହିଯାତ, ନାଗା, ଆଖଡା ଇତ୍ୟାଦି ପ୍ରଦର୍ଶନ କରିବେ। ଉଦ୍‌ଘାଟନ ଦିନ ସାହିଯାତ ଶୋଭାଯାତ୍ରା ହେବା ସହ ମଞ୍ଚରେ ପ୍ରଦର୍ଶନ କରାଯିବ। ଅନ୍ୟଦିନ ମାନଙ୍କରେ ୨ଟି ଲେଖାଏଁ ଆଖଡା ସେମାନଙ୍କ ପ୍ରଦର୍ଶନ ମଞ୍ଚରେ ରଖିବେ। ସେହିପରି ଅନ୍ୟାନ୍ୟ ସାଂସ୍କୃତିକ ଦଳ ମଧ୍ୟ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିବେ ବୋଲି ସ୍ଥିର ହୋଇଛି। ଏହି ବୈଠକରେ ଅତିରିକ୍ତ ଜିଲ୍ଲାପାଳ ପ୍ରୋଟୋକଲ ଡ. ଶରତ ଚନ୍ଦ୍ର ମହାପାତ୍ର, ଅତିରିକ୍ତ ଏସ୍‌ପି ବିଷ୍ଣୁ ଚରଣ ପତି, ଉପଜିଲ୍ଲାପାଳ ଗୋପୀନାଥ କୁଅଁର, କମିଟିର କାର୍ଯ୍ୟକାରୀ ସଭାପତି ପ୍ରଫୁଲ୍ଲ ସାମନ୍ତରାୟ, ଆଠ ସାହି ସମ୍ପାଦକ ନରେନ୍ଦ୍ର ମହାନ୍ତି, ପର୍ଯ୍ୟଟନ ବିଭାଗର ସହକାରୀ ନିର୍ଦ୍ଦେଶକ ସରୋଜକାନ୍ତ ପ୍ରଧାନ, ଜିଲ୍ଲା ସଂସ୍କୃତି ଅଧିକାରୀ ହେମନ୍ତ ବେହେରା, ଅତିରିକ୍ତ ପୌର ନିର୍ବାହୀ ଅଧିକାରୀ ରଞ୍ଜନ ବେହେରାଙ୍କ ସମେତ ଅନ୍ୟାନ୍ୟ ଅଧିକାରୀ ଓ କମିଟି ସଦସ୍ୟ ଯୋଗଦେଇଥିଲେ।

**ବିପର୍ଯ୍ୟୟ ପରିଚାଳନା ଯୋଜନା ପ୍ରସ୍ତୁତି କର୍ମଶାଳା**

## ଧନଜୀବନ ହାନୀକୁ ପ୍ରଶମିତ କରିପାରିବ ପୂର୍ବ ପ୍ରସ୍ତୁତି

ପୁରୀ, ୨୦।୨(ସମିସ): ବିପର୍ଯ୍ୟୟକୁ ରୋକାଯାଇ ପାରିବ ନାହିଁ। କିନ୍ତୁ ପୂର୍ବ ପ୍ରସ୍ତୁତି ଧନଜୀବନ ହାନିକୁ ପ୍ରଶମିତ କରିପାରିବ। ତେଣୁ ଏଥିପାଇଁ ବ୍ୟାପକ ପ୍ରସ୍ତୁତି ଓ ପ୍ରଶିକ୍ଷଣ ବେଶ୍ ଉପାଦେୟ ହୋଇପାରିବ ବୋଲି ସୂଚନା ଦେଇଛନ୍ତି ଅତିରିକ୍ତ ଜିଲ୍ଲାପାଳ ପ୍ରଶାସନ ଶରତ ଚନ୍ଦ୍ର ବେହେରା। ମଙ୍ଗଳବାର ସର୍କିଟ ହାଉସ ସମ୍ମିଳନୀ ଗୃହରେ ଜିଲ୍ଲା ବିପର୍ଯ୍ୟୟ ପରିଚାଳନା କର୍ତ୍ତୃପକ୍ଷଙ୍କ ଆନୁକୂଲ୍ୟରେ ଗ୍ରାମ୍ୟସ୍ତରୀୟ ବିପର୍ଯ୍ୟୟ ପରିଚାଳନା ଯୋଜନା ପ୍ରସ୍ତୁତି କର୍ମଶାଳା ଅନୁଷ୍ଠିତ ହୋଇଥିଲା। ଏଥିରେ ଅଧ୍ୟକ୍ଷତା କରି ଅତିରିକ୍ତ ଜିଲ୍ଲାପାଳ ଶ୍ରୀ ବେହେରା ବିପର୍ଯ୍ୟୟ ପୂର୍ବ, ବିପର୍ଯ୍ୟୟ ସମୟ ଓ ବିପର୍ଯ୍ୟୟ ପରର ଅବସ୍ଥା ପାଇଁ ଯୋଜନା ପ୍ରସ୍ତୁତ କରାଯାଇଥାଏ। ସେଥିପାଇଁ ଉପଯୁକ୍ତ ପ୍ରଶିକ୍ଷଣ ନେବା ଓ ଅନ୍ୟମାନଙ୍କୁ ପ୍ରଶିକ୍ଷିତ କରାଇବା ଉପରେ ଗୁରୁତ୍ୱ ଦେଇଥିଲେ। କର୍ମଶାଳାରେ ବିପର୍ଯ୍ୟୟର ମୂଲ୍ୟାଙ୍କନ, ପରିସ୍ଥିତିର ବିଶ୍ଳେଷଣ, ପ୍ରାରମ୍ଭିକ ଚେତାବନୀ ପ୍ରଣାଳୀ, ସ୍ଥାନାନ୍ତର ପ୍ରକ୍ରିୟା, ସମ୍ପ୍ରଦାୟର ଯୋଗଦାନ, କୌଶଳ, ନିରାପତ୍ତା, ଚିକିତ୍ସା କେନ୍ଦ୍ର ଓ ପ୍ରାଥମିକ ଚିକିତ୍ସା, ଉଦ୍ଧାର ଓ ଥଇଥାନ, ସହାୟତା, ରିଲିଫ ବ୍ୟବସ୍ଥା, ସମନ୍ୱୟ, କ୍ଷୟକ୍ଷତି ଆକଳନ ଇତ୍ୟାଦି ସମ୍ପର୍କରେ ବିଶଦ ଆଲୋଚନା କରାଯାଇଥିଲା। କର୍ମଶାଳାରେ ଡେପୁଟି କଲେକ୍ଟର ପ୍ରଫୁଲ୍ଲ ଚନ୍ଦ୍ର ମିଶ୍ର, ସହକାରୀ ଜିଲ୍ଲାପାଳ ଆଶୁତୋଷ ଦେ, ଏଡିଏମ୍‌ଓ ଡା. ବିରଜା ଶଙ୍କର ରଥ, ଡିପିଓ ସୁକାନ୍ତ କୁମାର ଦାଶ ବିଭିନ୍ନ ବିଭାଗର ଅଧିକାରୀ, ଏନ୍‌ଜିଓ କର୍ମକର୍ତ୍ତା ପ୍ରମୁଖ ଉପସ୍ଥିତ ରହି ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ଜିଲ୍ଲାର ୧୧ଟି ବ୍ଲକର ୬୦୭ଟି ଗ୍ରାମ ପାଇଁ ୧୪ ଗୋଟି ଏନଜିଓ ଗ୍ରାମ୍ୟସ୍ତରୀୟ ବିପର୍ଯ୍ୟୟ ପରିଚାଳନା ଯୋଜନା ପାଇଁ ଦାୟିତ୍ୱରେ ରହିଛନ୍ତି।

## ସ୍କୁଲ ପରିସରକୁ ମୋବାଇଲ ନେଇ ମାଟ୍ରିକ ପରୀକ୍ଷା ପରିଚାଳନାରୁ ଶିକ୍ଷୟିତ୍ରୀ ନିବୃତ୍ତ

ପୁରୀ, ୨୦।୨(ସମିସ): ମାଟ୍ରିକ ପରୀକ୍ଷାରେ କୌଣସି ପ୍ରକାର ବିଶୃଙ୍ଖଳାକୁ ବରଦାସ୍ତ କରାଯିବ ନାହିଁ। ପରୀକ୍ଷା ଯେପରି ଶୃଙ୍ଖଳିତ ଏବଂ ତ୍ରୁଟିଶୂନ୍ୟ ଭାବେ ସମ୍ପନ୍ନ ହେବ ସେଥିଲାଗି ଛାତ୍ରଛାତ୍ରୀଙ୍କ ସମେତ ଶିକ୍ଷକ ଶିକ୍ଷୟିତ୍ରୀଙ୍କ ପାଇଁ କେତେକ ନିର୍ଦ୍ଦେଶନାମା ଜାରି କରାଯାଇଛି। ଶିକ୍ଷକ ଶିକ୍ଷୟିତ୍ରୀ ପରୀକ୍ଷା କେନ୍ଦ୍ରକୁ ମୋବାଇଲ ଫୋନ ନେଇ ଯାଇପାରିବେ ନାହିଁ ବୋଲି କୁହାଯାଇଛି। ହେଲେ ମଙ୍ଗଳବାର ଦଶମ ଶ୍ରେଣୀ ପରୀକ୍ଷା ସମୟରେ କୃଷ୍ଣପ୍ରସାଦ ବ୍ଲକ ବାଘମୁଣ୍ଡା ହରିହର ନୋଡାଲ ହାଇସ୍କୁଲର ଜଣେ ଶିକ୍ଷୟିତ୍ରୀ ସ୍କୁଲ ପରିସରକୁ ମୋବାଇଲ୍ ଫୋନ ନେଇଥିଲେ। ଏହାଜଣାପଡ଼ିବା ପରେ ସମ୍ପୃକ୍ତ ଶିକ୍ଷୟିତ୍ରୀ ସୀତାରାଣୀ ଜେନାଙ୍କୁ ମାଟ୍ରିକ ପରୀକ୍ଷା ଶେଷ ପର୍ଯ୍ୟନ୍ତ ପରୀକ୍ଷା ପରିଚାଳନାରୁ ନିବୃତ୍ତ ରଖାଯାଇଛି ବୋଲି ଅତିରିକ୍ତ ଜିଲ୍ଲା ଶିକ୍ଷାଧିକାରୀ ହିମାଂଶୁଭୂଷଣ ସମରଥା କହିଛନ୍ତି।

**ଚିକିତ୍ସା ଅବହେଳାରୁ ଶିଶୁ ମୃତ୍ୟୁ ଘଟଣା**

## ଏତଲା ରୁଜୁ ଓ ତଦନ୍ତରେ ଅହେତୁକ ବିଳମ୍ବ ନେଇ ହାଇକୋର୍ଟଙ୍କ ଉଦ୍‌ବେଗ

କଟକ, ୨୦।୨(ସମିସ): ଚିକିତ୍ସା ଅବହେଳା ଜନିତ ଶିଶୁ ପୁତ୍ରର ମୃତ୍ୟୁ ହୋଇଥିବା ନେଇ ଆବେଦନକାରୀ ପିତା ଅଭିଯୋଗ କରିବାର ଦୀର୍ଘ ୪ବର୍ଷ ପରେ ପୁଲିସ ଏତଲା ରୁଜୁ କରିଥିଲା। ଏପରିକି ଏହି ଘଟଣାରେ ପୁଲିସ ଏତଲା ରୁଜୁ କରିବା ପରେ କଟକ ଡିସିପିଙ୍କ ପକ୍ଷରୁ ଏକ୍ସପର୍ଟ ଡାକ୍ତର ଟିମ ଗଠନ ପାଇଁ ଡିଏମଇଟିଙ୍କୁ ପତ୍ର ମାଧ୍ୟମରେ ଅନୁରୋଧ କରାଯାଇଥିଲା। ହେଲେ ଡିସିପିଙ୍କ ଅନୁରୋଧର ଅଢେଇ ବର୍ଷ ପରେ ଡିଏମଇଟି ପଦକ୍ଷେପ ନେବା ଘଟଣାକୁ ନେଇ ହାଇକୋର୍ଟ ଗଭୀର ଉଦବେଗ ପ୍ରକାଶ କରିଛନ୍ତି। ତଦନ୍ତ ପାଇଁ ପୁଲିସ ଡିଜି ଓ ସ୍ୱାସ୍ଥ୍ୟ ସଚିବଙ୍କ ଦୃଷ୍ଟି ଆକର୍ଷଣ କରିବାକୁ ସରକାରୀ ଓକିଲଙ୍କୁ ହାଇକୋର୍ଟ ନିର୍ଦ୍ଦେଶ ଦେଇଛନ୍ତି। ଆକିବ ରଜାକଙ୍କ ପକ୍ଷରୁ ଦାୟର ଆବେଦନର ଶୁଣାଣି କରି ଜଷ୍ଟିସ ଚିତ୍ତରଞ୍ଜନ ଦାଶ ଏପରି ନିର୍ଦ୍ଦେଶ ଦେଇଛନ୍ତି। ବର୍ତ୍ତମାନ ପର୍ଯ୍ୟନ୍ତ ଡିଏମଇଟି ଗ୍ରହଣ କରିଥିବା ପଦକ୍ଷେପ ସମ୍ପର୍କରେ ସତ୍ୟପାଠ ଦେବେ। ଏହି ସ୍ପର୍ଶକାତର ଘଟଣାରେ ଡିଏମଇଟିଙ୍କୁ ମେଡିକାଲ ବୋର୍ଡ ଗଠନ ଅନୁରୋଧ ବ୍ୟତିରେକ ଆଉ କଣ ତଦନ୍ତ ଅଗ୍ରଗତି କରିଛି ସେ ନେଇ ପରବର୍ତ୍ତୀ ଶୁଣାଣି ସୁଦ୍ଧା ସତ୍ୟପାଠ ଦେବାକୁ କଟକ ଡିସିପିଙ୍କୁ ନିର୍ଦ୍ଦେଶ ଅଛି।

ପ୍ରକାଶ ଯେ ଗତ ୨୦୧୭ରେ ଆବେଦନକାରୀଙ୍କ ୧୨ବର୍ଷର ପୁତ୍ରର ପେଟରେ ଯନ୍ତ୍ରଣା ପାଇଁ ପୁରୀଘାଟ ଥାନା ଅନ୍ତର୍ଗତ ପେଟିନସାହିର ଏକ ଘରୋଇ ନର୍ସିଂହୋମରେ ଭର୍ତ୍ତି କରିଥିଲେ। ସେଠାରେ ତାଙ୍କର ଅସ୍ତ୍ରୋପଚାର ହେବା ସତ୍ତ୍ୱେ ସେ ଅଧିକ ଗୁରୁତର ହୋଇପଡ଼ିଥିଲେ। ପରେ ସମ୍ପୃକ୍ତ ଶିଶୁଙ୍କୁ ମହାନଦୀବିହାରର ଏକ ହସପିଟାଲରେ ଭର୍ତ୍ତି କରାଯାଇଥିଲା। ସେଠାରେ ତାଙ୍କର ମୃତ୍ୟୁ ହୋଇଥିଲା। ପ୍ରଥମେ ପେଟିନସାହି ନର୍ସିଂହୋମରେ ହୋଇଥିବା ତ୍ରୁଟିପୂର୍ଣ୍ଣ ଅସ୍ତ୍ରୋପଚାର ପାଇଁ ଶିଶୁର ମୃତ୍ୟୁ ହୋଇଥିବା ସ୍ପଷ୍ଟ ହୋଇଥିଲା। ଅଭିଯୁକ୍ତ ଡାକ୍ତର ରଞ୍ଜନ ସିଂହ ମୃତକଙ୍କ ପିତାଙ୍କୁ ୧୫ଲକ୍ଷ ଟଙ୍କା କ୍ଷତିପୂରଣ ଦେବେ ବୋଲି କହିଥିଲେ। ପ୍ରଥମେ ୨ଲକ୍ଷ ନଗଦ ଟଙ୍କା ଦେଇଥିବା ବେଳେ ବାକି ୧୩ଲକ୍ଷ ଚେକ ଆକାରରେ ଦେଇଥିଲେ। ହେଲେ ଚେକ ବାଉନ୍ସ ହୋଇଥିଲା। ଏହା ପରେ ଘଟଣା ସମ୍ପର୍କରେ ଆବେଦନକାରୀ ପୁରୀଘାଟ ଥାନାରେ ଗତ ୨୦୧୭ଜୁନ୫ରେ ଅଭିଯୋଗ କରିଥିଲେ। କିନ୍ତୁ ପୁଲିସ ୪ବର୍ଷ ପରେ ୨୦୨୧ମେ୪ରେ ଏତଲା ରୁଜୁ କରିଥିଲା। ପୁଲିସ ନିଷ୍କ୍ରିୟତା ବିରୋଧରେ ଆବେଦନକାରୀ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। ସେହିପରି କଟକ ଡିସିପିଙ୍କ ପକ୍ଷରୁ ଏହି ଘଟଣାରେ ମୃତକଙ୍କ ମେଡିକୋ ଲିଗାଲ ରିପୋର୍ଟର ଅନୁଧ୍ୟାନ ପାଇଁ ଡିଏମଇଟିଙ୍କୁ ଗତ ୨୦୨୧ଜୁନରେ ଚିଠି ଦିଆଯାଇଥିଲା। ହେଲେ ଅଢେଇ ବର୍ଷ ପରେ ଏହି ଟିମ ଗଠନ ହୋଇଥିବା ନେଇ ମାମଲାର ଶୁଣାଣି ବେଳେ ସ୍ପଷ୍ଟ ହୋଇଥିଲା। ଆବେଦନକାରୀଙ୍କ ପକ୍ଷରୁ ଆଇନଜୀବୀ ଅକ୍ଷୟ କୁମାର ପାଣ୍ଡେ ମାମଲା ପରିଚାଳନା କରୁଛନ୍ତି। ଆସନ୍ତା ମାର୍ଚ୍ଚ୪ତାରିଖରେ ମାମଲାର ପରବର୍ତ୍ତୀ ଶୁଣାଣି ପାଇଁ ଧାର୍ଯ୍ୟ ହୋଇଛି।

**ପୁରୀ ଜିଲ୍ଲାରେ ସିକିମ ଜମି ପଟ୍ଟା ପ୍ରଦାନ**

## ୮,୮୭୮ ଜଣ ହେବେ ଉପକୃତ

ପୁରୀ, ୨୦।୨(ସମିସ)

ରାଜ୍ୟରେ ସିକିମ ସ୍ୱତ୍ୱ ଭାବେ ରେକର୍ଡ଼ ହୋଇଥିବା ଜମିର ଦଖଲକାରୀଙ୍କୁ ସେହି ଜମି ଉପରେ ସ୍ଥିତିବାନ ସ୍ୱତ୍ୱର ପଟ୍ଟା ପ୍ରଦାନ ଏକ ଲୋକାଭିମୁଖୀ ପଦକ୍ଷେପ। ବର୍ଷ ବର୍ଷ ଧରି ସେମାନେ ସେହି ଜମିରେ ରହୁଥିଲେ ମଧ୍ୟ ସେମାନଙ୍କର ଅଧିକାର ସେ ଜମିରେ ନ ଥିଲା। ମଙ୍ଗଳବାରଠାରୁ ରାଜ୍ୟ ସରକାରଙ୍କ ଐତିହାସିକ ନିଷ୍ପତି କ୍ରମେ ସେହି ଜମିର ମାଲିକ ସେହି ଦଖଲକାରୀମାନେ ହୋଇପାରିଛନ୍ତି। ଏ ନେଇ ଅପରାହ୍ନରେ ଟାଉନ ହଲ୍ ପରିସରରେ ପୁରୀ ଜିଲ୍ଲାରେ ପଟ୍ଟା ପ୍ରଦାନ ସମାରୋହ ଅନୁଷ୍ଠିତ ହୋଇଥିଲା। ଆଭାସୀ ମାଧ୍ୟମରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଏହି ସମାରୋହରେ ଯୋଗଦେଇ ଲୋକଙ୍କ ଆବଶ୍ୟକତା ପୂରଣ ଓ ଅସୁବିଧାକୁ ଦୂର ପାଇଁ ସରକାର ସମସ୍ତ ପଦକ୍ଷେପ ନେଉଛନ୍ତି ବୋଲି କହିଥିଲେ। '୫-ଟି' ଏବଂ 'ନବୀନ ଓଡ଼ିଶା' ଅଧ୍ୟକ୍ଷ କାର୍ତ୍ତିକ ପାଣ୍ଡିଆନ ଉପସ୍ଥିତ ରହି ଏହା ଏକ ଯୁଗାନ୍ତକାରୀ ପଦକ୍ଷେପ। ମୁଖ୍ୟମନ୍ତ୍ରୀଙ୍କ ଦୃଢ ଇଚ୍ଛାଶକ୍ତି ଦ୍ୱାରା ଏହା ସମ୍ଭବ ହୋଇପାରିଛି ବୋଲି କହିଥିଲେ।



ମୁଖ୍ୟମନ୍ତ୍ରୀଙ୍କୁ ଧନ୍ୟବାଦ ଜଣାଇଲେ ହିତାଧିକାରୀ

ପୁରୀ ଜିଲ୍ଲା ସମାରୋହରେ ମୁଖ୍ୟଅତିଥି ଭାବେ ଯୋଗଦେଇ ପୂର୍ବତନ ମନ୍ତ୍ରୀ ତଥା ରାଜ୍ୟ ଯୋଜନା ବୋର୍ଡର ପୂର୍ବତନ ଉପାଧ୍ୟକ୍ଷ ସଞ୍ଜୟ କୁମାର ଦାସବର୍ମା ନିଜ ଜାଗାରେ ରହି ମଧ୍ୟ ନିଜର ବୋଲି କହିପାରୁ ନ ଥିବା ଲୋକଙ୍କ ଅଧିକାରକୁ ସରକାର ସିକିମ ପଟ୍ଟା ମାଧ୍ୟମରେ ଯୋଗାଇ ଦେଇଛନ୍ତି, ଯାହା ଏକ ଗର୍ବ ଓ ଗୌରବର କଥା। ୬୦ ବର୍ଷ ଧରି ଶଙ୍କା ଓ ଦ୍ୱନ୍ଦରେ ଥିବା ଲୋକମାନଙ୍କୁ ରାଜ୍ୟ ସରକାରଙ୍କ ଏହା ଏକ ବଡ ଉପହାର ବୋଲି କହିଥିଲେ। ଜିଲ୍ଲାପାଳ ବିଜୟ କୁମାର ଦାଶ ଏଥିରେ ଅଧ୍ୟକ୍ଷତା କରିବା ସହ ଜିଲ୍ଲାର ୮, ୮୭୮ ଜଣଙ୍କୁ ଜମି ପଟ୍ଟା ପ୍ରଦାନ କରାଯାଉଛି ବୋଲି କହିଥିଲେ। ଏହି ସମାରୋହରେ ୫୦୦ ଜଣଙ୍କୁ ଜମି ପଟ୍ଟା ବଣ୍ଟନ କରାଯାଇଥିଲା। ମଞ୍ଚରେ ଉପସ୍ଥିତ ଥିବା ହିତାଧିକାରୀ ସଦର ତହସିଲର ରଞ୍ଜୁ ଭୋଇ ଜମିକୁ ନେଇ ସଂଶୟରେ ଥିବା ଆମମାନଙ୍କୁ ଜମି ମାଲିକ ବନାଇ ମୁଖ୍ୟମନ୍ତ୍ରୀ ଆମକୁ ବହୁତ ସମ୍ମାନ ଦେଇଛନ୍ତି। ଆମ ପରପିଢୀ ପାଇଁ ଏହା ଏକ ସୁରକ୍ଷିତ ଅଧିକାର ବୋଲି କହି ମୁଖ୍ୟମନ୍ତ୍ରୀଙ୍କୁ ସେ ଧନ୍ୟବାଦ ଅର୍ପଣ କରିଥିଲେ। କାର୍ଯ୍ୟକ୍ରମରେ ଅତିରିକ୍ତ ଜିଲ୍ଲାପାଳ ରାଜସ୍ୱ କୈଳାସ ଚନ୍ଦ୍ର ନାୟକ, ଅତିରିକ୍ତ ଜିଲ୍ଲାପାଳ ପ୍ରଶାସନ ଶରତ ଚନ୍ଦ୍ର ବେହେରା, ଉପଜିଲ୍ଲାପାଳ ଗୋପୀନାଥ କୁଅଁର, ସମସ୍ତ ତହସିଲଦାର, ଡେପୁଟି କଲେକ୍ଟର ସହଦେବ ସାହୁ ଓ ବିଭିନ୍ନ ତହସିଲରୁ ଆସିଥିବା ହିତାଧିକାରୀ ପ୍ରମୁଖ ଯୋଗଦେଇଥିଲେ।

ସିଟି ମଣ୍ଟେସୋରି
ସିଦ୍ଧାର୍ଥ ନଗର, ଦ୍ୱିତୀୟ ଗଳି, ବ୍ରହ୍ମପୁର, ଗଞ୍ଜାମ
ନାମଲେଖା ବିଜ୍ଞାପନ (୨୦୨୪-୨୫)
ଏତଦ୍‌ଦ୍ୱାରା ସର୍ବସାଧାରଣଙ୍କୁ ଅବଗତ କରାଇ ଦିଆଯାଉଛି ଯେ, ୨୦୦୯ ଶିକ୍ଷା ଆଇନ ତଥା ଓଡ଼ିଶା ସରକାରଙ୍କ ନିର୍ଦ୍ଦେଶ ଅନୁସାରେ ୧ମ ଶ୍ରେଣୀରେ ପ୍ରବେଶ ନିମନ୍ତେ RTE Act (ସେକ୍ସନ ପି-୯ ଆଇସି) ଅନୁଯାୟୀ ୨୫% ସ୍ଥାନ ବିନା ଶୁଳ୍କ ଏସ୍‌ସି, ଏସ୍‌ଟି, ଏସିବିସି, ସିଡବ୍ଲୁଏସ୍‌ଏନ, ବିପିଏଲ (ଅନୁସୂଚିତ ଜାତି / ଅନୁସୂଚିତ ଉପଜାତି / ସାମାଜିକ ଅନଗ୍ରସର / ଶିକ୍ଷା କ୍ଷେତ୍ରରେ ପଛୁଆ ବର୍ଗ ଏବଂ ଆର୍ଥିକ ଦୁର୍ବଳ ଶ୍ରେଣୀର) ଶିଶୁମାନେ ହିଁ ଯୋଗ୍ୟ ବିବେଚିତ ହୋଇପାରିବେ। ଏହି ବର୍ଗର ଶିଶୁମାନେ ତା.୨୨.୦୨.୨୦୨୪ରିଖ ଠାରୁ ତା.୨୦.୦୩.୨୦୨୪ରିଖ ପର୍ଯ୍ୟନ୍ତ (୧ମ ପର୍ଯ୍ୟାୟ) ଓ ତା.୧୦.୦୪.୨୦୨୪ରିଖ ଠାରୁ ତା.୨୪.୦୪.୨୦୨୪ରିଖ (୨ୟ ପର୍ଯ୍ୟାୟ) ଓ ଓଡ଼ିଶା ସରକାରଙ୍କ www.rteparadarshi.odisha.gov.in website ମାଧ୍ୟମରେ ଆବେଦନ କରିପାରିବେ।
ସା/- ପ୍ରଧାନଆଚାର୍ଯ୍ୟା

ANIMESH FOOD PRODUCTS
Swasti BAKERY
(An ISO 9001: 2008 & HACCP Certified Company)
Plot No.: 55/D, Food Processing Park, Industrial Estate, Khordha
Email: foodproducts2010@gmail.com



Contact: 8895052838 / 8596070800

# ବାଇକ୍ ଡିକି ଭାଙ୍ଗି ୪ଲକ୍ଷ ୯୭ହଜାର ଟଙ୍କା ଲୁଟିନେଲେ

**କଣାସ, ୨୦।୨(ସମିସ):** କଣାସ ଥାନା ନିକଟସ୍ଥ ଇଣ୍ଡିଆନ୍ ଓଭରସିଜ୍ ବ୍ୟାଙ୍କ ନିକଟରୁ ବେଣାଗାଁ ଗ୍ରାମର ରବିନାରାୟଣଙ୍କ ମଙ୍ଗରାଜଙ୍କ ଓଆର୧୩ଡି-୬୧୦୫ ବାଇକ୍ ଡିକି ଭାଙ୍ଗି ୪ଲକ୍ଷ ୯୭ହଜାର ଟଙ୍କା ଓ କାଗଜପତ୍ର ବ୍ୟାଗକୁ ଦୁର୍ବୃତ୍ତ ନେଇଯାଇଥିବା କଣାସ ଥାନାରେ ଅଭିଯୋଗ ହୋଇଛି। ଖବରନେବାରେ ଜଣାପଡ଼ିଛି ରବିନାରାୟଣ ନିକଟକୁ ତାଙ୍କ ଭଣଜା ସବ୍ୟସଚି ହରିଚନ୍ଦନ ୫ଲକ୍ଷ ଟଙ୍କାର ଏକ ଚେକ୍ ନଂ-୨୦୬୪୮ ପଠାଇଥିଲେ। ସେ ଚେକ୍‌ଟିକୁ ଧରି ସୋମବାର ଅପରାହ୍ଣରେ ବ୍ୟାଙ୍କରେ ଜମାକରି ୪ଲକ୍ଷ ୯୭ହଜାର ଟଙ୍କା ଉଠାଇ ବ୍ୟାଗରେ ରଖି ବ୍ୟାଙ୍କରୁ ତଳକୁ ଆସି ବାଇକ୍ ଡିକିରେ ରଖିଥିଲେ ଏବଂ ବ୍ୟାଙ୍କରେ ପାସ୍‌ବୁକ୍ ଛାଡିଆସିଥିବାରୁ ପୁନଶ୍ଚ ବ୍ୟାଙ୍କ ଭିତରକୁ ଯାଇ ପାସ୍‌ବୁକ୍ ଆଣି ଡିକି ଭଙ୍ଗାଯାଇ ଟଙ୍କା ବ୍ୟାଗଟି ଦୁର୍ବୃତ୍ତ ନେଇଯାଇଥିବା ଜାଣିବାକୁ ପାଇଥିଲେ। ରବିନାରାୟଣ ଏ ସମ୍ପର୍କରେ କଣାସ ଥାନାରେ ଅଭିଯୋଗ କରିବା ପରେ କଣାସ ଥାନା ଆଇଆଇସି ରାକେଶ କୁମାର ତ୍ରିପାଠୀ ତଦନ୍ତ ଚଳାଇଛନ୍ତି।

# 'ଆମ ଓଡ଼ିଶା ନବୀନ ଓଡ଼ିଶା' ସଚେତନତା କାର୍ଯ୍ୟକ୍ରମ



**କଣାସ, ୨୦।୨(ସମିସ):** କଣାସ ବ୍ଲକର କଣାସ ପଞ୍ଚାୟତର ମା'କୁଞ୍ଜେଶ୍ୱରୀଙ୍କ ପୀଠରେ 'ଆମ ଓଡ଼ିଶା ନବିନ ଓଡ଼ିଶା' ସଚେତନତା ଶିବିର ଅନୁଷ୍ଠିତ ହୋଇ ଉଦ୍‌ଯାପିତ ହୋଇଯାଇଛି। କଣାସ ସରପଞ୍ଚ ଭଗବାନ ସୁବୁଦ୍ଧିଙ୍କ ତତ୍ୱାବଧାନରେ କାର୍ଯ୍ୟ ଅନୁଷ୍ଠିତ ହୋଇଥିଲା। ଏଥିରେ ବିଡିଓ ନାରାୟଣ ସାହୁ ତହସିଲଦାର ସନ୍ତୋଷ କୁମାର ପାଣିଗ୍ରାହୀ, ସିଡିପିଓ ସ୍ମିତା ମହାନ୍ତି ପଞ୍ଚାୟତର ସମସ୍ତ ଅଙ୍ଗନବାଡି କର୍ମୀ ଓ ଏକ ହଜାର ମହିଳା ରାଜ୍ୟସରକାରଙ୍କ ଯୋଜନା ଗୁଡିକୁ ଲୋକମାନଙ୍କ ପାଖରେ ପହଞ୍ଚାଇବା ଏହି ସଚେତନତା କାର୍ଯ୍ୟକ୍ରମର ମୂଳଲକ୍ଷ୍ୟ ବୋଇଲି ବିଡିଓ ଶ୍ରୀସାହୁ ଓ ସରପଞ୍ଚ ଶ୍ରୀସୁବୁଦ୍ଧ ମତବ୍ୟକ୍ତ କରିଥିଲେ। କଣାସ ପଞ୍ଚାୟତର ସମସ୍ତ ଅଙ୍ଗବାଡିକର୍ମୀଙ୍କୁ ସରପଞ୍ଚ ସିଡିପିଓ ସମ୍ବର୍ଦ୍ଧିତ କରିଥିଲେ।

# ବକୁ ସମିତି ସଭ୍ୟଙ୍କ ବିୟୋଗରେ ଶୋକ

**କଣାସ, ୨୦।୨(ସମିସ):** କଣାସ ବ୍ଲକ ବକୁ ପଞ୍ଚାୟତର ପୂର୍ବତନ ସରପଞ୍ଚ ତଥା ବର୍ତ୍ତମାନର ସମିତି ସଭ୍ୟ ଲକ୍ଷ୍ମୀଧର ଜଗଦେବ ୬୨ବର୍ଷ ବୟସରେ ସୋମବାର ଅପରାହ୍ଣରେ ଭୁବନେଶ୍ୱର ସ୍ଥିତ ଏକ ଡାକ୍ତରଖାନାରେ ପରଲୋକ ହୋଇଛି। ତାଙ୍କ ମରଶରୀର ନିଜ ଗ୍ରାମ ବକୁ ଠାରେ ପ୍ରଭାତରୁ ପହଞ୍ଚିବା ପରେ ବହୁ ବୁଦ୍ଧିଜୀବି, ଲୋକପ୍ରତିନିଧି ଶେଷଦର୍ଶନ କରିବା ପରେ ମରଶରୀର କଣାସ ପଞ୍ଚାୟତ ସମିତି କାର୍ଯ୍ୟାଳୟ ଠାକୁ ଅଣାଯାଇଥିଲା। ପଞ୍ଚାୟତ ସମିତି ଅଧ୍ୟକ୍ଷା ପ୍ରଭାତି ରାଉତ, ଉପାଧ୍ୟକ୍ଷ ଅଭିମନ୍ୟୁ ଜୟସିଂହ, ତହସିଲଦାର ସନ୍ତୋଷ କୁମାର ପାଣିଗ୍ରାହୀ, ବିଡିଓ ନାରାୟଣ ସାହୁ, କଣାସ ଥାନା ଆଇଆଇସି ରାକେଶ କୁମାର ତ୍ରିପାଠୀ, କଣାସ ସରପଞ୍ଚ ଭଗବାନ ସୁବୁଦ୍ଧି, ଦୋଛିଆଁ ସମିତି ସଭ୍ୟ ସୁଭ୍ରାନ୍ତି ସାମନ୍ତରାୟଙ୍କ ସମେତ ବହୁ ଲୋକପ୍ରତିନିଧି, ବୁଦ୍ଧିଜିବୀ ଶେଷଦର୍ଶନ କରି ପୁଷ୍ପମାଲ୍ୟ ଅର୍ପଣ କରିଥିଲେ। ମରଶରୀରକୁ ସ୍ୱର୍ଗଦ୍ୱାର ନିଆଯାଇଦାହ କରାଯାଇଥିଲା।

# ଗାଡିରୁ ପଡ଼ି ପୂର୍ବତନ ସରପଞ୍ଚ ଗୁରୁତର



**ନୟାହାଟ, ୨୦।୨(ସମିସ):** ପୁରୀ ଜିଲ୍ଲା ଚାରିଛକ ଥାନା ଅନ୍ତର୍ଗତ ବାହାରଣା ପଞ୍ଚାୟତର ପୂର୍ବତନ ମହିଳା ସରପଞ୍ଚ ଜୟନ୍ତୀ ସ୍ୱାଇଁ ବାହାରଣା କୋଲର ରାସ୍ତାକାର୍ଯ୍ୟ ସମୟରେ ଗାଡ଼ିରୁ ପଡ଼ି ଗୁରୁତର ହୋଇଛନ୍ତି। ସ୍ଥାନୀୟ ଲୋକଙ୍କ ସହଯୋଗରେ ଚାରିଛକ ସ୍ୱାସ୍ଥ୍ୟ କେନ୍ଦ୍ରକୁ ଆଣିଥିଲେ। ସେଠାରେ ଅବସ୍ଥା ଗୁରୁତର ହେବାରୁ ଡାକ୍ତର ଭୁବନେଶ୍ୱର ପଠାଇ ଦେଇଥିଲେ। ଉଲ୍ଲେଖ ଯୋଗ୍ୟ ଠିକାଦାର ରାସ୍ତା କାର୍ଯ୍ୟ କରିବା ପାଇଁ ମନଇଚ୍ଛା ଭାବେ ରାସ୍ତାର ମଝିରେ ଗୋଡି ବାଲି ଜମାକରିଥିବାରୁ ରାସ୍ତାରେ ଯାଉଥିବା ଲୋକମାନେ ଦୁର୍ଘଟଣା ପଡୁଛନ୍ତି ବୋଲି ଅଭିଯୋଗ ହେଉଛି।

# ଗାଦିଶ୍ୱରଙ୍କ ପୀଠରେ ନୂତନ ବିଗ୍ରହ ସ୍ଥାପନ



**କୃଷ୍ଣପ୍ରସାଦ, ୨୦।୨(ସମିସ):** କୃଷ୍ଣପ୍ରସାଦ ଅଞ୍ଚଳର ପ୍ରମୁଖ ଶକ୍ତି ପୀଠ ରୂପେ ପରିଚିତ ଦଳବେହେରାସାହିସ୍ଥିତ ଶ୍ରୀ ଗାଦିଶ୍ୱର ଦେବଙ୍କ ପୀଠରେ ମଙ୍ଗଳବାର ନୂତନ ବିଗ୍ରହଙ୍କୁ ସ୍ଥାପନ କରାଯାଇଛି। ମନ୍ଦିର ପରିଚାଳକ ପ୍ରଦୀପ କୁମାର ଜେନା, କର୍ତ୍ତା ଭାବେ ତାଙ୍କ ସହଧର୍ମିଣୀ ରେଣୁପ୍ରଭା ଦେବୀ ଦାୟିତ୍ୱ ତୁଲାଇଥିଲେ। ମନ୍ଦିର ପୂଜକ ବିରଞ୍ଚି ନାରାୟଣ କେଶରୀଙ୍କ ନେତୃତ୍ୱରେ ବିଦ୍ୱାନ ପଣ୍ଡିତ ହରିହର ଦେବତା ଏବଂ ପଣ୍ଡିତ କମଳ ଚନ୍ଦ୍ର ଦେବତା ସମସ୍ତ କାର୍ଯ୍ୟ ସୁଚାରୁରୂପେ ତୁଲାଇଥିଲେ। ଗାଦିଶ୍ୱର ଦେବଙ୍କ ମାର୍ଫତଦାର ସ୍ୱର୍ଗତ ଭ୍ରମରବର ଜେନାଙ୍କ ପୁଅ ବୋହୂ ନୂତନ ବିଗ୍ରହଙ୍କୁ ଦର୍ଶନ କରିଥିଲେ। ଶ୍ରୀ ଗାଦିଶ୍ୱର ଦେବ ନାଟ୍ୟ ସଂସଦର ମ୍ୟାନେଜର ସୁବାସ ଚନ୍ଦ୍ର ସ୍ୱାଇଁ, ପାଟ ଭଗତା କୈବଲ୍ୟ ସାମଲ, ପାଟ ଦଣ୍ଡୁଆ ପ୍ରକାଶ କୁମାର ପ୍ରଧାନ, କାଳିସୀ ବିଭୂତି କୁମାର ଗୌଡ଼, ତେର ଭାଗତିଆ ଧନେଶ୍ୱର ଗୌଡ଼, ଫକୀର ଗୁରୁ, ଦଣ୍ଡପାଣି ନାୟକ ସମେତ ସମସ୍ତ ସଦସ୍ୟ ସହଯୋଗ କରିଥିଲେ।

## କାକଟପୁର ବ୍ଲକ୍‌ରେ ନିଯୁକ୍ତି ପ୍ରସଙ୍ଗ

# ନ୍ୟାୟ ଦାବିରେ ପ୍ରାର୍ଥିନୀଙ୍କ ବ୍ଲକ୍‌ରେ ହୋହଲ୍ଲା

**କାକଟପୁର, ୨୦।୨(ସମିସ)**





କାକଟପୁର ବ୍ଲକର ସମସ୍ତ ପଞ୍ଚାୟତରୁ ପଞ୍ଚାୟତସ୍ତରୀୟ କର୍ମକର୍ତ୍ତାଙ୍କ ବୈଠକ ମିଶନ ଶକ୍ତି ପାଇଁ ସି ଏଲ ଏଫ, ଏମ ବି କେ ଓ ବ୍ୟାଙ୍କ ମିତ୍ର ଚୟନକୁ ନେଇ ସୃଷ୍ଟି ହୋଇଥିବା ଅଚଳାବସ୍ଥାର ସମାଧାନ ବାଟ ବାହାର ପାଇଁ ବୈଠକ ହୋଇଥିଲା। କିନ୍ତୁ ବ୍ଲକ ମହାସଂଘର ସଭାପତି ଓ ସମ୍ପାଦିକା ଭିତରେ ଅମେଳ ଯୋଗୁଁ ଆଜି ମଧ୍ୟ କିଛି ନିଷ୍ପତ୍ତି ହୋଇ ପାରିନଥିଲା। ଅନ୍ୟପକ୍ଷରେ ଆବେଦନ କରିଥିବା କିଛି ପ୍ରାର୍ଥୀନୀ ଦୀର୍ଘ ୨୩ ଦିନ ହେଲାଣି ଧାରଣାରେ ବସି ଚୟନ ତାଲିକା ସର୍ବସାଧାରଣରେ ଘୋଷଣା କରିବାକୁ ଦାବି କରୁଥିବା ବେଳେ ମଙ୍ଗଳବାର ଆଉ କିଛି ମହିଳା ପୂର୍ବ ଚୟନକୁ କାଏମ କରିବାକୁ ଅଡ଼ି ବସିଥିଲେ। ପରିସ୍ଥିତି ଯୁକ୍ତିତର୍କ ଆଡ଼କୁ ଯାଇ ଦୁଇ ଗୋଷ୍ଠୀ ମହିଳାଙ୍କ ମଧ୍ୟରେ ହାତାହାତି ଆଡ଼କୁ କଥା ଯାଇଥିଲା। ସଭାନେତ୍ରୀ ଓ ସମ୍ପାଦିକା ନିଯୁକ୍ତି ଘୋଷଣାକୁ ନେଇ ପରସ୍ପର ବିରୋଧୀ ମତାମତ ଘଟଣା ସ୍ଥଳକୁ ଆହୁରି ରୋଚକ କରିଥିଲା। ପ୍ରାୟ ସକାଳ ୧୦ଟାରୁ ଶହ ଶହ ମହିଳା ବ୍ଲକ ପରିସରରେ ଜମା ହୋଇ ରହିଥିଲେ। କାକଟପୁର ବ୍ଲକରେ ମିଶନ ଶକ୍ତି ନିଯୁକ୍ତି ପାଇଁ ଆବେଦନ କରିଥିବା ପ୍ରାର୍ଥୀନୀଙ୍କ ଠାରୁ ପ୍ରଚୁର ଅର୍ଥ ଆଦାୟ ହେବା ସହ ସେମାନେ ଆବେଦନ ସମୟରେ ଦେଇଥିବା ପ୍ରମାଣପତ୍ରକୁ ମଧ୍ୟ ଯାଞ୍ଚ ସମୟରେ ବାହାର କରି ଦେବାର ଅଭିଯୋଗ ହୋଇଥିଲା। ପ୍ରାୟ ୬ମାସ ତଳେ ତାଲିକା ପ୍ରକାଶ ପାଇବା ପରେ କିଛି ଆବେଦନକାରିଣୀ ନିଯୁକ୍ତିରେ ଚଞ୍ଚକତା ହୋଇଥିବା ନେଇ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। ନ୍ୟାୟାଳୟ ସାନି ଆବେଦନ ପାଇଁ ନିର୍ଦ୍ଦେଶ ଦେଇଥିଲେ। ଦ୍ୱିତୀୟ ଥର ଆବେଦନକୁ ଇତିମଧ୍ୟରେ ୬ ମାସ ପୁରିଥିଲେ ମଧ୍ୟ ବ୍ଲକ ମହାସଂଘ ଚୁଡାନ୍ତ ତାଲିକା ପ୍ରକାଶ କରିବାକୁ ଦିନ ଗଡେଇ ଗଡେଇ ଚାଲିଥିବା ବେଳେ କିଛି ଆବେଦନ କାରିଣୀ ମହିଳା ଧାରଣା ଦେବା ପରେ ନିଯୁକ୍ତି ହେବ ପାଇଁ ବ୍ୟାପକ ଅର୍ଥ କାରବାର ହୋଇଥିବା ନେଇ ଦିନକୁ ଦିନ ପଦାକୁ ଆସିବାରେ ଲାଗିଛି। ଜିଲ୍ଲାପାଳ ଓ ରାଜ୍ୟସ୍ତରରେ ଥିବା ମିଶନଶକ୍ତିର ଅଧିକାରୀମାନେ ତୁରନ୍ତ ହସ୍ତକ୍ଷେପ କରି ଆବେଦନ କରିଥିବା ପ୍ରାର୍ଥୀନୀଙ୍କୁ ନ୍ୟାୟ ଦେବାକୁ ଆଜି ବ୍ଲକ ପରିସରରେ ଉପସ୍ଥିତ ଥିବା ବ୍ୟକ୍ତି ବିଶେଷ ଦୃଷ୍ଟି ଆକର୍ଷଣ କରିଛନ୍ତି।

# କଣାସ ବ୍ଲକ୍; ୨୦୦୩ ଛାତ୍ରଛାତ୍ରୀ ପରୀକ୍ଷା ଦେଲେ

**କଣାସ, ୨୦।୨(ସମିସ)**



**୫୩ଜଣ ଅନୁପସ୍ଥିତ**

ସାରାରାଜ୍ୟରେ ମଙ୍ଗଳବାର ଠାରୁ ମାଟ୍ରିକ ପରୀକ୍ଷା ଆରମ୍ଭ ହୋଇଥିବା ବେଳେ କଣାସ ବ୍ଲକର୧୩ଟି କେନ୍ଦ୍ର ୨୦୦୩ଛାତ୍ରଛାତ୍ରୀ ପରୀକ୍ଷା ଦେଇଥିବା ବେଳେ ୫୩ଜଣ ଅନୁପସ୍ଥିତ ଥିବା ଜଣାପଡ଼ିଛି। କଣାସ ସରକାରୀ ଉଚ୍ଚ ବିଦ୍ୟାଳୟ ଲୋଡାଲ କେନ୍ଦ୍ର ହୋଇଥିବାରୁ ସେଠାରୁ କଡାସୁରକ୍ଷା ମଧ୍ୟରେ ସମସ୍ତ କେନ୍ଦ୍ରକୁ ପ୍ରଶ୍ନପତ୍ର ଯିବା ଓ ପରୀକ୍ଷା ପରେ ପରୀକ୍ଷା ଖାତାଗୁଡି ସୁରକ୍ଷା ମଧ୍ୟରେ ନୋଡାଲକେନ୍ଦ୍ରକୁ ଅଣାଯାଇଥିବା ଜଣାପଡ଼ିଛି। ନୋଡା କେନ୍ଦ୍ରର ଇନ୍‌ଚାର୍ଯ୍ୟ ସୁଲେଖା ମହାପାତ୍ର, ଅତିରିକ୍ତ ଇନ୍‌ଚାର୍ଯ୍ୟ ସନ୍ତୋଷ କୁମାର ଚୌଧରୀ ଓ ପର୍ଯ୍ୟବେକ୍ଷକ ଭାବେ କଣାସ ଶିକ୍ଷାଧିକାରୀ ଭବମ୍ ପ୍ରଧାନ କାର୍ଯ୍ୟ କରିଥିଲେ। ସମସ୍ତ କେନ୍ଦ୍ରରରେ ଶାନ୍ତିଶୃଙ୍ଖଳାର ସହିତ ପ୍ରଥମ ଦିନର ପରୀକ୍ଷା ଶେଷ ହୋଇଛି।

# ଡେଲାଙ୍ଗ ବ୍ଲକରେ ପରୀକ୍ଷା ଦେଲେ ୧୦୯୮ ଛାତ୍ରଛାତ୍ରୀ

**ଡେଲାଙ୍ଗ, ୨୦।୨(ସମିସ):** ଡେଲାଙ୍ଗ ବ୍ଲକରେ ୭ଟି ପରୀକ୍ଷା କେନ୍ଦ୍ରରେ ୧୧୧୮ଜଣ ଛାତ୍ରଛାତ୍ରୀଙ୍କ ମଧ୍ୟରୁ ୧୦୯୮ ଜଣ ପରୀକ୍ଷା ଦେଇଥିବା ବେଳେ ୨୦ ଜଣ ଛାତ୍ରଛାତ୍ରୀ ଅନୁପସ୍ଥିତ ଥିଲେ। ନୋଡାଲ ସେଣ୍ଟର ଭାବେ ସରକାରୀ ନୋଡାଲ ବାଳିକା ଉଚ୍ଚ ବିଦ୍ୟାଳୟ ଡେଲାଙ୍ଗରେ ପ୍ରଶ୍ନପତ୍ର ରଖାଯାଇଛି। ଏହି ବିଦ୍ୟାଳୟରେ୧୫୫ ଜଣ ପରୀକ୍ଷାର୍ଥୀଙ୍କ ମଧ୍ୟରୁ ୪ ଅନୁପସ୍ଥିତ ଥିଲେ। ସେହିପରି ରାଧାକାନ୍ତ ବିଦ୍ୟାପୀଠରେ ୧୯୯ ପରୀକ୍ଷାର୍ଥୀଙ୍କ ମଧ୍ୟରୁ ୨ଜଣ, ସରକାରୀ ଉଚ୍ଚ ବିଦ୍ୟାଳୟ ବେରବୋଇରେ ୧୧୯ ପରୀକ୍ଷାର୍ଥୀ ମଧ୍ୟରୁ ୭ଜଣ, ମହତାବ ଉଚ୍ଚ ବିଦ୍ୟାଳୟରେ ୧୫୯ ପରୀକ୍ଷାର୍ଥୀ ମଧ୍ୟରୁ ୧, ଘୋରଡିଆ ଉଚ୍ଚ ବିଦ୍ୟାଳୟରେ ୧୬୦ ପରୀକ୍ଷାର୍ଥୀ ମଧ୍ୟରୁ ୩, ସୋମନାଥ ଉଚ୍ଚ ବିଦ୍ୟାଳୟରେ ୧୫୫ ଜଣ ପରୀକ୍ଷାର୍ଥୀ ମଧ୍ୟରୁ ୩ଜଣ ପରୀକ୍ଷାର୍ଥୀ ଅନୁପସ୍ଥିତ ଥିବା ବେଳେ ବିଶ୍ୱନାଥ ଦେବ ନୋଡାଲ ଉଚ୍ଚ ବିଦ୍ୟାଳୟରେ ୧୭୧ ପରୀକ୍ଷାର୍ଥୀଙ୍କ ମଧ୍ୟରୁ ସମସ୍ତ ପରୀକ୍ଷାର୍ଥୀ ପରୀକ୍ଷା ଦେଇଥିଲେ। ବାଳିକା ଉଚ୍ଚ ବିଦ୍ୟାଳକୁ ଚଳିତ ବର୍ଷ ନୋଡାଲ ସେଣ୍ଟର କରାଯାଇଥିବା ବେଳେ ଡେଲାଙ୍ଗ ଆଡିସିନାଲ ତହସିଲଦାର ରାଜେନ୍ଦ୍ର ନାରାୟଣ ମହାରଣା, ପୋଲିସ କର୍ମୀଙ୍କ ଉପସ୍ଥିତିରେ ସେଣ୍ଟର ସକାଳ୫.୩୦ ସମୟରେ ଖୋଲିବା ସହିତ ବିଦ୍ୟାଳୟ ଗୁଡିକୁ ପ୍ରଶ୍ନପତ୍ର ପଠାଇଥିଲେ। ପିପିଲି ନୋଡାଲ ସେଣ୍ଟରରୁ ସୋମନାଥ ଉଚ୍ଚ ବିଦ୍ୟାଳୟକୁ ପ୍ରଶ୍ନପତ୍ର ଆସିଥିଲା। ସକାଳ ୮ଟା ପରୀକ୍ଷା ଆରମ୍ଭ ହୋଇଥିଲା।

# ଦିବ୍ୟାଙ୍ଗ ଛାତ୍ରଛାତ୍ରୀଙ୍କ ଥେରାପି ପ୍ରଶିକ୍ଷଣ ଶିବିର

**ନିମାପଡ଼ା, ୨୦।୨(ସମିସ)**




ନିମାପଡ଼ା ଏନ୍‌ଏସି ଅନ୍ତର୍ଗତ ଗୋପୀନାଥ ପାଟଣା ସିପିଏସ ସ୍କୁଲରେ ବ୍ଲକସ୍ତରୀୟ ଦିବ୍ୟାଙ୍ଗ ଛାତ୍ରଛାତ୍ରୀଙ୍କ ଥେରାପି ପ୍ରଶିକ୍ଷଣ ଶିବର ଅନୁଷ୍ଠିତ ହୋଇଯାଇଛି। ଶିବିର ୩ ଦିନଧରି ଚାଲିବ ଏଥିରେ ୧୦୦ଜଣ ଛାତ୍ରଛାତ୍ରୀ ପ୍ରଶିକ୍ଷଣ ନେବେ। ପ୍ରତ୍ୟେକ ଦିନ ଗୋଟିଏ ସେକସନରେ ୧୦ଜଣ ଛାତ୍ରଛାତ୍ରୀ ଓ ତାଙ୍କର ଅଭିଭାବକମାନେ ପ୍ରଶିକ୍ଷଣ ନେବେ। ଜଣେ ଦିବ୍ୟାଙ୍ଗ ପିଲା କିପରି ନିଜେ ସୁସ୍ଥ ରହିବା ସହିତ ତାର ନିଜ କାମ ନିଜେ କରିପାରିବ ସେନେଇ ଥେରାପି ପ୍ରଶିକ୍ଷଣ ଦିଆଯାଉଛି। ପ୍ରଶିକ୍ଷକ ଭାବେ ନିଞ୍ଜା ନିଶା ଓ ମୁନୁ ମୁନୁ ଲେଙ୍କା ଯୋଗଦେଇ ଅଭିଭାବକ ଓ ପିଲାମାନଙ୍କୁ ପ୍ରଶିକ୍ଷଣ ଦେଇଥିବା ବେଳେ ମଣ୍ଡଳ ଶିକ୍ଷାଧିକାରୀ ଦ୍ୱିତୀକାନ୍ତ ପ୍ରଧାନଙ୍କ ତତ୍ୱାବଧାନରେ ଏବିଇଓ ସୌଦାମିନୀ ଦାଶ ଉକ୍ତ ଶିବିରକୁ ପରିଚାଳନା କରିଥିଲେ। ସ୍କୁଲର ସମ୍ବଳ ଶିକ୍ଷୟତ୍ରୀ ପୁଷ୍ପାଞ୍ଜଳୀ ରଥ, ପ୍ରମିଳା ସ୍ୱାଇଁ, ସ୍ୱାଗତୀକା ମହାନ୍ତି ଏବଂ ଇ.ଭି ପାର୍ଥ ବରିଂହା, ଗଙ୍ଗାଧର ସାହୁ ଓ ପ୍ରତିଭା ସିଂ ପ୍ରମୁଖ ପୂର୍ଣ୍ଣ ସହଯୋଗ କରିଥିଲେ। ଛାତ୍ରଛାତ୍ରୀମାନେ ଥେରାପି କେନ୍ଦ୍ରକୁ ପ୍ରଶିକ୍ଷଣ ପାଇଁ ଆସିବାକୁ ସମସ୍ତ ଗାଡ଼ିଘଣ୍ଟ ଖର୍ଚ୍ଚ ସରକାର ବହନ କରିଛନ୍ତି। ଅତ୍ୟାଧୁନିକ ଥେରାପି ଉପକରଣ ଦ୍ୱାରା ଛାତ୍ରଛାତ୍ରୀଙ୍କୁ ପ୍ରଶିକ୍ଷଣ ଦିଆଯାଉଛି।

# ନିମାପଡ଼ା ବ୍ଲକର ୧୪ କେନ୍ଦ୍ରରେ ୨୮୦୭ ପରୀକ୍ଷାର୍ଥୀ

ନିମାପଡ଼ା, ୨୦।୨(ସମିସ) ନିମାପଡ଼ା ବ୍ଲକର ୧୪ଟି ପରୀକ୍ଷାକେନ୍ଦ୍ରରେ ମଙ୍ଗଳବାର ୨୮୦୭ଜଣ ମାଟ୍ରିକ ପରୀକ୍ଷାର୍ଥୀ ଶାନ୍ତିଶୃଙ୍ଖଳାର ସହ ପରୀକ୍ଷା ଦେଇଛନ୍ତି। ନିମାପଡ଼ା ଏ୍ଏସି ଅନ୍ତର୍ଗତ ବାଳକ ଉଚ୍ଚ ବିଦ୍ୟାଳୟକୁ ନୋଡାଲ କେନ୍ଦ୍ର କରାଯାଇଛି। ମଙ୍ଗଳବାର ନିମାପଡ଼ା ମଣ୍ଡଳ ଶିକ୍ଷାଧିକାରୀ ଦ୍ୱିତୀକାନ୍ତ ପ୍ରଧାନ ବ୍ଲକର ବିଭିନ୍ନ ପରୀକ୍ଷା କେନ୍ଦ୍ରକୁ ପରିଦର୍ଶନ କରିବାକୁ ଯାଇଥିଲେ। ସମସ୍ତ ପରୀକ୍ଷାକେନ୍ଦ୍ରରେ ଶାନ୍ତି ଶୃଙ୍ଖଳାର ସହ ପରୀକ୍ଷା ଚାଲିଥିବା ନେଇ ମଣ୍ଡଳ ଶିକ୍ଷାଧିକାରୀ ଶ୍ରୀ ପ୍ରଧାନ ପ୍ରକାଶ କରିଛନ୍ତି।

## ନୟାହାଟ ଅଞ୍ଚଳରେ ୪୬୬ ପରୀକ୍ଷାର୍ଥୀ

# ୬ ଜଣ ପରୀକ୍ଷା ଦେବାକୁ ଆସିଲେ ନାହିଁ

**ନୟାହାଟ, ୨୦।୨(ସମିସ):** ଅନ୍ତର୍ଗତ ସତ୍ୟନାରାୟଣ ବିଦ୍ୟାପୀଠ ବାଲିଆରେ ମାଟ୍ରିକ୍ ପରୀକ୍ଷା କେନ୍ଦ୍ର ହୋଇଥିବା ବେଳେ ନୟାହାଟ ହାଇସ୍କୁଲ ଓ ଅରେଇସ୍କୁଲର ୧୮୧ ଛାତ୍ରଛାତ୍ରୀ ପରୀକ୍ଷା ଦେବା କଥା ସେଥିରୁ ୪ ଜଣ ପିଲା ସାହିତ୍ୟ ପରୀକ୍ଷା ଦେବାକୁ ଆସିନଥିବା ସତ୍ୟ ନାରାୟଣ ହାଇସ୍କୁଲର ପ୍ରଧାନ ଶିକ୍ଷୟିତ୍ରୀ ନିହାରିକା ପ୍ରଧାନ କହିଛନ୍ତି। ସେହିଭଳି ନୟାହାଟ ହାଇସ୍କୁଲରେ ପରୀକ୍ଷା କେନ୍ଦ୍ରରେ ଦେଶବନ୍ଧୁ ଉଚ୍ଚ ବିଦ୍ୟାଳୟ କରୁଆଳ, ନୟାହାଟ ବାଳିକା ଉଚ୍ଚ ବିଦ୍ୟାଳୟ, କାକଟପୁର ଉଚ୍ଚ ବାଳିକା ବିଦ୍ୟାଳୟ, ବରୁଣେଇ ଉଚ୍ଚ ବିଦ୍ୟାଳୟ ପାଟପୁର ଓ ଗୋପିକାନ୍ତପୁର ଉଚ୍ଚ ବିଦ୍ୟାଳୟର ମୋଟ ୨୮୫ ପିଲା ପରୀକ୍ଷା ଦେବାକୁ ଥିବା ବେଳେ ୨୮୩ ଜଣ ଛାତ୍ରଛାତ୍ରୀ ପରୀକ୍ଷା ଦେଇଥିଲେ ଦୁଇ ଜଣ ପିଲା ପରୀକ୍ଷା ଦେଇ ନଥିବା ପ୍ରଧାନ ଶିକ୍ଷକ ଅଶୋକ ମହାନ୍ତି କହିଛନ୍ତି।ନୟାହାଟ ଫାଣ୍ଡିରେ ଆବଶ୍ୟକ ପୁଲିସ ନ ଥିବାରୁ ଦୁଇଟି କେନ୍ଦ୍ରରେ ୨ ଜଣ ପୁଲିସ ପଠାଯାଇଥିଲା।

## ଛଣିଜଙ୍ଗ ସ୍କୁଲ ପାଖ ହମ୍ପସ୍‌ରୁ ପଡ଼ି ମହିଳାଙ୍କ ମୃତ୍ୟୁ

# ହମ୍ପସ୍ ଉଠାଇବା ପାଇଁ ଦାବି

ଚାରିଛକ/ନୟାହାଟ, ୨୦।୨(ସମିସ):ପୁରୀ ଜିଲ୍ଲା ଚାରିଛକ-ଗୋପ ରାସ୍ତାର ଛଣିଜଙ୍ଗ ଛକ ନିକଟରେ ହମ୍ପସରେ ବାଇକରୁ ଖସିପଡ଼ି ଜଣେ ମହିଳାଙ୍କ ମୃତ୍ୟୁ ଘଟିଥିବା ଜଣାପଡ଼ିଛି। ଖବରରୁ ଜଣାଯାଇଛି ଯେ କୋଣାର୍କ ମାଧିପୁର ଗ୍ରାମର ରାଜକିଶୋର ନିଶଙ୍କ ତାଙ୍କ ପତ୍ନୀ ତରୁଲତା ନିଶଙ୍କ(୫୫)ଙ୍କୁ ନିଜ ବାଇକରେ ବସାଇ ମାଧବ ମନ୍ଦିରକୁ ଯାଉଥିବା ସମୟରେ ଗୋପ-ଚାରିଛକ ରାସ୍ତାର ଛଣିଜଙ୍ଗ ଛକ ନିକଟରେ ଥିବା ଏକ ବଡ ଉଚ୍ଚା ହମ୍ପସରେ ଧକ୍କା ହୋଇ ତରୁଲତା ବାଇକରୁ ତଳେ ଖସିପଡ଼ିଥିଲେ। ଗୁରୁତର ଅବସ୍ଥାରେ ତାଙ୍କୁ ଚାରିଛକ ସ୍ୱାସ୍ଥ୍ୟକେନ୍ଦ୍ରକୁ ଅଣାଯଅଇଥିଲା ମାତ୍ର ତାଙ୍କର ଅବସ୍ଥା ଗୁରୁତର ଥିବାରୁ ଡାକ୍ତର ତାଙ୍କର ପ୍ରାଥମିକ ଚିକିତ୍ସା କରାଇ ଭୁବନେଶ୍ୱରକୁ ସ୍ଥାନାନ୍ତରୀତ କରିଥିଲେ ମାତ୍ର ଡାକ୍ତର ତାଙ୍କୁ ସେଠାରେ ଦେଖିବାପରେ ମୃତ ଘୋଷଣା କରିଛନ୍ତି। ରାସ୍ତାର ବିଭିନ୍ନ ସ୍ଥାନରେ ବେଆଇନ ହମ୍ପସ ନିର୍ମାଣ ଫଳରେ ଅନେକ ଦୁର୍ଘଟଣା ଘଟି ବହୁଧନ ଜୀବନ ହାନି ଘଟିବା ସହ ଅନେକ ଲୋକ ଖଣ୍ଡିଆ ଖାବରା ହୋଇଥିବା ଜଣାପଡ଼ିଛି।ଏହି ବେଆଇନ ହମ୍ପସ ଉଠା ନ ଯାଏ ତାହାଲେ ଏହିପରି ଅନେକ ଲୋକଙ୍କ ଜୀବନ କେତେବେଳେ ପଡ଼ି ଚାଲିଯିବ କହିହେବ ନାହିଁ। ତୁରନ୍ତ ଏହି ହମ୍ପସକୁ ତାଡି ଉଠାଇବା ପାଇଁ ଅଞ୍ଚଳରେ ଦାବି ହେଉଛି। ଏ ଦିଗରେ ପୁରୀ ଜିଲ୍ଲାପାଳ ଦୃଷ୍ଟି ଦେବାକୁ ଦାବି ହେଉଛି।

## ଦିବାରାତ୍ର ଭଲିବଲ ଟୁର୍ଣ୍ଣାମେଣ୍ଟ

# ବିଶ୍ୱନାଥପୁର କ୍ଲବ୍ ଚାମ୍ପିଅନ

ସାକ୍ଷୀଗୋପାଳ, ୨୦।୨( ସମିସ) ସତ୍ୟବାଦୀ ବ୍ଲକ ଅନ୍ତର୍ଗତ ଅଳଗୁମ ପଞ୍ଚାୟତର ମା'ଜାଗେଶ୍ୱରୀ ଭଲିବଲ କ୍ଲବ ଆନୁକୂଲ୍ୟରେ ଦିବାରାତ୍ର ଭଲିବଲ ଟୁର୍ଣ୍ଣାମେଣ୍ଟ୍ ଅଳଗୁମ ବେଡା ଉପର ପଡ଼ିଆରେ ଅନୁଷ୍ଠିତ ହୋଇଯାଇଛି। ଟୁର୍ଣ୍ଣାମେଣ୍ଟରେ ୮ଟି ଦଳ ଅଂଶ ଗ୍ରହଣ କରିଥିଲେ। ଫାଇନାଲ ମ୍ୟାଚ୍ ବିଶ୍ୱନାଥପୁର ଓ ଶ୍ରୀରାମଚନ୍ଦ୍ରପୁର ମଧ୍ୟରେ ହୋଇଥିଲା। ବିଶ୍ୱିନାଥପୁର ଦଳ ୨-୦ରେ ଶ୍ରୀରାମଚନ୍ଦ୍ରପୁର ଦଳକୁ ହରାଇ ଚାମ୍ପିଅନ ହୋଇଛି। ମ୍ୟାଚ୍ ପରିଚାଳନା କରିଥିଲେ କାର୍ତ୍ତିକ ବିଶ୍ୱାଳ, ପ୍ରଦୀପ କୁମାର ବିଶ୍ୱାଳ ଓ ବଂଶୀଧର। ଅତିଥି ଭାବେ ସରପଞ୍ଚ ସରସ୍ୱତୀ ବିଶ୍ୱାଳ, ସମିତିସଭ୍ୟା ପୁଷ୍ପାଞ୍ଜଳି ବିଶ୍ୱାଳଙ୍କ ସହିତ ସମାଜସେବୀ ଯଯାତି କେଶରୀ ରାୟ, ଧିରେନ୍ଦ୍ର କୁମାର ଜେନା, ଉର୍ମିଳା ବିଶ୍‌ବାଳ, ରୁନି ଦିକ୍ଷୀତି, ବିଷ୍ଣୁପ୍ରସାଦ କର ପ୍ରମୁଖ ଯୋଗ ଦେଇ ଚାମ୍ପିୟନ ଦଳକୁ କପ୍ ସହିତ ୩ହଜାର ଟଙ୍କା ଓ ରନର୍ସ ଅପ ଦଳକୁ ୨ ହଜାର ଟଙ୍କା ଓ କପ୍ ପ୍ରଦାନ କରିଥିଲେ। ମ୍ୟାଚ୍‌ର ଆୟୋଜକ ଥିଲେ ଆଲୋକ ବିଶ୍ୱାଳ, ଅବକାଶ ବିଶ୍ୱାଳ, ବାପୁ ମହାନ୍ତି, ଦେବ ପ୍ରସାଦ ବିଶ୍ୱାଳ, ସତ୍ୟବ୍ରତ ସାହୁ, ସନ୍ଦପ କୁମାର ବିଶ୍ୱାଳ ପ୍ରମୁଖ ଖେଳ ପରିଚାଳନାରେ ସହଯୋଗ କରିଥିଲେ।



# ମାଧବ ପୀଠରେ ଭୌମ ଏକାଦଶୀ: ଶ୍ରୀକ୍ଷେତ୍ରରୁ ଆସିଲା ଜୀଉଙ୍କ ଲାଗି ପାଟବସ୍ତ୍ର



**ଚାରିଛକ, ୨୦।୨(ସମିସ):** ଚାରିଛକ ନିକଟସ୍ଥ ମାଧବଙ୍କ ପୀଠରେ ଭୌମ ଏକାଦଶୀ ପାଳିତ ହୋଇଯାଇଛି। ଶ୍ରୀଜଗନ୍ନାଥ ସଂସ୍କୃତିର ଜୀବନରେଖା ପବିତ୍ର ପ୍ରାଚୀନଦୀ ଅବବାହିକାସ୍ଥିତ ଶ୍ରୀ ମାଧବାନନ୍ଦ ଜୀଉଙ୍କ ସ୍ୱନକ୍ଷେତ୍ର ଦିବସ ମାଘଶୁକ୍ଳ ଏକାଦଶୀ ହୋଇଥିବାରୁ ଏହି ଦିବସକୁ ମାଧବ ଏକାଦଶୀ ମହୋତ୍ସବ ଭାବେ ପାଳନ କରାଯାଉଛି। ଭକ୍ତମାନେ ପ୍ରାଚୀ ନଦୀରେ ବୁଡ ପକାଇ ଠାକୁରଙ୍କୁ ଦର୍ଶନ କରି ତୁଳସୀମାଳ ଅର୍ପଣ କରିବା ସହିତ ଚୁଡାଘସା, ଦହି, କଦଳୀ ଭୋଗ ଲାଗି କରିଛନ୍ତି। ମାଧବାନନ୍ଦ ଜୀଉ ଜଗନ୍ନାଥଙ୍କ ମାମୁଁ ଘରଭାବେ ପରିଚିତ ଥିବାରୁ ଏହି ଅବସରରେ ପୁରୀ ଶ୍ରୀକ୍ଷେତ୍ରରୁ ଦଇତାପତି ସେବକ ବିନାୟକ ଦାସ ମହାପାତ୍ର, ରାମକୃଷ୍ଣ ମହାପାତ୍ରଙ୍କ ସମେତ ଅନ୍ୟ ଦଇତାପତିମାନେ ମାଧବାନନ୍ଦ ଜୀଉଙ୍କ ଲାଗି ଖଣ୍ଡୁଆ ପାଟବସ୍ତ୍ର ସମେତ ବିଭିନ୍ ପୂଜା ସାମଗ୍ରୀ ଆଣି ପହଞ୍ଚି ଥିଲେ। ଚାରିଛକସ୍ଥିତ ଏକାନ୍ତ ଆଶ୍ରମ ମଠ ଠାରୁ ଏକ ସଂକିର୍ତ୍ତନ ମଣ୍ଡଳୀ ସହ ବିରାଟ ପଟୁଆରରେ ତାଙ୍କୁ ମାଧବ ମନ୍ଦିରକୁ ପାଛୋଟି ନେଇଥିଲେ। ଏହି ପଟୁଆରେ ଯିବା ସମୟରେ ମାଧବ ମନ୍ଦିର ହେଡଟାରୀ ଟ୍ରଷ୍ଟି ପ୍ରଶାନ୍ତ କୁମାର ଦେବଗୋସ୍ୱାମୀ, ନ୍ୟାୟବ୍ରତ ରାଉତ, ମନ୍‌ସିନୀ ଲେଙ୍କା, ଗୋପୀନାଥ କର, ଡଃସନ୍ତୋଷ କୁମାର ମିତ୍ର, ଅରକ୍ଷୀତ ଭୋଇ, କେଦାରନାଥ ସାହୁ, ସନାତନ ପାତ୍ର, ଚନ୍ଦ୍ରକାନ୍ତ ଦଳାଇ, ବାବନ ସାହୁ, ରାମଚନ୍ଦ୍ର ଜେନା, ନରେନ୍ଦ୍ର ପ୍ରଧାନ, ଗଦାଧର ସେଠ ପ୍ରମୁଖ ଉପସ୍ଥିତଥିଲେ। ପୁଲିସ ପକ୍ଷରୁ ବ୍ୟାପକ ସୁରକ୍ଷା ବ୍ୟବସ୍ଥା ଗ୍ରହଣ କରାଯାଇଛି।

## କପିଳ ମହାରଣାଙ୍କ ସ୍ୱପ୍ନ, ବାସ୍ତବତାର ରୂପନେଲା

# କୁସୁମୀ ବ୍ୟାରେଜ୍ ନିର୍ମାଣ ଶେଷ ପର୍ଯ୍ୟାୟରେ

ନୟାଗଡ଼, ୨୦।୨(ସମିସ): ନୟାଗଡ଼ ଜିଲ୍ଲାରେ ଜଳସେଚନ ପାଇଁ କୁଆଁରିଆ, ବୁଢ଼ାବୁଢ଼ିଆଣୀ ଡ୍ୟାମ ସମେତ ଛୋଟ ଓ ମଧ୍ୟମ ଧରଣର ଅନେକ ଡ୍ୟାମ ରହିଛି। ଜଳସେଚନ ବିଭାଗ ଅଧିନରେ ଡାହୁକା ଜଳସେଚନ ବ୍ୟାରେଜ୍ ବ୍ୟତୀତ ଅନ୍ୟ କୌଣସି ସ୍ଥାନରେ ବ୍ୟାରେଜ୍ ବ୍ୟବସ୍ଥା ନଥିଲା। ଯାହାକୁ ନେଇ ନୟାଗଡ଼ ଜିଲ୍ଲା ସଦରବ୍ଲକ ଅନ୍ତର୍ଗତ ସୁନାଲଟିଠାରେ ଗାଁ ବୁଲିବା ବେଳେ ବଡପଣ୍ଡୁସର ଗ୍ରାମର କପିଳ ମହାରଣା ସୁନାଲଟିଠାରେ ଏକ ବନ୍ଧ ନିର୍ମାଣ କରିବାକୁ ନୟାଗଡ଼ ବିଧାୟକ ଡ. ଅରୁଣ କୁମାର ସାହୁଙ୍କୁ ପ୍ରସ୍ତାବ ଦେଇଥିଲେ। କପିଳଙ୍କ ଚିନ୍ତାଧାରାକୁ ବିଧାୟକ ଗ୍ରହଣ କରିବା ପରେ ଜଳସେଚନ ବିଭାଗ ଦ୍ୱାରା ସର୍ଭେ କରାଯାଇ ଏହାର ସମ୍ଭାବନା ଥିବା ଜଣାପଡ଼ିଥିଲା। ୨୦୦୮ ମସିହାରୁ ୨୦୧୯ ମସିହା ଦୀର୍ଘ ୧୦ ମହାମାରୀ, ଖରାଦିନରେ କାଳବୈଶାଖୀ ବର୍ଷା ସେଥିରେ ବାଧା ସୃଷ୍ଟି କରିଥିଲା। ନୟାଗଡ଼ ବିଧାୟକଙ୍କ ବାରମ୍ବାର ଚେଷ୍ଟା ଓ ସମୀକ୍ଷା ଏବଂ କାର୍ଯ୍ୟ କରିବାର ତାଗିଦ ଜଳସେଚନ ବିଭାଗ ମଧ୍ୟରେ ତତ୍ପରତା ସୃଷ୍ଟି କରିଥିଲା। ଏହି ପ୍ରକଳ୍ପ ନିର୍ମାଣ କାମ ଏବେ ଶେଷ ପର୍ଯ୍ୟାୟରେ ପହଞ୍ଚିଥିବା ଦେଖାଯାଇଛି। ନୟାଗଡ଼ ବ୍ଲକ ଅନ୍ତର୍ଗତ ବାଉଁଶିଆପଡ଼ା ପଞ୍ଚାୟତ ସୁନାଲଟି ଗ୍ରାମଠାରେ ସମ୍ଭାବନା ସୃଷ୍ଟି ହୋଇଛି। ଏହି ପ୍ରକଳ୍ପ ପାଇଁ ଜମି ଅଧିଗ୍ରହଣ ବାବଦରେ ୧୪ କୋଟି ଟଙ୍କା ବ୍ୟୟ କରାଯାଇଥିବା ବେଳେ ସ୍ଥାନୀୟ ଗ୍ରାମବାସୀଙ୍କ ଯାତାୟତ ପାଇଁ ଦୁଇଟି ବ୍ରିଜ ନିର୍ମାଣ କରାଯିବାର ଯୋଜନା ରହିଛି। ଏହା ସହିତ ନିକଟରେ ଏକ କାର୍ଯ୍ୟାଳୟ ଗୃହ, ସୌନ୍ଦର୍ଯ୍ୟକରଣ ଏବଂ ଅନ୍ୟାନ କାର୍ଯ୍ୟ ବାବଦରେ ବଳକା ଅର୍ଥ ବ୍ୟୟ କରାଯିବାକୁ ଯୋଜନା ରହିଛି।



ନିର୍ମାଣ କରାଯାଇ କୁସମୀ ଜଳସେଚନ ପ୍ରକଳ୍ପ ତଥା କୁସୁମୀ ବ୍ୟାରେଜ୍। ନିର୍ମାଣ କାମ ଶେଷ ପର୍ଯ୍ୟାୟରେ ପହଞ୍ଚିଥିବା ସୂଚନା ମିଳିଛି। ୨୦୦୮ ମସିହା ଦୁର୍ଗାପୂଜା ସମୟରେ ବିଭିନ୍ନ ବର୍ଷର ଚେଷ୍ଟା ପରେ ୨୦୧୯ ନଭେମ୍ବର ୩୦ ତାରିଖରେ ପ୍ରକଳ୍ପ ନିର୍ମାଣ ନେଇ ଶୁଭ ଦିଆଯାଇଥିଲା। ଦୁଇ ବର୍ଷ ମଧ୍ୟରେ ପ୍ରକଳ୍ପ ନିର୍ମାଣ ଶେଷ ହେବ ଆକଳନ କରାଯାଇଥିଲା। କରୋନା

### ପାଇପ୍ ଯୋଗେ ଚାଷ ଜମିକୁ ଜଳଯୋଗାଣ

ଦୁଆଣ୍ଟ ଏବଂ କୁସୁମୀ ନଦୀର ମିଳନ ସ୍ଥଳରେ ଏହି ପ୍ରକଳ୍ପ ନିର୍ମାଣ କରାଯାଇଛି। ତିନୋଟି ବ୍ଲକର ୩ ହଜାର ୭୪୫ ହେକ୍ଟର ଚାଷ ଜମି ଜଳସେଚିତ ହୋଇପାରିବ ବୋଲି ଲକ୍ଷ୍ୟ ଧାର୍ଯ୍ୟ କରାଯାଇଛି। ଏହି ପ୍ରକଳ୍ପ ପାଇଁ ୩୨୫ କୋଟି ଟଙ୍କା ବ୍ୟୟ ବରାଦ ହୋଇଛି। ସେଥିମଧ୍ୟରୁ ୭୦ କୋଟି ଟଙ୍କା ବ୍ୟୟରେ ବ୍ୟାରେଜ ନିର୍ମାଣ କାର୍ଯ୍ୟ ଶେଷ ହୋଇଛି। ୧୪୮ କୋଟି ଟଙ୍କାରେ ୟୁଜିପିଏଲ୍ ତଥା ଭୂମିତଳେ ପାଇପ ଜଳ ଯୋଗାଣ ବ୍ୟବସ୍ଥାରେ ଜଳସେଚନ ପାଇଁ କାର୍ଯ୍ୟ ଆରମ୍ଭ ହେବାକୁ ରହିଛି। ଫଳରେ ଚାଷୀ ଦୋଫସଲି ଅମଳ କରିପାରିବ ବୋଲି ମୋଟ ୧୪ କିମି ବଡ ପାଇପ୍ ବ୍ୟବସ୍ଥା ଏବଂ ୪୭୦ କିମି ଛୋଟ ପାଇପ୍ ଦ୍ୱାରା ଜଳସେଚନ ବ୍ୟବସ୍ଥା କରାଯିବାକୁ ଜଳସେଚନ ବିଭାଗ ଯୋଜନା ପ୍ରସ୍ତୁତ କରିଛି। କୁସମୀ ପ୍ରକଳ୍ପ ଦ୍ୱାରା ନୟାଗଡ଼ ବ୍ଲକର ସୁନାଲଟି, କୃଷ୍ଣପ୍ରସାଦ, ନୂଆଗାଁ, ବିରୁଡା, ସରପଞ୍ଚ, ରାମଚନ୍ଦ୍ରପୁର, ହରେକୃଷ୍ଣପୁର, ପୁରୁଷୋତ୍ତମପୁର, ମୃତ୍ୟୁଞ୍ଜୟପୁର, ଗୋଡିପାଟଣା, ଜହ୍ନିପଦା, ବିଜିପୁର, ବାଉଁଶଗାଡିଆ, ବଡପଣ୍ଡୁସର, ତୁଳସିପୁର ସମେତ ଖଣ୍ଡପଡ଼ା ଓ ଭାପୁର ବ୍ଲକର ମୋଟ ୫୦ରୁ ଉର୍ଦ୍ଧ୍ୱ ଗ୍ରାମର ଚାଷ ଜମି ଜଳସେଚିତ ହୋଇପାରିବ ବୋଲି ଲକ୍ଷ୍ୟ ଧାର୍ଯ୍ୟ ହୋଇଛି। ଏଥିରେ ନୟାଗଡ଼ ବ୍ଲକ ୨ ହଜାର ୬୮ ହେକ୍ଟର, ଖଣ୍ଡପ?। ବ୍ଲକର ୯୧୨ ହେକ୍ଟର, ଭାପୁର ବ୍ଲକର ୭୬୫ ହେକ୍ଟର ଜମି ଜଳସେଚିତ ହେବ। ମୋଟ ୩ ହଜାର ୭୪୫ ହେକ୍ଟର ଜମି ଜଳସେଚିତ ହୋଇପାରିବ ବୋଲି ସହକାରୀ ଯନ୍ତ୍ରୀ ପ୍ରାଣବନ୍ଧୁ ବେହେରା ସୂଚନା ଦେଇଛନ୍ତି।

● କେନ୍ଦ୍ର ସରକାରଙ୍କ ବୈମାତୃକ ମନୋଭାବ

## ଆଠ ମାସ ହେଲା ମିଳିନାହିଁ ମନରେଗା ଅର୍ଥ

ଭାପୁର, ୨୦।୨(ସମିସ): ଗ୍ରାମାଞ୍ଚଳର ଶ୍ରମିକଙ୍କୁ ରୋଜଗାର ପ୍ରଦାନ ପାଇଁ ଚାଲୁ ରହିଥିବା ମନରେଗା ଯୋଜନା ଏବେ ପ୍ରହସନ ପାଲଟିଛି। ଦୀର୍ଘ ଆଠ ମାସ ହେଲା ମ୍ୟାଟେରିଆଲ ଟଙ୍କା ଓ ଚାରି ମାସ ହେଲା ଶ୍ରମିକ ମଜୁରି ମିଳି ନଥିବାରୁ ଶ୍ରମିକମାନେ ଏବେ କାମ କରି ଭୋକ ଉପାସରେ ରହିଛନ୍ତି। କେନ୍ଦ୍ର ସରକାରଙ୍କ ଏପରି ଗରିବ ମାରଣ ନୀତିକୁ ସାଧାରଣରେ ଘୋର ନିନ୍ଦା କରାଯାଉଛି। ନୟାଗଡ଼ ଜିଲ୍ଲା ଭାପୁର ବ୍ଲକରେ ଏବେ ମନରେଗା ଯୋଜନା ଠପ ହେବାକୁ ବସିଛି। ବ୍ଲକର ୨୦ ପଞ୍ଚାୟତରେ ଏହି ଯୋଜନା ଚାଲୁ ରହିଥିବା ଶତାଧିକ ପ୍ରକଳ୍ପ ପ୍ରାୟତଃ ବନ୍ଦ ହେବା ଅବସ୍ଥାରେ ରହିଛି। ଯେଉଁମାନେ କାମ କରିଛନ୍ତି ସେମାନେ ସେମାନଙ୍କ ହକ ପାଇବା ପାଇଁ ମାସ ମାସ ଧରି ଅପେକ୍ଷା କରି ରହିଛନ୍ତି। ଏହି ଯୋଜନାରେ କାର୍ଯ୍ୟ କରିଥିବା ଶ୍ରମିକମାନେ ଏକ ସପ୍ତାହ ମଧ୍ୟରେ ସେମାନଙ୍କ ପ୍ରାପ୍ୟ ପାଇବା ପାଇଁ ବ୍ୟବସ୍ଥା ରହିଛି। ମାତ୍ର ଭାପୁର ବ୍ଲକର ଶ୍ରମିକ ମାନେ ତିନି ମାସ ହେଲା ମଜୁରୀ ନପାଇବା ଗରିବ ପେଟରେ ନାତ ସଦୃଶ୍ୟ ହୋଇଛି। ଏହି ଯୋଜନାରେ ହୋଇଥିବା ନିର୍ମାଣ କାର୍ଯ୍ୟର ମ୍ୟାଟେରିଆଲ ଅର୍ଥ ଭାପୁର ବ୍ଲକରେ ଆଠ ମାସ ହେଲା ମିଳିନାହିଁ। ବ୍ଲକ ପ୍ରଶାସନ ପକ୍ଷରୁ ମିଳିଥିବା ତଥ୍ୟ କହୁଛି ଏହି ଯୋଜନାରେ ବ୍ଲକରେ ତିନି କୋଟିରୁ ଉକାଟ ଟଙ୍କା ପାଇବାକୁ ଲୋକମାନେ ଚାତକ ପରି ଚାହିଁ ବସିଛନ୍ତି। ଗରିବ ଦୂରିକରଣ ପାଇଁ କେନ୍ଦ୍ର ଓ ରାଜ୍ୟ ସରକାର ଅନେକ ଯୋଜନା ପ୍ରଣୟନ କରିଛନ୍ତି। ସେଥିମଧ୍ୟରୁ ଏହି ଯୋଜନା ଖାଲି ଦେଶରେ ନୁହେଁ ସାରା ପୃଥିବୀରେ ବୃହତ୍ତମ ଯୋଜନାର ମାନ୍ୟତା ପାଇଛି। କେନ୍ଦ୍ର ସରକାରଙ୍କ ଜନକଲ୍ୟାଣ ପାଇଁ ବଡ ବଡ ଭାଷଣ ବାଜି କରୁଥିବାବେଳେ କାର୍ଯ୍ୟ କିନ୍ତୁ ଓଲଟା ଦେଖିବାକୁ ମିଳୁଛି। ନିର୍ବାଚନ ମୁଣ୍ଡ ଉପରେ ଥିବାବେଳେ କୃଷକ ଆନ୍ଦୋଳନ ଓ ମନରେଗା ଯୋଜନାରେ ଶ୍ରମିକଙ୍କୁ ଏପରି ଶୋଷଣ କରିବା କେନ୍ଦ୍ର ସରକାରଙ୍କୁ ମହଙ୍ଗା ପଡ଼ିବ ବୋଲି ସାଧାରଣରେ ଚର୍ଚ୍ଚା ହେଉଛି।

## ମାଟ୍ରିକ୍ ପରୀକ୍ଷାରେ ୨୬୪ ଅନୁପସ୍ଥିତ

ନୟାଗଡ଼, ୨୦।୨(ସମିସ): ଆଜିଠାରୁ ମାଟ୍ରିକ୍ ପରୀକ୍ଷା ଆରମ୍ଭ ହୋଇଛି। ଚଳିତ ମାଟ୍ରିକ ପରୀକ୍ଷାରେ ନୟାଗଡ଼ ଜିଲ୍ଲାରେ ମୋଟ୍ ୭୫ଟି କେନ୍ଦ୍ରରେ ମାଟ୍ରିକ ପରୀକ୍ଷା ଅନୁଷ୍ଠିତ ହୋଇଛି। ଜିଲ୍ଲାର ୧୨ ହଜାର ୫୩୬ ଜଣ ଛାତ୍ରଛାତ୍ରୀ ପରୀକ୍ଷା ଦେବା ନେଇ ଜିଲ୍ଲା ଶିକ୍ଷା ବିଭାଗ ପକ୍ଷରୁ କୁହାଯାଇଥିଲା। ତେବେ ଜିଲ୍ଲାରେ ପ୍ରଥମ ଦିନରେ ୧୨ ହଜାର ୨୭୨ ଜଣ ଛାତ୍ରଛାତ୍ରୀ ପରୀକ୍ଷାରେ ଉପସ୍ଥିତ ହୋଇଥିବାବେଳେ ୨୬୪ ଜଣ ଛାତ୍ରଛାତ୍ରୀ ଅନୁପସ୍ଥିତ ରହିଥିବା ଜଣାପଡ଼ିଛି। ଯାହା ଚିନ୍ତାର ବିଷୟ ପାଲଟିଛି। ଏତେ ସଂଖ୍ୟକ ପରୀକ୍ଷାର୍ଥି ଡ୍ରପ୍ ଆଉଟ୍ ହେବା ଜିଲ୍ଲା ଶିକ୍ଷା ବିଭାଗର ପାରିବା ପଣିଆକୁ ପଦାରେ ପକାଇଛି। ଧାର୍ଯ୍ୟ ହୋଇଥିବା ୬ଟି ନୋଡାଲ ସେଣ୍ଟର ମଧ୍ୟରୁ ନୟାଗଡ଼ ବ୍ରଜେନ୍ଦ୍ର ଉଚ୍ଚ ବିଦ୍ୟାଳୟ ଅଧିନ ୨୦ଟି ପରୀକ୍ଷା କେନ୍ଦ୍ରରେ ୩୪୬୮ ଜଣ ପରୀକ୍ଷା ଦେବାର ଥିବା ବେଳେ ୩୩୯୪ ଉପସ୍ଥିତ ହୋଇ ୭୪ ଜଣ ଅନୁପସ୍ଥିତ ଥିଲେ। ସେହିଭଳି ଦଶପଲ୍ଲା ଉଚ୍ଚ ବିଦ୍ୟାଳୟ ଅଧିନ ୧୩ଟି ପରୀକ୍ଷା କେନ୍ଦ୍ରରେ ୨୧୨୫ ଜଣରୁ ୨୦୮୯ ଉପସ୍ଥିତ ହୋଇ ୩୬ ଜଣ ଅନୁପସ୍ଥିତ ଥିଲେ। ଓଡ଼ଗାଁ ରଘୁନାଥ ଉଚ୍ଚ ବିଦ୍ୟାଳୟ ଅଧିନ ୧୩ଟି ପରୀକ୍ଷା କେନ୍ଦ୍ରରେ ୧୯୮୩ ଜଣରୁ ୧୯୪୨ ଉପସ୍ଥିତ ହୋଇ ୪୧ ଅନୁପସ୍ଥିତ, ରଣପୁର ବିସି ଉଚ୍ଚ ବିଦ୍ୟାଳୟ ଅଧିନ ୧୨ଟି ପରୀକ୍ଷା କେନ୍ଦ୍ରରେ ୨୨୫୨ ଜଣରୁ ୨୨୧୨ ଉପସ୍ଥିତ ହୋଇ ୪୦ ଅନୁପସ୍ଥିତ, ଖଣ୍ଡପଡ଼ା ଆର୍ସି ଉଚ୍ଚ ବିଦ୍ୟାଳୟ ଅଧିନ ୧୧ଟି ପରୀକ୍ଷା କେନ୍ଦ୍ରରେ ୧୬୪୪ ଜଣରୁ ୧୬୩୩ ଉପସ୍ଥିତ ହୋଇ ୧୧ ଅନୁପସ୍ଥିତ ଏବଂ ଭାପୁର ବ୍ଲକ ଫତେଗଡ଼ ଉଚ୍ଚ ବିଦ୍ୟାଳୟ ଅଧିନ ୬ଟି ପରୀକ୍ଷା କେନ୍ଦ୍ରରେ ୧୦୬୪ ଜଣରୁ ୧୦୦୨ ଉପସ୍ଥିତ ହୋଇ ୬୨ଜଣ ଅନୁପସ୍ଥିତ ହୋଇଛନ୍ତି। ତେବେ ଏଏଚ୍ଏସି ପରୀକ୍ଷାରେ ୧୨ ହଜାର ୩୪୬ ଜଣଙ୍କ ମଧ୍ୟରୁ ୧୨ହଜାର ୧୧୦ ଜଣ ଉପସ୍ଥିତ ଥିବା ବେଳେ ୨୩୬ ଅନୁପସ୍ଥିତ ରହିଛନ୍ତି। ସେହିଭଳି ଓଡ଼ିଶା ରାଜ୍ୟ ମୁକ୍ତ ବିଦ୍ୟାଳୟ(ଏସ୍ଓଏସି) ଅଧୀନରେ ୧୯୦ ଜଣଙ୍କ ମଧ୍ୟରୁ ୧୬୨ ଜଣ ଉପସ୍ଥିତ ଥିବା ବେଳେ ୨୮ ଜଣ ପରୀକ୍ଷାର୍ଥୀ ଅନୁପସ୍ଥିତ ରହିଥିବା ଜିଲା ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟର ତଥ୍ୟରୁ ଜଣାପଡ଼ିଛି।

● ଶିକ୍ଷୟିତ୍ରୀଙ୍କ ଭୁଲ; ସମସ୍ୟା ଭୋଗିଲେ ଛାତ୍ରୀ

### ଆଡ୍‌ମିଟ୍ କାର୍ଡ ନଥିବାରୁ ପରୀକ୍ଷା ମନା

ଦର୍ପନାରାୟଣପୁର, ୨୦।୨(ସମିସ): ନୟାଗଡ଼ ଜିଲ୍ଲା ରଣପୁର ବ୍ଲକ ଅନ୍ତର୍ଗତ ମାଳିସାହି ଜଗମୋହନ ବାଳିକା ଉଚ୍ଚ ବିଦ୍ୟାଳୟର ଛାତ୍ରୀ କାଜଲ ସେଣ ଆଜି ପରୀକ୍ଷା ଦେବା ପାଇଁ ଦର୍ପନାରାୟଣ ଜନତା ଉଚ୍ଚ ବିଦ୍ୟାଳୟରେ ବ୍ୟାପକ ସମସ୍ୟାର ସମ୍ମୁଖିନ ହୋଇଛନ୍ତି। ଛାତ୍ରୀ କାଜଲ ସାଙ୍ଗରେ ଆଡିମିଟ୍ କାର୍ଡ ଆଣିନଥିବାରୁ ତାଙ୍କୁ ପରୀକ୍ଷା ହଲ ମଧ୍ୟକୁ ପ୍ରବେଶ ଅନୁମତି ପ୍ରଦାନ କରାଯାଇନଥିଲା। ସେ ପାଠ ପଢ଼ୁଥିବା ବିଦ୍ୟାଳୟର ପ୍ରଧାନଶିକ୍ଷକ ତାଙ୍କୁ ଆଡିମିଟ୍ କାର୍ଡକୁ ପାଖରେ ରଖିଥିବାରୁ ସମସ୍ୟା ସୃଷ୍ଟି ହୋଇଥିଲା। ଛାତ୍ରୀଙ୍କୁ ନେଇ ଆସିଥିବା ଶିକ୍ଷୟିତ୍ରୀ ଏବଂ ଅଭିଭାବକ ବହୁ ଅନୁରୋଧ କରିଥିଲେ ମଧ୍ୟ ତାଙ୍କୁ ପ୍ରବେଶ ପାଇଁ ଦର୍ପନାରାୟଣପୁର ଉଚ୍ଚ ବିଦ୍ୟାଳୟ ପ୍ରଧାନଶିକ୍ଷକ ମନା କରିଥିଲେ। ଦୀର୍ଘ ସମୟ ପରେ ଛାତ୍ରୀ ଆସିଥିବା ମାଳିସାହି ଜଗମୋହନ ବାଳିକା ଉଚ୍ଚ ବିଦ୍ୟାଳୟର ଶିକ୍ଷୟତ୍ରୀ ବିଦ୍ୟାଳୟକୁ ଯାଇ ପ୍ରଧାନଶିକ୍ଷୟତ୍ରୀ କମଳିନୀ ସ୍ୱାଇଁଙ୍କଠାରୁ ଆଡିମିଟ୍ କାର୍ଡ ଧରି ଦର୍ପନାରାୟଣପୁର ସ୍କୁଲରେ ପହଞ୍ଚିଥିଲେ। ସକାଳ ୮ଟା ୫୮ ମିନିଟ ସମୟରେ ଦର୍ପନାରାୟଣପୁର ପ୍ରଧାନଶିକ୍ଷକଙ୍କୁ ଆଡିମିଟ୍ କାର୍ଡ ଦେଖାଇବା ପରେ ପ୍ରବେଶ ଅନୁମତି ମିଳିଥିଲା। ଛାତ୍ରୀ ଜଣଙ୍କ ଦୀର୍ଘ ୧ ଘଣ୍ଟା ବିଳମ୍ବରେ ପରୀକ୍ଷା ଦେଇଥିବା ବେଳେ ପ୍ରଧାନଶିକ୍ଷୟତ୍ରୀଙ୍କ ବେପରୁଆ ନୀତିକୁ ନେଇ ସ୍ଥାନୀୟ ଅଞ୍ଚଳରେ ଉଦ୍‌ବେଗ ପ୍ରକାଶ ପାଇଛି।

## 'ଆମ ଓଡ଼ିଶା ନବୀନ ଓଡ଼ିଶା' କାର୍ଯ୍ୟକ୍ରମ

ଖଣ୍ଡପଡ଼ା, ୨୦।୨(ସମିସ): ଖଣ୍ଡପଡ଼ା ବ୍ଲକ ଅଧୀନ ଖଳିସାହି ପଞ୍ଚାୟତରେ 'ଆମ ଓଡ଼ିଶା ନବୀନ ଓଡ଼ିଶା' ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ସ୍ଥାନୀୟ ସରପଞ୍ଚ ଫକୀରମୋହନ ଦାସଙ୍କ ସଭାପତିତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ ବ୍ଲକ ଉପାଧ୍ୟକ୍ଷ ଶିଶିର କୁମାର ସାହୁ ମୁଖ୍ୟ ଅତିଥି ଭାବେ ଯୋଗଦେଇ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ସମ୍ମାନିତ ଅତିଥୀ ଭାବେ ବ୍ଲକ ଅଧ୍ୟକ୍ଷା ଉପମା ବେହେରା, ୫ ନଂ ଜୋନ ଜିଲ୍ଲା ପରିଷଦ ସଦସ୍ୟ ରାମେଶ୍ୱର ଶତପଥୀ, ପୂର୍ବତନ ଉପାଧ୍ୟକ୍ଷା ମିନତୀ ସାହୁ, ସ୍ଥାନୀୟ ସମିତିସଭ୍ୟ ଅତଶ୍ରୀ ବେହେରା, ଯୁବ ସମାଜସେବୀ ବୁଲୁ ଦାସ, ସୋମନାଥ ନାୟକ ପ୍ରମୁଖ ମଞ୍ଚାସୀନ ରହିବା ସହିତ ରାଜ୍ୟ ସରକାରଙ୍କ ଲୋକାଭିମୁଖୀ ଯୋଜନା ବାବଦରେ ସଚେତନ କରାଇଥିଲେ। ପଞ୍ଚାୟତର ପିଇଓ ମନୋଜ କୁମାର ପ୍ରଧାନ କାର୍ଯ୍ୟକ୍ରମ ସଂଯୋଜନା କରିଥିବା ବେଳେ ଶତାଧିକ ସ୍ୱଙ୍ଗ ସହାୟକ ଗୋଷ୍ଠୀ ସଦସ୍ୟା, ସିଆରପି ଏମବିକେ ପ୍ରମୁଖ ଉପସ୍ଥିତ ଥିଲେ।

### ନୂତନ କଲ୍ୟାଣମଣ୍ଡପ ଉଦ୍‌ଘାଟିତ

ଖଣ୍ଡପଡ଼ା, ୨୦।୨(ସମିସ): ଖଣ୍ଡପଡ଼ା ବ୍ଲକ ଅଧୀନ ଶିଖରପୁର ପଞ୍ଚାୟତର ମା ଶତପଥୀଙ୍କ ପ୍ରାଙ୍ଗଣରେ ମଙ୍ଗଳବାର ପୂର୍ବାହ୍ନରେ ପଞ୍ଚାୟତ କଲ୍ୟାଣ ମଣ୍ଡପ ଉଦଘାଟନ ହୋଇଯାଇଛି। ଉକ୍ତ ମଣ୍ଡପକୁ ଆନୁଷ୍ଠାନିକ ଭାବେ ଖଣ୍ଡପଡ଼ା ବିଡିଓ ଅଙ୍କୁର ଅଭିଳାଷ ଶୁଭ ଉଦଘାଟନ କରିଥିଲେ। ପଞ୍ଚାୟତ ଅନୁଦାନ ରାଶିରୁ ପ୍ରାୟ ୪୦ ଲକ୍ଷ ଟଙ୍କା ବ୍ୟୟରେ ଉକ୍ତ କଲ୍ୟାଣ ମଣ୍ଡପଟି ନିର୍ମାଣ ହୋଇଛି। ସ୍ଥାନୀୟ ସରପଞ୍ଚ



କିରଣ ବାଳା ସାହୁଙ୍କ ସଭାପତିତ୍ୱରେ ଆୟୋଜିତ ନବୀନ ଓଡ଼ିଶା କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥୀ ଭାବେ ରାଜ୍ୟ ସରକାରଙ୍କ ମିଶନଶକ୍ତି ଉପଦେଷ୍ଟା ଲୋପାମୁଦ୍ରା ବକ୍ସିପାତ୍ର ଯୋଗ ଦେଇ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ପାଇଁ ମା ମାନେ ଆଜି ସଶକ୍ତିକରଣ ହୋଇ ପରିବାରର ଆର୍ଥିକ ସ୍ଥିତିକୁ ସୁଦୃଢ଼ କରିଛନ୍ତି ବୋଲି ସେ ତାଙ୍କର ବକ୍ତବ୍ୟ ରଖିଥିଲେ। ମୁଖ୍ୟବକ୍ତା ଭାବେ ରାଜ୍ୟ ସରକାରଙ୍କ ବରିଷ୍ଠ ନାଗରିକ ଉପଦେଷ୍ଟା ଦୁର୍ଗା ପ୍ରସାଦ ସାମନ୍ତରାୟ ଯୋଗଦେବା ସହ ଦୁଇ ଦଶନ୍ଧି ଧରି ଓଡ଼ିଶାର ବିକାଶକୁ ସମଗ୍ର ଭାରତ ବର୍ଷରେ ଶୀର୍ଷରେ ପହଞ୍ଚାଇ ୧ନଂ ମୁଖ୍ୟମନ୍ତ୍ରୀ ଭାବେ ନବୀନ ପଟ୍ଟନାୟକ ପ୍ରମାଣିତ ହୋଇଛନ୍ତି ବୋଲି କହିଥିଲେ। ସମ୍ମାନିତ ଅତିଥି ଭାବେ ସହରାଞ୍ଚଳ ବସୁଧା ଯୋଜନା ଉପଦେଷ୍ଟା ଅପୂର୍ବା ଅପରୁପା ଯୋଗଦେଇ ରାଜ୍ୟ ସରକାରଙ୍କ ବିଭିନ୍ନ ଲୋକାଭିମୁଖୀ ଯୋଜନା ସମ୍ପର୍କରେ ସୂଚନା ପ୍ରଦାନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ସମିତିସଭ୍ୟ ନିର୍ମଳ ତ୍ରିପାଠୀ, ସାଂସଦଙ୍କ ପ୍ରତିନିଧି ଚନ୍ଦ୍ରକାନ୍ତ ବଳିଆର ସିଂହ, ଜଗନ୍ନାଥ ପ୍ରସାଦ ସମିତିସଭ୍ୟ ଚନ୍ଦ୍ରମଣି ସ୍ୱାଇଁ, ରାଣୀଛେଲି ସମିତିସଭ୍ୟ ରଶ୍ମିତା ପ୍ରଧାନ ପ୍ରମୁଖ ମଞ୍ଚାସିନ ରହି ବିଭିନ୍ନ ଯୋଜନା ବାବଦରେ ବକ୍ତବ୍ୟ ରଖିଥିଲେ। ଏତତ୍ ବ୍ୟତୀତ ବିଭିନ୍ନ ସ୍ୱଙ୍ଗ ସହାୟକ ଗୋଷ୍ଠୀ ଦ୍ୱାରା ପିଠା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ପୂର୍ବତନ ସରପଞ୍ଚ ନବକିଶୋର ସାହୁଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।

● ରଣପୁର କୃଷି ଅଫିସରଙ୍କୁ ଘେରିଲେ ଚାଷୀ

## ବାଟମାରଣା ହେଉଛି ବିହନ

ରଣପୁର, ୨୦।୨(ସମିସ):ରଣପୁର କୃଷିବିଭାଗର ଅନିୟମିତତାକୁ ନେଇ ଚାଷୀ ଅଭିଯୋଗ କରିଛନ୍ତି। ନୟାଗଡ଼ ଜିଲ୍ଲା ରଣପୁର ବ୍ଲକର ରାଇପଡ଼ା ଗ୍ରାମର କିଛି ଚାଷୀ ସରକାରଙ୍କ ତରଫରୁ କୃଷିବିଭାଗକୁ ଆସୁଥିବା ସାମଗ୍ରୀ ମୁଗ, ବିରି, ବୁଟ, ଧନିଚା ଏବଂ ସାର ଔଷଧ ପାଉ ନଥିବା ଅଭିଯୋଗ ଆଧାରରେ ରଣପୁର କୃଷି ଅଫିସରଙ୍କୁ ଘେରଥିଲେ। କୃଷି ଅଫିସର ସବୁ ଦିଆଯାଉଛି କହି ସେଠାରୁ ଚାଲିଯାଇଥିବା ବେଳେ ଚାଷୀ ଅସନ୍ତୋଷ ପ୍ରକାଶ କରିଥିଲେ। କିଛି ନିର୍ଦ୍ଦିଷ୍ଟ ହାତ ଗଣତି ଅଣ ଚାଷୀଙ୍କୁ କିଛି ଅଳ୍ପ ଦେଇ ପ୍ରକୃତ ଚାଷୀ କିମ୍ବା ପ୍ରକୃତ ହିତାଧିକାରୀଙ୍କୁ



ଦିଆଯାଉନଥିବା କହିଥିଲେ ଏବଂ ବିହନ ବାଟମାରଣା ହେଉଛି ବୋଲି ଆନ୍ଦୋଳନ କରିଥିଲେ।କୃଷକସାଥିଙ୍କୁ ହାତବାରିସୀ କରି ରଣପୁର କୃଷି ଅଫିସର ଆସୁଥିବା ସାର ବିହନକୁ ଚଞ୍ଚକତା କରି ଅନ୍ୟତ୍ର ଦିଆଯାଉଛି ବୋଲି ଚାଷୀ ଅଭିଯୋଗ କରିଥିଲେ। ରଣପୁର କୃଷି ଅଫିସର ସ୍ଥାନୀୟ ବାସିନ୍ଦା ହେଇଥିବାରୁ ଚାଷୀଙ୍କ ଅଭିଯୋଗକୁ କର୍ଣ୍ଣପାତ ନ କରି ସବୁ ଦିଆଯାଉଛି କହି ସେଠାରୁ ଚାଲି ଯାଇଥିଲେଫ ଫଳରେ ଚାଷୀମାନେ ନିରାଶ ହେଇ ଫେରିଯାଇଥିଲେ। ସରକାର ଚାଷୀମାନଙ୍କ ପାଇଁ ବହୁତ କିଛି ଯୋଗାଉଥିଲେ ମଧ ଚାଷୀ ପାଇ ପାରୁନାହାନ୍ତି, ମଝିରେ ବାଟମାରଣା ହେଉଥିବା ଏବଂଆସୁଥିବା ସାରବିହନକୁ ବିକ୍ରୟ କେନ୍ଦ୍ରରେ ବିକ୍ରି ହେଉଥିବା ଚାଷୀ ଅଭିଯୋଗ କରିଥିଲେ।

## ବାର୍ଷିକ କ୍ରୀଡା ଉତ୍ସବ ଉଦ୍‌ଯାପିତ

ଓଡ଼ଗାଁ, ୨୦।୨(ସମିସ): ଓଡ଼ଗାଁ ବ୍ଲକ କୁରାଳ ହାଇସ୍କୁଲ ପଡ଼ିଆଠାରେ ଅରୋମିରା ଟ୍ରଷ୍ଟ ଆନୁକୂଲ୍ୟରେ ପରିଚାଳିତ ଶ୍ରୀଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷା କେନ୍ଦ୍ରରେ ବାର୍ଷିକ କ୍ରିଡ଼ା ଉତ୍ସବ ଉଦ୍‌ଯାପିତ ହୋଇଯାଇଛି। କାର୍ଯ୍ୟକ୍ରମକୁ ଜିଲ୍ଲା ପରିଷଦ ସଭ୍ୟା ଝିଲ୍ଲି ପ୍ରଧାନ, ସରପଞ୍ଚ ବିଜନ୍ କୁମାର ପାଇକରାୟ, ମାନେଜିଂ ଟ୍ରଷ୍ଟି ସୁକାନ୍ତ ଚନ୍ଦ୍ର ଚୌଧୁରୀ, ଦ୍ରୌପଦୀ ମହାନ୍ତ, କ୍ରୀଡା ଶିକ୍ଷୟିତ୍ରୀ କୁରାଳ, ଅତିଥି ଭାବେ ଯୋଗ ଦେଇଥିବା ବେଳେ ସମିସଭ୍ୟା କନକ ପାତ୍ର ଉଦ୍‌ଯାପନୀ ସଭାରେ ଅତିଥିଭାବେ ଯୋଗଦେଇଥିବା ବେଳେ ଶିକ୍ଷା କେନ୍ଦ୍ର ସଭାପତି ରେଣୁବାଳା ସୁବୁଦ୍ଧି, ସଭ୍ୟ ରାଜକିଶୋର ନାୟକ, ଶିକ୍ଷାକେନ୍ଦ୍ର ଅଧ୍ୟକ୍ଷ ସନ୍ତୋଷ କୁମାର ସାହୁ ପ୍ରମୁଖ ଉପସ୍ଥିତ ରହିଥିଲେ। ସହକାରୀ ଶିକ୍ଷକ ଦେବାଶିଷଙ୍କ ସହିତ ଶିକ୍ଷୟିତ୍ରୀ ଓ ଅନ୍ୟ ସହକର୍ମି ମାନେ ପରିଚାଳନାରେ ସହଯୋଗ କରିଥିଲେ। କାର୍ଯ୍ୟକ୍ରମରେ ପରିଚାଳନା କମିଟି ସଭ୍ୟ, ଅଭିଭାବକ ଉପସ୍ଥିତ ରହିଥିଲେ। କ୍ରିଡ଼ା ଓ ନର୍ସରୀ ଠାରୁ ପଞ୍ଚମ ଶ୍ରେଣୀ ପର୍ଯ୍ୟନ୍ତ ୭ ଶ୍ରେଣୀକୁ ସାତ ଗୋଟି ଫୁଲର ନାମରେ ନାମିତ କରାଯାଇଥିଲା। ପ୍ରତିଯୋଗୀଙ୍କୁ ପ୍ରଥମ, ଦ୍ୱିତୀୟ ଆଉ ତୃତୀୟ ପରିବର୍ତ୍ତେ ପ୍ରତ୍ୟେକଙ୍କୁ ଦକ୍ଷତା ଅନୁଯାୟୀ ସ୍ଥାନିତ କରାଯାଇ ଆଗକୁ ବଢ଼ିବା ପାଇଁ ପ୍ରୋତ୍ସାହିତ କରାଯାଇଥିଲା। କ୍ରିଡ଼ା ଉତ୍ସବରେ ଅତିଥିମାନେ କୁନି ଛାତ୍ରଛାତ୍ରୀଙ୍କ ମଙ୍ଗଳ କାମନା କରିବା ସହିତ ଭବିଷ୍ୟତ ପାଇଁ ମାର୍ଗଦର୍ଶନ କରିଥିଲେ।

## ଖାଦ୍ୟ ସୁରକ୍ଷା ହିତାଧିକାରୀଙ୍କୁ ୧ ହଜାର ଟଙ୍କା ପ୍ରଦାନ

ନୟାଗଡ଼, ୨୦।୨(ସମିସ): ନୟାଗଡ଼ ଜିଲ୍ଲାପାଳଙ୍କ ସଭାବନା ସଭାଗୃହରେ ନୟାଗଡ଼ରେ ଖାଦ୍ୟ ସୁରକ୍ଷା ହିତାଧିକାରୀଙ୍କୁ ବଜାର ଦରକୁ ଦୃଷ୍ଟିରେ ରଖି ସାଧାରଣ ଖାଉଟିମାନେ ଆର୍ଥିକ ବୋଝରୁ ମୁକୁଳିବା ପାଇଁ ନୂତନ ଭାବେ ସରକାରଙ୍କ ତରଫରୁ ଦିଆଯାଇଥିବା ୧ ହଜାର ସହାୟତା ରାଶି ପ୍ରଦାନ ନୟାଗଡ଼ ଜିଲ୍ଲାରେ ଜିଲ୍ଲା ପରିଷଦ ଅଧ୍ୟକ୍ଷ ଇଂ. ଦେବାଶିଷ ପଟ୍ଟନାୟକ ଶୁଭ ଉଦ୍‌ଘାଟନ କରିଛନ୍ତି। ଏହି ପରିପ୍ରେକ୍ଷୀରେ ହିତାଧିକାରୀଙ୍କ ଉଦ୍ଦେଶ୍ୟରେ ଜିଲ୍ଲା ପରିଷଦ ଅଧ୍ୟକ୍ଷ କହିଲେ ଯେ, ନବୀନ ସରକାର ଲୋକମାନଙ୍କ ପାଇଁ ବିଭିନ୍ନ ଯୋଜନା କରିଛନ୍ତି। ଯୋଜନା ମଧ୍ୟରେ ଖାଦ୍ୟ ସୁରକ୍ଷା ଅତି ଉତ୍ତମ ଯୋଜନା। ସରକାରୀ କର୍ମଚାରୀଙ୍କର ମହଙ୍ଗା ଭତ୍ତା ବୃଦ୍ଧି ବର୍ଷକୁ ଦୁଇଥର ହୋଇଥାଏ। ସାଧାରଣ ଗରୀବର ମହଙ୍ଗା ବୃଦ୍ଧି ବିଷୟରେ ସରକାର ସଚେତନ ହୋଇ ସେମାନଙ୍କୁ ୧ ହଜାର ଟଙ୍କା ପ୍ରଦାନ କରିଛନ୍ତି। ଏହି ବୈଠକରେ ଅନ୍ୟମାନଙ୍କ ମଧ୍ୟରେ ନୟାଗଡ଼



ପୌରପରିଷଦ ଅଧ୍ୟକ୍ଷା ନିରୁପମା ଖଟେଇ, ନୟାଗଡ଼ ପଞ୍ଚାୟତ ସମିତି ଅଧ୍ୟକ୍ଷ କିଶୋର ଚନ୍ଦ୍ର ସାହୁ, ଅତିରିକ୍ତ ଜିଲ୍ଲାପାଳ ଦିଲିପ କୁମାର ବଳ, ଉପଜିଲ୍ଲାପାଳ କର୍ଣ୍ଣଦେବ ସମାଦାର, ଜିଲ୍ଲା ଯୋଗାଣ ଅଧିକାରୀ ବ୍ରଜେନ୍ଦ୍ର କୁମାର ମହାନ୍ତି, ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ସୁରେନ୍ଦ୍ର କୁମାର ସାହୁ, ନୟାଗଡ଼ ଗୋଷ୍ଠୀ ଉନ୍ନୟନ ଅଧିକାରୀ ପଦ୍ମଚରଣ ସାହୁ, ଅତିରିକ୍ତ ଯୋଗାଣ ଅଧିକାରୀ, ଖାଦ୍ୟ ସୁରକ୍ଷା ଯୋଜନା ଅନ୍ତର୍ଗତ ହିତାଧିକାରୀମାନେ ଉପସ୍ଥିତ ଥିଲେ।

## ଲଡୁବାବାଙ୍କ ହୁଣ୍ଡିରୁ ବାହାରିଲା ୫ ଲକ୍ଷ ୧୨ ହଜାର ଟଙ୍କା

ଓଡ଼ଗାଁ/ଶରଣକୁଳ, ୨୦।୨(ସମିସ): ନୟାଗଡ଼ ଜିଲ୍ଲା ଶରଣକୁଳର ଲଡୁବାବାଙ୍କ ହୁଣ୍ଡି ଖୋଲା ଯାଇଛି। ହୁଣ୍ଡିରୁ ୫ ଲକ୍ଷ ୧୨ ହଜାର ୮୮୨ ଟଙ୍କା ଓ ୬୪ ଗ୍ରାମ ରୂପା ମିଳିଛି। ମଙ୍ଗଳବାର ମଧ୍ୟାହ୍ନରେ ଓଡ଼ଗାଁ ତହସିଲଦାର ମାନସ ରଞ୍ଜନ ଭୋଇ, ଶରଣକୁଳ ଆଇଆଇସି ପୁଷ୍ପଲତା ବେହେରା, ଦେବୋତ୍ତର ମ୍ୟାନେଜର ତାପସ ରଞ୍ଜନ ପଟ୍ଟନାୟକ, ମନ୍ଦିର ସୁପର ଭାଇଜର ସୁବାଷ ଚନ୍ଦ୍ର ବରାଡ଼, ଓଡ଼ଗାଁ ରଘୁନାଥ ମନ୍ଦିରର ସୁପରଭାଇଜର ଜୀତେନ୍ଦ୍ର କୁମାର ମିଶ୍ର ଏବଂ ବ୍ରାହ୍ମଣ ସେବକ ସମାଜର ସଭାପତି ଶିବ ପ୍ରସାଦ ପୁଷ୍ପାଳକ, ଶୈବ ସେବାୟତ ସଂଘର ସଭାପତି ଅଶୋକ ମହାପାତ୍ର, ସମ୍ପାଦକ କୃଷ୍ଣ ଚନ୍ଦ୍ର ମହାପାତ୍ର ଓ ସ୍ଥାନୀୟ ପୁଲିସଙ୍କ ଉପସ୍ଥିତିରେ ମନ୍ଦିର ପରିସରରେ ହୁଣ୍ଡି ଖୋଲାଯାଇଥିଲା। ମନ୍ଦିର ସେବାୟତମାନେ ସହଯୋଗ କରିଥିଲେ। ହୁଣ୍ଡୀରୁ ବାହାରିଥିବା ଏହି ସମସ୍ତ ଦାନ ରାଶିକୁ ନିକଟସ୍ଥ ଓଡ଼ିଶା ଗ୍ରାମ୍ୟବ୍ୟାଙ୍କରେ ସ୍ଥାୟୀଜମା ଭାବେ ମନ୍ଦିର ସୁପର ଭାଇଜର ନେଇ ଜମା କରିଥିଲେ।

# ମହିଳା ସଶକ୍ତିକରଣ ବିନା ରାଜ୍ୟର ବିକାଶ ଅସମ୍ଭବ

ଭାପୁର, ୨୦।୨(ସମିସ): ମିଶନ ଶକ୍ତି ଉପଦେଷ୍ଟା ଲୋପାମୁଦ୍ରା ବକ୍ସିପାତ୍ର ନୟାଗଡ଼ ଜିଲ୍ଲା ଭାପୁର ବ୍ଲକରେ ପହଞ୍ଚି ଏକ ସମୀକ୍ଷା ବୈଠକରେ ଯୋଗ ଦେଇ କହିଥିଲେ ଯେ ମିଶନଶକ୍ତି ଯୋଜନା ଯୋଗୁଁ ହାଣଶାଳରୁ ଦୁବାଇ ମହିଳାମାନେ ଉଡାନ ଭରିଛନ୍ତି। ମହିଳାଙ୍କ ସଶକ୍ତିକରଣ ବିନା ରାଜ୍ୟ ଓ ଦେଶର ବିକାଶ ଅସମ୍ଭବ ବୋଲି କହିଥିଲେ। ମଙ୍ଗଳବାର ଅପରାହ୍ନରେ ଭାପୁର ବ୍ଲକ ସଦଭାବନା ଗୃହରେ ଆୟୋଜିତ ଏକ ସମୀକ୍ଷା ବୈଠକରେ ଶତାଧିକ ଏମବିକେ, ସିଆରପି ଓ ବ୍ୟାଙ୍କ ମିତ୍ରଙ୍କୁ ନେଇ ସେମାନଙ୍କ ବିଭିନ୍ନ କାର୍ଯ୍ୟକ୍ରମ ନେଇ ସମୀକ୍ଷା କରିଥିଲେ। ବ୍ଲକ ଉପାଧ୍ୟକ୍ଷ ବେଣୁଧର ପ୍ରଧାନ, ବିଡିଓ ରଣଜିତ ମଲ୍ଲିକ, ଜିଲ୍ଲା ମିଶନଶକ୍ତି ଡିପିସି, ଡିପିଏମ ଓଏଲଏମ, ୟଙ୍ଗ ପ୍ରଫେସନାଲ ସ୍ରିଷ୍ଟି ସିଂହ, ସସ୍ମିତା ମଲ୍ଲିକ ବିପିସି ଭାପୁର, ରଞ୍ଜିତାରାଣୀ ପଟ୍ଟନାୟକ ଭାପୁର ବିପିଏମ, ବିଏଲସି ଓଏଲଏମ ରେଣୁବାଳା ସାହୁ, ଅସ୍ମିତା ଜ୍ୟୋତି ଓ ସ୍ୱରାଜ ପ୍ରଧାନ ବିଏଲସି ଭାପୁର ଓ ମସିହା କୁନ ଯୋଗ ଦେଇଥିଲେ। ବ୍ଲକରେ ବର୍ତ୍ତମାନ ଥିବା ୧୬ ଶହ ସ୍ୱୟଂ ସହାୟକ ଗୋଷ୍ଠୀ ଗୁଡିକରେ ସମ୍ପୃକ୍ତ ଥିବା ୧୬ ହଜାର ମହିଳା ଏବେ ପରିବାର ପାଇଁ ବୋଝ ନହୋଇ ପରିବାରର ଆର୍ଥିକ ସହଯୋଗୀ ହୋଇପାରିଛନ୍ତି। ୨୨



ବର୍ଷ ପୂର୍ବେ ଆରମ୍ଭ ହୋଇଥିବା ମିଶନଶକ୍ତି ଯୋଜନା ଏବେ ଏକ ମହାଦ୍ରୁମରେ ପରିଣତ ହୋଇ ସବୁଠାରୁ ବଡ ବିଭାଗରେ ପରିଣତ ହୋଇଛି। ମିଶନଶକ୍ତି ବିଭାଗ ଏବେ ରାଜ୍ୟ ସରକାରଙ୍କ ୨୩ ବିଭାଗ ସହଭାଗୀତାରେ ମହିଳାଙ୍କ ବିକାଶ ପାଇଁ ଅହରହ କାର୍ଯ୍ୟ କରୁଛି।

ଖଣ୍ଡପଡ଼ା : ଖଣ୍ଡପଡ଼ା ପଞ୍ଚାୟତ ସମିତି ସଭାଗୃହରେ ମଙ୍ଗଳବାର ପୂର୍ବାହ୍ନରେ ଖଣ୍ଡପଡ଼ା ବ୍ଲକ ମିଶନ ଶକ୍ତି ପକ୍ଷରୁ ବୈଠକ ଅନୁଷ୍ଠିତ ହୋଇଥିଲା। ଉକ୍ତ ବୈଠକରେ ରାଜ୍ୟ ସରକାରଙ୍କ ମିଶନ ଶକ୍ତି ଉପଦେଷ୍ଟା ଡ଼. ଲୋପାମୁଦ୍ରା ବକ୍ସିପାତ୍ର ମୁଖ୍ୟ ଅତିଥୀ ଭାବେ ଯୋଗ ଦେବା ପରେ ବ୍ଲକ ପ୍ରଶାସନ ପକ୍ଷରୁ ପୁଷ୍ପଗୁଚ୍ଛ ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା। ବିଡିଓ ଅଙ୍କୁର ଅଭିଳାଷଙ୍କ ଅଧ୍ୟକ୍ଷତାରେ ଆୟୋଜିତ କାର୍ଯ୍ୟକ୍ରମରେ ବିଭିନ୍ନ ପଞ୍ଚାୟତରୁ ଆସିଥିବା ଏସଏଚଜି ସଦସ୍ୟା, ବିଏଲଏଫ ଇସି ସଦସ୍ୟା, ଜିପିଏଲ ଇସି ସଦସ୍ୟା ମାନଙ୍କ ସହିତ ମିଶନଶକ୍ତିର ଉପକାରିତା ଓ ରାଜ୍ୟ ସରକାରଙ୍କ ବିଭିନ୍ନ ଯୋଜନା ବାବଦରେ ଆଲୋଚନା କରିଥିଲେ। ବିକଶିତ ଓଡ଼ିଶା ଓ ନବୀନ ଓଡ଼ିଶା ଗଠନ ପାଇଁ ମହିଳାଙ୍କ ବଳିଷ୍ଠ ଭୂମିକା ସର୍ବାଗେ ଥିବା ଶ୍ରୀମତୀ ବକ୍ସିପାତ୍ର କହିଥିଲେ। ସେମାନେ କିଭଳି ମୁଖ୍ୟସ୍ରୋତରେ ସାମିଲ ହୋଇ ନିଜେ ସ୍ୱାବଲମ୍ବୀ ହୋଇ ଆ।ନିର୍ଭରଶୀଳ ହେବେ, ମିଶନଶକ୍ତି ସହାୟତା ଯୋଗାଇ ଦିଆଯାଉଥିବା, ଲକ୍ଷାଧିକ ଟଙ୍କାର ବ୍ୟାଙ୍କ ଋଣ ଗ୍ରହଣ କରି ବିନା ସୁଧରେ ପରିଶୋଧ କରିବା, ଲୋକେ ବ୍ୟବହାର କରୁଥିବା ଖାଇବା ସାମଗ୍ରୀ ଓ ପରିଧାନ କରୁଥିବା ପୋଷାକର ଯୋଜନା ଆଦି ସହ ମହିଳାଙ୍କ ପାଇଁ ମିଶନଶକ୍ତି ମାଧ୍ୟମରେ ସରକାରଙ୍କ ପକ୍ଷରୁ ଯୋଗାଇ ଦିଆଯାଉଥିବା ସମସ୍ତ ସହାୟତା ବିଷୟରେ ସେ ଆଲୋଚନା କରିଥିଲେ। କାର୍ଯ୍ୟକ୍ରମରେ ବ୍ଲକ ମିଶନଶକ୍ତି ଅଧିକାରୀ ସୌମ୍ୟ ଶାଶ୍ୱତ ମିଶ୍ର ଓ ରଞ୍ଜିତା ରାଣୀ ପଟ୍ଟନାୟକ ଯୋଗଦେଇ ସକ୍ରିୟ ସହଯୋଗ କରିଥିଲେ। ବୈଠକ ଶେଷ ହେବା ପରେ ବନମାଳିପୁର ପଞ୍ଚାୟତର ମା'ମହାମାୟୀ ସ୍ୱୟଂ ସହାୟକ ଗୋଷ୍ଠୀ ଦ୍ୱାରା ପ୍ରସ୍ତୁତ ହେଉଥିବା ସ୍ୱତନ୍ତ୍ର ବିରି ବଡ଼ି ଦେଖିବା ପାଇଁ ଡ଼. ଶ୍ରୀମତୀ ବକ୍ସିପାତ୍ର ଗସ୍ତ କରିଥିବା ସୂଚନା ମିଳିଛି।

# ପୂର୍ବ ଶତ୍ରୁତାରୁ ଆକ୍ରମଣ: ବାପ-ପୁଅ ଗିରଫ

**ନିରାକାରପୁର, ୨୦।୨(ସମିସ):** ଖୋର୍ଦ୍ଧା ଜିଲ୍ଲା ନିରାକାରପୁର ଥାନା ଅନ୍ତର୍ଗତ ବଡ଼ପୋଖରୀଆ ଗ୍ରାମରେ ପୂର୍ବ ଶତ୍ରୁତାକୁ କେନ୍ଦ୍ରକରି ଜଣକୁ ଆକ୍ରମଣ କରି ବାପପୁଅ ଗିରଫ ହୋଇଥିବା ଜଣାପଡ଼ିଛି। ସୂଚନାଯୋଗ୍ୟ କି ଉକ୍ତ ଗ୍ରାମର ନୀଳକଣ୍ଠ ମାର୍ଥା ଓ କପିଳା ମାର୍ଥା ଙ୍କ ମଧ୍ୟରେ ପୂର୍ବରୁ ଶତ୍ରୁତା ରହିଥିଲା। କୌଣସି କାରଣରୁ ଗତ କାଲି ନୀଳକଣ୍ଠ ମାର୍ଥା ଓ ତାଙ୍କ ପୁତ୍ର ପ୍ରକାଶ ମାର୍ଥା ଉଭୟ ମିଶି କପିଳା ମାର୍ଥା କୁ ଆକ୍ରମଣ କରିବାରୁ କପିଳାଙ୍କ ମୁହଁରେ ଗଭୀର ଆଘାତ ଲାଗିଛି।ମଙ୍ଗଳବାର ଏସଆଇ ଦିପାଲିସା ନାୟକ ଉଭୟ ନୀଳକଣ୍ଠ ମାର୍ଥା ଓ ପ୍ରକାଶ ମାର୍ଥାଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛନ୍ତି।



# ବାଲି ବୋଝେଇ ଟ୍ରାକ୍ଟର ଜବତ

**ନିରାକାରପୁର, ୨୦।୨(ସମିସ):** ଖୋର୍ଦ୍ଧା ଜିଲ୍ଲା ନିରାକାରପୁର ଥାନା ଅନ୍ତର୍ଗତ ରାମେଶ୍ୱର ମଲାଗୁଣୀ ନଦୀରୁ ବେଆଇନ ବାଲି ଉଠାଣ କରୁଥିବାବେଳେ ବାଲି ବୋଝେଇ ଟ୍ରାକ୍ଟର ନଂ ଓଡି ୦୨ଏ ଏଚ ୬୪୩୭ କୁ ପୁଲିସ ଜବତ କରିଛି। ଏହି ଜବତ ଗାଡି ଠାରୁ ୨୦ ହଜାର ଟଙ୍କା ଜରିମାନା ହୋଇଥିବା ଏସ ଆଇ ଦିପାଲୀସା ନାୟକ ଜଣାଇଛନ୍ତି।



# ବିପୁଳ ମଦ ଓ ପୋଚ ଜବତ, ଜଣେ ଗିରଫ

**ବେଗୁନିଆ, ୨୦।୨(ସମିସ):** ଖୋର୍ଦ୍ଧା ଜିଲ୍ଲା ଓ ବେଗୁନିଆ ଅବକାରୀ ବିଭାଗ ପକ୍ଷରୁ ମିଳିତ ଭାବେ ଚଢଉଚରାଯାଇ ବିପୁଳ ପରିମାଣର ମଦ ଓ ପୋଚ ଜବତ କରିଥିବା ବେଳେ ଜଣେ ଅଭିଯୁକ୍ତକୁ ଗିରଫ କରିଛି। ବେଗୁନିଆ ଅବକାରୀ ଥାନା ଏନ ଜାଗିନ ରାଓଙ୍କ ସୂଚନା ମୁତାବକ ସୋମବାର ଦିନ ଭୀମପଡ଼ା ଗ୍ରାମର ମନୋଜ ଦାସ ଓ ଡାଳତୋଳା ଗ୍ରାମର ଗଦାଧର ସ୍ୱାଇଁଙ୍କ ଠାରୁ ୧୭୩ ଲିଟର ଦେଶୀ ମଦ ଓ ୧୨ଶହ କେଜି ପୋଚ ଜବତ କରିଛି। ସେହିପରି ମଙ୍ଗଳବାର ଦିନ ରାସୋଳ ଗ୍ରାମର ରଜନୀକାନ୍ତ ପାଇକରାୟ ନିକଟସ୍ଥ ପାହାଡ ତଳେ ଥିବା ଜଙ୍ଗଲରେ ଦେଶୀ ମଦ ପ୍ରସ୍ତୁତ ହେଉଥିବାର ଖବର ପାଇ ପୁଲିସ ପହଞ୍ଚି ୭୭୦ ଲିଟର ଦେଶୀ ମଦ ଜବତ କରିଥିବା ବେଳେ ଅଭିଯୁକ୍ତ ଜଣକ ଫେରାର ହୋଇ ଯାଇଥିଲା। ଏଥିରେ ତାଙ୍କ ନାମରେ ଗିରଫ ବିହୀନ ପରୱାନା ଜାରୀ କରିଛି। ମଙ୍ଗଳବାର ଦିନ ଶଗଡ଼ଭଙ୍ଗା ଗ୍ରାମର କେନାଲ ନିକଟରୁ ୧୨ ଶହ କେଜି ପୋଚ୍ ଓ ୮୦ ଲିଟର ଦେଶୀ ମଦ ଜବତ କରିଛି। ଖୋର୍ଦ୍ଧା ଜିଲ୍ଲା ଅବକାରୀ ବିଭାଗ ପକ୍ଷରୁ ଶଗଡ଼ଭଙ୍ଗା ଗ୍ରାମର ୧୮ ଶହ କେଜି ପୋଚ ଓ ୧୪୦ଲିଟର ଦେଶୀ ମଦ ଜବତ କରିଛି। ଏପରିକି ବିଭିନ୍ନ ସ୍ଥାନରେ ମିଳିତ ଭାବେ ଚଢଉ କରି ୩ ହଜାର କେଜି ପୋଚ ୯୯୦ଲିଟର ଦେଶୀ ମଦ ଜବତ କରିଛି।



# ମାଟ୍ରିକ୍ ପରୀକ୍ଷା; ପ୍ରଥମ ଦିନରେ ୩୭୫ ଅନୁପସ୍ଥିତ

**ଖୋର୍ଦ୍ଧା, ୨୦।୨(ସମିସ):** ମାଧ୍ୟମିକ ଶିକ୍ଷା ପରିଷଦ(ବୋର୍ଡ) ଦ୍ୱାରା ପରିଚାଳିତ ଦଶମ ବାର୍ଷିକ ସାର୍ଟିଫିକେଟ ପରୀକ୍ଷା ମଙ୍ଗଳବାର ଠାରୁ ଆରମ୍ଭ ହୋଇଛି। ଏହାର ଆସନ୍ତା ମାର୍ଚ୍ଚ ୪ତାରିଖ ପର୍ଯ୍ୟନ୍ତ ଚାଲିବ। ପ୍ରଥମ ଦିନରେ ମାତୃଭାଷା ପରୀକ୍ଷା ରହିଥିଲା। ଚଳିତ ଥର ଦେଢ ଘଣ୍ଟା ପୂର୍ବରୁ ପିଲା ମାନେ ପରୀକ୍ଷା କେନ୍ଦ୍ରରେ ପହଞ୍ଚିଥିଲେ। ସକାଳ ୭.୩୦ମିନିଟରେ କେନ୍ଦ୍ରରେ ପହଞ୍ଚିଥିବା ବେଳେ ସାଢେ ୮ଟାରେ ପ୍ରଶ୍ନପତ୍ର ଦିଆଯାଇଥିଲା। ସକାଳ ୯ଟା ଠାରୁ ପରୀକ୍ଷା ଆରମ୍ଭ ହୋଇ ୧୧ଟାରେ ସରିଥିଲା। ଜିଲାର ୧୩୪ଟି କେନ୍ଦ୍ରରେ ପରୀକ୍ଷା ଅନୁଷ୍ଠିତ ହେଉଛି। ଜିଲା ଶିକ୍ଷା ବିଭାଗ ସୂଚନା ଅନୁସାରେ ୨୮୪୨୧ ଛାତ୍ରୀଛାତ୍ର ପରୀକ୍ଷା ନାମ ପଞ୍ଜିକରଣ କରିଥିବା ବେଳେ ପ୍ରଥମ ଦିନରେ ୨୮୦୯୧ଜଣ ପରୀକ୍ଷା ଦେଇଥିଲେ। ୩୩୦ଜଣ ଅନୁପସ୍ଥିତ ରହିଥିଲେ। ରାଜ୍ୟ ମୁକ୍ତ ବିଦ୍ୟାଳୟରେ ୧୯୫ଙ୍କ ମଧ୍ୟରୁ ୧୫୦ଜଣ ପରୀକ୍ଷା ଦେଇଥିବା ବେଳେ ୪୫ଜଣ ଅନୁପସ୍ଥିତ ରହିଥିବା ଜଣାପଡ଼ିଛି। ପ୍ରଥମ ଦିନରେ ଏତେ ସଂଖ୍ୟକ ପିଲାଙ୍କ ଅନୁପସ୍ଥିତିକୁ ନେଇ ବୁଦ୍ଧିଜୀବୀ, ଶିକ୍ଷାବିତ ମାନେ ଚିନ୍ତା ପ୍ରକଟ କରିଛନ୍ତି। ଚଳିତବର୍ଷ ସମସ୍ତ ପରୀକ୍ଷା କେନ୍ଦ୍ରରେ ସିସିଟିଭି ସର୍ଭେଲାନ୍ସରେ ରହିଥିବା ବେଳେ କପି ରୋକିବା ପାଇ ତ୍ରୀସ୍ତରୀୟ ବ୍ୟବସ୍ଥା କରାଯାଇଛି। ପୁଲିସ ପକ୍ଷରୁ କଡା ସୁରକ୍ଷା ବ୍ୟବସ୍ଥା କରାଯାଇଛି।

## ଜେଲ୍ ଭିତରେ ବ୍ରାଉନସୁଗର୍ ନେଟୱାର୍କ

# ୨୬ ଲକ୍ଷର ବ୍ରାଉନସୁଗର୍ ଜବତ, ମହିଳାଙ୍କ ସମେତ ୬ ଗିରଫ

**ଖୋର୍ଦ୍ଧା, ୨୦।୨(ସମିସ)**

ଖୋର୍ଦ୍ଧା ଜେଲ ଭିତରେ ଚାଲିଛି ବ୍ରାଉନସୁଗର ନେଟୱାର୍କ।୨୬ଲକ୍ଷ ଟଙ୍କା ବ୍ରାଉନସୁଗର ଜବତ ସହ ଜଣେ ମହିଳାଙ୍କ ସମେତ ୬ଜଣଙ୍କୁ ଗିରଫ କରିଛି ଖୋର୍ଦ୍ଧା ପୁଲିସ। ଗିରଫ ପରେ ଏଭଳି ସାଂଘାତିକ ତଥ୍ୟ ପଦାକୁ ଆସିଛି। ମଙ୍ଗଳବାର ଜିଲ୍ଲା ପୁଲିସ ମୁଖ୍ୟାଳୟରେ ଆୟୋଜିତ ଖବରଦାତା ସମ୍ମିଳନୀରେ ଏନେଇ ସୂଚନା ଦେଇଛନ୍ତି ଏସ୍‌ପି ସିଦ୍ଧାର୍ଥ କଟାରିଆ। ଏସପିଙ୍କ ସୂଚନା ପ୍ରକାରେ ଜେଲ ଅଧିକ୍ଷକଙ୍କ ରିପୋର୍ଟ ଆଧାର କରି ଅଭିଯୁକ୍ତଙ୍କୁ ଗିରଫ କରାଯାଇଛି। ଗିରଫ ଅଭିଯୁକ୍ତ ହେଲେ ଏହି ଥାନା ଅନ୍ତର୍ଗତ ଭାଲିଆବାଡିର ଲକ୍ଷ୍ମୀଧର ସାହୁ ଓରଫ ଲକି(୩୦), ନୟାଗଡ଼ ରଣପୁର ଥାନା ବାମଣ୍ଡାର ଏସକେ ଜାଫର ଓଫ ବାବୁ(୨୯) ସେ ଗୁରୁଜଙ୍ଗରେ ଭଡା ସୂତ୍ରରେ ରହୁଥିଲେ। ଗୁରୁଜଙ୍ଗ ଟାଙ୍ଗି ସାହିର ଅଭିଜିତ ସାମନ୍ତରାୟ(୨୬), ଶିଶୁପାଳ ଥାନା ମୁକୁନ୍ଦପ୍ରସାଦର ସୁରଜ ଦଳବେହେରା ଓରଫ ସୋନୁ(୨୨), ଉପରସାହିର ତାପସ ସ୍ୱାଇଁ ଓରଫ ନାଲି(୩୪) ଏବଂ ଏମାନଙ୍କ ତଥ୍ୟ ଆଧାରରେ ପୋଲିସ ଭାଲିଆବାଡିର ସସ୍ମିତା ପ୍ରଧାନଙ୍କୁ ପୋଲିସ ଗିରଫ କରି କୋର୍ଟ ଚାଲାଣ କରିଛି। ଜାମିନ ନାମଞ୍ଜୁର ହେବାରୁ ଏମାନଙ୍କୁ ଜେଲ ହାଜତକୁ ପଠାଇ ଦିଆଯାଇଛି। ଏନେଇ ଏନଡିପିଏସ ଆକ୍ଟ ୨୧(ସି)/୨୯ରେ ଏକ ମାମଲା(ନଂ୮୪/୨୪)ରୁଜୁ କରିଛି। ଏମାନଙ୍କ ଠାରୁ ଧଳାରଙ୍ଗ ସ୍କୁଟି(ନଂ ଓଡି୩୩ ଏବି-୯୭୭୩) ଏବଂ ୫ଟି ମୋବାଇଲ ଜବତ କରିଛି ପୋଲିସ।

ସୋମବାର ଗୁରୁଜଙ୍ଗ ମେଲଣ ପଡ଼ିଆରେ ବ୍ରାଉନସୁଗର ଡିଲ ଚାଲିଥିବା ବେଳେ ଖବରପାଇ ପାଇଥିଲା ପୋଲିସ। ଏସପିଙ୍କ ନିର୍ଦ୍ଦେଶ କ୍ରମେ ଏସ୍‌ଡିପିଓ ଦିଲୀପ ଦାସ, ଥାନାଧିକାରୀ ସଞ୍ଜୟ ନାୟକ, ଏସଆଇ ଏସ ପାଣିଗ୍ରାହୀ, ଏଏସଆଇ ଏସକେ ସାହୁ, ହାବିଲଦାର ଅଭିରାମ ସାମନ୍ତରାୟ, କନଷ୍ଟେବଲ ପିକେ ହରିଚନ୍ଦନ, ଏ ଏମ ଖାନ, ଏସ ବରାଳ ପ୍ରମୁଖଙ୍କୁ ନେଇ ଗଠିତ ସ୍ୱତନ୍ତ୍ର ଟିମ ଚଢଉ କରିଥିଲା। ସ୍କୁଟି ଭିତରେ ବ୍ରାଉନସୁଗାର ଡିଲ ଚାଲିଥିବା ବେଳେ ମାଡି ବସିଥିଲା ଟିମ। ସେମାନଙ୍କ ଠାରୁ ବ୍ରାଉନସୁଗାର ଜବତ କରିଥିଲା। ଏମାନଙ୍କ ଠାରୁ ତଥ୍ୟ ଆଧାରରେ ସସ୍ମିତା ପ୍ରଧାନଙ୍କୁ ଗିରଫ କରାଯାଇଛି। ସ୍ଥାବର, ଅସ୍ଥାବର ସମ୍ପତି ଜଣେ ଡିଏସପି ପାହ୍ୟା ଅଫିସରଙ୍କ ଜରିଆରେ କରାଯାଉଛି। ଏନଡିପିଏସ ମାଧ୍ୟମରେ ଏହି ସମ୍ପତି ଗଛିତ କରିଥିବା ଧରାପଡ଼ିଲେ, ଏହାକୁ ବାଜ୍ୟାପ୍ତ କରାଯିବ। ଗିରଫ ଅଭିଯୁକ୍ତ ମାନଙ୍କ ଗତିବିଧି ଉପରେ ନଜର ରଖାଯାଉଛି। ନିଶା କାରବାରକୁ ରୋକିବା ପାଇଁ ଖୋର୍ଦ୍ଧା ପୋଲିସ ପକ୍ଷରୁ ଚାଲିଥିବା ସ୍ୱତନ୍ତ୍ର ଡ୍ରାଇଭକୁ ବଡ ସଫଳତା ମଧ୍ୟ ମିଳିଛି। ୨୦୨୦ରେ ୧୮ଟି ଏନଡିପିଏସ କେଶ ହୋଇଥିବା ବେଳେ ୨ଶହଗ୍ରାମ, ୨୦୨୧ରେ ୨୧ଟି କେଶରେ ୫ଶହ, ୨୦୨୨ରେ ୩୭ କେଶରେ ୧.୬କେଜି, ୨୦୨୩ରେ ୨କେଜି ବ୍ରାଉନସୁଗାର, ଏବଂ ୨୦୨୪ରେ ବର୍ତମାନ ସୁଦ୍ଧା ୩ଟି କେଶ ହୋଇଥିବା ବେଳେ ୨୯୧ ଗ୍ରାମ ବ୍ରାଉନସୁଗର ଜବତ କରାଯାଇଥିବା ବେଳେ ୮ଜଣ ପୁରୁଷଙ୍କୁ ଗିରଫ କରାଯାଇଥିବା ଏସପି ସୂଚନା ଦେଇଛନ୍ତି।



- **ଜେଲ୍ ଭିତରକୁ ମୋବାଇଲ, ଖୋଲତାଡ଼ ସହ ସିସିଟିଭି ଯାଞ୍ଚ ହେବ**
- **ରିମାଣ୍ଡରେ ଆସିବେ ୨ ଡ୍ରଗ୍‌ସ ମାଫିଆ ଅନ୍ତେବାସୀ**

ଜେଲ ଭିତରେ ମୋବାଇଲ ଅପରେଟିଂ କରୁଥିବା ଦୁଇ ଅଭିଯୁକ୍ତଙ୍କୁ ରିମାଣ୍ଡରେ ଅଣାଯାଇ ଅଧିକ ପଚରାଉଚୁରା କରାଯିବ। ଏମାନଙ୍କ ସହ ଆଉ କେଉଁମାନଙ୍କ ସମ୍ପୃକ୍ତି ରହିଛି, ତାହାର ଖୋଲତାଡ କରାଯିବ। ଜେଲ ଭିତରକୁ ମୋବାଇଲ କିପରି ଯାଉଛି, ଏ ସମ୍ପର୍କରେ ଜେଲ ଅଧିକ୍ଷକଙ୍କ ସହ ଆଲୋଚନା ସହ ସିସିଟିଭ ଯାଞ୍ଚ କରାଯିବ। ଏସ୍‌ପି ଶ୍ରୀ କଟାରିଆ କହିଛନ୍ତି ଖୋର୍ଦ୍ଧାକୁ ନିଶା ମୁକ୍ତି ଲାଗି ୨୦୨୨ ଠାରୁ ସ୍ୱତନ୍ତ୍ର ଡ୍ରାଇଭ ଚାଲିଛି। ଗିରଫ ଅଭିଯୁକ୍ତ

# ଅଗ୍ନିକାଣ୍ଡରେ ଜଳିଗଲା ଚାରି ବଖରା

**ବାଣପୁର, ୨୦।୨(ସମିସ):**ବାଣପୁର ଥାନା ଅନ୍ତର୍ଗତ ନନ୍ଦପୁର ପଞ୍ଚାୟତ ଅନ୍ତର୍ଗତ ଅନ୍ତରକିଆରୀ ଗ୍ରାମରେ ନିଆଁ ଲାଗି ଯାଇ ଥିବା ବେଳେ ଅଗ୍ନିଶମ ବାହିନୀ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ। ଅଗ୍ନିକାଣ୍ଡରେ ଗୋଟିଏ ପରିବାରର ୪ ବଖରା ସହ ଘରେ ଥିବା ଲକ୍ଷାଧିକ ଟଙ୍କାର ସୁନା ଅଳଙ୍କାର, ଆସବାବ ପତ୍ର ଓ ଜରୁରୀ କାଗଜାତ୍ ପୋଡ଼ି ପାଉଁଶ ହୋଇ ଯାଇଛି।ସୂଚନା ମୁତାବକ ଅନ୍ତରକିଆରୀ ଗ୍ରାମର ସୁକାନ୍ତ ବରାଳଙ୍କ ଘରେ ପୂଜା କରୁଥିବା ସମୟରେ ଦୀପ ସଳିତାରୁ ନିଆଁ ଲାଗି ଯାଇ ସୁକାନ୍ତଙ୍କ ଚାରି ବଖରା ପୋଡ଼ି ପାଉଁଶ ହୋଇ ଯାଇ ଥିବା ପରିବାର ଲୋକେ କହିଛନ୍ତି। ଖବର ପାଇ ବାଣପୁର ଅଗ୍ନିଶମ ବାହିନୀର କର୍ମଚାରୀ ପହଞ୍ଚି ଦୀର୍ଘ ସମୟର ପ୍ରଚେଷ୍ଟା ପରେ ଯାଇ ନିଆଁ ଆୟତ୍ତ ହୋଇ ପାରିଥିଲା। ସୁକାନ୍ତ ଜଣେ ଦିନ ମଜୁରିଆ ତଥା ଅତ୍ୟନ୍ତ ଗରିବ ଶ୍ରେଣୀର ହୋଇ ଥିବା ବେଳେ ଅଗ୍ନିକାଣ୍ଡରେ ସବୁ କିଛି ନଷ୍ଟ ହୋଇ ଯାଇଥିବାରୁ ସେମାନଙ୍କୁ ସରକାରୀ ସାହାଯ୍ୟ ଯୋଗାଇ ଦେବା ପାଇଁ ପରିବାର ଲୋକେ ନିବେଦନ କରିଛନ୍ତି। ତେବେ ବର୍ତ୍ତମାନ ସୁକାନ୍ତଙ୍କ ପରିବାର ଲୋକେ ଗ୍ରାମ ସ୍କୁଲରେ ଆଶ୍ରୟ ନେଇଛନ୍ତି। ସୂଚନା ପାଇ ବାଣପୁର ଅତିରିକ୍ତ ତହସିଲଦାର ସାହୀନ ନାଜ, ଆରଆଇ ଜୟଦେବ ନାୟକ ପ୍ରମୁଖ ପହଞ୍ଚି ଅଗ୍ନିକାଣ୍ଡର କ୍ଷୟକ୍ଷତିର ତଦାରଖ କରିବା ସହ ସରକାରୀ ସହାୟତା ଯୋଗାଇ ଦେବାକୁ ପ୍ରତିଶ୍ରୁତି ଦେଇଥିବା ସୂଚନା ମିଳିଛି।

# ରେଳଧାରଣାରୁ ମୃତଦେହ ଉଦ୍ଧାର

**ବାଲୁଗାଁ, ୨୦।୨ (ସମିସ) :** ଖୋର୍ଦ୍ଧା ରୋଡ ରେଳ ଡିଭିଜନ ଅଧିନ ଗଙ୍ଗାଧରପୁର ରେଳ ଷ୍ଟେସନ ନିକଟସ୍ଥ ରେଳ ଧରଣରୁ ରେଳବାଇ ପୁଲିସ ଜଣେ ଅଜଣା ବ୍ୟକ୍ତିଙ୍କ ମୃତଦେହ ଉଦ୍ଧାର କରିଛି। ମୃତ ବ୍ୟକ୍ତିଙ୍କ ବୟସ ୪୦ ବର୍ଷ ହୋଇଥିବା ନେଇ ଅନୁମାନ କରାଯାଉଥିବା ବେଳେ ବ୍ୟକ୍ତି ଜଣକ ଏକ ନାଲି ରଙ୍ଗର ଟି-ସାର୍ଟ ଓ ଜିନ୍ସ ପ୍ୟାଣ୍ଟ ପିନ୍ଧି ଥିବାର ଦେଖିବାକୁ ମିଳିଛି। ଗଙ୍ଗାଧରପୁର ରେଳ ଷ୍ଟେସନ ନିକଟ ରେଳଧରଣରେ ଜଣେ ଅଜଣା ବ୍ୟକ୍ତିଙ୍କ ମୃତ ଦେହ ପଡ଼ି ଥିବାର କିଛି ସ୍ଥାନୀୟ ଲୋକେ ଦେଖି ବାଲୁଗାଁ ରେଳବାଇ ପୁଲିସକୁ ସୂଚନା ଦେଇ ଥିଲେ। ଖବର ପାଇ ନିରାକାରପୁର ଜିଆରପି ପହଞ୍ଚି ମୃତ ଦେହ ଜବତ କରି ରେଳବାଇ ପୁଲିସ କେସ ନମ୍ବର ୧୨/୨୪ ରେ ଅପମୃତ୍ୟୁ ମାମଲା ରୁଜୁ କରି ଶବ ବ୍ୟବଚ୍ଛେଦ ନିମନ୍ତେ ପଠାଇ ତଦନ୍ତ ଜାରି ରଖିଛନ୍ତି।

# ଟ୍ରେନ୍ ଧକ୍କାରେ ଜଣେ ଗୁରୁତର

**ବାଲୁଗାଁ, ୨୦।୨ (ସମିସ):** ଖୋର୍ଦ୍ଧା ରେଳ ଡିଭିଜନ ଅନ୍ତର୍ଗତ ବାଲୁଗାଁ ନିକଟସ୍ଥ ଆଙ୍କୁଲା ପଞ୍ଚାୟତର ପାଇକକୁଷଡିହ ରେଳ ଫାଟକର ଅନତି ଦୂରରେ ଟ୍ରେନ ଦୁର୍ଘଟଣାରେ ଜଣେ ଯୁବକ ଗୁରୁତର ହୋଇଛନ୍ତି। ଦୁର୍ଘଟଣାରେ ଯୁବକଙ୍କ ବାମ ହାତଟି ସମ୍ପୂର୍ଣ୍ଣ କଟିଯାଇଛି। ଗୁରୁତର ଯୁବକ ଜଣଙ୍କ ଆଙ୍କୁଲାଚଟି ବାଉରୀସାହିର ଦେବ ନାୟକଙ୍କ ପୁଅ ବିଦେଶୀ ନାୟକ। ବିଦେଶୀ ସକାଳୁ ଅସାବଧନତା ବସତଃ ରେଳ ଲାଇନ ପାର ହେଉଥିବା ସମୟରେ ଟ୍ରେନ୍ ତାଙ୍କୁ ଧକ୍କା ଦେଇଥିଲା। ଫଳରେ ବିଦେଶୀ ଛିଟିକି ରେଳ ଧାରଣା କଡ଼ରେ ପଡ଼ି ଥିବା ବେଳେ ତାଙ୍କ ବାମ ପାର୍ଶ୍ୱ ହାତ ସମ୍ପୂର୍ଣ୍ଣ କଟି ଯାଇ ଗୁରୁତର ହୋଇଥିଲେ। ତେବେ ଜୀବନ ବଞ୍ଚାଇବାକୁ ଯାଇ ବିଦେଶୀ ଯନ୍ତ୍ରଣାରେ କଟାହାତ ସହ ଦୁର୍ଘଟଣାସ୍ଥଳରୁ ନିକଟସ୍ଥ ପାଇକକୁଷଡିହ ଗ୍ରାମକୁ ଯାଇ ରାସ୍ତା ଉପରେ ପଡ଼ି ଛଟପଟ ହେଉଥିଲେ। ଗ୍ରାମର କିଛି ଲୋକ ଦେଖି ଚିକିତ୍ସା ନିମନ୍ତେ ୧୦୮ ଆମ୍ବୁଲାନ୍ସ ଯୋଗେ ବାଲୁଗାଁ ଡାକ୍ତରଖାନାରେ ଭର୍ତ୍ତି କରାଇଥିଲେ। ଡାକ୍ତର ସେଠାରେ ପ୍ରାଥମିକ ଚିକିତ୍ସା କରି ଅଧିକ ଭୁବନେଶ୍ୱର ସ୍ଥାନାନ୍ତରିତ କରିଥିବା ସୂଚନା ମିଳିଛି।

- **ଧାରୁଆ ଛୁରୀରେ ଯୁବକଙ୍କ ହାତ କାଟି ହତ୍ୟା !**

# ଦୁଇଜଣଙ୍କୁ ଅଟକ ରଖି ପଚରାଉଚରା

**ଜଟଣୀ, ୨୦।୨(ସମିସ):**ଜଟଣୀ ଥାନା ବୁଢାପଡ଼ା ଗାଁରେ ଘଟିଛି ବିଭତ୍ସ ହତ୍ୟାକାଣ୍ଡ। ଯୁବକଙ୍କ ହାତକୁ ଧାରୁଆ ଛୁରୀରେ କାଟି ହତ୍ୟା କରିଛନ୍ତି ଦୁର୍ବୃତ୍ତ। ମୃତ ଯୁବକ ବୁଢାପଡ଼ା ଗାଁର ରତ୍ନାକର ଭୋଇ ଓରଫ ଦୁଃଖିଆ। ସୂଚନା ମୁତାବକ ସୋମବାର ରାତି ୯ଟା ସମୟରେ ବୁଢାପଡ଼ା ମଙ୍ଗଳା ମନ୍ଦିର ନିକଟରେ ରାସ୍ତା ଉପରେ ଦୁଃଖିଆ ଚେତାଶୂନ୍ୟ ପଡ଼ିଥିବା ବେଳେ ହାତକୁ ଏକ ଧାରୁଆ ଛୁରୀରେ କଟାଯାଇଥିବା ସହ ପ୍ରଚୁର ରକ୍ତସ୍ରାବ ହେଉଥିଲା। ଏନେଇ କେତେକ ପଥଚାରୀ ଦେଖି ଦୁଃଖିଆ ପରିବାର ଲୋକଙ୍କୁ ଜଣାଇଥିଲେ। ପରିବାର ଲୋକେ ପହଞ୍ଚି ହସ୍ପିଟାଲ ନେବା ପରେ ଡାକ୍ତର ସେଠାରେ ତାଙ୍କୁ ମୃତ ଘୋଷଣା କରିଥିଲେ। ଏ ନେଇ ମୃତ ଯୁବକଙ୍କ ଭଉଣୀ ମିଲି ଗୁରୁ ଜଟଣୀ ଥାନାରେ ଅଭିଯୋଗ କରିଛନ୍ତି। ଅଭିଯୋଗ ପରେ ପୁଲିସ ଘଟଣା ସ୍ଥଳରେ ପହଞ୍ଚି ତଦନ୍ତ କରିବା ସହ ସାଇଣ୍ଟିଫିକ ଟିମ୍ ମଧ୍ୟ ଘଟଣା ସ୍ଥଳରେ ଯାଞ୍ଚ କରି ଫେରିଛନ୍ତି। ଅଭିଯୋଗ ଆଧାରରେ ଦୁଇଜଣଙ୍କୁ ଅଟକ ରଖି ଜଟଣୀ ପୁଲିସ ପଚରା ଉଚୁରା ଚଳାଇଛି। ତେବେ ଅଟକ ଦୁଇଜଣଙ୍କ ପରିଚୟକୁ ପୁଲିସ ଅସ୍ପଷ୍ଟ ରଖିଛି। ଅନ୍ୟପଟେ ମୃତ ଦୁଃଖିଆଙ୍କ ଶଶୁର ଭାଗିରଥି ଭୋଇଙ୍କ କହିବା ଅନୁସାରେ ସୋମବାର ଦିନ ୧୨ ଟା ସମୟରେ ବୁଢାପଡ଼ା ଗ୍ରାମର ତୋଫାନ ବେହେରା ଏବଂ ଲିପୁ ଦାସଙ୍କ ସହ କୌଣସି ଏକ ଘଟଣାକୁ ନେଇ ଦୁଃଖିଆ ସହ ପାଟିତୁଣ୍ଡ ହୋଇଥିଲା। ତେବେ ଏ ଘଟଣାକୁ ନେଇ ହତ୍ୟା ହୋଇଥାଇପରେ ବୋଲି କହିଛନ୍ତି। ସେପଟେ ମୃତକ ଏବଂ ଦୁଇ ଅଭିଯୁକ୍ତ ସ୍ଥାନୀୟ ମାଙ୍କଡା ପଥର ଖଣିରେ କାମ କରୁଥିବା ନେଇ ସୂଚନା ମିଳିଛି। ପୋଲିସ ଏଦିଗକୁ ମଧ୍ୟ ନଜର ଦେବାର ଆବଶ୍ୟକତା ରହିଛି ବୋଲି ଗ୍ରାମବାସୀ ପ୍ରକାଶ କରିଛନ୍ତି।

# ପରୀକ୍ଷା ଦେଲେ ୧୫୯ ଛାତ୍ରଛାତ୍ରୀ

**କୁହୁଡ଼ି, ୨୦।୨(ସମିସ):** ମଙ୍ଗଳବାର ମାଟ୍ରିକ୍ ପରୀକ୍ଷା ଆରମ୍ଭ ହୋଇଥିବା ବେଳେ ସ୍ଥାନୀୟ ଜନତା ଉଚ୍ଚ ବିଦ୍ୟାଳୟରେ ୧୬୦ ଛାତ୍ରଛାତ୍ରୀଙ୍କ ମଧ୍ୟରୁ ଜଣେ ଅନୁପସ୍ଥିତ ଥିଲେ। ଟାଙ୍ଗୀ ବଳରାମଦେବ ବିଦ୍ୟାପୀଠ ନୋଡାଲ କେନ୍ଦ୍ରରୁ ପ୍ରଶ୍ନପତ୍ର ନିର୍ଦ୍ଧାରିତ ସମୟରେ ପହଞ୍ଚିବା ପରେ ସ୍କୁଲର ପ୍ରଧାନଶିକ୍ଷକଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଶାନ୍ତି ଶୃଙ୍ଖଳାର ସହିତ ପ୍ରଥମ ଦିନ ପରୀକ୍ଷା ସମ୍ପନ୍ନ ହୋଇଥିଲା। କୁହୁଡି ଜନତା ବିଦ୍ୟାଳୟ, ଡି ଏ ଭି ଗୁରୁକୁଳ, ବିବେକାନନ୍ଦ ଶିକ୍ଷା କେନ୍ଦ୍ର, କ୍ଷେତ୍ରବାସୀ ବାଳିକା ଉଚ୍ଚ ବିଦ୍ୟାଳୟ, ଭଗବତୀ ବିଦ୍ୟାପୀଠ ସୋରଣ, ସରସ୍ୱତୀ ଶିଶୁ ମନ୍ଦିର, ଚଣ୍ଡେଶ୍ୱର, ଜୟମଙ୍ଗଳପୁର, ନରମାନବୀ, ବରଡି ଓ ତରାପି ସ୍କୁଲର ଛାତ୍ରଛାତ୍ରୀ ନିଜ ନିଜ ପରୀକ୍ଷା କେନ୍ଦ୍ରରେ ଯାଇ ପରୀକ୍ଷା ଦେଇଥିଲେ।

# ଶିକ୍ଷକଙ୍କୁ ଅବସରକାଳୀନ ବିଦାୟ ସମ୍ବର୍ଦ୍ଧନା

**ନିରାକାରପୁର, ୨୦।୨(ସମିସ):** ଖୋର୍ଦ୍ଧା ଜିଲ୍ଲା ଟାଙ୍ଗୀ ବ୍ଲକ ଜଗନ୍ନାଥପୁର ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଲକ୍ଷ୍ମୀଧର ସାହୁଙ୍କ ବିଦାୟକାଳୀନ ସମ୍ବର୍ଦ୍ଧନା ସଭା ବିଦ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଯାଇଛି। ପ୍ରଧାନ ଶିକ୍ଷୟିତ୍ରୀ ଶିଖା ପାଠକଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ମୁଖ୍ୟ ଅତିଥି ଭାବେ ଭୂଷଣ୍ଡପୁର ସରପଞ୍ଚ ସୌରଭ ଦାସ ମହାପାତ୍ର, ସମ୍ମାନିତ ଅତିଥି ଭାବେ ବାଲିପାଟପୁର ରିଫୁଜି ସରକାରୀ ଉଚ୍ଚ ବିଦ୍ୟାଳୟ ପ୍ରଧାନ ଶିକ୍ଷୟିତ୍ରୀ ମାନସୀ ପରିଡ଼ା, ଭୂଷଣ୍ଡପୁର୍ ସରକାରୀ ଉଚ୍ଚ ବିଦ୍ୟାଳୟ ପ୍ରଧାନ ଶିକ୍ଷକ ଗୋବିନ୍ଦ ଚନ୍ଦ୍ର ବେହେରା ଓ ବିଦ୍ୟାଳୟ ପରିଚାଳନା କମିଟି ସଭାପତି ଲକ୍ଷ୍ମୀପ୍ରିୟା ବେହେରା ଓ ଆଞ୍ଚଳିକ ସାଧନ କେନ୍ଦ୍ର ସଂଯୋଜକ ସପନ ସରଦାର ଓ କ୍ଲଷ୍ଟର ବିଭିନ୍ନ ବିଦ୍ୟାଳୟ ଶିକ୍ଷକଶିକ୍ଷୟିତ୍ରୀ ଯୋଗଦେଇ ଅବସରପ୍ରାପ୍ତ ଶିକ୍ଷକ ଲକ୍ଷ୍ମୀଧର ସାହୁଙ୍କ ବହୁବିଧ ଗୁଣ ଉପରେ ଆଲୋକପାତ କରିଥିଲେ। ଶିକ୍ଷକ ବିଧୂ ଭୂଷଣ ଦାଶ ମଞ୍ଚ ପରିଚାଳନା କରିଥିବାବେଳେ ଶିକ୍ଷକ ଯୁଧିଷ୍ଠିର ଜଗଦେବ ମାନପତ୍ର ପଠନ କରିବା ସହିତ ଧନ୍ୟବାଦ୍ ଅର୍ପଣ କରିଥିଲେ।

# ରାସନ କାର୍ଡ ହିତାଧିକାରୀ ପାଇଲେ ଟଙ୍କା



**ବେଗୁନିଆ, ୨୦।୨(ସମିସ):** ରାଜ୍ୟ ସରକାର ପ୍ରତି ରାସନ କାର୍ଡ ହିତାଧିକାରୀ ପିଛା ୧ ହଜାର ଟଙ୍କା ଲେଖାଏଁ ସହାୟତା ପ୍ରଦାନ କରିବା ପାଇଁ ଘୋଷଣା କରିଥିଲେ। ତେବେ ବେଗୁନିଆ ବ୍ଲକ ଅନ୍ତର୍ଗତ ରାଧାକାନ୍ତପୁର ପଞ୍ଚାୟତରେ ରାସନ କାର୍ଡ ହିତାଧିକାରୀଙ୍କୁ ବ୍ଲକ ପ୍ରଶାସନ ପକ୍ଷରୁ ପ୍ରଥମେ ୧ ହଜାର ଟଙ୍କା ଲେଖାଏଁ ସହାୟତା ପ୍ରଦାନ କରିଛନ୍ତି। ଏଥିରେ ଜିଲ୍ଲା ପରିଷଦ ଅଧ୍ୟକ୍ଷା ରୁପଶ୍ରୀ ରାଣୀ ଗୁମାନସିଂହ ସ୍ଥାନୀୟ ବିଡ଼ିଓ ଲକ୍ଷ୍ମୀଧର ସାହୁ, ବ୍ଲକ ଅଧ୍ୟକ୍ଷ ଲକ୍ଷ୍ମୀଧର ସୁବୁଦ୍ଧି ଓ ବ୍ଲକ ଅଧ୍ୟକ୍ଷା ସାବିତ୍ରୀ ମହାପାତ୍ର, ସରପଞ୍ଚ ଜୁଲିତା ଦାଶ ସମିତି ସଭ୍ୟ ମନୋରମା ସାହୁ ପ୍ରମୁଖ ଉପସ୍ଥିତ ରହିଥିଲେ। କାର୍ଯ୍ୟକ୍ରମକୁ ପଞ୍ଚାୟତ ନିର୍ବାହୀ ଅଧିକାରୀ ସୌମ୍ୟ ରଞ୍ଜନ ପ୍ରଧାନ ପରିଚାଳନା କରିଥିଲେ।

- **ସାନପଦର ଗ୍ରାମପଞ୍ଚାୟତ**

# ‘ଆମ ଓଡ଼ିଶା ନବୀନ ଓଡ଼ିଶା’ ସଚେତନତା କାର୍ଯ୍ୟକ୍ରମ



**ବୋଲଗଡ଼, ୨୦।୨(ସମିସ):**ବୋଲଗଡ଼ ବ୍ଲକ ସାନପଦର ଗ୍ରାମପଞ୍ଚାୟତରେ ‘ଆମ ଓଡ଼ିଶା ନବୀନ ଓଡ଼ିଶା’ କାର୍ଯ୍ୟକ୍ରମ ସାନପଦର ଠାର ମଙ୍ଗଳବାର ଦିନ ଅନୁଷ୍ଠିତ ହୋଇଛି। ସ୍ଥାନୀୟ ସରପଞ୍ଚ ବୈକୁଣ୍ଠ ଚରଣ ସ୍ୱାଇଁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ବୋଲଗଡ଼ ବିଡ଼ିଓ ଶରତ କୁମାର ମଲ୍ଲିକ ଯୋଗଦେଇଥିଲା ବେଳେ ପଞ୍ଚାୟତ ନିର୍ବାହୀ ଅଧିକାରୀ ରବୀନ୍ଦ୍ର କୁମାର ପରିଡ଼ା ସରକାରଙ୍କ ବିଭିନ୍ନ ଯୋଜନା ସମ୍ପର୍କରେ ବିସ୍ତୃତ ଭାବେ ଉପସ୍ଥିତ ଜନସାଧାରଣ ଙ୍କୁ କହିଥିଲେ। ସମ୍ମାନିତ ଭାବେ ବ୍ଲକ ଉପାଧ୍ୟକ୍ଷ ରମେଶଚନ୍ଦ୍ର ସାହୁ, ସ୍ଥାନୀୟ ପଞ୍ଚାୟତ ସମିତି ସଭ୍ୟ ଦିଲ୍ଲୀପ କୁମାର ମହାପାତ୍ର, ବୋଲଗଡ଼ ବ୍ଲକର ମହିଳା ସ୍ୱୟଂ ସହାୟକ ଗୋଷ୍ଠୀର ସଭାପତି ଓ ସମ୍ପାଦକ ଏବଂ ସାନପଦର ପଞ୍ଚାୟତର ମହିଳାଗୋଷ୍ଠିର ସଭାପତି ଓ ସମ୍ପାଦକ ଯୋଗଦେଇଥିବା ବେଳେ ତ୍ରିଲୋଚନ ସାହୁ କାର୍ଯ୍ୟକ୍ରମକୁ ସଂଯୋଜନା କରିଥିଲେ। ଏହି ଅବସରରେ ପଞ୍ଚାୟତ ୫ଜଣ ପ୍ରତିଭା ଯଥା ଆଗୁଆ ଚାଷୀ, ବିଶିଷ୍ଟ ଶିକ୍ଷାବିତ, ସମାଜସେବୀ, ବରିଷ୍ଠ ନାଗରିକ, ଯୁବସମାଜସେବୀ ଓ ଅଗ୍ରଣୀ ମହିଳାମାନଙ୍କୁ ସମ୍ବର୍ଦ୍ଧନା ଦିଆଯାଇଥିଲା। ଏହି କାର୍ଯ୍ୟକ୍ରମକୁ ପଞ୍ଚାୟତର ଗ୍ରାମ ରୋଜଗାର ସେବକ ଶେଖ ସଲାଉଦ୍ଧିନ ତରଫଦାର ପରିଚାଳନା କରିଥିଲେ।ବିଭିନ୍ନ ମହିଳା ଗୋଷ୍ଠୀଙ୍କ ପକ୍ଷରୁ ବିଭିନ୍ନ ପ୍ରଦର୍ଶନ ଷ୍ଟଲ ପ୍ରଦର୍ଶନ ହୋଇଥିଲା।

- **ବାଛରାଗ୍ରାମ ସରକାରୀ ପ୍ରାଥମିକ ବିଦ୍ୟାଳୟରେ ତାଲା**

# ପ୍ରଧାନଶିକ୍ଷୟିତ୍ରୀ ନିଲମ୍ବିତ

**ଜଟଣୀ, ୨୦।୨(ସମିସ)**

ଜଟଣୀ ବ୍ଲକ ଅନ୍ତର୍ଗତ ବାଛରାଗ୍ରାମ ସରକାରୀ ପ୍ରାଥମିକ ବିଦ୍ୟାଳୟରେ ମଙ୍ଗଳବାର ବିଦ୍ୟାଳୟର ଛାତ୍ରଛାତ୍ରୀମାନେ ପ୍ରଧାନଶିକ୍ଷୟତ୍ରୀଙ୍କ ନିଲମ୍ବନ ଦାବିକରି ବିଦ୍ୟାଳୟ ମୁଖ୍ୟ ଫାଟକରେ ତାଲା ପକାଇ ଆନ୍ଦୋଳନ କରିଥିବା ବେଳେ ସମ୍ପୃକ୍ତ ପ୍ରଧାନଶିକ୍ଷୟତ୍ରୀଙ୍କୁ ମଙ୍ଗଳବାର କାର୍ଯ୍ୟାଳୟ ପକ୍ଷରୁ ନିଲମ୍ବନ କରାଯାଇଥିବା ବ୍ଲକ ଶିକ୍ଷାଧିକାରୀଙ୍କ ପକ୍ଷରୁ ସୂଚନା ମିଳିଛି। ମଙ୍ଗଳବାର ଛାତ୍ରଛାତ୍ରୀମାନେ ବିଦ୍ୟାଳୟ ଆସିଥିବା ବେଳେ ପାଠ ପଢ଼ା ବନ୍ଦକରି ଧର୍ମଘଟରେ ସାମିଲ ହୋଇଥିବା ଦେଖିବାକୁ ମିଳିଥିଲା। ଅନ୍ୟପଟେ ବିଦ୍ୟାଳୟରେ ତାଲା ପକାଇବା ଘଟଣା ଯୋଜନାବଦ୍ଧ ବୋଲି ବିଦ୍ୟାଳୟର ପ୍ରଧାନଶିକ୍ଷୟତ୍ରୀ ମତବ୍ୟକ୍ତ କରିଛନ୍ତି। ସୂଚନାନୁସାରେ, ବାଛରା ସରକାରୀ ପ୍ରାଥମିକ ବିଦ୍ୟାଳୟର ଛାତ୍ରଛାତ୍ରୀମାନେ ବିଦ୍ୟାଳୟର ମୁଖ୍ୟ ଫାଟକରେ ତାଲା ପକାଇ ଧାରଣାରେ ବସିଥିଲେ। ପିଲାମାନେ ପ୍ରଧାନ ଶିକ୍ଷୟିତ୍ରୀ ଉଷାରାଣୀ ବେହେରାଙ୍କୁ ବଦଳି କରିବାଲାଗି ଜିଦ ଧରିଥିଲେ। ଯିଏ ପଚାରିଲେ ଦିଦିଙ୍କ ଅନ୍ୟତ୍ର ବଦଳି ନହେବା ପର୍ଯ୍ୟନ୍ତ ବିଦ୍ୟାଳୟ ତାଲା ଖୋଲିବେ ନାହିଁ ବୋଲି କହିଥିଲେ। କାରଣ ଆମର କୌଣସି ଦୁଷ୍ଟାମୀ ଦେଖିଲେ ଦିଦି ଆମକୁ ଅଶ୍ଳୀଳ ଭାଷାରେ ଗାଳିଗୁଲଜ କରିବା ସହିତ ଗାଡି ଚକାତଳେ ଶୋଇ ମରିଯାଅ ବୋଲି କହୁଛନ୍ତି। ତେବେ ଏନେଇ ଧାରଣାରେ ବସିଥିବା ଛାତ୍ରଛାତ୍ରୀଙ୍କ ମଧ୍ୟରୁ ସେମାନଙ୍କର କେତେଜଣ ଅଭିଭାବକ ଏହି ଘଟଣା ସମ୍ପର୍କରେ କେହି କିଛି ଜାଣିନଥିବା ଦର୍ଶାଇଛନ୍ତି।ଏନେଇ ବ୍ଲକ ଶିକ୍ଷାଧିକାରିଣୀ ରଶ୍ମିବାଳା ପରିଡ଼ା ଘଟଣାସ୍ଥଳକୁ ବ୍ଲକ ଶିକ୍ଷା ଉପଅଧିକାରିଣୀ ସବିତା ପାଣିଗ୍ରାହୀଙ୍କୁ ପଠାଇଥିଲେ। ଶ୍ରୀମତି ପାଣିଗ୍ରାହୀ ପହଁଞ୍ଚିଠିଚ ପିଲାମାନଙ୍କୁ ବୁଝାସୁଝା କରିବାପରେ ପାଠପଢ଼ା ଆରମ୍ଭ କରାଯାଇଥିଲା। ଅନ୍ୟପଟେ ୮୦ଜଣ ଛାତ୍ରଛାତ୍ରୀଙ୍କ ଅଭିଯୋଗ ସହିତ ବିଦ୍ୟାଳୟ ଉନ୍ନତିକରଣ କାର୍ଯ୍ୟ ଅର୍ଥବ୍ୟୟର ହିସାବ ନଥିବା କାରଣକୁ ନେଇ ପ୍ରଧାନଶିକ୍ଷୟିତ୍ରୀ ଉଷାରାଣୀ ବେହେରାଙ୍କୁ କାର୍ଯ୍ୟରୁ ନିଲମ୍ବନ କରାଯାଇଥିବା ବ୍ଲକ ଶିକ୍ଷାଧିକାରିଣୀ ରଶ୍ମିବାଳା ପରିଡ଼ା କହିଛନ୍ତି। ଜିଲ୍ଲା ଶିକ୍ଷାଧିକାରୀଙ୍କ ନିର୍ଦ୍ଦେଶକ୍ରମେ ନିଲମ୍ବନ କରାଯାଇଥିବା ବ୍ଲକ ଶିକ୍ଷାଧିକାରିଣୀ କହିଛନ୍ତି।




# ଚିଲିକା ବ୍ଲକରେ ୧୫୫୯; ବାଣପୁର ବ୍ଲକରେ ୨୦୬୪ ମାଟ୍ରିକ୍ ପରୀକ୍ଷାର୍ଥୀ

**ବାଲୁଗାଁ, ୨୦।୨(ସମିସ):**ମଙ୍ଗଳବାର ଠାରୁ ମାଟ୍ରିକ୍ ବୋର୍ଡ ପରୀକ୍ଷା ଆରମ୍ଭ ହୋଇଛି। ପ୍ରଥମ ଦିବସରେ ସାହିତ୍ୟ (ଓଡିଆ ଭାଷାର) ପରୀକ୍ଷା ଅନୁଷ୍ଠିତ ହୋଇଯାଇଛି। ଉକ୍ତ ପରୀକ୍ଷାରେ ଚିଲିକା ବ୍ଲକର ୯ ଟି କେନ୍ଦ୍ରରେ ମୋଟ ୧୫୫୯ ଛାତ୍ରଛାତ୍ରୀ ପରୀକ୍ଷା ଦେଉଥିବା ବେଳେ ୬ ଜଣ ଅନୁପସ୍ଥିତ ଥିବା ଜଣାଯାଇଛି। ମାଟ୍ରିକ୍ ପରୀକ୍ଷାକୁ ଶୃଙ୍ଖଳାର ସହ ପରିଚାଳନା କରାଯାଉଅଛି। ଚିଲିକା ବ୍ଲକର ବାଲୁଗାଁ ଉଚ୍ଚ ବିଦ୍ୟାଳୟକୁ ନୋଡ଼ାଲ ସେଣ୍ଟର କରାଯାଇଛି। ଏହି ନୋଡ଼ାଲ ସେଣ୍ଟର ବାଲୁଗାଁ ଉଚ୍ଚ ବିଦ୍ୟାଳୟ କେନ୍ଦ୍ରରେ ୨୧୫ ଜଣ ଛାତ୍ରଛାତ୍ରୀ ପରୀକ୍ଷାର୍ଥୀ ପରୀକ୍ଷା ଦେଉଛନ୍ତି। ଏହି ନୋଡ଼ାଲ କେନ୍ଦ୍ର ଅଧିନରେ ଚିଲିକା ନୋଡାଲ ହାଇସ୍କୁଲ ବଡ଼କୁଳ କେନ୍ଦ୍ରରେ ୨୧୩ ଜଣ, ଲକ୍ଷ୍ମୀଧର ନୋଡ଼ାଲ ହାଇସ୍କୁଲ ହରିପୁର ଶାସନ୧୫୮ ଜଣ, ଚିଲିକା ଉଚ୍ଚବିଦ୍ୟାପୀଠ ହାଟବରଡ଼ି ୧୫୯ ଜଣ, ଭଗବତୀ ବିଦ୍ୟାପୀଠ ସୋରଣ ୨ ଶହ ଜଣ, କାଳୁପଡ଼ା ଘାଟ ନୋଡାଲ ହାଇସ୍କୁଲ ୧୬୯ ଜଣ, ସାମନାଥ ନୋଡାଲ ହାଇସ୍କୁଲ ଆଙ୍କୁଲାଚଟି କେନ୍ଦ୍ରରେ ୧୨୫ ଜଣ, ଭାଲେରୀ ଉଚ୍ଚବିଦ୍ୟାଳୟ ଚାଷଙ୍ଗରା ୧୯୪ ଜଣ ଓ ଯୁଗଳ ଚରଣ ବାଳିକା ବିଦ୍ୟାପୀଠ ବାଲୁଗାଁ କେନ୍ଦ୍ରରେ ୧୨୬ ଜଣ ଛାତ୍ରଛାତ୍ରୀ ମାଟ୍ରିକ୍ ପରୀକ୍ଷା ଦେଉଛନ୍ତି। ନୋଡ଼ାଲ ସେଣ୍ଟପରିଚାଳିକା ସ୍ୱାଧିନା ମଞ୍ଜରୀ ବେହେରା ସୂଚନା ଦେଇଥିବା ବେଳେ ପରୀକ୍ଷା ସୁପରିଚାଳନା ନିମନ୍ତେ ବିଇଓ ଚିଲିକା କିଶୋରଚନ୍ଦ୍ର ଦାଶ ଓ ଏବିଇଓ ନିଳାଦ୍ରି ଭୂଷଣ ଦାଶ ତଦାରଖ କରୁଛନ୍ତି।

ସେହିପରି ବାଣପୁର ବ୍ଲକର ୮ଟି କେନ୍ଦ୍ରରେ ମୋଟ ୨୦୬୪ ଜଣ ପରୀକ୍ଷା ଦେଉଥିବା ବେଳେ ମୋଟ ୨୩ ଜଣ ଅନୁପସ୍ଥିତ ଥିବା ଜଣାଯାଇଛି। ମାଟ୍ରିକ୍ ପରୀକ୍ଷା ଶୃଙ୍ଖଳାର ସହ ପରିଚାଳନା କରାଯାଉଥିବା ବେଳେ ଗୋଦାବରୀଶ ବିଦ୍ୟାପୀଠ ବାଣପୁରକୁ ନୋଡ଼ାଲ ସେଣ୍ଟର ଭାବେ ଚିହ୍ନଟ କରାଯାଇଛି। ଏହି ନୋଡ଼ାଲ ସେଣ୍ଟର ଗୋଦାବରୀଶ ବିଦ୍ୟାପିଠ କେନ୍ଦ୍ରରେ ୧୭୭ ଜଣ ଛାତ୍ରଛାତ୍ରୀ ମାଟ୍ରିକ୍ ପରୀକ୍ଷା ଦେଉଛନ୍ତି। ନୋଡ଼ାଲ ସେଣ୍ଟର ଅଧିନରେ ବାଣପୁର ନୋଡାଲ ହାଇସ୍କୁଲ; ବାଣପୁର କେନ୍ଦ୍ରରେ ୨୪୧ ଜଣ, ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ; ବାଣପୁର କେନ୍ଦ୍ରରେ ୨୭୫ ଜଣ, ବାନାମ୍ବର ଏକାଡ଼େମୀ ଭୀମପୁର କେନ୍ଦ୍ରରେ ୨୭୭ଜଣ, ଭେଟିନାଥ ଦେବ ଉଚ୍ଚ ବିଦ୍ୟାଳୟ ଭେଟେଶ୍ୱର କେନ୍ଦ୍ରରେ ୩୮୦ ଜଣ, ପତିତପାବନ ବାଣୀମନ୍ଦିର ଗମ୍ଭାରୀମୁଣ୍ଡା କେନ୍ଦ୍ରରେ ୨୮୨ ଜଣ, ଗୋଦାବରୀଶ ଉଚ୍ଚ ବିଦ୍ୟାଳୟ ନାଚୁଣୀ କେନ୍ଦ୍ରରେ ୨୮୮ ଜଣ ଓ ଖଣନ୍ତ ଅପ୍‌ଗ୍ରେଡେଡ ହାଇସ୍କୁଲ କେନ୍ଦ୍ରରେ ୧୪୪ ଜଣ ଛାତ୍ରଛାତ୍ରୀ ମାଟ୍ରିକ୍ ପରୀକ୍ଷା ଦେଉଥିବା ଜଣାଯାଇଅଛି। ବାଣପୁର ଗୋଦାବରୀଶ ବିଦ୍ୟାପୀଠ ଓ ବାଲୁଗାଁ ଉଚ୍ଚ ବିଦ୍ୟାଳୟରେ ନୋଡ଼ାଲ କେନ୍ଦ୍ରରେ ପ୍ରଶ୍ନପତ୍ର ପହଞ୍ଚିବାପରେ କଡ଼ାସୁରକ୍ଷା ମଧ୍ୟରେ ବିଭିନ୍ନ କେନ୍ଦ୍ରକୁ ପ୍ରଶ୍ନପତ୍ର ପଠାଯାଉଥିବା ନେଇ ବାଣପୁର ବ୍ଲକ ଶିକ୍ଷା ଅଧିଠକାରୀ ସନାତନ ଜାଲିଙ୍କ ଠାରୁ ଜଣାଯାଇଅଛି।

### ମୁଦ୍ରା ବିନିମୟ ମୂଲ୍ୟ



ମୁଦ୍ରା ବିନିମୟ ମୂଲ୍ୟ (ଟଙ୍କାରେ)

- ଡଲାର ୮୩.୦୨ ● ପାଉଣ୍ଡ ୧୦୪.୧୬
- ୟୁରୋ ୮୯.୨୩ ● ୟେନ୍ ୦.୫୫

### ସୁନା, ରୁପା ଦର



୧୦ ଗ୍ରାମ ପିଛା (ଟଙ୍କାରେ)

- ସୁନା : ୫୭,୪୬୦ (ନୂଆଦିଲ୍ଲୀ)
- ରୁପା : ୭୫,୫୦୦ (କେଜି)



### ଷ୍ଟକ୍ ମାର୍କେଟ୍

ବଜାର କାରବାର (ପଏଣ୍ଟରେ)

- ସେନ୍‌ସେକ୍ସ ୭୩,୦୫୭.୦୦
- ନିଫ୍ଟି ୨୨,୧୯୬.୦୦



### ପେଟ୍ରୋଲ-ଡିଜେଲ୍

ଲିଟର ପିଛା (ଟଙ୍କାରେ)

- ପେଟ୍ରୋଲ୍- ୧୦୩.୩୭ (ଭୁବନେଶ୍ୱର)
- ଡିଜେଲ୍ - ୯୪.୮୬



**ଆରବିଆଇ ବୁଲେଟିନ୍**

# କର୍ପୋରେଟ୍ ପୁଞ୍ଜି ବ୍ୟୟରୁ ଅଭିବୃଦ୍ଧିକୁ ବଳ

## ପ୍ରଥମାର୍ଦ୍ଧରେ ଗତି ବଜାୟ ରଖିଛି ଭାରତୀୟ ଅର୍ଥନୀତି

ନୂଆଦିଲ୍ଲୀ,୨୦।୨(ଏଜେନ୍ସି)

ଭାରତୀୟ ଅର୍ଥନୀତି ୨୦୨୩-୨୪ ଆର୍ଥିକବର୍ଷର ପ୍ରଥମାର୍ଦ୍ଧରେ ହାସଲ ହୋଇଥିବା ଅଭିବୃଦ୍ଧିର ଗତି ବଜାୟ ରଖିଛି। କର୍ପୋରେଟ୍ କ୍ଷେତ୍ର ଦ୍ୱାରା ପୁଞ୍ଜି ବ୍ୟୟର ଏକ ନୂତନ ପର୍ଯ୍ୟାୟ, ଅଭିବୃଦ୍ଧିକୁ ପରବର୍ତ୍ତୀ ପର୍ଯ୍ୟାୟରେ ପହଞ୍ଚାଇବ ବୋଲି ଆଶା କରାଯାଉଛି। ମଙ୍ଗଳବାର ଭାରତୀୟ ରିଜର୍ଭ ବ୍ୟାଙ୍କ (ଆରବିଆଇ) ପକ୍ଷରୁ ପ୍ରକାଶିତ ଏକ ବୁଲେଟିନ୍‌ରେ ଏହା କୁହାଯାଇଛି।

'ଅର୍ଥନୀତିର ସ୍ଥିତି' ସମ୍ପର୍କିତ ଏହି ରିପୋର୍ଟରେ ଗତ କିଛି ମାସ ମଧ୍ୟରେ ବିଶ୍ୱ ଅର୍ଥନୀତି ଆଶାଠାରୁ ଅଧିକ ଶକ୍ତିଶାଳୀ ଅଭିବୃଦ୍ଧି ହାସଲ କରିବ ଏବଂ ବିପଦଗୁଡ଼ିକ ସନ୍ତୁଳିତ ରହିବ। ଏହା କୁହାଯାଇପାରେ ଯେ ୨୦୨୩-୨୪ର ପ୍ରଥମାର୍ଦ୍ଧରେ ଭାରତୀୟ ଅର୍ଥନୀତି ହାସଲ କରିଥିବା ଗତି ବଜାୟ ରଖିଛି। ଆର୍‌ବିଆଇ ଡେପୁଟି ଗଭର୍ଣ୍ଣର ମାଇକେଲ ଦେବବ୍ରତ ପାତ୍ରଙ୍କ ନେତୃତ୍ୱରେ ଏକ ଟିମ୍ ଲେଖିଥିବା ସନ୍ଦର୍ଭରେ କୁହାଯାଇଛି ଯେ କର୍ପୋରେଟ୍ କ୍ଷେତ୍ର ଦ୍ୱାରା ପୁଞ୍ଜି ଖର୍ଚ୍ଚର ଏକ ନୂତନ ପର୍ଯ୍ୟାୟ ଅଭିବୃଦ୍ଧି ପରବର୍ତ୍ତୀ ପାଦକୁ ବୃଦ୍ଧି କରିବ। ୨୦୨୪-୨୫ ପାଇଁ ମୋଟ ଘରୋଇ ଉତ୍ପାଦ (ଜିଡିପି) ଅଭିବୃଦ୍ଧି ହାର ୭ ପ୍ରତିଶତ ହେବ ବୋଲି କେନ୍ଦ୍ରୀୟ ବ୍ୟାଙ୍କ ଆକଳନ କରିଛି।



**ଅର୍ଥ ମନ୍ତ୍ରଣାଳୟ ରିପୋର୍ଟ**

## ଅଭିବୃଦ୍ଧି ହାର ୭ ପ୍ରତିଶତରୁ ଅଧିକ ରହିବ

ଭୁବନେଶ୍ୱର,୨୦।୨(ଏଜେନ୍ସି): ଭାରତୀୟ ଅର୍ଥନୀତିର ଦୃଷ୍ଟିକୋଣ ଖୁବ୍ ଉଜ୍ଜ୍ୱଳ ଦେଖାଯାଉଛି। ଆସନ୍ତା ଆର୍ଥିକବର୍ଷରେ ମୋଟ ଘରୋଇ ଉତ୍ପାଦ (ଜିଡିପି) ଅଭିବୃଦ୍ଧି ହାର ୭ ପ୍ରତିଶତ ରହିବବାର ସମ୍ଭାବନା ରହିଛି। ମଙ୍ଗଳବାର କେନ୍ଦ୍ର ଅର୍ଥ ମନ୍ତ୍ରଣାଳୟ ପକ୍ଷରୁ ପ୍ରକାଶିତ ଏକ ରିପୋର୍ଟରେ ଏହା କୁହାଯାଇଛି।



ଏହି ରିପୋର୍ଟରେ କୁହାଯାଇଛି ଯେ ଭୌଗୋଳିକ ରାଜନୈତିକ ଚାପ ଏବଂ ଆନ୍ତର୍ଜାତୀୟ ଆର୍ଥିକ ବଜାରରେ ଅସ୍ଥିରତା ହେତୁ ଦେଶବ୍ୟାପୀ ପ୍ରତିକୂଳ ପରିସ୍ଥିତି ଉପରେ ନଜର ରଖିବା ଆବଶ୍ୟକ। ଚଳିତ ଆର୍ଥିକବର୍ଷରେ ଭାରତୀୟ ଅର୍ଥନୀତିର ଅଭିବୃଦ୍ଧି ହାର ୭.୩ ପ୍ରତିଶତ ରହିବ ବୋଲି ଆକଳନ କରାଯାଇଛି। ଏହା କ୍ରମାଗତ ଭାବେ ତୃତୀୟ ବର୍ଷ ହେବ ଯେତେବେଳେ ଭାରତୀୟ ଅର୍ଥନୀତି ୭ ପ୍ରତିଶତରୁ ଅଧିକ ହାରରେ ବୃଦ୍ଧି ପାଇବ। ଅର୍ଥ ମନ୍ତ୍ରଣାଳୟର ମାସିକ ଅର୍ଥନୈତିକ ସମୀକ୍ଷାରେ କୁହାଯାଇଛି ଯେ ଚଳିତ ଆର୍ଥିକବର୍ଷର ଦ୍ୱିତୀୟ ତ୍ରୈମାସିକରେ ଅର୍ଥନୀତି ଆଶାଠାରୁ ଭଲ ପ୍ରଦର୍ଶନ କରିଛି। କେନ୍ଦ୍ର ପରିସଂଖ୍ୟାନ ଏବଂ କାର୍ଯ୍ୟକ୍ରମ ରୂପାୟନ ମନ୍ତ୍ରଣାଳୟର ପ୍ରଥମ ଅଗ୍ରୀମ ଆକଳନ ଅନୁଯାୟୀ ୨୦୨୩-୨୪ ଆର୍ଥିକବର୍ଷରେ ଅଭିବୃଦ୍ଧି ଅଧିକ ହେବ ବୋଲି ଆଶା କରାଯାଉଛି ସାତ ପ୍ରତିଶତରୁ ଅଧିକ। ଏଭଳି ପରିସ୍ଥିତିରେ ଅନେକ ବିଶ୍ୱସ୍ତରୀୟ ଏଜେନ୍ସି ମଧ୍ୟ ଭାରତର ଅଭିବୃଦ୍ଧି ଆକଳନକୁ ବୃଦ୍ଧି କରିଛନ୍ତି। ସମୀକ୍ଷା ଅନୁଯାୟୀ, ଏହି ଧାରା ବର୍ତ୍ତମାନର ଭୂ-ରାଜନୈତିକ ପ୍ରତିବନ୍ଧକ ମଧ୍ୟରେ ଏହାର ଅଭିବୃଦ୍ଧି ପଥ ବଜାୟ ରଖିବା ପାଇଁ ଭାରତୀୟ ଅର୍ଥନୀତିର ଶକ୍ତି ପ୍ରତିଫଳିତ କରିଥାଏ। ରିପୋର୍ଟ ଅନୁଯାୟୀ ଅନ୍ତରୀଣ ବଜେଟ୍ ୨୦୨୪-୨୫ରେ ଘୋଷିତ ପଦକ୍ଷେପ ଭାରତର ଅଭିବୃଦ୍ଧି ଯାତ୍ରାକୁ ସାହାଯ୍ୟ କରିବ ବୋଲି ଆଶା କରାଯାଉଛି।

**କରଦାତାଙ୍କୁ ଆଶ୍ୱସ୍ତି**

## ୧ ଲକ୍ଷ ଯାଏ ପୁରୁଣା ଟିକସ ଡିମାଣ୍ଡ ଛାଡ଼

ନୂଆଦିଲ୍ଲୀ,୨୦।୨(ଏଜେନ୍ସି): କେନ୍ଦ୍ର ସରକାର ଦେଶର କୋଟି କୋଟି ଟିକସଦାତାଙ୍କୁ ବଡ଼ ଆଶ୍ୱସ୍ତି ଦେଇଛନ୍ତି। ଏହା ଅଧିନରେ ପ୍ରତ୍ୟେକ କରଦାତାଙ୍କର ୧ ଲକ୍ଷ ଟଙ୍କା ଯାଏ ପେଣ୍ଡିଂ ଟିକସ ଡିମାଣ୍ଡକୁ ଛାଡ଼ କରାଯିବ। ଆୟକର ବିଭାଗ ଚୋଟ ଟିକସ ଡିମାଣ୍ଡକୁ ଫେରସ୍ତ ନେବା ପାଇଁ ପ୍ରତି ଟିକସଦାତାଙ୍କ ପାଇଁ ୧ ଲକ୍ଷ କୋଟିର ସୀମା ନିର୍ଦ୍ଧାରିତ କରିଛନ୍ତି। ଏହି ନିଷ୍ପତ୍ତି ଅନ୍ତରୀଣ ବଜେଟରେ ପ୍ରତ୍ୟେକ୍ଷ ଟିକସ ଡିମାଣ୍ଡକୁ ଫେରସ୍ତ ନେବା ନେଇ ଘୋଷଣା ପରେ ନିଷ୍ପତ୍ତି ନିଆଯାଇଛି।




**ସୀମା ନିର୍ଦ୍ଧାରଣ କଲା ସିବିଡିଟି**

**ବଜେଟରେ ହୋଇଥିଲା ଘୋଷଣା**

ଆୟକର ବିଭାଗ ପକ୍ଷରୁ ଜାରି ଏକ ନିର୍ଦ୍ଦେଶନାମା ମାଧ୍ୟମରେ ଆସେସମେଣ୍ଟ ଇୟର ୨୦୧୫-୧୬ର ଟିକସ ଡିମାଣ୍ଡ ଉପରେ ଏହି ରିହାତି ନିୟମର ରୂପରେଖ ପ୍ରସ୍ତୁତ କରାଯାଇଛି। ଏହା ପୂର୍ବରୁ ଅର୍ଥମନ୍ତ୍ରୀ ନିର୍ମଳା ସୀତାରମଣର ଟିକସଦାତାଙ୍କୁ ଧ୍ୟାନରେ ରଖି ୨୦୨୪-୨୫ର ଅନ୍ତରୀଣ ବଜେଟର ଘୋଷଣା କରିଥିଲେ ଯେ ସରକାର ପ୍ରତ୍ୟେକ୍ଷ ଟିକସ ମାମଲାରେ ପୁରୁଣା ବିବାଦୀୟ ଟିକସ ଡିମାଣ୍ଡରେ ଲୋକଙ୍କୁ ରିଆତି ଦେବା ପାଇଁ ପ୍ରସ୍ତାବ ରଖିଛନ୍ତି। ଏହା ଅଧୀନରେ ଆର୍ଥିକବର୍ଷ ୨୦୦୯-୧୦ ଯାଏ ୨୫୦୦୦ ଟଙ୍କା ଏବଂ ୨୦୧୦-୧୧ ଯାଏ ୧୦ ହଜାର ଯାଏ ବିବାଦୀୟ ଆୟକର ଡିମାଣ୍ଡ ଫେରସ୍ତ ନିଆଯିବ। ଏହି ପଦକ୍ଷେପ ଦ୍ୱାରା ଟିକସଦାତାଙ୍କୁ ଲାଭ ହେବ। ଏଥିରେ ଆର୍ଥିକ ବୋଝ ମଧ୍ୟ କମ୍ ହେବାର ଅନୁମାନ କରାଯାଉଛି। ସେ କହିଛନ୍ତି ଯେ ଆର୍ଥିକବର୍ଷ ୨୦୨୪-୨୫ର ବିବାଦୀୟ ଟିକସ ଡିମାଣ୍ଡ ଫେରାଇ ଅଣାଯିବା ପରେ ଏକ କୋଟି ଟିକସଦାତାଙ୍କୁ ଲାଭ ପହଞ୍ଚିବ।

**ଆଇସିଆଇସିଆଇ ଲୋମ୍ବାର୍ଡ ଅନୁସନ୍ଧାନ ରିପୋର୍ଟ**

## ୩୦% ଲୋକ ଟିକସ ରିଆତି ପାଇଁ ସ୍ୱାସ୍ଥ୍ୟ ବୀମା ନେଉଛନ୍ତି

ନୂଆଦିଲ୍ଲୀ,୨୦।୨(ଏଜେନ୍ସି): କରୋନା ମହାମାରୀ ପରେ ଲୋକମାନେ ସେମାନଙ୍କର ସ୍ୱାସ୍ଥ୍ୟ ବିଷୟରେ ବହୁତ ସଚେତନ ହୋଇଛନ୍ତି। ତେଣୁ ଦେଶରେ ସ୍ୱାସ୍ଥ୍ୟ ବୀମା ନେଉଥିବା ଲୋକଙ୍କ ସଂଖ୍ୟା ବୃଦ୍ଧି ପାଉଛି। ଆଜିର ଯୁଗରେ, ଲୋକମାନେ ଧନ ଅପେକ୍ଷା ସ୍ୱାସ୍ଥ୍ୟକୁ ଅଧିକ ପ୍ରାଧାନ୍ୟ ଦେଉଛନ୍ତି। ଦେଶର ଅନ୍ୟତମ ବୃହତ୍ ସାଧାରଣ ବୀମା କମ୍ପାନୀ ଆଇସିଆଇସିଆଇ ଲୋମ୍ବାର୍ଡ ନିକଟରେ ହୋଇଥିବା ଅନୁସନ୍ଧାନ ରିପୋର୍ଟ ଅନୁଯାୟୀ, ଦେଶର କେବଳ ୩୦ ପ୍ରତିଶତ ଲୋକ ଟିକସ ରିଆତି ପାଇଁ ସ୍ୱାସ୍ଥ୍ୟ ବୀମା ନେଇଥାନ୍ତି। ସେମାନେ ସ୍ୱାସ୍ଥ୍ୟ ବୀମା କିଣିବାର ଏକ ପ୍ରମୁଖ କାରଣ ଭାବରେ 'ଟିକସ ଛାଡ / ଟିକସ ରିଆତି' କୁ ଦର୍ଶାଇଛନ୍ତି। ଅପରପକ୍ଷେ ଅବଶିଷ୍ଟ ୭୦ ପ୍ରତିଶତ ଲୋକ କେବଳ ଟିକସ ସଞ୍ଚୟ କରିବା ପାଇଁ ନୁହେଁ ବରଂ ସ୍ୱାସ୍ଥ୍ୟ ସମସ୍ୟା ହେତୁ ସ୍ୱାସ୍ଥ୍ୟ ବୀମା ଆପଣାଉଛନ୍ତି।

ଅନୁସନ୍ଧାନ ରିପୋର୍ଟ ଅନୁଯାୟୀ, ଦେଶରେ ସମ୍ପ୍ରତି ମହିଳା ଶ୍ରମିକଙ୍କ ସଂଖ୍ୟା ବୃଦ୍ଧି ସହିତ ମହିଳାମାନେ ଆସନ୍ତା ବର୍ଷରେ ଟିକସ ରିଆତି ପାଇବାକୁ ସ୍ୱାସ୍ଥ୍ୟ ବୀମା କ୍ରୟ କରିବାର ସମ୍ଭାବନା ରହିଛି। ଏହାସହ 'ନଗଦବିହୀନ ଦାବି' ବା 'କ୍ୟାସଲେସ୍ କ୍ଲେମ୍'କୁ ସ୍ୱାସ୍ଥ୍ୟ ବୀମା କ୍ରୟ କରିବାର ଏବେ ଆଉ ଏକ ବଡ଼ କାରଣ ଭାବେ ଉଭା ହୋଇଛି। ଏହି ରିପୋର୍ଟରେ ସାମିଲ ହୋଇଥିବା ଲୋକମାନେ ଅତି କମ୍‌ରେ ଗୋଟିଏ ଟିକସ ସଞ୍ଚୟ ଆର୍ଥିକ ପୁଞ୍ଜି ବିନିଯୋଗ କରିଥିବାର ଦେଖିବାକୁ ମିଳିଥିଲା ଏବଂ ସ୍ୱାସ୍ଥ୍ୟ ବୀମା ଅଛି କିମ୍ବା ସ୍ୱାସ୍ଥ୍ୟ ବୀମା ପାଇବାକୁ ଯୋଜନା କରୁଛନ୍ତି। ଆଇସିଆଇସିଆଇ ଲୋମ୍ବାର୍ଡର ମାର୍କେଟିଂ, କର୍ପୋରେଟ୍ କମ୍ୟୁନିକେସନ୍ ଏବଂ ସିଏସ୍‌ଆରର ମୁଖ୍ୟ ଶିନା କପୁର କହିଛନ୍ତି ଯେ 'ଟିକସ ସଞ୍ଚୟ ଏବଂ ସ୍ୱାସ୍ଥ୍ୟ ବୀମା' ଉପରେ ଆମର ରିପୋର୍ଟ ଅନେକ ଗୁରୁତ୍ୱପୂର୍ଣ୍ଣ ଏବଂ ମୂଲ୍ୟବାନ ତଥ୍ୟ ଆଣିଛି। ଏହା ସ୍ପଷ୍ଟ ଯେ ଯଦିଓ ଟିକସ ସୁବିଧା ଏକ ଭୂମିକା ଗ୍ରହଣ କରିଥାଏ, ତଥାପି ସେମାନେ ସ୍ୱାସ୍ଥ୍ୟ ବୀମା କ୍ଷେତ୍ରରେ ବିନିଯୋଗ କରିବାକୁ ଅଧିକାଂଶ ଗ୍ରାହକଙ୍କ ନିଷ୍ପତ୍ତି ପଛରେ ଏକ ପ୍ରେରକ ଶକ୍ତି ନୁହଁନ୍ତି। ଅନୁସନ୍ଧାନ ସର୍ବେକ୍ଷଣରେ ଅଂଶଗ୍ରହଣ କରୁଥିବା କେବଳ ୩୦ ପ୍ରତିଶତ ଲୋକ ସ୍ୱାସ୍ଥ୍ୟ ବୀମା କିଣିବା ପାଇଁ ଟିକସ ରିଆତିକୁ ସେମାନଙ୍କର ପ୍ରାଥମିକ ପ୍ରେରଣା ଭାବରେ ବିବେଚନା କରିଥିଲେ। ସେ କହିଛନ୍ତି ଯେ ଅଧିକାଂଶ ଗ୍ରାହକ ସ୍ୱାସ୍ଥ୍ୟ ବୀମା କିଣିବା ପଛରେ ମୁଖ୍ୟ କାରଣ ହେଉଛି ଏହା ପ୍ରଦାନ କରୁଥିବା ନିଶ୍ଚିତତା ଏବଂ ସୁରକ୍ଷା, ଯାହା କେବଳ ଆର୍ଥିକ ଲାଭଠାରୁ ଅଧିକ।




## ଇପିଏଫ୍‌ଓ ସଦସ୍ୟ ସଂଖ୍ୟା ୧୫.୬୨ ଲକ୍ଷ ଟପିଲା

ନୂଆଦିଲ୍ଲୀ,୨୦।୨(ଏଜେନ୍ସି): କେନ୍ଦ୍ର ଶ୍ରମ ମନ୍ତ୍ରାଳୟଙ୍କ ପକ୍ଷରୁ ମଙ୍ଗଳବାର ଜାରି ପେ ରୋଲ ଡାଟା ଅନୁସାରେ ରିଟାୟାରମେଣ୍ଟ ଫଣ୍ଡ ବଡି ଇପିଏଫଓ ସହିତ ଡିସେମ୍ବର ୨୦୨୩ରେ ୧୫.୬୨ ଲକ୍ଷ ନୂଆ ସଦସ୍ୟ ସଂଯୁକ୍ତ ହୋଇଛନ୍ତି। ମନ୍ତ୍ରାଳୟ ପକ୍ଷରୁ ଜାରି ଏକ ବୟାନରେ କୁହାଯାଇଛି ଯେ ଡିସେମ୍ବର ୨୦୨୩ରେ ଇପିଏଫଓ ମୋଟ ସଦସ୍ୟଙ୍କ ସଂଖ୍ୟାରେ ୧୧.୯୭ ପ୍ରତିଶତ ବୃଦ୍ଧି ହୋଇଛି। ଇପିଏଫଓ ଚୂଡ଼ାନ୍ତ ପେରୋଲ ଡାଟା ଅନୁସାରେ ଡିସେମ୍ବର ୨୦୨୨ ତୁଳନାରେ ୨୦୨୩ରେ ୧୫.୬୨ଲକ୍ଷ ସଦସ୍ୟଙ୍କ ମୋଟ ବୃଦ୍ଧି ହୋଇଛି, ଯାହା ୪.୬୨ ପ୍ରତିଶତ ଅଧିକ। ଇପିଏଫଓଙ୍କ ସଦସ୍ୟ ସଂଖ୍ୟା ବୃଦ୍ଧିର କାରଣ ରୋଜଗାର ଅବସରରେ ବୃଦ୍ଧି। କର୍ମଚାରୀ ଲାଭକୁ ନେଇ ବଢୁଥିବା ଜନସଚେତନତା ଓ ଇପିଏଫଓ ଆଉଟ ରିଚ୍ କାର୍ଯ୍ୟକ୍ରମର ସଫଳତାକୁ ଏହାର କାରଣ ମନେ କରାଯାଉଛି। ତଥ୍ୟରୁ ମିଳୁଥିବା ସୂଚନା ଅନୁସାରେ ଡିସେମ୍ବର ୨୦୨୩ରେ ପାଖାପାଖି ୮.୪୧ ଲକ୍ଷ ନୂଆ ସଦସ୍ୟ ସାମିଲ ହୋଇଛନ୍ତି, ଯାହା ନଭେମ୍ବର ୨୦୨୩ ତୁଳନାରେ ୧୪.୨୧ ପ୍ରତିଶତରୁ ମଧ୍ୟ ଅଧିକ। ସାମିଲ ନୂଆ ସଦସ୍ୟଙ୍କ ମଧ୍ୟରେ ୧୮ରୁ ୨୫ ବର୍ଷ ଆୟୁବର୍ଗ ସଦସ୍ୟଙ୍କ ସଂଖ୍ୟା ସର୍ବାଧିକ। ଡିସେମ୍ବରରେ ସଂଯୁକ୍ତ ହୋଇଥିବା ନୂଆ ସଦସ୍ୟଙ୍କ ମଧ୍ୟରେ ସେମାନଙ୍କ ପ୍ରତିଶତ ୫୭.୧୮ ବୋଲି କୁହାଯାଇଛି।

## ଇଫ୍‌କୋ ପାରାଦୀପ ୟୁନିଟ୍‌ରେ ସଲଫ୍ୟୁରିକ୍ ଏସିଡ୍ ପ୍ଲାଣ୍ଟ କାର୍ଯ୍ୟକ୍ଷମ

ଭୁବନେଶ୍ୱର,୨୦।୨(ସିମସ): ପାରାଦୀପ ଇଫକୋ ୟୁନିଟ ପକ୍ଷରୁ ଆଜି ଏକ ସଲଫ୍ୟୁରିକ୍ ଏସିଡ ପ୍ଲାଣ୍ଟ କାର୍ଯ୍ୟକ୍ଷମ ହୋଇଛି। ଏହି ଏସିଡ୍ ପ୍ଲାଣ୍ଟ ଦୁଇ ହଜାର ଟନ କ୍ଷମତା ବିଶିଷ୍ଟ ସଲଫ୍ୟୁରିକ୍ ଏସିଡ ଉତ୍ପାଦନ କରିବାର କ୍ଷମତା ରହିଛି। ଏହା ରାଜ୍ୟ ସରକାରଙ୍କ ନିବେଶ ଓଡିଶା ଅଧୀନରେ କାର୍ଯ୍ୟ କରି ପ୍ରଧାନମନ୍ତ୍ରୀଙ୍କ ଆତ୍ମନିର୍ଭର ଭାରତ କାର୍ଯ୍ୟକ୍ରମକୁ ଆଗେଇବା ଦିଗରେ ଏକ ପ୍ରମୁଖ ମାଇଲ ଖୁଣ୍ଟ। ଏହି ଉଦଘାଟନୀ ଉତ୍ସବରେ ଇଫ୍‌କୋର ପରିଚାଳନା ନିର୍ଦ୍ଦେଶକ ଡ଼ ୟୁ. ଏସ୍. ଅୱସ୍ତି ଯୋଗଦେଇ ଏହି ପ୍ଲାଣ୍ଟର ଉତ୍ତମ ପରିଚାଳନା ପାଇଁ ଅନେକ ବୈଜ୍ଞାନିକ ଦୃଷ୍ଟିକୋଣ ଉପରେ ଆଲୋଚନା କରିଥିଲେ। ଏହି କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ପାରାଦୀପ ବନ୍ଦରର ଅଧ୍ୟକ୍ଷ ପିଏଲ ହାରନାଦ, ଉପାଧ୍ୟକ୍ଷ ନୀଳାଭ୍ର ଦାସଗୁପ୍ତା, ପାରାଦୀପ ଅତିରିକ୍ତ ଜିଲ୍ଲାପାଳ ନିରଞ୍ଜନ ବେହେରା, ଡେପୁଟି ଡାଇରେକ୍ଟର (ଅଗ୍ନି ଓ ନିରାପତ୍ତା) ମନୋଜ ପଣ୍ଡା, ଆଞ୍ଚଳିକ ପରିବେଶ ବିଭାଗର ମୁଖ୍ୟ ପୁଷ୍କର ଚନ୍ଦ୍ର ବେହେରା, ଆସିଷ୍ଟାଣ୍ଟ ଡାଇରେକ୍ଟର (ଅଗ୍ନି ଓ ନିରାପତ୍ତା) ଚନ୍ଦ୍ରକାନ୍ତ ଦଳାଇ ଓ ଇଫକୋ ପାରାଦୀପ ୟୁନିଟ୍‌ର ମୁଖ୍ୟ କେଜେ ପଟେଲ ପ୍ରମୁଖ ଉପସ୍ଥିତ ଥିଲେ।




## ଭାରତକୁ ୧୨ ହଜାର କୋଟିରୁ ଅଧିକ ଋଣ ଦେବ ଜାପାନ

ନୂଆଦିଲ୍ଲୀ,୨୦।୨(ଏଜେନ୍ସି): ଭାରତକୁ ବୃହତ୍ ଋଣ ଦେବ ଜାପାନ। ଜାପାନ ସରକାର ଭାରତକୁ ପ୍ରାୟ ୧୨,୮୦୦ କୋଟିର ଋଣ ଯୋଗାଇଦେବେ। ମଙ୍ଗଳବାର କେନ୍ଦ୍ର ଅର୍ଥ ମନ୍ତ୍ରାଳୟ ଏ ସମ୍ପର୍କରେ ସୂଚନା ଦିଆଯାଇଛି। ଏହି ନିବେଶ ଭାରତରେ ସଡ଼କ ନିର୍ମାଣ, ସ୍ୱାସ୍ଥ୍ୟ, ଷ୍ଟାର୍ଟ-ଅପ୍, ରେଳ ଏବଂ ଜଳବାୟୁ ପରିବର୍ତ୍ତନ ଭଳି ବିଭିନ୍ନ କ୍ଷେତ୍ରରେ କରାଯିବ।

ତେବେ ଯେଉଁ ପ୍ରକଳ୍ପରେ ଏହି ଅର୍ଥ ନିବେଶ କରାଯିବ ସେଗୁଡିକ ମଧ୍ୟରେ ରହିଛି ନର୍ଥ ଇଷ୍ଟ ରୋଡ୍ ନେଟଓ୍ୱର୍କ କନେକ୍ଟିଭିଟି, ତେଲେଙ୍ଗାନାରେ ଷ୍ଟାର୍ଟଅପ୍ ଏବଂ ସୃଜନଶୀଳତାକୁ ପ୍ରୋତ୍ସାହନ, ଚେନ୍ନାଇ ପେରିଫେରାଲ ରିଙ୍ଗ୍ ରୋଡ୍‌ର ନିର୍ମାଣ, ହରିୟାଣାରେ ସ୍ଥାୟୀ ଉଦ୍ୟାନ କୃଷିକୁ ପ୍ରୋତ୍ସାହନ, ରାଜସ୍ଥାନରେ ଜଳବାୟୁ ପରିବର୍ତ୍ତନ ପ୍ରତିକ୍ରିୟା ଏବଂ ଇକୋସିଷ୍ଟମ ସେବା ଆଦିରେ ନିବେଶ କରାଯିବ। ପୂର୍ବୋତ୍ତରରେ ସଡକ ସଂଯୋଗୀକରଣ ପ୍ରକଳ୍ପ ଲକ୍ଷ୍ୟ ରହିଛି। ଚେନ୍ନାଇ ପେରିଫେରାଲ୍ ରିଙ୍ଗ୍ ରୋଡ୍ ପ୍ରୋଜେକ୍ଟ ଟ୍ରାଫିକ୍ ସମସ୍ୟାକୁ ଦୂର କରିବ ଏବଂ ରାଜ୍ୟର ଦକ୍ଷିଣ ଭାଗ ସହ ଯୋଗାଯୋଗ ସୁଦୃଢ଼ ହେବ। ଆହୁରି ମଧ୍ୟ ନାଗାଲାଣ୍ଡରେ ସ୍ୱାସ୍ଥ୍ୟ ସେବା କ୍ଷେତ୍ରରେ, ତେଲେଙ୍ଗାନାରେ ଏମଏସଏମଇ ବ୍ୟବସାୟକୁ ବୃଦ୍ଧି ନେଇ ଲକ୍ଷ୍ୟ ରହିଥିବା ମନ୍ତ୍ରାଳୟ ତରଫରୁ କୁହାଯାଇଛି। ଏଥିପାଇଁ ଭାରତର ଅର୍ଥନୈତିକ ବ୍ୟାପାର ମାମଲାର ଅତିରିକ୍ତ ସଚିବ ବିକାଶ ଶୀଲ ଏବଂ ଭାରତରେ ଜାପାନର ଆମ୍ବାସଡର ସୁଜୁକୀ ହିରୋସୀଙ୍କ ମଧ୍ୟରେ ଏହି ଚୁକ୍ତି ହୋଇଛି। ଚୁକ୍ତିରେ ଆହୁରି କୁହାଯାଇଛି ଯେ, ଭାରତ ଏବଂ ଜାପାନ ମଧ୍ୟରେ ୧୯୫୮ରୁ ଦ୍ୱିପାକ୍ଷିକ ବିକାଶ ସହଯୋଗର ଏକ ଦୀର୍ଘ ଇତିହାସ ରହିଛି। ଏଥିରେ କୁହାଯାଇଛି ଏହି ନିବେଶ ଦ୍ୱାରା ଭାରତ ଏବଂ ଜାପାନ ମଧ୍ୟରେ ରଣନୀତିକ ଏବଂ ବୈଶ୍ୱିକ ବୁଝାମଣା ଆହୁରି ମଜଭୁତ ହେବ।

## ଆର୍ଥିକ ଭବିଷ୍ୟତ ସଶକ୍ତୀକରଣର ୬୦ ବର୍ଷ ପାଳନ କରୁଛି ବଜାଜ୍ କ୍ୟାପିଟାଲ୍

BAJAJ CAPITAL

ଭୁବନେଶ୍ୱର,୨୦।୨(ସିମସ): ଭାରତର ପ୍ରମୁଖ ଆର୍ଥିକ ସେବା ପ୍ରଦାନକାରୀ କମ୍ପାନୀ ବଜାଜ କ୍ୟାପିଟାଲ୍ ଏହାର ୬୦ତମ ପ୍ରତିଷ୍ଠା ଦିବସ ପାଳନ ସମ୍ପର୍କରେ ଘୋଷଣା କରିଛି, ଯାହା ବ୍ୟକ୍ତିବିଶେଷଙ୍କୁ ସଶକ୍ତ କରିବା ଏବଂ ଆର୍ଥିକ ସମୃଦ୍ଧି ଜରିଆରେ ଭାରତର ଅଭିବୃଦ୍ଧି ଗାଥାକୁ ଆଗେଇନେବାରେ ନିଜର ଯାତ୍ରାରେ ଏକ ଉଲ୍ଲେଖନୀୟ ମାଇଲଖୁଣ୍ଟ। ୧୯୬୫ରେ ଆରମ୍ଭ ହେବା ଦିନଠାରୁ ବଜାଜ କ୍ୟାପିଟାଲ ଭାରତର ଆର୍ଥିକ ଦୃଶ୍ୟପଟ୍ଟରେ ବୈପ୍ଳବିକ ପରିବର୍ତ୍ତନ ଆଣିବା କ୍ଷେତ୍ରରେ ଆଗରେ ରହିଛି। ଏକ ମାମୁଲି ଉଦ୍ୟୋଗ ଭାବରେ ଆରମ୍ଭ ହୋଇଥିବା ଏହି ସଂସ୍ଥା ଏକ ବିଶ୍ୱସନୀୟ ନାମକୁ ରୂପାନ୍ତରିତ ହୋଇଛି, ଯାହା ଆର୍ଥିକ ସେବାରେ ସଚ୍ଚୋଟତା, ନବସୃଜନ ଏବଂ ଉତ୍କର୍ଷ ନିମନ୍ତେ ସୁପରିଚିତ ହୋଇଛି। ବିଗତ ଛଅ ଦଶନ୍ଧ ଧରି ବଜାଜ କ୍ୟାପିଟାଲ୍ ଅର୍ଥନୈତିକ ଉତ୍ଥାନ ପତନ, ପ୍ରଯୁକ୍ତିଗତ ଉନ୍ନତି ଏବଂ ପରିବର୍ତ୍ତିତ ଗ୍ରାହକ ଆବଶ୍ୟକତା ମଧ୍ୟ ଦେଇ ପ୍ରତ୍ୟେକଟି ସୋପାନକୁ ଗ୍ରହଣ କରି ଏବଂ ପରିବର୍ତ୍ତନ ଆଣି ଆଗକୁ ବଢିଛି। ଅଗ୍ରଣୀ ନବୋନ୍ମେଷୀ ପୁଞ୍ଜିନିବେଶ ସମାଧାନଠାରୁ ନେଇ ବର୍ଦ୍ଧିତ ଗ୍ରାହକ ଅନୁଭୂତି ନିମନ୍ତେ ସର୍ବାଧୁନିକ ପ୍ରଯୁକ୍ତିର ଉପଯୋଗିତା ପର୍ଯ୍ୟନ୍ତ, ଏହାର ଯାତ୍ରା ଅନ୍ୟତମ ନିରଳସ ଉତ୍ସର୍ଗୀକୃତ ଭାବ ଏବଂ ଗ୍ରାହକଙ୍କ ସଫଳତା ଦିଗରେ ମଜଭୁତ ପ୍ରତିବଦ୍ଧତାର ହୋଇଛି। "ବଜାଜ କ୍ୟାପିଟାଲ୍‌ର ଗତ ୬୦ ବର୍ଷ ଧରି ଯାତ୍ରା ଉଲ୍ଲେଖନୀୟରୁ କୌଣସି କ୍ଷେତ୍ରରେ କିଛି କମ୍ ହୋଇନାହିଁ। ଆମେ ହାସଲ କରିଥିବା ସଫଳତା ଏବଂ ଆମ ଯାତ୍ରାପଥରେ ଆମେ ସ୍ପର୍ଶ କରିଥିବା ଅଗଣିତ ଜୀବନକୁ ନେଇ ଆମେ ଅତ୍ୟନ୍ତ ଗର୍ବିତ ବୋଲି, ବଜାଜ କ୍ୟାପିଟାଲ୍‌ର ପ୍ରତିଷ୍ଠାତା କେ.କେ.ବଜାଜ୍ କହିଛନ୍ତି।

**ବ୍ଲୁ ଇକୋନୋମି ପ୍ରଥମ ଜାତୀୟ ସମ୍ମିଳନୀ**

## ବିଶ୍ୱରେ ବ୍ଲୁ ଅର୍ଥନୀତିର ଯୋଗଦାନ ୬ ଟ୍ରିଲିୟନ ଡଲାର

ଭୁବନେଶ୍ୱର,୨୦।୨(ସମିସ)

ବିଶ୍ୱ ଜନସଂଖ୍ୟାର ୪୦ ପ୍ରତିଶତ ଲୋକ ମହାସାଗର ତଟବର୍ତ୍ତୀ ଅଞ୍ଚଳରେ ବସବାସ କରୁଛନ୍ତି ଯାହାକି ମହାସାଗର ପାଇଁ ଗୁରୁତ୍ୱପୂର୍ଣ୍ଣ। ସାମୁଦ୍ରିକ ପରିବହନ ମାଧ୍ୟମରେ ହେଉଥିବା ୮୦ ପ୍ରତିଶତ ବିଶ୍ୱ ବାଣିଜ୍ୟରେ ଏମାନଙ୍କର ଯୋଗଦାନ ରହିଛି। ବିଶ୍ୱ ଅର୍ଥନୀତିରେ ବ୍ଲୁ ଅର୍ଥନୀତିର ବାର୍ଷିକ ହାରାହାରି ୬ ଟ୍ରିଲିୟନ ଡଲାରର ଯୋଗଦାନ ରହିଥିବା ବ୍ଲୁ ଇକୋନୋମି ପ୍ରଥମ ଜାତୀୟ ସମ୍ମିଳନୀରେ ଯୋଗଦେଇ ଭାରତ ସରକାରଙ୍କ ସାଇନ୍‌ଟିଫିକ୍ ସଚିବ ଡ. ପରମିନ୍ଦର ମାଇନୀ କହିଛନ୍ତି। ଭାରତ ମଧ୍ୟ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥାଏ। ସାମୁଦ୍ରିକ ସମ୍ବଳର ସୁରକ୍ଷା ପାଇଁ ଏକନିଷ୍ଠ ଉଦ୍ୟମ ଏବଂ ସ୍ଥାୟୀ ବ୍ଲୁ ଅର୍ଥନୀତି ଲକ୍ଷ୍ୟ ହାସଲ ନିମନ୍ତେ ଶକ୍ତିଶାଳୀ ଉପାୟ ବାହାର କରିବା ସକାଶେ ସେ ଆହ୍ୱାନ କରିଛନ୍ତି।

'ନାଭିଗେଟିଂ ଦ ମେରାଇନ୍ ଇକୋସିଷ୍ଟମ୍ ଭାଲ୍ୟୁ ଚେନ୍' ବିଷୟବସ୍ତୁକୁ ନେଇ କିଟ୍ ବିଶ୍ୱବିଦ୍ୟାଳୟଠାରେ ଅନୁଷ୍ଠିତ ପ୍ରଥମ ଜାତୀୟ ସମ୍ମିଳନୀ 'ବ୍ଲୁ ଇକୋନୋମି' ସୋମବାର ଉଦ୍‌ଘାଟିତ ହୋଇଯାଇଛି। କିଟ୍ ବିଶ୍ୱବିଦ୍ୟାଳୟ ବାୟୋଟେକ୍ନୋଲୋଜି ବିଭାଗ, ଦିଲ୍ଲୀସ୍ଥିତ ଭାରତୀୟ ଫାଇକୋଲୋଜି ସୋସାଇଟି, ଭୁବନେଶ୍ୱରସ୍ଥିତ ଜୀବ ବିଜ୍ଞାନ ସଂସ୍ଥାନ, ସିଏସଆଇଆର-ଇନଷ୍ଟିଚ୍ୟୁଟ୍ ଅଫ୍ ମିନେରାଲସ୍ ଆଣ୍ଡ ମାଟିରିଆଲ୍ ଟେକ୍ନୋଲୋଜି, ଗୋଆସ୍ଥିତ ଜାତୀୟ ସାମୁଦ୍ରିକ ବିଜ୍ଞାନ ପ୍ରତିଷ୍ଠାନ ଏବଂ ଭୁବନେଶ୍ୱର ସିଟି ନଲେଜ୍ ଇନୋଭେସନ୍ କ୍ଲଷ୍ଟର ଫାଉଣ୍ଡେସନ୍(ବିସିକେଆଇସି)ର ମିଳିତ ସହଯୋଗରେ ଏହି ସମ୍ମିଳନୀ ଅନୁଷ୍ଠିତ ହେଉଛି। ଭାରତର ବ୍ଲୁ ଇକୋନୋମି କ୍ଷେତ୍ରରେ ରହିଥିବା ପ୍ରଭୂତ କ୍ଷମତା ଅନ୍ୱେଷଣ ହେଉଛି ଏହି ସମ୍ମିଳନୀର ଉଦ୍ଦେଶ୍ୟ। ସମ୍ମିଳନୀରେ ରାଜ୍ୟ ବିଜ୍ଞାନ ଓ କାରିଗରୀ କୌଶଳ ବିଭାଗ ମନ୍ତ୍ରୀ ଅଶୋକ ଚନ୍ଦ୍ର ପଣ୍ଡା ଯୋଗଦେଇ ନିକଟରେ ଘୋଷଣା ହୋଇଥିବା ବାୟୋଟେକ୍ନୋଲୋଜି ନୀତି ଏବଂ ଏହି ନୀତିରେ ଜଳୀୟ ପରିଚାଳନା ଉପରେ ଗୁରୁତ୍ୱ ପ୍ରଦାନ ଉପରେ ଆଲୋକପାତ କରିଥିଲେ। ଓଡ଼ିଶାର ୪୮୦ କିମିର ଉପକୂଳ ଅଞ୍ଚଳ ଏବଂ ଏକ ପ୍ରମୁଖ ଅଂଶୀଦାର ଭାବେ ବ୍ଲୁ ଇକୋନୋମିରେ ଏହାର ଭୂମିକା ଉପରେ ଶ୍ରୀ ପଣ୍ଡା ଗୁରୁତ୍ୱାରୋଗ କରିଥିଲେ। ସେ କହିଲେ ୩.୫୦ ଲକ୍ଷ କୋଟି ଟଙ୍କାର ବଜେଟ୍ ସହ ଶୀତଳ ଓ ହେନ୍ତାଳ ବନ ସମେତ ଓଡ଼ିଶାର ପ୍ରଭୂତ ସାମୁଦ୍ରିକ ସମ୍ବଳ ରହିଛି ଏବଂ ବ୍ଲୁ ଇକୋନୋମି ଏଥିରୁ ଫାଇଦା ଉଠାଇବା ଆବଶ୍ୟକ। ଭାରତର ବ୍ଲୁ ଇକୋନୋମୀ ପ୍ରୟାସ ଆରମ୍ଭର ପ୍ରକୃଷ୍ଟ ସ୍ଥାନ ଓଡ଼ିଶା ବୋଲି କିଟ୍‌ର ଗବେଷଣା ଓ ସର୍ଜନା ମହାନିର୍ଦ୍ଦେଶକ ପ୍ରଫେସର ମୃତ୍ୟୁଞ୍ଜୟ ସୁଆର କହିଛନ୍ତି। ଭାରତୀୟ ଫାଇକୋଲୋଜି ସୋସାଇଟିର ସଭାପତି ତଥା ଦିଲ୍ଲୀ ବିଶ୍ୱବିଦ୍ୟାଳୟର ବରିଷ୍ଠ ପ୍ରଫେସର ଦୀନବନ୍ଧୁ ସାହୁ କହିଲେ ବର୍ତ୍ତମାନ ସମୟରେ ବିଶ୍ୱ ବ୍ଲୁ ଇକୋନୋମିର ମୂଲ୍ୟ ହେଉଛି ୨୪ ଟ୍ରିଲିୟନ୍ ଡ଼ଲାର। ଭାରତ ସରକାରଙ୍କ ଡିବିଟି-ବିରାକର ପରିଚାଳନା ନିର୍ଦ୍ଦେଶକ ଡ. ଜିତେନ୍ଦ୍ର କୁମାର ବ୍ଲୁ ଇକୋନୋମୀକୁ ସହଯୋଗ କରିବା ସହ ଏ କ୍ଷେତ୍ରରେ ସର୍ଜନା ନିମନ୍ତେ ପ୍ରସ୍ତାବ ଦେଇଥିଲେ। ଏ କ୍ଷେତ୍ରରେ ଗବେଷଣା ଓ ବିକାଶ ନିମନ୍ତେ ଓଡ଼ିଶାରେ ଏକ ବାୟୋଫାଉଣ୍ଡାରୀ ପ୍ରତିଷ୍ଠା କରିବାକୁ ସେ ମଧ୍ୟ ପ୍ରସ୍ତାବ ରଖିଥିଲେ। ଏହି ସମ୍ମିଳନୀରେ ଅନ୍ୟମାନଙ୍କ ମଧ୍ୟରେ ଭାରତୀୟ ଜୀବ ବିଜ୍ଞାନ ପ୍ରତିଷ୍ଠାନର ବାୟୋଟେକ୍ନୋଲୋଜି ବିଭାଗ ନିର୍ଦ୍ଦେଶକ ଦେବାଶିଷ ଦାଶ, ସିଏସଆଇଆର-ଆଇଏମ୍ଏମ୍‌ଟିର ନିର୍ଦ୍ଦେଶକ ଡ. ରାମାନୁଜ ନାରାୟଣନ୍, ଭାରତ ସରକାରଙ୍କ ଭୂ-ବିଜ୍ଞାନ ମନ୍ତ୍ରାଳୟର ମହାସାଗର ମିଶନ୍‌ର ପରାମର୍ଶଦାତା ତଥା କାର୍ଯ୍ୟକ୍ରମ ମୁଖ୍ୟ ଡ.ଏମ୍.ଭି. ରମନ୍ନା ମୂର୍ତ୍ତି ପ୍ରମୁଖ ଯୋଗଦେଇଥିଲେ।



ସକାଳ THE SAKALA
www.sakalaepaper.com
୧୯
ବୁଧବାର , ୨୧ ଫେବୃଆରୀ ୨୦୨୪

ଘରେ ଘରେ ଲକ୍ଷ୍ମୀ





# ବିକାଶ ଆଣିଛି ଲକ୍ଷ୍ମୀ

ମାଲକାନଗିରି, ରାୟଗଡା, ଗଜପତି, କଳାହାଣ୍ଡି, ନବରଙ୍ଗପୁର , କୋରାପୁଟ, ଢେଙ୍କାନାଳ, ଅନୁଗୁଳ, ଦେବଗଡ଼, ବରଗଡ, ବଲାଙ୍ଗୀର, ମୟୁରଭଞ୍ଜ, ସୁନ୍ଦରଗଡ ଓ କେନ୍ଦୁଝର ଜିଲ୍ଲାରେ ଲକ୍ଷ୍ମୀ ଯୋଜନାର ସଫଳ ଶୁଭାରମ୍ଭ ଓ ପରିଚାଳନା ହୋଇସାରିଛି । ତୃତୀୟ ପର୍ଯାୟରେ ଆଉ ଛଅଟି ପ୍ରମୁଖ ଜିଲ୍ଲା ଖୋର୍ଦ୍ଧା, ପୁରୀ, କେନ୍ଦ୍ରାପଡା, ଭଦ୍ରକ, ଯାଜପୁର ଓ ନୟାଗଡ ଜିଲ୍ଲାରେ ଭର୍ଚୁଆଲ୍ ମାଧ୍ୟମରେ ଶୁଭାରମ୍ଭ ହେବା ପରେ ୪ର୍ଥ ପର୍ଯ୍ୟାୟରେ ସୁବର୍ଣ୍ଣପୁର, କଟକ, ଝାରସୁଗୁଡ଼ା, କନ୍ଧମାଳ ଓ ସମ୍ବଲପୁର ଜିଲ୍ଲାରେ ଲକ୍ଷ୍ମୀ ବସ୍ ଗଡ଼ିଛି । ଓଡ଼ିଶାର ମାନ୍ୟବର ମୁଖ୍ୟମନ୍ତ୍ରୀ ଶ୍ରୀ ନବୀନ ପଟ୍ଟନାୟକ ସାର୍ବଜନୀନ ପରିବହନ ଭିତ୍ତିଭୂମିକୁ ସୁଦୃଢ ଓ ଉନ୍ନତ କରିବା ପାଇଁ ଏଇ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ନେଇଛନ୍ତି ।







- ୫ ଜିଲ୍ଲାର ୭୦୦ ପଞ୍ଚାୟତରେ ଚାଲିଲା ୨୦୫ଟି ବସ୍, ୪୪ ଲକ୍ଷରୁ ଊର୍ଦ୍ଧ୍ୱ ଉପକୃତ
- ସୁବର୍ଣ୍ଣପୁରର ୧୦୨ଟି ପଞ୍ଚାୟତରେ ୫୮ଟି ବସ୍, ୫ ଲକ୍ଷ ୭୩ ହଜାର ଲୋକ ଉପକୃତ
- କଟକର ୨୬୧ଟି ପଞ୍ଚାୟତରେ ୪୮ଟି ବସ୍, ୧୮ ଲକ୍ଷ ୩୭ ହଜାର ଲୋକ ଉପକୃତ
- ଝାରସୁଗୁଡାର ୭୬ଟି ପଞ୍ଚାୟତରେ ୧୬ଟି ବସ୍, ୫ ଲକ୍ଷ ୬୨ ହଜାର ଲୋକ ଉପକୃତ
- କନ୍ଧମାଳର ୧୬୪ଟି ପଞ୍ଚାୟତରେ ୫୨ଟି ବସ୍, ୭ ଲକ୍ଷ ୩ ହଜାର ଲୋକ ଉପକୃତ
- ସମ୍ବଲପୁରର ୯୭ଟି ପଞ୍ଚାୟତରେ ୩୧ଟି ବସ୍, ୭ ଲକ୍ଷ ୨୮ ହଜାର ଲୋକ ଉପକୃତ

## ଘରେଘରେ ସମୃଦ୍ଧି

ଆଜି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଭିଡିଓ କନ୍‌ଫରେନ୍‌ସିଂ ଜରିଆରେ ସୁବର୍ଣ୍ଣପୁର, କଟକ, ଝାରସୁଗୁଡା, କନ୍ଧମାଳ ଏବଂ ସମ୍ବଲପୁର ଜିଲ୍ଲାରେ ଲକ୍ଷ୍ମୀ ବସ୍ ଯୋଜନାର ଶୁଭାରମ୍ଭ କରିଛନ୍ତି । ଗାଁ ଲୋକମାନେ ଲକ୍ଷ୍ମୀ ବସ୍ ଜରିଆରେ ସୁବିଧାରେ ଏବଂ କମ ଖର୍ଚ୍ଚରେ ସେମାନଙ୍କର ଦୈନନ୍ଦିନ କାର୍ଯ୍ୟ କରିପାରିବେ । ଲକ୍ଷ୍ମୀ ବସ୍ ଆମର ଜୀବନ ଯାତ୍ରାକୁ ସହଜ କରିବ, ଘରେ ଘରେ ସମୃଦ୍ଧି ଆଣିବ । ପିଲାମାନେ ବସ୍ ଯୋଗେ ସ୍କୁଲ ଯାଇ ପାରିବେ । ଚାଷୀମାନେ ନିଜ ଉତ୍ପାଦିତ ସାମଗ୍ରୀକୁ ନେଇ ବଜାର ଯାଇ ପାରିବେ । ମା' ମାନେ ମଧ୍ୟ ଏହାଦ୍ୱାରା ଉପକୃତ ହୋଇ ପାରିବେ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି ।

## ଲୋକଙ୍କ ଇଚ୍ଛାକୁ ସମ୍ମାନ

ଲକ୍ଷ୍ମୀ ବସ୍ ଚଳାଚଳ ପଛରେ ରହିଛି ସାଧାରଣ ଲୋକଙ୍କ ପ୍ରସ୍ତାବ । ୫-ଟି ଅଧ୍ୟକ୍ଷ କାର୍ତ୍ତିକ ପାଣ୍ଡିଆନ ତଥା ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟର ଜିଲ୍ଲା ଗସ୍ତ ସମୟରେ ଏ ସଂକ୍ରାନ୍ତରେ ଆସିଥିବା ପ୍ରସ୍ତାବ ଆଧାରରେ ଲକ୍ଷ୍ମୀ ବସ ଚଳାଚଳ ପାଇଁ ମୁଖ୍ୟମନ୍ତ୍ରୀ ନିଷ୍ପତ୍ତି ନେଇଥିଲେ । ପରବର୍ତ୍ତୀ ସମୟରେ ଏଥିପାଇଁ ବିସ୍ତୃତ ଯୋଜନା ପସ୍ତୁତ ହୋଇଥିଲା । ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ ଲୋକଙ୍କ ଇଚ୍ଛାକୁ ମୁଁ ସମ୍ମାନ ଦିଏ, ମୋ ସରକାରର ସବୁ କାର୍ଯ୍ୟକ୍ରମ ଲୋକମତ ଭିତ୍ତିରେ ଆଧାରିତ, ଲକ୍ଷ୍ମୀ ଯୋଜନା ମଧ୍ୟ ଲୋକଙ୍କ ଇଚ୍ଛାରୁ କାର୍ଯ୍ୟକାରୀ କରାଯାଇଛି । ସାଧାରଣ ଲୋକଙ୍କ ପ୍ରସ୍ତାବ ଅନୁସାରେ ଗାଁ ଲୋକଙ୍କର ଯୋଗାଯୋଗ ସମସ୍ୟା ଦୂର କରିବା ପାଇଁ ଲକ୍ଷ୍ମୀ ବସ୍ ଯୋଜନା ପ୍ରସ୍ତୁତ କରାଯାଇଛି ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି ।

## ସାରା ରାଜ୍ୟରେ ଚାଲିବ ୧୦୦୦ ବସ୍

ଲକ୍ଷ୍ମୀ ଯୋଜନାରେ ପଞ୍ଚାୟତରୁ ବ୍ଲକକୁ ବସ୍ ଚଳାଚଳର ସୁବିଧା କରାଯାଇଛି । ସାରା ରାଜ୍ୟରେ ୧୦୦୦ରୁ ଅଧିକ ବସ୍ ଚାଲିବ । ୫-ଟି ଯୋଜନାରେ ଆରମ୍ଭ ହୋଇଥିବା ଏହି କାର୍ଯ୍ୟକ୍ରମରେ ମିଶନ ଶକ୍ତି ମା'ମାନଙ୍କୁ ବସ୍ ପରିଚଳନା ଦାୟିତ୍ୱ ଦିଆଯାଇଛି । ଏହି ଅବସରରେ ଉଦ୍‌ବୋଧନ ଦେଇ ମୁଖ୍ୟମନ୍ତ୍ରୀ ଆହୁରି ମଧ୍ୟ କହିଥିଲେ ଯେ ଲକ୍ଷ୍ମୀ ବସ୍ ଗାଁର ଅର୍ଥନୀତିକୁ ମଜବୁତ କରିବାରେ ଗୁରୁତ୍ୱପୁର୍ଣ୍ଣ ଭୂମିକା ଗ୍ରହଣ କରିବ । ପଞ୍ଚାୟତକୁ ବିକାଶର କେନ୍ଦ୍ର କରିବା ପାଇଁ ରାଜ୍ୟ ସରକାର ଲକ୍ଷ୍ୟ ରଖିଛନ୍ତି । ଏହି ଲକ୍ଷ୍ୟକୁ ଲକ୍ଷ୍ମୀ ବସ୍ ପୂରଣ କରିବ । ଗ୍ରାମ୍ୟ ଅର୍ଥନୀତିକୁ ସୁଦୃଢ଼ କରିବାରେ ଲକ୍ଷ୍ମୀ ମସ୍ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିବ ।



**ରାଞ୍ଚିରେ ଭାରତ-ଇଂଲଣ୍ଡ ଚତୁର୍ଥ ଟେଷ୍ଟ ଶୁକ୍ରବାର**

# ଦଳ ଚୟନ ନେଇ ଦ୍ୱନ୍ଦ୍ୱରେ ଇଂଲଣ୍ଡ

**ରାଞ୍ଚି, ୨୦।୨(ଏଜେନ୍ସି)**

ଭାରତ ସହ ଚାଲିଥିବା ୫ ମ୍ୟାଚ୍ ବିଶିଷ୍ଟ ଟେଷ୍ଟ ସିରିଜ୍‌ର ଦ୍ୱିତୀୟ ଓ ତୃତୀୟ ମ୍ୟାଚ୍‌ରେ ଭ୍ରମଣକାରୀ ଇଂଲଣ୍ଡ ଦଳ ପରାଜିତ ହେବା ପରେ ଦଳର ଆତ୍ମବିଶ୍ୱାସ ଓ ସମୀକରଣରେ ପରିବର୍ତ୍ତନ ହେବାର ଆଶଙ୍କା ପ୍ରକାଶ ପାଇଛି। ନ୍ୟୁଜିଲାଣ୍ଡର ପୂର୍ବତନ ଅଧିନାୟକ ବ୍ରେଣ୍ଡନ ମ୍ୟାକ୍‌କୁଲାମ ଇଂଲଣ୍ଡ ଦଳର ମୁଖ୍ୟ ପ୍ରଶିକ୍ଷକ ହେବା ପରେ ଏକ ନୂଆ ଶୈଳୀରେ ଖେଳି ଅଭୁତପୂର୍ବ ସଫଳତା ପାଇଥିଲା। ଏହି ସମୟରେ ଅଲରାଉଣ୍ଡର ବେନ୍ ଷ୍ଟୋକ୍ସଙ୍କୁ ମଧ୍ୟ ଇଂଲଣ୍ଡ ଦଳର ଅଧିନାୟକ ନିଯୁକ୍ତ କରାଯାଇଥିଲା। ଏହି ଯୋଡି ରାଜକୋଟ ମୁକାବିଲା ପରେ୨୧ଟି ଟେଷ୍ଟରୁ ୧୪ଟିରେ ବିଜୟୀ ହୋଇଛନ୍ତି। କିନ୍ତୁ ଗତ ଦୁଇଟି ଟେଷ୍ଟ ପରାଜୟ ସେମାନଙ୍କ ଖେଳିବା ଶୈଳୀକୁ ନେଇ ଅନେକ ଆଲୋଚନା ଓ ସମାଲୋଚନା ହେଉଛି। ଇଂଲଣ୍ଡ ଖେଳୁଥିବା ଶୈଳୀକୁ ବାଜ୍‌ବଲ କୁହାଯାଇଥାଏ। ଏହି ଶୈଳୀ ଭାରତରେ କାମ କରିବ ନାହିଁ ବୋଲି କୁହାଯାଉଛି। ଏଭଳି ଅବସ୍ଥାରେ ଇଂଲଣ୍ଡ ଦଳ ଚତୁର୍ଥ ଟେଷ୍ଟରେ କିପରି ଖେଳିବ, କି ରଣନୀତି ଗ୍ରହଣ କରିବ, ବାଜ୍‌ବଲ୍‌କୁ ଗ୍ରହଣ କରିବ କି ନାହିଁ, ଆଦୌ ଫର୍ମରେ ନଥିବା ଜୋ ରୁଟ ଜନି ବେୟାରଷ୍ଟୋ'ଙ୍କୁ ଦଳରୁ ବାଦ୍ ଦେବ କି ନାହିଁ ଏପରି ଅନେକ ଦ୍ୱନ୍ଦ୍ୱରେ ପଡ଼ିଛି। ଏହା ମଧ୍ୟରୁ କିଛି ଦ୍ୱନ୍ଦ୍ୱ ସମ୍ପର୍କରେ ଆଲୋଚନା କଲେ ତାହା ଇଂଲଣ୍ଡର ଅସୁବିଧା ସମ୍ପର୍କରେ ସ୍ପଷ୍ଟ ହେବ।





## ବୋଲିଂ ଲାଗି ଷ୍ଟୋକ୍ସଙ୍କ ଜୋରଦାର ଅଭ୍ୟାସ

ଇଂଲଣ୍ଡର ନେତୃତ୍ୱ ନେଉଥିବା ବେନ୍ ଷ୍ଟୋକ୍ସ ଜଣେ କ୍ୱାଲିଟି ଅଲ୍‌ରାଉଣ୍ଡର। କିନ୍ତୁ ଆଣ୍ଠୁରେ ଅସ୍ତ୍ରୋପଚାର ପରେ ସେ ଗତ ଜୁନ୍ ମାସଠାରୁ ଆଉ ବୋଲିଂ କରୁନାହାନ୍ତି। କେବଳ ଜଣେ ବିଶେଷଜ୍ଞ ବ୍ୟାଟର ଭାବେ ସେ ଖେଳୁଛନ୍ତି। ଭାରତ ବିପକ୍ଷରେ ଦଳ ୪ଜଣ ସ୍ପିନରଙ୍କୁ ନେଇ ପ୍ରଥମ ଦୁଇଟି ଟେଷ୍ଟ ଖେଳିବା ପରେ ତୃତୀୟ ଟେଷ୍ଟରେ ୨ ଜଣ ପେସ୍ ବୋଲର ଖେଳିଥିଲେ। କିନ୍ତୁ ଏହି ନୀତିରେ ପରିବର୍ତ୍ତନ କରିବାକୁ ଷ୍ଟୋକ୍ସଙ୍କୁ ବୋଲିଂ କରିବା ଆବଶ୍ୟକ ବୋଲି କୁହାଯାଇଥିଲା। ବିଶାଖାପାଟଣାରେ ଖେଳାଯାଇଥିବା ଦ୍ୱିତୀୟ ଟେଷ୍ଟରେ ଷ୍ଟୋକ୍ସ ଜୋରଦାର ବୋଲିଂ ଅଭ୍ୟାସ କରିଥିଲେ। କିନ୍ତୁ ଦ୍ୱିତୀୟ କିମ୍ବା ତୃତୀୟ ଟେଷ୍ଟରେ ଗୋଟିଏ ହେଲେ ଓଭର ବୋଲିଂ କରିନାହାନ୍ତି। ଏବେ କିନ୍ତୁ ରାଞ୍ଚିରେ ଶୁକ୍ରବାର ୨୩ରୁ ଆରମ୍ଭ ହେବାକୁ ଯାଉଥିବା ଚତୁର୍ଥ ଟେଷ୍ଟରେ ସେ ବୋଲିଂ କରିବେ ବୋଲି ପ୍ରଶିକ୍ଷକ ମ୍ୟାକ୍‌କୁଲାମ କହିଛନ୍ତି। ଯଦି ସେ ବୋଲିଂ କରନ୍ତି, ତେବେ ଇଂଲଣ୍ଡ ୩ କିମ୍ବା ୪ଜଣ ସ୍ପିନରଙ୍କୁ ନେଇ ଖେଳିବ। ଏହି ନୀତିରେ ଦଳ ପ୍ରଥମ ଟେଷ୍ଟ ଜିତିଥିଲା। କିନ୍ତୁ ଷ୍ଟୋକ୍ସଙ୍କୁ ଯେଉଁମାନେ ଜାଣିଛନ୍ତି ସେମାନଙ୍କ ମତ ଭିନ୍ନ। ସେମାନଙ୍କ ମତରେ ଏହି ଅଲ୍‌ରାଉଣ୍ଡର ଖୁବ୍ ଚତୁର। ସେ ନିଜ ଦେହକୁ ଭଲ ଭାବେ ଜାଣିଛନ୍ତି। ବୋଲିଂ କଲେ ଯଦି ତାଙ୍କ ଆଣ୍ଠୁ ଉପରେ କିଛି ପ୍ରଭାବ ନ ପକାଇବ, ତେବେ ସେ ବୋଲିଂ କରିବାକୁ ନିଷ୍ପତ୍ତି ନେବେ। ମ୍ୟାକ୍‌କୁଲାମ କହିଲେ ମଧ୍ୟ ଷ୍ଟୋକ୍ସ ବୋଲିଂ କରିବେ ନାହିଁ। ଇଂଲଣ୍ଡ ଟିମ୍ ମ୍ୟାନେଜମେଣ୍ଟ ସୂତ୍ରରୁ ଯାହା ସୂଚନା ମିଳିଛି ରାଞ୍ଚିରେ ଷ୍ଟୋକ୍ସ ବୋଲିଂ କରିବେ ଓ ଇଂଲଣ୍ଡ ୪ ଜଣ ସ୍ପିନର ଏବଂ ଜଣେ ପେସ୍ ବୋଲରଙ୍କୁ ନେଇ ଖେଳିବ ବୋଲି ଆପାତତଃ ରଣନୀତି ସ୍ଥିର କରିଛି।

## ବାଦ୍ ପଡ଼ିବେ କି ଜୋ-ଜନି

ଇଂଲଣ୍ଡ କ୍ରିକେଟ ଦଳର ଦୁଇ ବ୍ୟାଟିଂ ମହାରଥୀ ହେଉଛନ୍ତି ଜୋ ରୁଟ୍ ଓ ଜନି ବେୟାରଷ୍ଟୋ। ଏହି ଦୁଇ ବ୍ୟାଟର ବିଶ୍ୱର ଯେ କୌଣସି ସ୍ଥାନ, ପରିବେଶ ଓ ପିଚ୍‌ରେ ଦକ୍ଷତାର ସହ ବ୍ୟାଟିଂ କରିବା ଅଭିଜ୍ଞତା ରଖିଛନ୍ତି। ଭାରତ ବିପକ୍ଷରେ ଏମାନେ ୬ଟି ଲେଖାଏଁ ପାଳିରେ ଆଦୌ ଭଲ ଖେଳିପାରି ନାହାନ୍ତି। ବେନ୍-ବ୍ରେଣ୍ଡାନଙ୍କ ରଣନୀତି ଓ ଖେଳ ଶୈଳୀରେ ସଂଘର୍ଷ କରୁଛନ୍ତି ଜୋ। ସେ ୬ଟି ପାଳିରେ ମାତ୍ର ୭୭ ରନ୍ କରିଛନ୍ତି। ଜନି ଟିକିଏ ଅଧିକ ଅର୍ଥାତ୍ ୧୦୨ ରନ୍ କରିଛନ୍ତି। କିନ୍ତୁ ଉଭୟ ଖେଳାଳିଙ୍କୁ ଦଳରୁ ବାଦ୍ ଦିଆଯିବ ନାହିଁ ବୋଲି ମୁଖ୍ୟ ପ୍ରଶିକ୍ଷକ ମ୍ୟାକ୍‌କୁଲାମ୍ କହିଛନ୍ତି। ଏହା ସତ୍ତ୍ୱେ ରାଞ୍ଚିରେ ଖେଳାଯିବାକୁ ଥିବା ଚତୁର୍ଥ ଟେଷ୍ଟରୁ ଉଭୟ କିମ୍ବା ଏମାନଙ୍କ ମଧ୍ୟରୁ ଜଣେ ବାଦ୍ ପଡ଼ିଲେ ଆଶ୍ଚର୍ଯ୍ୟ ହେବାର କିଛି ନାହିଁ।

## ରୁଟ୍‌ଙ୍କୁ ଚାପେଲଙ୍କ ପରାମର୍ଶ, ନିଜସ୍ୱ ଶୈଳୀରେ ଖେଳ

ରାଜକୋଟରେ ରିଭର୍ସ ରାମ୍ପ ସଟ୍ ଖେଳି ଜୋ ରୁଟ୍ ଇଂଲଣ୍ଡର ବ୍ୟାଟିଂ ବିପର୍ଯ୍ୟୟକୁ ଆମନ୍ତ୍ରଣ କରିଥିଲେ। ଏହି ମ୍ୟାଚ୍‌ର ପ୍ରଥମ ପାଳିରେ ଏକଦା ଇଂଲଣ୍ଡ ୨ ୱିକେଟରେ ୨୦୭ ରନ୍ କରି ଭଲ ସ୍ଥିତିରେ ଥିଲା। କିନ୍ତୁ ରୁଟ୍‌ଙ୍କ ରାମ୍ପ ସଟ୍ ଖେଳି ଆଉଟ ହେବା ପରେ ଇଂଲଣ୍ଡର ନାଟକୀୟ ବ୍ୟାଟିଂ ବିପର୍ଯ୍ୟୟ ଘଟି ୩୧୯ ରନ୍‌ରେ ଅଲଆଉଟ ହୋଇଯାଇଥିଲା। ଏହା ପରେ ରୁଟ୍‌ଙ୍କ ବ୍ୟାଟିଂ ଶୈଳୀକୁ ନେଇ ଆଲୋଚନା ହୋଇଥିଲା। ଅଷ୍ଟ୍ରେଲିଆର କିମ୍ବଦନ୍ତୀ କ୍ରିକେଟର ତଥା ପୂର୍ବତନ ଅଧିନାୟକ ଇଆନ ଚାପେଲଙ୍କ ମତରେ ବେନ-ବ୍ରେଣ୍ଡାନଙ୍କ ଶୈଳୀରେ ରୁଟ ସଫଳ ହୋଇପାରୁ ନାହାନ୍ତି। ଏଣୁ ସେ ନିଜସ୍ୱ ଶୈଳୀରେ ଖେଳିବା ଉଚିତ। ସେ ତାଙ୍କ ନିଜ ଶୈଳୀରେ ଏତେ ସଫଳତା ପାଇଛନ୍ତି। ଏଣୁ ନିଜସ୍ୱ ଶୈଳୀରେ ଖେଳିଲେ ଭାରତରେ ସେ ନିଶ୍ଚିତ ସଫଳ ହେବେ ବୋଲି ପରାମର୍ଶ ଦେଇ ଚାପେଲ କହିଛନ୍ତି। ତୃତୀୟ ଟେଷ୍ଟରେ ଭାରତ ନିକଟରୁ ୪୩୪ ରନ୍‌ରେ ପରାଜିତ ହେବା ପରେ ଇଂଲଣ୍ଡ ଶିବିରରେ ଆଶଙ୍କା ସୃଷ୍ଟି ହୋଇଛି।

## ପୁତ୍ର ସନ୍ତାନର ଜନକ ହେଲେ କୋହଲି

**ନୂଆଦିଲ୍ଲୀ, ୨୦।୨ (ଏଜେନ୍ସି):** ଭାରତୀୟ କ୍ରିକେଟ୍ ଦଳର ତାରକା ଖେଳାଳି ବିରାଟ କୋହଲି ୨ୟ ସନ୍ତାନର ଜନକ ହୋଇଛନ୍ତି। ତାଙ୍କ ପତ୍ନୀ ତଥା ଅଭିନେତ୍ରୀ ଅନୁଷ୍କା ଶର୍ମା ଏକ ପୁତ୍ର ସନ୍ତାନ ପ୍ରସବ କରିଛନ୍ତି। କୋହଲି-ଅନୁଷ୍କାଙ୍କ ପରିବାରକୁ ଆସିଥିବା ଏହି ନୂଆ ଅତିଥିଙ୍କ ନାମ 'ଅକାୟ' ରଖାଯାଇଛି। ଗତ ଫେବୃଆରୀ ୧୫ରେ ଅନୁଷ୍କା ପୁତ୍ର ସନ୍ତାନ ପ୍ରସବ କରିଥିବାବେଳେ କୋହଲି ମଙ୍ଗଳବାର ଏହି ଖୁସି ଖବରକୁ ସାମାଜିକ ଗଣମାଧ୍ୟମ ଇନଷ୍ଟାଗ୍ରାମ ଜରିଆରେ ତାଙ୍କ ଅଗଣିତ ପ୍ରଶଂସକଙ୍କୁ ଜଣାଇଛନ୍ତି। ପୂର୍ବରୁ ଏହି ଚର୍ଚ୍ଚିତ ଦମ୍ପତିଙ୍କର 'ଭାମିକା' ନାମରେ ଏକ କନ୍ୟା ସନ୍ତାନ ରହିଛି। ଉଲ୍ଲେଖଯୋଗ୍ୟ, ୨୦୧୭ରେ ଅନୁଷ୍କାଙ୍କ ହାତ ଧରିଥିଲେ କୋହଲି। ୨୦୨୧ରେ ଜାନୁଆରୀ ୧୧ରେ ଭାମିକା ଜନ୍ମ ହୋଇଥିଲେ। କୋହଲି ବର୍ତ୍ତମାନ ପରିବାରକୁ ଅଧିକ ସମୟ ଦେବା ଲାଗି ଚଳିତ ଇଂଲଣ୍ଡ ବିପକ୍ଷ ୫ ମ୍ୟାଚ୍‌ବିଶିଷ୍ଟ ଟେଷ୍ଟ ସିରିଜରୁ ଓହରିଯାଇଛନ୍ତି।



## ଭାରତୀୟ ବାସ୍କେଟବଲ ଦଳରେ କଟକର ଅମରେନ୍ଦ୍ର



**କଟକ,୨୦।୨(ସମିସ):** ଆସନ୍ତା ୨୩ରୁ ଫିବା ଏସିଆ କପ୍-୨୦୨୫ ଯୋଗ୍ୟତା ପର୍ଯ୍ୟାୟ ରାଉଣ୍ଡ ବାସ୍କେଟବଲ୍ ପ୍ରତିଯୋଗିତା ଆରମ୍ଭ ହେବ। ଏଥି ନିମନ୍ତେ ବାସ୍କେଟବଲ ଫେଡେରେଶନ ଅଫ ଇଣ୍ଡିଆ ପକ୍ଷରୁ ଘୋଷିତ ଜାତୀୟ ଦଳରେ କଟକର ଅମରେନ୍ଦ୍ର ନାୟକ ସ୍ଥାନ ପାଇଛନ୍ତି। ଅମରେନ୍ଦ୍ରଙ୍କ ଘର ମଣିସାହୁ ଛକ ଅଞ୍ଚଳରେ। ସେ ଭାରତୀୟ ରେଳବାଇ ଦଳ ପକ୍ଷରୁ ପ୍ରତିନିଧିତ୍ୱ କରନ୍ତି। ଅମରେନ୍ଦ୍ର ୨୦୧୯ରେ ଭାରତୀୟ ୧୬ବର୍ଷରୁ କମ୍ ଦଳରେ ମଧ୍ୟ ସ୍ଥାନ ପାଇଥିଲେ। ପ୍ରକାଶଥାଉକି, ଅମରେନ୍ଦ୍ର ହେଉଛନ୍ତି ପୂର୍ବତନ ନାଭାଲ ଇଞ୍ଜିନିୟର କୃଷ୍ଣଚନ୍ଦ୍ର ନାୟକ ଓ ପାର୍ବତୀ ନାୟକଙ୍କ ନାତି। ସେ ଖେଳାଳି ପରିବାରରୁ ଆସିଛନ୍ତି। ତାଙ୍କ ବାପା ସତ୍ୟବ୍ରତ ନାୟକ ଓ ମା ସ୍ୱର୍ଣ୍ଣଲତା ପରିଡ଼ା ମଧ୍ୟ ରାଜ୍ୟ ତରଫରୁ ପ୍ରତିନିଧିତ୍ୱ କରିବାର ସୁଯୋଗ ପାଇଥିଲେ।

## କ୍ରିକେଟ ଖେଳିଲେ ପନ୍ତ୍

**ବେଙ୍ଗାଲୁରୁ, ୨୦।୨(ଏଜେନ୍ସି):** ଆହତ ଭାରତୀୟ କ୍ରିକେଟର ଋଷଭ ପନ୍ତ୍ ଦୁର୍ଘଟଣାର ଶିକାର ହେବାର ୧୫ ମାସ ପରେ ପ୍ରଥମଥର ପ୍ରତିଯୋଗିତାମୂଳକ କ୍ରିକେଟ ଖେଳିଛନ୍ତି। ନ୍ୟାସନାଲ କ୍ରିକେଟ ଏକାଡେମୀରେ ଚିକିତ୍ସିତ ହେଉଥିବା ପନ୍ତ୍ ମଙ୍ଗଳବାର ଅଲୁରରେ ଏକ ଅଭ୍ୟାସ ମ୍ୟାଚ୍ ଖେଳିଥିବା ସୂଚନା ମିଳିଛି। ଏହା ଫଳରେ ସେ ଚଳିତ ଇଣ୍ଡିଆନ ପ୍ରିମିୟର ଲିଗ୍‌ରେ ଖେଳିବା ଏକ ପ୍ରକାର ନିଶ୍ଚିତ ହୋଇଯାଇଛି। ତାଙ୍କ ଆଇପିଏଲ ଫ୍ରାଞ୍ଚାଇଜ୍ ଦିଲ୍ଲୀ କ୍ୟାପିଟାଲ୍ସ ସୂତ୍ରରୁ ଜଣାଯାଇଛି, ପନ୍ତ୍ ସୁସ୍ଥ ହୋଇ ଦଳର ନେତୃତ୍ୱ ନେଲେ ମଧ୍ୟ କେବଳ ଜଣେ ବ୍ୟାଟର ଭାବେ ଖେଳିବେ। ସେ ପେସାରେ ଜଣେ ୱିକେଟରକ୍ଷକ ହୋଇଥିଲେ ମଧ୍ୟ ସେହିକାମ ଆଉ ଜଣଙ୍କୁ ଦିଆଯିବ। ନିକଟରେ ପନ୍ତ୍‌ଙ୍କ ଚିକିତ୍ସା ଇଂଲଣ୍ଡରେ କରାଯାଇଥିଲା। ଗତ ୧୫ ମାସ ଧରି ସେ କୌଣସି ପ୍ରକାର କ୍ରିକେଟ ଖେଳି ନ ଥିଲେ।

## ହାଇଦ୍ରାବାଦ୍ ରଣଜୀ ପ୍ଲେଟ୍ ଲିଗ୍ ଚାମ୍ପିଅନ

**ହାଇଦରାବାଦ୍, ୨୦।୨(ଏଜେନ୍ସି):** ମେଘାଳୟକୁ ୫ ୱିକେଟରେ ହରାଇ ହାଇଦ୍ରାବାଦ୍ ଚଳିତବର୍ଷର ରଣଜୀ ପ୍ଲେଟ୍ ଲିଗ୍ ଚାମ୍ପିଅନ ଆଖ୍ୟା ଅର୍ଜନ କରିଛି। ଏହାସହ ରଣଜୀ ଟ୍ରଫି ନିୟମ ଅନୁଯାୟୀ ଉଭୟ ଦଳ ଆସନ୍ତା ସିଜନରେ ଏଲିଟ ଲିଗ୍‌ରେ ଖେଳିବାକୁ ଯୋଗ୍ୟତା ଅର୍ଜନ କରିଛନ୍ତି। ସେହିପରି ୪ଟି ଗ୍ରୁପ୍‌ରେ ଭାଗହୋଇଥିବା ଏଲିଟ ଗ୍ରୁପ୍‌ର ଦୁଇ ସବୁଠାରୁ ଖରାପ ଦଳ ମଣିପୁର ଓ ଗୋଆ ପ୍ଲେଟ୍ ଲିଗ୍‌କୁ ଖସିଯାଇଛନ୍ତି। ରଣଜୀ ଟ୍ରଫିର କ୍ୱାର୍ଟର ଫାଇନାଲ ଫେବୃଆରୀ ୨୩ରୁ ୨୭ ଯାଏ ୪ଟି ଭେନ୍ୟୁରେ ଏହି ମ୍ୟାଚ୍ ଖେଳାଯିବ।

● ଖେଲୋ ଇଣ୍ଡିଆ ବିଶ୍ୱବିଦ୍ୟାଳୟ କ୍ରୀଡ଼ା

## ପ୍ରତ୍ୟାଶାଙ୍କୁ ୩ୟ ସ୍ୱର୍ଣ୍ଣ ପଦକ



ପ୍ରତ୍ୟାଶା ରାୟ



ସ୍ନେହା ସୋରେନ

**ଭୁବନେଶ୍ୱର, ୨୦।୨ (ସମିସ):** ଆସାମର ଡ. ଜାକିର ହୁସେନ ଆକ୍ୱାଟିକ୍ କମ୍ପ୍ଲେକ୍ସ ଚାଲିଥିବା ଖେଲୋ ଇଣ୍ଡିଆ ବିଶ୍ୱବିଦ୍ୟାଳୟ କ୍ରୀଡ଼ାର ୪ର୍ଥ ସଂସ୍କରଣରେ ଓଡ଼ିଆ ସନ୍ତରଣ ତାରକା ପ୍ରତ୍ୟାଶା ରାୟଙ୍କ ସ୍ୱର୍ଣ୍ଣିମ ସଫଳତା ଧାରା ଜାରି ରହିଛି। ପ୍ରଥମ ଦିବସରେ ୨ଟି ସ୍ୱର୍ଣ୍ଣ ପଦକ ଜିତିଥିବା ପ୍ରତ୍ୟାଶା ମଙ୍ଗଳବାର ନିଜ ନାମରେ ଆଉ ଏକ ସ୍ୱର୍ଣ୍ଣ ସହ କାଂସ୍ୟ ପଦକ ଯୋଡ଼ିଛନ୍ତି। ମଙ୍ଗଳବାର ଅନୁଷ୍ଠିତ ୨୦୦ ମିଟର ବ୍ୟାକ୍‌ଷ୍ଟ୍ରୋକରେ ପ୍ରତ୍ୟାଶା ୨ ମିନିଟ୍ ୩୦.୯୫ ସେକେଣ୍ଡ ସହ ପ୍ରଥମ ସ୍ଥାନ ହାସଲ କରିଥିଲେ। ପ୍ରତିଯୋଗିତାରେ ଏହା ତାଙ୍କର ୩ୟ ସ୍ୱର୍ଣ୍ଣ ପଦକ ଥିଲା। ପୂର୍ବରୁ ସେ ୪୦୦ ମିଟର ଫ୍ରିଷ୍ଟାଇଲ୍ ଓ ୧୦୦ ମିଟର୍ ବ୍ୟାକ୍‌ଷ୍ଟ୍ରୋକରେ ସ୍ୱର୍ଣ୍ଣ ପଦକ ଜିତିଥିଲେ। ସେହିଭଳି ୪ ଗୁଣା ୧୦୦ ମିଟର ମେଡଲେ ଇଭେଣ୍ଟରେ ଉତ୍କଳ ବିଶ୍ୱବିଦ୍ୟାଳୟ ଦଳ ୩ୟ ସ୍ଥାନରେ ରହି କାଂସ୍ୟରେ ସନ୍ତୁଷ୍ଟ ରହିଥିଲା। ଏହି ଦଳରେ ପ୍ରତ୍ୟାଶା ସଦସ୍ୟା ରହିଥିଲେ। ଉତ୍କଳ ବିଶ୍ୱବିଦ୍ୟାଳୟରେ ଅଧ୍ୟୟନ କରୁଥିବା ପ୍ରତ୍ୟାଶା ବର୍ତ୍ତମାନ କଳିଙ୍ଗ ଷ୍ଟାଡିୟମସ୍ଥିତ ଓଡ଼ିଶା-ଜେଏସ୍‌ଡବ୍ଲ୍ୟୁ ସୁଇମିଂ ହାଇପରଫର୍ମାନ୍ସ ସେଣ୍ଟର (ଏଚ୍‌ପିସି)ରେ ପ୍ରଶିକ୍ଷଣ ନେଉଛନ୍ତି।

**ସ୍ନେହାଙ୍କୁ ସ୍ୱର୍ଣ୍ଣ:** ଅରୁଣାଚଳ ପ୍ରଦେଶରେ ଚାଲିଥିବା ଖେଲୋ ଇଣ୍ଡିଆ ବିଶ୍ୱବିଦ୍ୟାଳୟ କ୍ରୀଡ଼ାର ଭାରୋତ୍ତୋଳନ ପ୍ରତିଯୋଗିତାରେ କିଟ୍ ବିଶ୍ୱବିଦ୍ୟାଳୟ ଛାତ୍ରୀ ସ୍ନେହା ସୋରେନ ସ୍ୱର୍ଣ୍ଣ ପଦକ ବିଜୟୀ ହୋଇଛନ୍ତି। ମହିଳା ୫୫ କିଗ୍ରା ବିଭାଗରେ ପ୍ରତିନିଧିତ୍ୱ କରି ସ୍ନେହା ଏହି ସଫଳତା ପାଇଛନ୍ତି। ସେ ସ୍ନାଚରେ ୭୫ କିଗ୍ରା ଏବଂ କ୍ଲିନ ଆଣ୍ଡ ଜର୍କରେ ୯୭ କିଗ୍ରା ସହ ମୋଟ୍ ୧୭୨ କିଗ୍ରା ଭାର ଉଠାଇ ପ୍ରଥମ ସ୍ଥାନରେ ରହିଥିଲେ। ଏହି ସଫଳତା ଲାଗି କିଟ୍ ଓ କିସ୍‌ର ପ୍ରତିଷ୍ଠାତା ତଥା ସାଂସଦ ଅଚ୍ୟୁତ ସାମନ୍ତ ତାଙ୍କୁ ଅଭିନନ୍ଦନ ଜଣାଇଛନ୍ତି।

● ସିକେ ନାଇଡୁ ଟ୍ରଫି

## ପରାଜୟ ସହ ଓଡ଼ିଶାର ଅଭିଯାନ ଶେଷ

**ବଲାଙ୍ଗିର/କଟକ,୨୦।୨(ସମିସ):** ବିସିସିଆଇ ଆନୁକୂଲ୍ୟରେ ଚାଲିଥିବା ୨୩ ବର୍ଷରୁ କମ ପୁରୁଷ ସିକେ ନାଇଡୁ ଟ୍ରଫିରେ ଓଡ଼ିଶାର ଅଭିଯାନ ଶେଷ ହୋଇଛି। ୭ଟି ମ୍ୟାଚରୁ ଗୋଟିଏ ବିଜୟ, ୫ଟି ପରାଜୟ ଏବଂ ଗୋଟିଏ ଅମୀମାଂସିତ ଫଳାଫଳ ବଳରେ ୭ ପଏଣ୍ଟ ହାସଲ କରି ଓଡ଼ିଶା ଏଲିଟ ଗ୍ରୁପ-ସିର ୭ମ ସ୍ଥାନରେ ରହିଛି। ବଲାଙ୍ଗିରର ଗାନ୍ଧୀ ଷ୍ଟାଡିୟମରେ ଖେଳାଯାଇଥିବା ପଞ୍ଜାବ ବିପକ୍ଷ ଅନ୍ତିମ ଲିଗ ମ୍ୟାଚ୍‌ରେ ଓଡ଼ିଶା ପାଳି ଏବଂ ୧୧୬ ରନରେ ପରାସ୍ତ ହୋଇଥିଲା। ଓଡ଼ିଶାର ପ୍ରଥମ ପାଳି ୧୦୫ ରନ ଜବାବରେ ପଞ୍ଜାବ ୩୮୨ ରନ କରିଥିଲା। ମଙ୍ଗଳବାର ଦ୍ୱିତୀୟ ପାଳି ବ୍ୟାଟିଂ କରିଥିବା ଓଡ଼ିଶା ୧୬୧ ରନରେ ଅଲଆଉଟ ହେବା ସହ ଶୋଚନୀୟ ଭାବେ ପରାଜୟବରଣ କରିଛି। ମାନସ ରଞ୍ଜନ ନାୟକ ସର୍ବାଧିକ ୩୧ ରନ କରିଥିଲେ। ପଞ୍ଜାବର ଇମୋନଜିତ ସିଂହ ଚହଲ ସର୍ବାଧିକ ୫ଟି ୱିକେଟ ଅକ୍ତିଆର କରିଥିଲେ।

## ଅଶ୍ୱ ଚାଳନାରେ ଅନୁଷଙ୍କୁ ପ୍ୟାରିସ୍ ଅଲିମ୍ପିକ୍ସ ଯୋଗ୍ୟତା

**ନୂଆଦିଲ୍ଲୀ,୨୦।୨(ଏଜେନ୍ସି):** ଏସୀୟ କ୍ରୀଡ଼ା ପଦକ ହାସଲ କରିଥିବା ଅନୁଷ ଅଗ୍ରୱାଲ ଅଶ୍ୱଚାଳନାରେ ପ୍ୟାରିସ ଅଲିମ୍ପିକ୍ସ କୋଟା ହାସଲ କରିଛନ୍ତି। ଭାରତୀୟ ଅଶ୍ୱଚାଳନା ମହାସଂଘ (ଆଇଇଏଫ୍) ସୋମବାର ଏ ନେଇ ସୂଚନା ଦେଇଛି। ଅନୁଷ ଅଶ୍ୱଚାଳନାର ଡ୍ରେସାଜ ଇଭେଣ୍ଟରେ ଅଲିମ୍ପିକ୍ସ ଖେଳିବାକୁ ଯୋଗ୍ୟତା ଅର୍ଜନ କରିଛନ୍ତି। ସେ ମଧ୍ୟ ଏହି ଇଭେଣ୍ଟରେ ଚୀନ୍‌ର ହାଙ୍ଗଝୋଉ ଏସୀୟ କ୍ରୀଡ଼ାରେ କାଂସ୍ୟ ପଦକ ହାସଲ କରିଥିଲେ। ଆଇଇଏଫ୍ ମହାସଚିବ କର୍ଣ୍ଣଲ ଜୟବୀର ସିଂ ତାଙ୍କୁ ଏଥିପାଇଁ ଅଭିନନ୍ଦନ ଜଣାଇଛନ୍ତି।




# ମାର୍ଚ୍ଚ ୨୨ରୁ ଆଇପିଏଲ୍-୨୦୨୪

**ନୂଆଦିଲ୍ଲୀ,୨୦।୨(ଏଜେନ୍ସି)**

ଏଥର ଇଣ୍ଡିଆନ ପ୍ରିମିୟର ଲିଗ୍ (ଆଇପିଏଲ୍) ମାର୍ଚ୍ଚ ୨୨ ତାରିଖରୁ ଆରମ୍ଭ ହୋଇପାରେ। ଆଇପିଏଲ ଗଭର୍ଣ୍ଣିଂ କାଉନସିଲ୍ ଅଧ୍ୟକ୍ଷ ଅରୁଣ ଧୂମାଲ ମଙ୍ଗଳବାର ଏ ନେଇ ସୂଚନା ଦେଇଛନ୍ତି। ଆଗକୁ ସାଧାରଣ ନିର୍ବାଚନ ଆୟୋଜନ ହେବାର କାର୍ଯ୍ୟକ୍ରମ ଥିବା ସତ୍ତ୍ୱେ ସମ୍ପୂର୍ଣ୍ଣ ଆଇପିଏଲ୍ ଭାରତରେ ହିଁ ଖେଳାଯିବ ବୋଲି ସେ ସ୍ପଷ୍ଟ କରିଛନ୍ତି। ଆସନ୍ତା ଏପ୍ରିଲ ଓ ମେ ମାସରେ ଦେଶରେ ସାଧାରଣ ନିର୍ବାଚନ ଆୟୋଜନ ହେବ। ଖାସ କରି ଏହି କାରଣରୁ ଆଇପିଏଲର ୧୭ତମ ସଂସ୍କରଣର କାର୍ଯ୍ୟସୂଚୀ ଘୋଷଣା କରାଯାଇନାହିଁ। ଲିଗ୍‌ର ପ୍ରଥମ ୧୫ ଦିନର କାର୍ଯ୍ୟସୂଚୀ ଘୋଷଣା କରାଯିବ। ଏହାପରେ ସାଧାରଣ ନିର୍ବାଚନ ତାରିଖ ଘୋଷଣା ପରେ ପର୍ଯ୍ୟାୟକ୍ରମେ ବାକି ମ୍ୟାଚ୍‌ଗୁଡିକର କାର୍ଯ୍ୟସୂଚୀ ଘୋଷଣା କରାଯିବ। ଗତଥରର ଚାମ୍ପିଅନ ଚେନ୍ନାଇ ସୁପର କିଙ୍ଗସ ପ୍ରଥମ ମ୍ୟାଚ୍ ଖେଳିବ ଓ ଏଥିସହିତ ଲିଗ୍ ଆରମ୍ଭ ହେବ। ଫାଇନାଲ ମ୍ୟାଚ୍ ମେ ୨୬ରେ ଖେଳାଯିବାର ଯଥେଷ୍ଟ ସମ୍ଭାବନା ରହିଛି। କାରଣ ଜୁନ୍ ପହିଲାରୁ ଆମେରିକା ଓ ୱେଷ୍ଟଇଣ୍ଡିଜରେ ଟି-୨୦ ବିଶ୍ୱକପ୍ ଖେଳାଯିବାର କାର୍ଯ୍ୟକ୍ରମ ରହିଛି।

## ବିଦେଶରେ ଖେଳାଯାଇଥିଲା ୨୦୦୯ ଓ ୨୦୧୪ ସଂସ୍କରଣ

ଦେଶରେ ସାଧାରଣ ନିର୍ବାଚନ କାରଣରୁ ୨୦୦୯ ଓ ୨୦୧୪ ସଂସ୍କରଣ ବିଦେଶରେ ଆୟୋଜିତ ହୋଇଥିଲା। ୨୦୦୯ରେ ଦକ୍ଷିଣ ଆଫ୍ରିକାରେ ସମ୍ପୂର୍ଣ୍ଣ ଆଇପିଏଲ ଖେଳାଯାଇଥିଲା। କିନ୍ତୁ ୨୦୧୪ରେ ଅଧା ମ୍ୟାଚ୍ ୟୁନାଇଟେଡ ଆରବ ଏମିରେଟ୍ସ (ୟୁଏଇ)ରେ ଖେଳାଯାଇଥିଲା। ତେବେ ୨୦୧୯ରେ ନିର୍ବାଚନ ସତ୍ତ୍ୱେ ସମ୍ପୂର୍ଣ୍ଣ ଆଇପିଏଲ ଭାରତରେ ଆୟୋଜିତ ହୋଇଥିଲା। ସବୁ ବିଦେଶୀ ଖେଳାଳି ଫାଇନାଲ ପର୍ଯ୍ୟନ୍ତ ବିଭିନ୍ନ ଦଳଗୁଡିକ ପାଇଁ ଉପଲବ୍ଧ ରହିବେ ବୋଲି ସବୁ ଦେଶର ବୋର୍ଡଗୁଡିକ କଥା ଦେଇଛନ୍ତି।

## ଡବ୍ଲ୍ୟୁପିଏଲ୍‌ର ୫ ଦିନ ପରେ ଆରମ୍ଭ ହେବ ଆଇପିଏଲ୍

ଆଇପିଏଲ ଆରମ୍ଭ ହେବାର ୫ ଦିନ ପୂର୍ବରୁ ଡବ୍ଲ୍ୟୁପିଏଲ ଶେଷ ହେବ। ଅର୍ଥାତ ମାର୍ଚ୍ଚ ୧୭ରେ ଡବ୍ଲ୍ୟୁପିଏଲ୍‌ର ଫାଇନାଲ ମ୍ୟାଚ୍ ଖେଳାଯିବ। ଡବ୍ଲ୍ୟୁପିଏଲର ମ୍ୟାଚ୍‌ଗୁଡିକ ବେଙ୍ଗାଲୁରୁ ଓ ଦିଲ୍ଲୀରେ ପର୍ଯ୍ୟାୟକ୍ରମେ ଖେଳାଯିବ। କିନ୍ତୁ ଆଇପିଏଲର ୧୦ଟି ଦଳର ମ୍ୟାଚ୍‌ଗୁଡିକ ୧୦ଟି ଭିନ୍ନ ସହରରେ ଖେଳାଯିବ।

PRINTED & PUBLISHED BY AMIT KUMAR MALLICK FOR 'THE SAKALA' A UNIT OF NANDIGHOSHA NETWORK PRIVATE LIMITED IN ITS PRESS AT IDCO PLOT NO.90 & 91, BHAGABANPUR INDUSTRIAL ESTATE, BHUBANESWAR-751019, DIST: KHORDHA, ODISHA

EDITOR: UMAKANT MISHRA
ସମ୍ପାଦକ: ଉମାକାନ୍ତ ମିଶ୍ର